ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 17/2024 | Page 18 | ₹ 7.00
୫୦ଶ ଭାଗ ୧୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 114 | ମୂଲ୍ୟ ₹୭/-

# ଓଡ଼ିଶାରେ ୪ ପର୍ଯ୍ୟାୟ ଭୋଟ

## ଏପ୍ରିଲ ୧୯ରୁ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ

ନୂଆଦିଲ୍ଲୀ,୧୬ା୩ (ପି.ଟି.)

୨୦୨୪ ଲୋକ ସଭା ନିର୍ବାଚନ ଏପ୍ରିଲ ୧୯ରୁ ଜୁନ୍ ୧ ପର୍ଯ୍ୟନ୍ତ ୭ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ଓଡ଼ିଶାରେ ୪ ପର୍ଯ୍ୟାୟରେ ମେ' ୧୩, ୨୦, ୨୫ ଏବଂ ଜୁନ୍ ୧ରେ ମତଦାନ ହେବ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ନିର୍ବାଚନ କାର୍ଯ୍ୟସୂଚୀ ସମ୍ପର୍କରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଶନିବାର ଅପରାହ୍ନ ୩ଟାରେ ଘୋଷଣା କରିଛନ୍ତି। ଏଥିସହିତ ସାରା ଦେଶରେ ତତ୍କାଳ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।

କାର୍ଯ୍ୟସୂଚୀ ଅନୁଯାୟୀ ଲୋକ ସଭା ନିର୍ବାଚନ ଏପ୍ରିଲ ୧୯, ୨୬, ମେ' ୭, ୧୩, ୨୦, ୨୫ ଏବଂ ଜୁନ୍ ୧ରେ ଅନୁଷ୍ଠିତ ହେବ ବୋଲି ସିଇସି ଖବରଦାତା ସମ୍ମିଳନୀକୁ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଦୁଇ ନବନିଯୁକ୍ତ ନିର୍ବାଚନ କମିଶନର (ଇସି) ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁ ଉପସ୍ଥିତ ଥିଲେ। ଲୋକ ସଭା ନିର୍ବାଚନ ସହିତ ଅରୁଣାଚଳପ୍ରଦେଶ ଏବଂ ସିକିମ୍ ବିଧାନସଭା ନିର୍ବାଚନ ପାଇଁ ଏପ୍ରିଲ ୧୯ରେ ମତଦାନ ହେବାକୁ ଥିବାବେଳେ ଆନ୍ଧ୍ରପ୍ରଦେଶରେ ମେ' ୧୩ରେ ଭୋଟ ହେବ। ଏହା ବ୍ୟତୀତ ବିଭିନ୍ନ ରାଜ୍ୟରେ ଖାଲି ପଡ଼ିଥିବା ୨୬ ବିଧାନସଭା ଆସନ ☞ପୃଷ୍ଠା-୫

## ରାଜ୍ୟରେ କେଉଁଠି କେବେ ଭୋଟ



### ପ୍ରଥମ ପର୍ଯ୍ୟାୟ: ୧୩ ମେ ୨୦୨୪ (ସୋମବାର)

ବିଜ୍ଞପ୍ତି ଜାରି: ୧୮ ଏପ୍ରିଲ ୨୦୨୪
ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୨୫ ଏପ୍ରିଲ
ପ୍ରାର୍ଥୀପତ୍ର ଯାଞ୍ଚ: ୨୬ ଏପ୍ରିଲ
ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୨୯ ଏପ୍ରିଲ

**୪ ଲୋକ ସଭା ଆସନ:** କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର।

**୨୮ ବିଧାନସଭା ଆସନ:** ନୂଆପଡ଼ା, ଖଡିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା, ଗୁଣପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା ଏବଂ ପାରଳାଖେମୁଣ୍ଡି।

### ଦ୍ୱିତୀୟ ପର୍ଯ୍ୟାୟ: ୨୦ ମେ ୨୦୨୪ (ସୋମବାର)

ବିଜ୍ଞପ୍ତି ଜାରି: ୨୬ ଏପ୍ରିଲ ୨୦୨୪
ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୩ ମେ
ପ୍ରାର୍ଥୀପତ୍ର ଯାଞ୍ଚ: ୪ ମେ
ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୬ ମେ

**୫ ଲୋକ ସଭା ଆସନ:** ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଏବଂ ଆସିକା।

**୩୫ ବିଧାନସଭା ଆସନ:** ପଦମ୍ପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲୀ, ବ୍ରଜରାଜନଗର, ଝାରସୁଗୁଡ଼ା, ତଲସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲ୍ଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ, ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି, ବାଲିଗୁଡ଼ା, ଜି.ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି।

### ତୃତୀୟ ପର୍ଯ୍ୟାୟ: ୨୫ ମେ ୨୦୨୪ (ଶନିବାର)

ବିଜ୍ଞପ୍ତି ଜାରି: ୨୯ ଏପ୍ରିଲ ୨୦୨୪
ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୬ ମେ
ପ୍ରାର୍ଥୀପତ୍ର ଯାଞ୍ଚ: ୭ ମେ
ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୯ ମେ

**୬ ଲୋକ ସଭା ଆସନ:** ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର।

**୪୨ ବିଧାନସଭା ଆସନ:** କୁଚିଣ୍ଡା, ରେଙ୍ଗାଲୀ, ସମ୍ବଲପୁର, ରେଢାଖୋଲ, ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକ, ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ, କରଞ୍ଜିଆ, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର, ଅନୁଗୋଳ, ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ଖଣ୍ଡପଡ଼ା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଚିଲିକା, ରଣପୁର, ନୟାଗଡ଼, ଜୟଦେବ, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତ୍ତର, ଏକାମ୍ର-ଭୁବନେଶ୍ୱର, ଜଟଣୀ, ବେଗୁନିଆ ଏବଂ ଖୋର୍ଦ୍ଧା।

### ଚତୁର୍ଥ ପର୍ଯ୍ୟାୟ: ୧ ଜୁନ୍ ୨୦୨୪ (ଶନିବାର)

ବିଜ୍ଞପ୍ତି ଜାରି: ୭ ମେ ୨୦୨୪
ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୧୪ ମେ
ପ୍ରାର୍ଥୀପତ୍ର ଯାଞ୍ଚ: ୧୫ ମେ
ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୧୭ ମେ

**୬ ଲୋକ ସଭା ଆସନ:** ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତ୍ସିଂହପୁର।

**୪୨ ବିଧାନସଭା ଆସନ:** ଯଶୀପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବାରିପଦା, ମୋରଡ଼ା, ବଡସାହି, ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା, ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା, ନିଆଳି, ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତ୍ସିଂହପୁର, କାକଟପୁର ଏବଂ ନିମାପଡ଼ା।

**ଭୋଟ ଗଣତି: ୪ ଜୁନ୍ ୨୦୨୪ (ମଙ୍ଗଳବାର)**

## ରାଜନୀତିରେ ଇତିହାସ ରଚିବେ ଓଡ଼ିଶାବାସୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬ା୩(ଅନିଲ ଦାସ)



ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ। ଆମେ ୨୦୩୬ ମସିହାରେ ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବାକୁ ଯାଉଛୁ। ସେତେବେଳକୁ ଓଡ଼ିଶା ସବୁ କ୍ଷେତ୍ରରେ ଦେଶରେ ଏକ ନମ୍ବର ହେଉ ଆମେ ଚାହୁଁଛୁ। ଆଗାମୀ ଦଶନ୍ଧି ହେଉଛି ଯୁବବର୍ଗଙ୍କର। ଯୁବବର୍ଗଙ୍କ ମହତ୍ତ୍ୱାକାଂକ୍ଷାକୁ ଗୁରୁତ୍ୱ ଦେଇ ସର୍ବୋତ୍କୃଷ୍ଟ ଶିକ୍ଷା ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ସଶକ୍ତ କରିବାକୁ ପଡ଼ିବ। ରାଜ୍ୟର ଯୁବବର୍ଗ ନୂଆ ଓଡ଼ିଶା ନିର୍ମାଣ କରିବେ। ଏଭଳି ଏକ ରାଜ୍ୟ, ଯାହା ସବୁ କ୍ଷେତ୍ରରେ ☞ପୃଷ୍ଠା-୫









## କେଉଁଠି କେବେ ଭୋଟ ଗ୍ରହଣ

| ପର୍ଯ୍ୟାୟ | ତାରିଖ | ରାଜ୍ୟ(ଆସନ) |
|---|---|---|
| ପ୍ରଥମ | ୧୯ ଏପ୍ରିଲ | ଅରୁଣାଚଳପ୍ରଦେଶ(୨), ଆସାମ(୫), ବିହାର(୪), ଛତିଶଗଡ଼)୧), ମଧ୍ୟପ୍ରଦେଶ (୬), ମହାରାଷ୍ଟ୍ର (୫), ମଣିପୁର (୧), ମେଘାଳୟ(୨), ମିଜୋରାମ(୧), ନାଗାଲାଣ୍ଡ(୧), ରାଜସ୍ଥାନ(୧୨), ସିକିମ(୧), ତାମିଲନାଡୁ(୩୯), ତ୍ରିପୁରା(୧), ଉତ୍ତରପ୍ରଦେଶ (୮), ଉତ୍ତରାଖଣ୍ଡ(୫), ପଶ୍ଚିମବଙ୍ଗ(୩), ଆଣ୍ଡାମାନ ଓ ନିକୋବର(୧), ଜମ୍ମୁ-କଶ୍ମୀର(୧), ଲାକ୍ଷାଦ୍ୱୀପ(୧), ପଣ୍ଡିଚେରୀ(୧)। ମୋଟ ୨୧ ରାଜ୍ୟ/ୟୁଟିର ୧୦୨ ଆସନ |
| ଦ୍ୱିତୀୟ | ୨୬ ଏପ୍ରିଲ | ଆସାମ(୫), ବିହାର(୫), ଛତିଶଗଡ଼(୩), କର୍ନାଟକ(୧୪), କେରଳ(୨୦), ମଧ୍ୟପ୍ରଦେଶ(୭), ମହାରାଷ୍ଟ୍ର(୮), ମଣିପୁର(୧), ରାଜସ୍ଥାନ (୧୩), ତ୍ରିପୁରା(୧), ଉତ୍ତରପ୍ରଦେଶ(୮), ପଶ୍ଚିମବଙ୍ଗ (୩), ଜମ୍ମୁ-କଶ୍ମୀର(୧)। ମୋଟ ୧୩ ରାଜ୍ୟ/ୟୁଟିର ୮୯ ଆସନ |
| ତୃତୀୟ | ୭ ମେ’ | ଆସାମ(୪), ବିହାର(୫), ଛତିଶଗଡ଼(୭), ଗୋଆ(୨), ଗୁଜରାଟ(୨୬), କର୍ନାଟକ(୧୪), ମଧ୍ୟପ୍ରଦେଶ(୮), ମହାରାଷ୍ଟ୍ର(୧୧), ଉତ୍ତରପ୍ରଦେଶ (୧୦), ପଶ୍ଚିମବଙ୍ଗ (୪), ଦାଦ୍ରା-ନଗର ହାଭେଲି-ଡାମନ-ଡିଉ(୨), ଜମ୍ମୁ-କଶ୍ମୀର(୧)। ମୋଟ ୧୨ ରାଜ୍ୟ/ୟୁଟିର ୯୪ ଆସନ |
| ଚତୁର୍ଥ | ୧୩ ମେ’ | ଆନ୍ଧ୍ରପ୍ରଦେଶ(୨୫), ବିହାର(୫), ଝାଡ଼ଖଣ୍ଡ(୪), ମଧ୍ୟପ୍ରଦେଶ(୮), ମହାରାଷ୍ଟ୍ର(୧୧), ଓଡ଼ିଶା(୪), ତେଲଙ୍ଗାନା(୧୭), ଉତ୍ତରପ୍ରଦେଶ(୧୩), ପଶ୍ଚିମବଙ୍ଗ (୮), ଜମ୍ମୁ-କଶ୍ମୀର(୧)। ମୋଟ ୧୦ ରାଜ୍ୟ/ୟୁଟିର ୯୬ ଆସନ |
| ପଞ୍ଚମ | ୨୦ ମେ’ | ବିହାର(୫), ଝାଡ଼ଖଣ୍ଡ(୩), ମହାରାଷ୍ଟ୍ର(୧୩), ଓଡ଼ିଶା(୫), ଉତ୍ତରପ୍ରଦେଶ(୧୪), ପଶ୍ଚିମବଙ୍ଗ(୭), ଜମ୍ମୁ-କଶ୍ମୀର(୧), ଲଦାଖ(୧)। ମୋଟ ୮ ରାଜ୍ୟ/ୟୁଟିର ୪୯ ଆସନ |
| ଷଷ୍ଠ | ୨୫ ମେ’ | ବିହାର(୮), ହରିୟାଣା(୧୦), ଝାଡ଼ଖଣ୍ଡ(୪), ଓଡ଼ିଶା(୬), ଉତ୍ତରପ୍ରଦେଶ(୧୪), ପଶ୍ଚିମବଙ୍ଗ(୮), ଦିଲ୍ଲୀ(୭)। ମୋଟ ୭ ରାଜ୍ୟ/ୟୁଟିର ୫୭ ଆସନ |
| ସପ୍ତମ | ୧ ଜୁନ୍ | ବିହାର(୮), ହିମାଚଳପ୍ରଦେଶ(୪), ଝାଡ଼ଖଣ୍ଡ(୩), ଓଡ଼ିଶା(୬), ପଞ୍ଜାବ(୧୩), ଉତ୍ତରପ୍ରଦେଶ(୧୩), ପଶ୍ଚିମବଙ୍ଗ(୯), ଚଣ୍ଡିଗଡ଼(୧)। ମୋଟ ୮ ରାଜ୍ୟ/ୟୁଟିର ୫୭ ଆସନ |




ବିଭିନ୍ନ ପର୍ଯ୍ୟାୟ ନିର୍ବାଚନକୁ ଭିନ୍ନ ରଙ୍ଗରେ ଚିହ୍ନଟ କରାଯାଇଛି

# ଲାଗିଲା ଆଦର୍ଶ ଆଚରଣ ବିଧି




ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର(ମଝି) ନିର୍ବାଚନ ତାରିଖ ଘୋଷଣା କରୁଛନ୍ତି। ପାଖରେ ଅଛନ୍ତି ଦୁଇ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁ।

### ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧୬।୩

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର (ଇସିଆଇ) ଶନିବାର ତାରିଖ ଘୋଷଣା କରିଛନ୍ତି। ଏଥିସହ ସାରା ଦେଶରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ତତ୍କାଳ ଲାଗୁ ହୋଇଛି। ଏମ୍‌ସିସି ହେଉଛି ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ କେତେକ ନିୟମାବଳୀ, ଯାହାକୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଅନୁପାଳନ କରିବାକୁ ହେବ। ସେହି ଅନୁଯାୟୀ ସରକାରଙ୍କୁ ମଧ୍ୟ କାର୍ଯ୍ୟ କରିବାକୁ ପଡ଼ିବ। ଏହି ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ନୂଆ ଯୋଜନା ଏବଂ ଆର୍ଥିକ ଅନୁଦାନ କିମ୍ବା ପ୍ରତିଶ୍ରୁତି ଘୋଷଣା କରିପାରିବେ ନାହିଁ। ସେହିପରି କୌଣସି ନୂଆ ପ୍ରକଳ୍ପର ଉଦ୍‌ଘାଟନ କିମ୍ବା ଶିଳାନ୍ୟାସ ହେବ ନାହିଁ। ଆଚରଣ ବିଧିର ଉଲ୍ଲଂଘନ ହେଲେ ନିର୍ବାଚନ କମିଶନ ଏଥର କଠୋର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ଉଲ୍ଲଂଘନକାରୀମାନେ ଏହାର ପରିଣାମ ଭୋଗିବା ପାଇଁ ପ୍ରସ୍ତୁତ ହୋଇ ରହିବାକୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଖବରଦାତା ସମ୍ମିଳନୀରେ କହିଛନ୍ତି।

ନିୟମ ଭାଙ୍ଗୁଥିବା ଲୋକଙ୍କ ବିରୋଧରେ ଇସିଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଆସୁଛି। ଗତ ଥର ଅଭିଯୋଗ ହୋଇଥିଲା ଯେ, ନିର୍ବାଚନ କମିଶନ ଅନେକ ନୋଟିସ ଜାରି କରୁଛନ୍ତି, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ତେଣୁ ଏଥର ଆଚରଣ ବିଧି ଉଲ୍ଲଂଘନକାରୀ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କ ପ୍ରତି ଇସିଆଇ ନିଷ୍ଠୁର ହେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିସହିତ ନିର୍ବାଚନ ପ୍ରଚାର ବେଳେ ପ୍ରାର୍ଥୀ ଓ ଦଳୀୟ ନେତାମାନେ ବ୍ୟକ୍ତିଗତ ଆକ୍ରମଣରୁ ଦୂରେଇ ରହି ସିଷ୍ଟାଚାର ବଜାୟ ରଖିବାକୁ ସିଇସି ସତର୍କ କରାଇଛନ୍ତି। ରାଜନୈତିକ ଦଳ ଜୋର୍‌ଦାର ଲଢ଼େଇ କରନ୍ତୁ, ତେବେ କାହାକୁ ଲଜ୍ଜିତ କରନ୍ତୁ ନାହିଁ ଏବଂ ପରେ ବନ୍ଧୁତା ସ୍ଥାପନ ପାଇଁ ଯଥେଷ୍ଟ ସୁଯୋଗ ଛାଡ଼ନ୍ତୁ ବୋଲି ରାଜୀବ କୁମାର କହିଛନ୍ତି। କାରଣ ଆଜିକାଲି ରାଜନୈତିକ ଦଳଗୁଡ଼ିକ ଖୁବ୍‌ଶୀଘ୍ର ଶତ୍ରୁ ଏବଂ ବନ୍ଧୁ ପାଲଟିଯାଉଛନ୍ତି। ଜଣକ ମୁହଁରୁ ବାହାରି ଯାଉଥିବା ଖରାପ ଶବ୍ଦକୁ ଡିଜିଟାଲ ମେମୋରି ନ କରିବା ପାଇଁ ସିଇସି ପରାମର୍ଶ ଦେଇଛନ୍ତି। ଆଦର୍ଶ ଆଚରଣ ବିଧିର ଗାଇଡ୍‌ଲାଇନ ସମସ୍ତ ତାରକା ପ୍ରଚାରକଙ୍କୁ ଯୋଗାଇଦେବା ଲାଗି ସେ ରାଜନୈତିକ ଦଳଗୁଡ଼ିକୁ କହିଛନ୍ତି।

## ବେହିସାବ ଚାନ୍ଦା ରୋକିବାକୁ ବ୍ୟବସ୍ଥା ହେବା ଆବଶ୍ୟକ: ସିଇସି

ବେହିସାବ ଚାନ୍ଦାକୁ ରୋକିବା ଲାଗି ବ୍ୟବସ୍ଥାର ଆବଶ୍ୟକତା ଥିବାବେଳେ ଦାତାମାନଙ୍କ ଗୋପନୀୟତା ମଧ୍ୟ ସୁରକ୍ଷିତ ହେବା ଜରୁରୀ ବୋଲି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି। ଖବରଦାତା ସମ୍ମିଳନୀରେ ଇଲେକ୍ଟୋରାଲ ବଣ୍ଡକୁ ନେଇ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଯେ କମିଶନ ସବୁବେଳେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇଆସିଛନ୍ତି। ଗଣତନ୍ତ୍ରରେ କୌଣସି ଜିନିଷ ଲୁଚାଇବାର ସୁଯୋଗ ନାହିଁ। ସବୁକିଛି ସମସ୍ତେ ଜାଣିବା ଆବଶ୍ୟକ। ଏକ ଆନୁଷ୍ଠାନିକ ବ୍ୟବସ୍ଥା ଜରିଆରେ ଏହାର ସମାଧାନ ପନ୍ଥା ବାହାରିବା ସହ ଦାତାଙ୍କ ପ୍ରିଭେସିକୁ ବିଚାରକୁ ନିଆଯିବା ଦରକାର ବୋଲି ସିଇସି କହିଛନ୍ତି।

ସେହିପରି ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବ୍ୟବହାରରେ ସ୍ୱଚ୍ଛତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠୁଥିବାବେଳେ ଏହା ୧୦୦ ପ୍ରତିଶତ ନିରାପଦ ବୋଲି ସିଇସି କହିଛନ୍ତି। ଇଭିଏମ୍ ବିରୋଧରେ ୪୦ ଥର ଅଭିଯୋଗ ଆସିଥିବାବେଳେ ଅଦାଲତଗୁଡ଼ିକ ସବୁ ଥର ତାହାକୁ ଖାରଜ କରିଛନ୍ତି। ଇଭିଏମ୍ ସମ୍ପୂର୍ଣ୍ଣ ଜାଲିଆତି ନିରୋଧୀ ବୋଲି ଅଦାଲତ ବାରମ୍ବାର କହିଥିବା ରାଜୀବ କୁମାର କହିଛନ୍ତି।

## ମୁତୟନ ହେବେ ୩.୪ ଲକ୍ଷ ସିଏପିଏଫ୍ ଯବାନ

ଏପ୍ରିଲ ୧୯ରୁ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ସହ ୪ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ରାଜ୍ୟ ପୋଲିସ ସହ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍)ର ୩.୪ ଲକ୍ଷ ଯବାନ ମୁତୟନ ହେବେ। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ପଶ୍ଚିମବଙ୍ଗରେ ୭ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଥିବାବେଳେ ସେଠାରେ ସର୍ବାଧିକ ୯୨,୦୦୦ ସିଏପିଏଫ୍ ଯବାନ ମୁତୟନ ହେବେ। ସେହିପରି ଆତଙ୍କବାଦ ପ୍ରଭାବିତ ଜମ୍ମୁ-କଶ୍ମୀରରେ ୫ ପର୍ଯ୍ୟାୟରେ ମତଦାନ ହେବ। ସେଠାରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ନିମନ୍ତେ ୬୩,୫୦୦ ଯବାନଙ୍କୁ ନିୟୋଜିତ କରାଯିବ। ମାଓବାଦୀ ପ୍ରବଣ ଛତିଶଗଡ଼ରେ ୩ ପର୍ଯ୍ୟାୟରେ ମତଦାନ ହେବାକୁ ଥିବାବେଳେ ସେଠାରେ ୩୬,୦୦୦ ଯବାନ ମୁତୟନ ହେବେ ବୋଲି ସିଇସି ରାଜୀବ କୁମାର କହିଛନ୍ତି। ଓଡ଼ିଶାରେ ୧୭୫ କମ୍ପାନୀ ଯବାନ ମୁତୟନ ହେବାକୁ ଥିବାବେଳେ ଗୁଜରାଟ, ମଣିପୁର, ରାଜସ୍ଥାନ ଓ ତାମିଲନାଡୁରେ ୨୦୦ ଲେଖାଏ କମ୍ପାନୀ ନିୟୋଜିତ ହେବେ ବୋଲି ଜଣାପଡ଼ିଛି।

ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ଅନୁରୋଧକୁ ବିଚାରକୁ ନେଇ ମୁକ୍ତ ଓ ଅବାଧ ତଥା ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ପର୍ଯ୍ୟାୟକ୍ରମେ ସର୍ବାଧିକ ୩,୪୦୦ କମ୍ପାନୀ ସିଏପିଏଫ୍ ଯବାନ ମୁତୟନ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଥିଲେ। ପ୍ରତି କମ୍ପାନୀରେ ୧୦୦ ଯବାନ ରହିଥାନ୍ତି। ସିଏପିଏଫ୍‌ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍), ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍), କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍), ଇଣ୍ଡୋ-ଟିବେଟାନ ବର୍ଡର ପୋଲିସ (ଆଇଟିବିପି), ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି) ଏବଂ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) ରହିଛନ୍ତି।

## ଦେଶରେ ୮୮.୪ ଲକ୍ଷ ଭିନ୍ନକ୍ଷମ ଭୋଟର

ଦେଶରେ ୯୭ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୮୮.୪ ଲକ୍ଷ ଭିନ୍ନକ୍ଷମ ବୋଲି ଶନିବାର ନିର୍ବାଚନ କମିଶନ କହିଛନ୍ତି। ଭିନ୍ନକ୍ଷମମାନଙ୍କ ଲାଗି ଭୋଟଗ୍ରହଣ କେନ୍ଦ୍ରରେ ର୍‌ୟାମ୍ପ ଏବଂ ହୁଇଲ୍‌ଚେୟାର ଯୋଗାଇଦିଆଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି। ତେବେ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଥିବା ଭୋଟର ଘରେ ରହି ଭୋଟ ଦେଇପାରିବେ। ସେହିପରି ଭିନ୍ନକ୍ଷମଙ୍କୁ ଭୋଟକେନ୍ଦ୍ର ପର୍ଯ୍ୟନ୍ତ ନେବା ଲାଗି ଗାଡ଼ି ବ୍ୟବସ୍ଥା କରାଯିବ ବୋଲି ସିଇସି କହିଛନ୍ତି। ଦେଶରେ ମୋଟ ୯୭.୮ କୋଟି ଭୋଟରଙ୍କ ମଧ୍ୟରୁ ୪୯.୭୨ କୋଟି ପୁରୁଷ ହୋଇଥିବାବେଳେ ୪୭.୧ କୋଟି ମହିଳା ଭୋଟର ବୋଲି ସେ ସୂଚନା ଦେଇଛନ୍ତି।

## ଭୋଟ ଦେବେ ୪୮ ହଜାର କିନ୍ନର

ଏଥର ଲୋକ ସଭା ନିର୍ବାଚନରେ ୪୮,୦୦୦ରୁ ଊର୍ଦ୍ଧ୍ୱ କିନ୍ନର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ବୋଲି ସିଇସି କହିଛନ୍ତି। ୨୦୧୯ ନିର୍ବାଚନ ବେଳେ ସେମାନଙ୍କ ସଂଖ୍ୟା ୩୯,୦୭୫ ଥିଲା। ଉତ୍ତରପ୍ରଦେଶରେ ସର୍ବାଧିକ ୭,୭୯୭ କିନ୍ନର ଭୋଟର ରହିଥିବାବେଳେ ତାମିଲନାଡୁରେ ୫,୭୯୩ ଏବଂ କର୍ନାଟକରେ ୪,୮୨୬ କିନ୍ନର ମତଦାତା ରହିଛନ୍ତି। ଅନ୍ୟପକ୍ଷରେ ଅରୁଣାଚଳପ୍ରଦେଶ, ଡାମନ ଓ ଡିଉ, ଗୋଆ, ଲାକ୍ଷାଦ୍ୱୀପ, ମେଘାଳୟ, ନାଗାଲାଣ୍ଡ ଏବଂ ସିକିମରେ ଆଦୌ କିନ୍ନର ମତଦାତା ନାହାନ୍ତି। କୌଣସି ଭୋଟର ଯେପରି ମତଦାନରୁ ବଞ୍ଚିତ ନ ହୁଅନ୍ତି, ତାହା ଉପରେ ନିର୍ବାଚନ କମିଶନ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସମାଜର ସବୁ ବର୍ଗଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

## ରାଜନୈତିକ ଦଳ ପାଇଁ ଆଡ୍‌ଭାଇଜରି

ନିର୍ବାଚନକୁ ବାହୁବଳ, ଅର୍ଥବଳ, ଭୁଲ୍ ତଥ୍ୟ ପ୍ରଭାବରୁ ଦୂରେଇ ରଖିବା ପାଇଁ ନିର୍ବାଚନ କମିଶନ ରାଜନୈତିକ ଦଳଗୁଡ଼ିକ ପାଇଁ ଆଡ୍‌ଭାଇଜରି ଜାରି କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଶନିବାର ଭୋଟ ତାରିଖ ଘୋଷଣା କରିବା ଅବସରରେ ଏହା କହିଛନ୍ତି। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ପ୍ରଚାର ବେଳେ ରାଜନୈତିକ ଦଳ ଓ ନେତାମାନଙ୍କୁ କ’ଣ କରିବାକୁ ହେବ ସେ ନେଇ ଆଡଭାଇଜରି ପ୍ରକାଶ ପାଇଛି। ତଦନୁଯାୟୀ ପ୍ରଚାର ସମୟରେ ଘୃଣିତ ଭାଷଣ ଦିଆଯାଇ ପାରିବ ନାହିଁ। ଜାତି କିମ୍ବା ଧର୍ମକୁ ନେଇ ଭୋଟ ପାଇଁ ଅପିଲ କରାଯିବ ନାହିଁ। କାହାର ବ୍ୟକ୍ତିଗତ ଜୀବନକୁ ନେଇ ସମାଲୋଚନା କରାଯିବ ନାହିଁ। ବିଭାଜନକାରୀ ମନ୍ତବ୍ୟ ନ ଦେଇ ରାଜନେତାମାନେ ରାଜନୈତିକ ପ୍ରସଙ୍ଗରେ ଗୁରୁତ୍ୱ ଦେବେ। ଯାଞ୍ଚ ହୋଇ ନ ଥିବା ବିଭ୍ରାନ୍ତିକର ବିଜ୍ଞାପନରୁ ଦୂରେଇ ରହିବେ। ଖବର ବାହାନାରେ ବିଜ୍ଞାପନ ପ୍ରକାଶ କରିବେ ନାହିଁ। ଶିଷ୍ଟାଚାର ବଜାୟ ରଖିବା ତାରକା ପ୍ରଚାରକଙ୍କ ଦାୟିତ୍ୱ ହେବ। ପ୍ରଚାର ବେଳେ ଆଚରଣ ବିଧି ଉଲ୍ଲଂଘନ କଲା ଭଳି କୌଣସି କାର୍ଯ୍ୟ କରାଯିବ ନାହିଁ।

## ୧୨ ରାଜ୍ୟରେ ମହିଳା ଭୋଟର ଅଧିକ

ଦେଶରେ ମୋଟ ୪୭.୧ କୋଟି ମହିଳା ଭୋଟର ରହିଥିବାବେଳେ ୧୨ଟି ରାଜ୍ୟରେ ପୁରୁଷ ଭୋଟରଙ୍କଠାରୁ ସେମାନଙ୍କ ସଂଖ୍ୟା ଅଧିକ ଥିବା ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ନିର୍ବାଚନ ତାରିଖ ଘୋଷଣା ଅବସରରେ ସିଇସି ରାଜୀବ କୁମାର କହିଥିଲେ, ଦେଶରେ ପ୍ରତି ୧,୦୦୦ ପୁରୁଷରେ ୯୪୮ ମହିଳା ଭୋଟର ରହିଛନ୍ତି। ତେବେ ଏପରି ୧୨ଟି ରାଜ୍ୟ ରହିଛି, ଯେଉଁଠି ମହିଳାଙ୍କ ହାର ୧,୦୦୦ରୁ ଅଧିକ। ଏଥର ୧.୮୯ କୋଟି ନୂଆ ଭୋଟର ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୫.୩ ଲକ୍ଷ ହେଉଛନ୍ତି ମହିଳା ଭୋଟର।

# ଲୋକ ସଭା ନିର୍ବାଚନ ପରେ ଜମ୍ମୁ-କଶ୍ମୀର ବିଧାନସଭା ଭୋଟ

ନୂଆଦିଲ୍ଲୀ, ୧୬।୩

ଆସନ୍ତା ଲୋକ ସଭା ନିର୍ବାଚନ ଏପ୍ରିଲ ୧୯ରୁ ୭ ପର୍ଯ୍ୟାୟରେ ଜୁନ୍ ୧ ଯାଏ ହେବ। ଏଥିରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ୫ ଆସନ ନିମନ୍ତେ ଭୋଟ ଗ୍ରହଣ କରାଯିବ। ହେଲେ ଏଠାରେ ଏକାସଙ୍ଗରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହେବ ନାହିଁ। ଲୋକ ସଭା ନିର୍ବାଚନ ସରିବାର କିଛିଦିନ ପରେ ଜମ୍ମୁକଶ୍ମୀର ବିଧାନସଭା ନିମନ୍ତେ ଭୋଟ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଶନିବାର କହିଛନ୍ତି। ମୋଦି ସରକାରଙ୍କ ଦ୍ୱାରା ଜମ୍ମୁ କଶ୍ମୀରରେ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ

### ସେପ୍ଟେମ୍ବର ୩୦ ସୁଦ୍ଧା ନିର୍ବାଚନ କରାଇବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ

ଚ୍ୟାଲେଞ୍ଜକରି ହୋଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ଗତ ଡିସେମ୍ବରରେ ଖାରଜ କରିଦେଇଥିଲେ। କିନ୍ତୁ ଜମ୍ମୁକଶ୍ମୀରରେ ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ବିଧାନସଭା ନିର୍ବାଚନ କରାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ନିର୍ବାଚନ କମିଶନର ଜମ୍ମୁକଶ୍ମୀରରେ ଲୋକ ସଭା ସହ ବିଧାନସଭା ନିର୍ବାଚନ କରିବାକୁ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଥିଲା।

ମୁଖ୍ୟ ନିର୍ବାଚନ କମିଶନର କୁମାର କହିଛନ୍ତି ଯେ, ପୋଲ୍ ପାନେଲ୍ ଗତ ୧୩ ତାରିଖରେ ଜମ୍ମୁକଶ୍ମୀରରେ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ସେଠାରେ ଏକାସଙ୍ଗରେ ଉଭୟ ନିର୍ବାଚନ କରିବାକୁ ପୋଲ୍ ପାନେଲ୍ ଯୋଗ୍ୟ ମନେକରି ନ ଥିଲା। ତେବେ ଜମ୍ମୁ କଶ୍ମୀର ସମସ୍ତ ରାଜନୈତିକ ଦଳ ଗୋଟିଏ ଥରରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହେଉ ବୋଲି ଦାବି କରିଥିଲେ। କିନ୍ତୁ ସମ୍ପୂର୍ଣ୍ଣ ପ୍ରଶାସନିକ କଳ ଏଥିରେ ଅସହମତି ଦେଖାଇଥିଲା। ପ୍ରତ୍ୟେକ ବିଧାନସଭା ଆସନ ନିମନ୍ତେ ୧୦ରୁ ୧୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ଏହି ହିସାବରେ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଛିଡ଼ାହେବା ସମ୍ଭାବନା ରହିଛି। ପ୍ରତ୍ୟେକ ପ୍ରାର୍ଥୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ତେଣୁ ତାହା ଏହି ସମୟରେ ସମ୍ଭବ ନୁହେଁ। ମାତ୍ର ଏଠାରେ ଲୋକ ସଭା ନିର୍ବାଚନ ଶେଷ ହେବାପରେ ଯଥାଶୀଘ୍ର ବିଧାନସଭା ନିର୍ବାଚନ କରାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି। ଶନିବାର ହୋଇଥିବା ଘୋଷଣା ଅନୁଯାୟୀ ଜମ୍ମୁ କଶ୍ମୀରରେ ୫ ପର୍ଯ୍ୟାୟ ତଥା ଏପ୍ରିଲ ୧୯ରେ ଉଧମପୁର, ଏପ୍ରିଲ ୨୬ରେ ଜମ୍ମୁ, ମେ ୭ରେ ଅନନ୍ତନାଗ-ରାଜୋରୀ, ମେ ୧୩ରେ ଶ୍ରୀନଗର ଏବଂ ମେ ୨୦ରେ ବାରମୁଲାରେ ଭୋଟ ଗ୍ରହଣ ହେବ।

### ଦ୍ୱାଦଶ ଶ୍ରେଣୀ ପାସ୍ ପରେ ପିଲାଙ୍କୁ ଭୋଟର କାର୍ଡ

ସ୍କୁଲ୍ ଛାତ୍ରୀଛାତ୍ର ୧୮ ବର୍ଷରେ ପହଞ୍ଚିବା ମାତ୍ରେ ସେମାନେ ସ୍ୱତଃ ଭୋଟର କାର୍ଡ ପାଇଯିବେ। ଭୋଟଦାନ ପାଇଁ ଯୋଗ୍ୟ ହେବାମାତ୍ରେ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ଭୋଟର କାର୍ଡ ଯୋଗାଇଦେବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିବା ଭାରତର ନିର୍ବାଚନ କମିଶନ (ଇସିଆଇ) କହିଛନ୍ତି। କମିଶନଙ୍କ ଦ୍ୱାରା ସାବାଳକମାନଙ୍କୁ ପ୍ରଦାନ କରାଯାଇଥିବା ଭୋଟର ପରିଚୟପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟ ଦସ୍ତାବିଜ। ନାଗରିକମାନେ ଭୋଟ ଦେବାବେଳେ ଏହାର ବ୍ୟବହାର କରିଥାନ୍ତି। ଜଣେ ଯୋଗ୍ୟ ଭୋଟର ନ୍ୟାଶନାଲ ଭୋଟର୍ସ ସର୍ଭିସ ପୋର୍ଟାଲରେ ନିଜକୁ ପଞ୍ଜୀକୃତ କରିପାରିବେ।

## ଭାଜପା-ଏନ୍‌ଡିଏ ସମ୍ପୂର୍ଣ୍ଣ ପ୍ରସ୍ତୁତ: ମୋଦି

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଶନିବାର ଲୋକ ସଭା ନିର୍ବାଚନ ନିମନ୍ତେ ତାରିଖ ଘୋଷଣା କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାହାକୁ ସ୍ୱାଗତ କରିଛନ୍ତି। ଗଣତନ୍ତ୍ରର ସବୁଠୁ ବଡ଼ ପର୍ବ ନିମନ୍ତେ ଆମେ (ଭାଜପା, ଏନ୍‌ଡିଏ) ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛୁ। ଏ ସମ୍ପର୍କରେ ସୋସିଆଲ ମିଡିଆ ‘ଏକ୍ସ’ରେ ଉଲ୍ଲେଖ କରି ମୋଦି କହିଛନ୍ତି ଯେ, ନିର୍ବାଚନ କମିଶନର ୨୦୨୪ ଲୋକ ସଭା ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଆମେ ସବୁ କ୍ଷେତ୍ରରେ ସୁଶାସନ ଏବଂ ସର୍ଭିସ୍ ଡେଲିଭରିର ଟ୍ରାକ୍ ରେକର୍ଡକୁ ଆଧାରି କରି ଲୋକଙ୍କ ପାଖକୁ ଯାଉଛୁ। ୧୦ ବର୍ଷ ପୂର୍ବେ, ଆମେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଭାରତୀୟମାନେ ଇଣ୍ଡି ଆଲାଏନ୍ସର ଦୁଃଖଦ ଶାସନରେ ବିଶ୍ୱାସଘାତକତା ଏବଂ ନିରାଶା ଅନୁଭବ କରୁଥିଲେ। କୌଣସି ବି କ୍ଷେତ୍ର ଦୁର୍ନୀତି ଏବଂ ନୀତିଗତ ଅଚଳାବସ୍ଥାରୁ ବାଦ୍ ପଡ଼ି ନ ଥିଲା। ଏହାପରଠାରୁ ଚମତ୍କାର ପରିବର୍ତ୍ତନ ଆସିଛି ବୋଲି ମୋଦି ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି।

ଧରିତ୍ରୀ 50 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୨୪ | Bhubaneswar, Sunday, March 17/2024 | ପୃଷ୍ଠା-୧

# ୬ ନୂଆ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ ହେବ



ଭୁବନେଶ୍ୱର, ୧୬।୩(ଅନିଲ ଦାସ)

## ୧୪ ପ୍ରସ୍ତାବକୁ କ୍ୟାବିନେଟ ମୋହର

- ଯାଦବ ଭବନ ପାଇଁ ୫୦୦ ଡିସିମିଲ ମାଗଣା ଜମି
- ଇ-ଷ୍ଟାମ୍ପିଂରେ ଆଦାୟ ଷ୍ଟାମ୍ପ ଦେୟ ଉପରେ ଭେଣ୍ଡରଙ୍କୁ ମିଳିବ ୦.୮୫% କମିଶନ
- ଓଡ଼ିଶା ଅନୁଦାନ ନିୟମ- ୨୦୧୪ ସଂଶୋଧନ

ଲୋକସେବା ଭବନଠାରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରର ପଞ୍ଚମ ପାଳିର ଶେଷ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୭ଟି ବିଭାଗର ମୋଟ ୧୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟରେ ବିଦ୍ୟୁତ୍ ପରିବହନ ଭିତ୍ତିଭୂମିକୁ ସୁଦୃଢ କରିବା ସହ ଶିଳ୍ପାନୁଷ୍ଠାନର ଚାହିଦା ପୂରଣ କରିବା ପାଇଁ ୬ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ, ଟ୍ରାନ୍ସମିଶନ୍ ଲାଇନ ନିର୍ମାଣ, ସବ୍‌ଷ୍ଟେଶନ ଅଟୋମେଶନ ସିଷ୍ଟମ କାର୍ଯ୍ୟକାରୀ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜ୍ୟରେ ନୂତନ ଭାବେ ସ୍ଥାପନ ହେବାକୁ ଥିବା ଶିଳ୍ପ ସଂସ୍ଥାଗୁଡ଼ିକର ବିଦ୍ୟୁତ୍ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ପାରାଦୀପ ପ୍ଲାଷ୍ଟିକ ପାର୍କ, ଅନୁଗୋଳ ଆଲୁମିନିୟମ ପାର୍କ, ଭଦ୍ରକ ଟେକ୍ସଟାଇଲ ପାର୍କ, ନେଉଳପୋଇ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ କାର୍ଯ୍ୟକ୍ଷମ ପରିବହନ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ୬ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ ହେବ। ଏହି ପର୍ଯ୍ୟାୟରେ ମୋଟ ୧୮୪୫.୭୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେଥିରୁ ୩୦% (୫୫୩.୭୩ କୋଟି ଟଙ୍କା ) ରାଜ୍ୟ ସରକାରଙ୍କ ତରଫରୁ ଅଂଶଧନ ସହାୟତା ଆକାରରେ ପ୍ରଦାନ କରାଯିବ। ଅବଶିଷ୍ଟ ୭୦% (୧୨୯୨.୦୩ କୋଟି ଟଙ୍କା) ଓପିଟିସିଏଲ ବହନ କରିବ। ଏହି ପର୍ଯ୍ୟାୟ ଅଧୀନରେ ବିଭିନ୍ନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ(ସିଏମପିଡିପି) ଅଧୀନରେ ୫ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩-୨୪ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ସିଏମ୍‌ପିଡିପି ଅଧୀନରେ ଦ୍ୱିତୀୟ ପର୍ଯ୍ୟାୟରେ ଓପିଟିସିଏଲ୍ ଦ୍ୱାରା ରାଜ୍ୟ ସରକାରଙ୍କ ୩୦% ଅଂଶଧନ ସହାୟତାରେ ୫ ବର୍ଷ ମଧ୍ୟରେ ରାଜ୍ୟରେ ୨୧ ଗୋଟି ନୂତନ ଏବଂ ସୁଦୃଢ଼ୀକରଣ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ମୌଜାରେ ଯାଦବ ଭବନ ନିର୍ମାଣ ପାଇଁ ଉତ୍କଳ ଯାଦବ ମହାସଭାକୁ ରାଜ୍ୟ ସରକାର ୫୦୦ଡିସିମିଲ୍ ଜମି ମାଗଣାରେ ଯୋଗାଇ ଦେବେ। ଜମିର ପ୍ରିମିୟମ ବାବଦକୁ ୫.୦୬ କୋଟି ଟଙ୍କା ଛାଡ଼ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଲାଇସେନ୍ସପ୍ରାପ୍ତ ଷ୍ଟାମ୍ପ ବିକ୍ରେତାମାନେ ଷ୍ଟାମ୍ପ ପେପର ବିକ୍ରି କରିବା ପାଇଁ ୧% ରୁ ୪% କମିଶନ ପାଉଛନ୍ତି। ଷ୍ଟାମ୍ପ ପେପର ସଂଗ୍ରହଣ ପାଇଁ ଅତ୍ୟଧିକ ଖର୍ଚ୍ଚକୁ ହ୍ରାସ କରିବା ତଥା ଇ-ଷ୍ଟାମ୍ପିଂର ପ୍ରଚଳନ ହେତୁ ଲାଇସେନ୍ସ ପ୍ରାପ୍ତ ଷ୍ଟାମ୍ପ ବିକ୍ରେତାମାନଙ୍କୁ ରାଜ୍ୟ ସରକାର ଇ-ଷ୍ଟାମ୍ପିଂ ବ୍ୟବସ୍ଥାରେ ନିୟୋଜନ କରି ଇ-ଷ୍ଟାମ୍ପିଂ ରେ ଆଦାୟ ଷ୍ଟାମ୍ପ ଦେୟ ଉପରେ ୦.୮୫% କମିଶନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ☞ପୃଷ୍ଠା-୫

## ମହାନଦୀରେ ହେବ ହାଇଲେଭଲ୍ ସେତୁ

ଭୁବନେଶ୍ୱର, ୧୬।୩(ଅନିଲ ଦାସ)

ରାଜ୍ୟ ସରକାର ୨୦୨୩-୨୪ରେ ରାଜ୍ୟ ଯୋଜନା ଅଧୀନରେ କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଖଣ୍ଡ-ସାହୁଖେତ ରାସ୍ତାରେ ମହାନଦୀ ନଦୀ ଉପରେ ଏକ ଉଚ୍ଚ (ହାଇଲେଭଲ)ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପ କଟକ-ପାରାଦୀପ ରାସ୍ତା(ଏସ୍‌ଏଚ୍-୧୨) ଓ କଟକ-ଚାନ୍ଦବାଲି ରାସ୍ତା (ଏସ୍‌ଏଚ୍-୦୯)କୁ ସଂଯୋଗ କରିବା ସହ ନଦୀର ଉଭୟ ପାର୍ଶ୍ୱରେ ରହୁଥିବା ବାସିନ୍ଦାଙ୍କ ସିଧାସଳଖ ଯୋଗାଯୋଗ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ। ଏହି ସେତୁ ପାଇଁ ଡକାଯାଇଥିବା ୧୨୮.୭୧କୋଟି ଟଙ୍କା ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୩୬ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହିତ ଓଡିଶା ସୂଚନା ଓ ଲୋକସମ୍ପର୍କ ବୈଷୟିକ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୪ ପ୍ରଣୟନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ ଥିବା ବିଭିନ୍ନ ବୈଷୟିକ ସଂବର୍ଗ ପ୍ରତି ମେଧାବୀ ତଥା କୁଶଳୀ ପ୍ରାର୍ଥୀଙ୍କୁ ଆକର୍ଷିତ କରିବା ତଥା ସରକାରୀ କାର୍ଯ୍ୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୭ଗୋଟି କ୍ଷୁଦ୍ର ବୈଷୟିକ ସଂବର୍ଗର ପୁନର୍ବିନ୍ୟାସ କରାଯାଇଛି। ଉକ୍ତ ପୁନର୍ବିନ୍ୟାସ ପରେ ସମ୍ପୃକ୍ତ ☞ପୃଷ୍ଠା-୫

# ଲମ୍ବା ନିର୍ବାଚନ: ପ୍ରଶ୍ନ ଉଠାଇଲେ ବିରୋଧୀ



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ।

ନୂଆଦିଲ୍ଲୀ, ୧୬।୩

ନିର୍ବାଚନ କମିଶନ (ଇସି) ଏପ୍ରିଲ ୧୯ରୁ ଜୁନ୍ ୧ ମଧ୍ୟରେ ୭ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଇବା ନେଇ ଶନିବାର ଘୋଷଣା କରିଛନ୍ତି। ଏହା କେନ୍ଦ୍ରରେ କ୍ଷମତାସୀନ ଭାଜପାକୁ ସୁହାଉଥିବା ଦର୍ଶାଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଏହି ନିର୍ବାଚନ ଶେଷ ସୁଯୋଗ ବୋଲି କଂଗ୍ରେସ କହିଛି। ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟରେ ଗୋଟିଏ କିମ୍ବା ଦୁଇଟି ପର୍ଯ୍ୟାୟରେ ମତଦାନ ପାଇଁ ଦାବି କରିଥିବାବେଳେ ଇସି ୭ ପର୍ଯ୍ୟାୟରେ ଭୋଟ କରାଇବା ଫଳରେ ଭାଜପାକୁ ଲାଭ ମିଳିପାରେ ବୋଲି କହି ଦଳ ଅସନ୍ତୋଷ ବ୍ୟକ୍ତ କରିଛି।

ପ୍ରକାଶ ଯେ, ୧୯୫୧-୫୨ରେ ୪ ମାସ ଧରି ନିର୍ବାଚନ ପ୍ରକ୍ରିୟା ଚାଲିଥିଲା। ୨୦୨୪ ନିର୍ବାଚନରେ ୮୦ ଦିନ ଧରି ନିର୍ବାଚନ ପ୍ରକ୍ରିୟା ଚାଲିବା ସହ ୪୪ ଦିନରେ ୭ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଏହା ଦ୍ୱିତୀୟ ସର୍ବାଧିକ ଲମ୍ବା ନିର୍ବାଚନ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁଆଡ଼େ ବୁଲିବାକୁ ଚାହୁଁଥିବାରୁ ୩ କିମ୍ବା ୪ ପରିବର୍ତ୍ତେ ୭ ପର୍ଯ୍ୟାୟରେ ନିର୍ବାଚନ କରାଯାଉଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଛନ୍ତି। ଅପରପକ୍ଷେ ଭାଜପା ନିଜ ସୁବିଧା ପାଇଁ କରିଥିବା ଏହି ବ୍ୟବସ୍ଥା ଭାରତ ପାଇଁ ନ୍ୟାୟର ବାଟ ଖୋଲିଦେବ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'କୁ ସଫଳ କରାଇବା ବୋଲି ଖାର୍ଗେ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ସେହିପରି ଡିଏମ୍‌କେ ମୁଖପାତ୍ର ଟିକେଏସ୍ ଏଲାନ୍‌ଗୋଭାନ୍ କହିଛନ୍ତି ଯେ, ତାମିଲନାଡୁରେ ପ୍ରଥମ ପର୍ଯ୍ୟାୟରେ ସବୁ ଆସନରେ ଭୋଟ ହେବ। ଏହା ପରେ ଜୁନ୍ ୪ରେ ଫଳାଫଳ ଘୋଷଣା କରାଯିବ। ☞ପୃଷ୍ଠା-୫

# ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା

ଭୁବନେଶ୍ୱର, ୧୬।୩ (ସୂର୍ଯ୍ୟକାନ୍ତ ବେହେରା)

- ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ବଳିପଡ଼ିଲେ ଅଞ୍ଜନ
- ପ୍ରେମିକାଙ୍କୁ ନେଇ ହତ୍ୟା ଅଭିଯୁକ୍ତ ଫେରାର



ମୃତ ଅଞ୍ଜନ କୁମାର ବେହେରା

ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ରାଜଧାନୀରେ ଏକ ହତ୍ୟାକାଣ୍ଡ ଘଟିଛି। ଖଣ୍ଡାଚୋଟରେ ଭଦ୍ରକର ଅଞ୍ଜନ କୁମାର ବେହେରା(୨୫)ଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚମ୍ପା ପୋଖରୀ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଥିବାବେଳେ ସାଙ୍ଗ ଗୌତମଙ୍କୁ ବଞ୍ଚାଇବାକୁ ଯାଇ ଅଞ୍ଜନ ହତ୍ୟାର ଶିକାର ହୋଇଥିବା କୁହାଯାଉଛି। ପୋଲିସ କ୍ୟାପିଟାଲ ହସ୍ପିଟାଲରୁ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ଅଭିଯୁକ୍ତଙ୍କ ଟାର୍ଗେଟରୁ ବର୍ତ୍ତି ଯାଇଥିବା ଗୌତମ ସାହୁଙ୍କୁ ପଚରାଉଚରା କରିଛି। ହତ୍ୟାକାଣ୍ଡ ସ୍ଥଳରୁ ପ୍ରେମିକାଙ୍କୁ ଧରି ଅଭିଯୁକ୍ତ ଓ ସହଯୋଗୀମାନେ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନା ଅଧିକାରୀ ଶ୍ୟାମସୁନ୍ଦର ରାୟ କହିଛନ୍ତି। ଏପଟେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଜନଙ୍କ ପରିବାର ଲୋକେ ଦାବି କରିଛନ୍ତି। ପୋଲିସ ସୂଚନା ଅନୁସାରେ, ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଚମ୍ପା ପୋଖରୀ ନିକଟରେ ରହୁଥିବା ଗୌତମ ଓ ଅଞ୍ଜନ ବିବାହ କାର୍ଯ୍ୟକ୍ରମରେ କକ୍‌ଟେଲ ବୟ ଭାବେ କାମ କରନ୍ତି। ସେହି ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ଗୌତମ ଭଲ ପାଉଥିଲେ। ସେହି ଯୁବତୀଙ୍କୁ ୟୁନିଟ୍-୫ ଅଞ୍ଚଳର ପିଙ୍କୁ ନାମକ ଜଣେ ଯୁବକ ମଧ୍ୟ ପ୍ରେମ କରୁଥିଲେ। ଏହି ତ୍ରିକୋଣୀୟ ପ୍ରେମକୁ ନେଇ ପିଙ୍କୁ ଓ ଗୌତମଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା। ଉଭୟଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡା ମଧ୍ୟ ହୋଇଥିଲା। ପ୍ରେମରେ କଣ୍ଟା ସାଜିଥିବା ଗୌତମଙ୍କୁ ରାସ୍ତାରୁ ହଟାଇବାକୁ ପିଙ୍କୁ ଯୋଜନା କରିଥିଲେ। ଶୁକ୍ରବାର ରାତିରେ ପିଙ୍କୁ ୪ ଜଣ ସହଯୋଗୀଙ୍କ ☞ପୃଷ୍ଠା-୫

# ଆଚରଣ ବିଧି ୧୯୬୦ରୁ ଆରମ୍ଭ

ନୂଆଦିଲ୍ଲୀ, ୧୬।୩



ELECTION COMMISSION OF INDIA
MODEL CODE OF CONDUCT FOR THE GUIDANCE OF POLITICAL PARTIES AND CANDIDATES

I. General Conduct

(1) No party or candidate shall include in any activity which may aggravate existing differences or create mutual hatred or cause tension between different castes and communities, religious or linguistic.

(2) Criticism of other political parties, when made, shall be confined to their policies and programme, past record and work. Parties and Candidates shall refrain from criticism of all aspects of private life, not connected with the public activities of the leaders or workers of other parties. Criticism of other parties or their workers based on unverified allegations or distortion shall be avoided.

ଭାରତର ନିର୍ବାଚନ ଆୟୁକ୍ତ (ଇସିଆଇ) ଶନିବାର ଅପରାହ୍ନ ୩ଟାରେ ଲୋକ ସଭା ଓ ୪ ରାଜ୍ୟ ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିବା ପରେ ତତ୍କାଳ ସାରା ଦେଶରେ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଲାଗୁ ହୋଇଛି। ଏହି ଆଚରଣ ବିଧି ପ୍ରଥମେ ୧୯୬୦ରେ କେରଳ ବିଧାନସଭା ନିର୍ବାଚନ ବେଳେ ଲାଗୁହୋଇଥିଲା। ରାଜନୈତିକ ଦଳଗୁଡ଼ିକର ଆଚରଣ କିପରି ରହିବା ଉଚିତ ସେନେଇ ପ୍ରଶାସନ ପକ୍ଷରୁ ନୀତି ନିର୍ଦ୍ଧାରଣ କରାଯାଇଥିଲା।

ଇସିଆଇ ସୂତ୍ରରୁ ମିଳିଥିବା ସୂଚନାନୁସାରେ ୬୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି କୋଡ୍‌ରେ ପରିବର୍ତ୍ତନ ଅଣାଯିବା ପରେ ବର୍ତ୍ତମାନର ଆଦର୍ଶ ଆଚରଣ ବିଧି ଏକ ବିଧିବଦ୍ଧ ରୂପ ନେଇଛି। ୧୯୬୦ରେ କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଏମ୍‌ସିସି ଲାଗୁ ହୋଇଥିବା ଇସିଆଇଙ୍କ ପକ୍ଷରୁ ପ୍ରକାଶିତ 'ଲିପ୍ ଅଫ୍ ଫେଥ୍' ଶୀର୍ଷକ ଏକ ପୁସ୍ତକରେ ପ୍ରକାଶ କରାଯାଇଛି। ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ଆୟୁକ୍ତଙ୍କ ଯାତ୍ରା ସମ୍ପର୍କରେ ଏଥିରେ ବିଶଦ ଭାବେ ଉଲ୍ଲେଖ କରାଯାଇଛି। ୧୯୬୮-୬୯ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ସମୟରେ ୧୯୬୮ ସେପ୍ଟେମ୍ବର ୨୬ରେ 'ମିନିମମ୍ କୋଡ୍ ଅଫ୍ କଣ୍ଡକ୍ଟ' ବା 'ସର୍ବନିମ୍ନ ଆଚରଣ ବିଧି' ଶୀର୍ଷକରେ ଇସିଆଇ ପ୍ରଥମ ଥର ପାଇଁ ଏମ୍‌ସିସି ଜାରି କରିଥିଲେ। ପରେ ୧୯୭୯, ୧୯୮୨, ୧୯୯୧ ଏବଂ ୨୦୧୩ରେ ଆଚରଣ ବିଧିର ସଂଶୋଧନ ହୋଇଥିଲା। ସେହି ସମୟରେ ନିର୍ବାଚନ କମିଶନ 'ରୋଲ୍ ଆଣ୍ଡ ରେସ୍‌ପନ୍ସିବିଲିଟିଜ୍ ଅଫ୍ ପଲିଟିକାଲ ପାର୍ଟିଜ୍ ଡ୍ୟୁରିଂ ଇଲେକ୍ସନ୍ସ: ଆନ୍ ଅପିଲ୍ ଟୁ ପଲିଟିକାଲ ପାର୍ଟିଜ୍ ଫର୍ ଦି ଅବଜର୍ଭେନ୍ସ ଅଫ୍ ମିନିମମ୍ କୋଡ୍ ଅଫ୍ କଣ୍ଡକ୍ଟ ଡ୍ୟୁରିଂ ଇଲେକ୍ସନ୍ ପ୍ରୋପାଗଣ୍ଡା ଆଣ୍ଡ କ୍ୟାମ୍ପେନ୍' ଶୀର୍ଷକ ଏକ ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଆଚରଣ ମାନ ନିର୍ଦ୍ଧାରଣ ପାଇଁ ଏହା କରାଯାଇଥିଲା।

୧୯୭୯ରେ ରାଜନୈତିକ ଦଳଗୁଡ଼ିକୁ ନେଇ ଅନୁଷ୍ଠିତ ଏକ ସମ୍ମିଳନୀରେ ଶାସକ ଦଳଗୁଡ଼ିକର ଆଚରଣ ଉପରେ ନଜର ରଖିବା ପାଇଁ ସମସ୍ତେ ରାଜି ହୋଇଥିଲେ। ☞ପୃଷ୍ଠା-୫

## ଏମ୍‌ସିସି କ'ଣ

ଏମ୍‌ସିସି ହେଉଛି ନିର୍ବାଚନ ସମୟରେ ସବୁ ପକ୍ଷଙ୍କ ସହମତିରେ କରାଯାଉଥିବା ଏକ ରାଜିନାମା। ପ୍ରଚାର, ମତଦାନ ଓ ଭୋଟ ଗଣତିକୁ ବ୍ୟବସ୍ଥିତ ଢଙ୍ଗରେ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ କରାଯିବା ଏହାର ଲକ୍ଷ୍ୟ। ଏଥିଲାଗି କ୍ଷମତାରେ ଥିବା ଦଳ ପକ୍ଷରୁ ନିର୍ବାଚନ ସମୟରେ ସରକାରୀ କଳ ଓ ଅର୍ଥର ଦୁରୁପଯୋଗକୁ ରୋକାଯାଇଥାଏ। କିନ୍ତୁ ଏହା ପ୍ରତି କୌଣସି ସାମ୍ବିଧାନିକ ସମର୍ଥନ ନାହିଁ। ଏହା ସତ୍ତ୍ୱେ ସୁପ୍ରିମକୋର୍ଟ ଅନେକ ଥର ଏମ୍‌ସିସିର ପବିତ୍ରତା ରକ୍ଷା କରିଆସିଛନ୍ତି। ଆଚରଣ ବିଧିର କୌଣସି ପ୍ରକାର ଉଲ୍ଲଂଘନ ହେଲେ ତାହା ଉପରେ ତଦନ୍ତ କରାଯାଇ ଦଣ୍ଡିତ କରିବା ପାଇଁ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ରୂପେ ଅଧିକୃତ। ଏମ୍‌ସିସି ଲାଗୁହେବା ପରେ ମନ୍ତ୍ରୀ ବା ସରକାରୀ କର୍ତ୍ତୃପକ୍ଷ କୌଣସି ପ୍ରକାର ଆର୍ଥିକ ଅନୁଦାନ ଘୋଷଣା କରିପାରିବେ ନାହିଁ। ଭୋଟରଙ୍କୁ ପ୍ରଭାବିତ କରିବା ଭଳି କୌଣସି ପ୍ରକଳ୍ପ ବା ଯୋଜନା ଘୋଷଣା କରାଯାଇପାରିବ ନାହିଁ। ପ୍ରଚାର ଉଦ୍ଦେଶ୍ୟରେ ସରକାରୀ କଳର ବ୍ୟବହାର ଉପରେ ରୋକ ଲାଗିଥାଏ।

ଆଜିର ସମ୍ପାଦକୀୟ
ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସିର ସ୍ଥିତି



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ, ସ୍ଥାନ: କାର୍ଗିଲ ଗ୍ରାଉଣ୍ଡ, ପୋଖରୀପୁଟ୍, ସମୟ: ପ୍ରାତଃ ୪ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୫ତମ ଜୟନ୍ତୀ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପତଞ୍ଜଳୀ ଆରୋଗ୍ୟ କେନ୍ଦ୍ର, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସେମିନାର, ସ୍ଥାନ: ଜିକେସିଏମ୍, ସମୟ: ପୂର୍ବାହ୍ନ ୧୦ଟା ୩୦। ଏବଂ ନୃତ୍ୟ ଉତ୍ସବ ପରମ୍ପରା ପ୍ରତିରୂପା, ସମୟ: ସନ୍ଧ୍ୟା ୭ଟା।
- ଅଲ ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ, ସ୍ଥାନ: ଶ୍ରମିକ ଭବନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ତର ପୁରୁଷ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶିକ୍ଷକ ଭବନ, କେଶରୀ ଟକିଜ୍ ପଛ, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ପଙ୍କଜ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବାଗ୍‌ଦେବୀ ନାଟକ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଇଣ୍ଡିଆନ ଓମେନ୍ସ ଲିଗ୍ ଓଏଫ୍‌ସି ବନାମ ଇଷ୍ଟ ବେଙ୍ଗଲ, ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

## କଟକ

- ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ବାପୁଜୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଶଙ୍ଖାମେରୀ ଖେଳ ପଡ଼ିଆ,ବଡ଼ମ୍ବା, ସମୟ: ଅପରାହ୍ନ ୩ଟା।
- ଭାଜପା ତରଫରୁ ୩୦୯ ବୁଥ୍ କର୍ମଶାଳା, ସ୍ଥାନ: ପୋଡ଼ାମରାଇ,ମାହାଙ୍ଗା, ସମୟ: ଅପରାହ୍ନ ୪ଟା।

## ପୁରୀ

- ସାଇ ଗ୍ଲୋବାଲ କିଡ୍ସ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ପୁରୀ ପୌରସଦନ, ସମୟ: ଅପରାହ୍ନ ୩ଟା।
- ନାଟ୍ୟଶାଳାର ଦ୍ୱିତୀୟ ଦିନର ନାଟକ ପୁତ୍ରପୂଜା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା

- ମା'କାଳିକା ଦ୍ୱାଦଶ ବାର୍ଷିକ ଭଗବତ ପ୍ରତିଯୋଗିତା, ସ୍ଥାନ: ମା'କାଳିକା ଦେବୀ ପୀଠ, ଅସରଳା, ବୋଲଗଡ଼: ସମୟ: ସକାଳ ୬ଟା ୩୦।
- ବିଶ୍ୱଶାନ୍ତି ଯଜ୍ଞ ଅବସରରେ ସୂର୍ଯ୍ୟଙ୍କ ସ୍ତୁତି, ସ୍ଥାନ: ଲୋକେଶ୍ୱର ଦେବଙ୍କ ପୀଠ ବଡ଼ପଦର, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା।
- ଯୁବ ସମ୍ମିଳନୀ ଓ ଆଲୋଚନାଚକ୍ର, ସ୍ଥାନ: ରାମକୃଷ୍ଣ ସେବାଶ୍ରମ, ଟିକାତଳ, ବୋଲଗଡ଼, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- .ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଗୁରୁଜଙ୍ଗ ମେଲଣ ପଡିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ଅହମ୍ମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: କେରଙ୍ଗ ଫୁଟ୍‌ବଲ ପଡ଼ିଆ, ଖୋର୍ଦ୍ଧା ଉପକଣ୍ଠ, ସମୟ: ଅପରାହ୍ନ ୩ଟା।
- .ଶ୍ରୀରାମ ଚରିତ ମାନସ ଓ ପାରାୟଣ, ସ୍ଥାନ: ଧବଳେଶ୍ୱର ପୀଠ ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ତାରେଶ୍ୱର ଦେବ ମନ୍ଦିର ପରିସର, ବାଙ୍କୋଇ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାଲେଶ୍ୱର ଦର୍ପଣର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରୂପସା ରେଳ ଜଙ୍କଶନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଜଗନ୍ନାଥ ମଣ୍ଡପ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।

## ଭଦ୍ରକ

- ଜିଲାସ୍ତରୀୟ ଟାଏକୋଣ୍ଡୋ ଦକ୍ଷତା ପରୀକ୍ଷା, ସ୍ଥାନ: ହାପିହୋମ୍ ସ୍କୁଲ, ଚରମ୍ପା, ସମୟ: ସକାଳ ୬ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ୭ମ ବାର୍ଷିକୋତ୍ସବ, ସ୍ଥାନ: ଗୁଆଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ, ବାସୁଦେବପୁର, ସମୟ: ସକାଳ ୯ଟା।
- ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- 'ହଂସଧ୍ୱନି'ର ୪ର୍ଥ ବାର୍ଷିକୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ, କମାରଗାଁ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- କେନ୍ଦୁଝର ଡିଭିଜନସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ କଲ୍ୟାଣ ମଣ୍ଡପ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ପଖାଳ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ନିର୍ବାଚନ ସମ୍ପର୍କୀୟ ପ୍ରେସମିଟ୍, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ୧୧ ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଜ୍ୟୋତି ରଥ ପରିକ୍ରମା, ସ୍ଥାନ: ଉଦଳା ଏନ୍‌ଏସି, ସମୟ: ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶାମାଖୁଣ୍ଟା ବ୍ଲକ କଦମଡିହା, ସମୟ: ପୂର୍ବାହ୍ନ ୧୧ଟା।
- ବିଦୁ ଚାନ୍ଦାନ ମେମୋରିଆଲ କମିଟି ପକ୍ଷରୁ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ତିରିଂ ବ୍ଲକ ନରଣପୁର, ସମୟ: ଅପରାହ୍ନ: ୧ଟା।
- ଫଗୁ ଦଶମୀ ହୋଲି ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଦୋଳମଣ୍ଡପ, ଡିହିରାକୁଳ, ଉଦଳା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ସୁରଭି ପକ୍ଷରୁ ପ୍ରତିଯୋଗିତା, ସ୍ଥାନ: ଏସଏମଆଇଟି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା
- ନିତ୍ୟାନନ୍ଦ ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଫାଇନାଲ,ସ୍ଥାନ: ପୁରୁଣା ବ୍ରହ୍ମପୁର ତଳମେଣ୍ଟୁ ଛକ, ସମୟ: ପୂର୍ବାହ୍ନ ୧୧ଟା
- ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ନାରୀ ଶକ୍ତି ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ:ଗଞ୍ଜାମ କଳାପରିଷଦ,ସମୟ:ଅପରାହ୍ନ ୪ଟା
- କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର,ସ୍ଥାନ: ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷ,ସମୟ: ସନ୍ଧ୍ୟା ୬ଟା

## ଗଞ୍ଜାମ

- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ବୁଗୁଡା ପୋଚାଲୁଣ୍ଡି,ସମୟ: ସକାଳ ୭ଟାରୁ
- କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଭଞ୍ଜନଗର ବ୍ଲକ ଜିଲୁଣ୍ଡି ଖେଳ ପଡିଆ, ସମୟ: ସକାଳ ୯ଟା।
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଦୀନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ରକ୍ତଦାନ ଶିବିର,ସ୍ଥାନ:ଗଞ୍ଜାମ ଥାନା ପରିସର, ସମୟ-ପୂର୍ବାହ୍ନ ୧୦ଟା।
- ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ବାଉଁଶଲୁଣ୍ଡି ଇସ୍କନ ମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ଭଞ୍ଜନଗର ଥାନା, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗୀମାରୀ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଐତିହ୍ୟ ପଦଯାତ୍ରାର ପ୍ରଥମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଢେଙ୍କାନାଳ ବିଜ୍ଞାନକେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ନିର୍ବାଚନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ : ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ ଘଟିକା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ପିଟିସି ହାଇସ୍କୁଲ ଓ ଅନୁଗୋଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ ଘଟିକା।
- ନିର୍ବାଚନ ଜନିତ ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଘଟିକା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ ଘଟିକା।
- ରାଜ୍ୟସ୍ତରୀୟ ନିମନ୍ତ୍ରିଣ ବ୍ୟାଡମିଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍, ସମୟ: ପୂର୍ବାହ୍ନ ୧୦ ଘଟିକା।
- ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ସ୍ଥାନ: କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୋର୍ଟ ବଣିକସଂଘ ଦୁର୍ଗା ମନ୍ଦିରର ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଦୁର୍ଗା ମନ୍ଦିର ପରିସର ବଡ଼ପଡିଆ ପାରାଦୀପ, ସମୟ:ସକାଳ ୬ଟା।
- ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ରାଷ୍ଟ୍ର ସୁରକ୍ଷା ଯଜ୍ଞ, ସ୍ଥାନ: ଅନନ୍ତବଟ ମହାପୁରୁଷ ମଠ, ତାଳଦଣ୍ଡା, କୁଜଙ୍ଗ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ପରିବେଶ ସୁସ୍ଥ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ରୁଦ୍ର ମହାଯଜ୍ଞ ଓ ବାର୍ଷିକୋତ୍ସବ, ସ୍ଥାନ: ମାଳପାଟଣା, ଆଳି, ସମୟ: ସନ୍ଧ୍ୟା ୬ଟା।
- ମା' କେନ୍ଦୁଖାଇ ଦୁଆସୁଣୀ ଦେବୀଙ୍କ ସପ୍ତମ ଜନ୍ମବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭ୍ରମରଦିଆପାଟଣା, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ଯୁକ୍ତ ଦୁଇ ଶ୍ରେଣୀରୁ ଉର୍ଦ୍ଧ୍ୱ ଜିଲାସ୍ତରୀୟ ପ୍ରତିଭା ସଂଗମ ଓ ପ୍ରଶିକ୍ଷଣ ପ୍ରତିଯୋଗିତା ପ୍ରଦର୍ଶନ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ସମୟ: ସକାଳ ୮ଟା।
- ବ୍ରହ୍ମ ସନାତନ ଯଜ୍ଞ, ସ୍ଥାନ: ଅଭିରାମ ପରମହଂସ ଆଶ୍ରମ, ପାଣିଓଲା, ଡେରାବିଶ, ସମୟ: ସକାଳ ୮ଟା।
- ଜାତୀୟ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ପଟ୍ଟାମୁଣ୍ଡାଇ ବକ୍ସାରପୁର ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଦିନିକିଆ ଟ୍ୟାକ୍ସ ସମ୍ମିଳନୀ, ସ୍ଥାନ: ଯାଜପୁର ରୋଡ୍‌ର ହୋଟେଲ ଯଯାତି କୋର୍ଟୟାର୍ଡ, ସମୟ : ସକାଳ ୮ଟା।
- ଲୋକସଭା ଏବଂ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସନଗର ପ୍ରିମିୟର ଲିଗ, ସ୍ଥାନ: ଯାଜପୁର ରୋଡ୍ ଏନସି ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା୩୦।
- ନୀଳାଚଳ ବାସନ୍ତ୍ରୁତ କମିଟି ପକ୍ଷରୁ ଧାରଣା, ସ୍ଥାନ: ନୀଳାଚଳ କାରଖାନା ସମ୍ମୁଖ, ସମୟ: ଦିନରାତି
- ଭୀମ ଆର୍ମି ପକ୍ଷରୁ ବାସନ୍ତ୍ରୁତଙ୍କ ଧାରଣାର ୪ର୍ଥ ଦିନ, ସ୍ଥାନ: କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ: ଦିନରାତି

## ନୟାଗଡ଼

- ଶ୍ରୀରାମ ଚରିତ ମାନସ, ସ୍ଥାନ: ପଞ୍ଚମୁଖୀ ହନୁମାନ ପୀଠ ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରାକେଶିଆ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସୋଲାର ଏନର୍ଜି ବ୍ୟବହାର କର୍ମଶାଳା, ସ୍ଥାନ: ନିଉ ଲାଇଫ ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କଂଗ୍ରେସର ବୈଠକ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା।
- ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ତାଲିମ ଶିବିର, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ତାଲିମ ଶିବିର, ସ୍ଥାନ: ବିଏଡ୍ ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଚାଷୀ ସମାବେଶ, ସ୍ଥାନ: ପାଟଣାଗଡ଼ ବ୍ଲକ ଯୋଗୀମୁଣ୍ଡା ହାଟପଦା ପଡିଆ, ସମୟ ପୂର୍ବାହ୍ନ:୧୦ଟା।
- ଅଲେଖ ମହିମା ଧର୍ମର ଘିଅପୁଡା କାର୍ଯ୍ୟକ୍ରମ, ସ୍ଥାନ: ମୁରିବାହାଲ ବ୍ଲକ ବାଙ୍କେଲ, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ:ମୁରିବାହାଲ ବ୍ଲକ ବାନ୍ଧୁପଲା ପଞ୍ଚାୟତ ଅନ୍ତର୍ଗତ ସତୀଘାଟ, ସମୟ: ସକାଳ ୯ଟା।
- ଗଣ୍ଡା ସମାଜର ସମ୍ମିଳନୀ, ସ୍ଥାନ: ଲୋଇସିଂହା ବ୍ଲକ କର୍ଲିପାଟ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ପଦଯାତ୍ରା ଏବଂ କର୍ମୀ ସମ୍ମିଳନୀ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର କଲୋନୀ ପଡା, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆଚରଣବିଧି ପାଳନ ସମ୍ପର୍କରେ ଜିଲାପାଳଙ୍କ ବୈଠକ, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ଛପନ ପ୍ରହର ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ କେନ୍ଦୁପାଲି, ସମୟ: ସକାଳ ୬ଟା।

## ରାଉରକେଲା

- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ଆଲୋଚନାଚକ୍ର, ସ୍ଥାନ: ଛେଣ୍ଡ କଲୋନୀ,ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତୀ ବିଦ୍ୟାପୀଠର ବାର୍ଷିକୋତ୍ସବ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨୧, କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଦୋଳ ଉତ୍ସବ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର ୧୫ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆସ୍ଥା ପକ୍ଷରୁ ମହିଳା ଦିବସ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ଅପରାହ୍ନ ୫ଟା।
- ଆରାଧା ମହିଳା ସମିତି ପକ୍ଷରୁ ମହିଳା ଦିବସ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ମ୍ୟୁଜିକ ସର୍କଲର ବସନ୍ତ ସମାରୋହ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଷ୍ଟ୍ରୀୟ ଉଦ୍ୟମିତା ଶିଖର ସମ୍ମିଳନୀ, ସ୍ଥାନ: ଏନ୍‌ଆଇଟି, ସମୟ: ରାତି ୮ଟା।

## ସୁନ୍ଦରଗଡ଼

- ବଡ଼ଗାଁ କପ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ,ସମୟ:ଅପରାହ୍ନ ୩ ଟା।
- ନୂତନ ଚିନ୍ତାଧାରାର କର୍ମଶାଳା, ସ୍ଥାନ: ରାଜଗାଙ୍ଗପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ: ସକାଳ ୯ଟା ୩୦।

## ବରଗଡ଼

- ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ମାଉସୀ ମା' ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭଟଲି, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ଶ୍ରୀଶ୍ରୀ ହରିନାମ ସଂକୀର୍ତ୍ତନ, ସ୍ଥାନ: ନାଗେନପାଲି, ବରଗଡ଼, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ମାର୍କଣ୍ଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁଶନପୁରା ଫୁଲବନ୍ଧ, ଭଟଲି, ସମୟ: ସକାଳ ୯ଟା।

## କଳାହାଣ୍ଡି

- ସାଧାରଣ ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ଦକ୍ଷତା ପରୀକ୍ଷା (ଭାଟ), ସ୍ଥାନ: ବିକାଶ ଆବାସିକ ବିଦ୍ୟାଳୟ, ଭବାନୀପାଟଣା, ସମୟ: ସକାଳ ୯ଟା।
- ଜୁନାଗଡ଼ ଚାମ୍ପିୟନ ଟ୍ରଫି ଫାଇନାଲ ମ୍ୟାଚ୍, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ଜୁନାଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା

- କୋମନା ଲୋକମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଉଦନ୍ତୀ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ରାତି ୯ ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତର ବ୍ରାହ୍ମଣୀ (ଚାଚ୍ଚିକ)ଠାରେ ବଉଳ ନାଟକ ଓ ଲୋକକଳା ମହୋତ୍ସବ ଉଦ୍‌ଘାଟିତ, ସ୍ଥାନ: ବିଜୟ କଳାମଣ୍ଡପ ବ୍ରାହ୍ମଣୀ, ସମୟ : ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲା ସ୍ତରୀୟ ଦିନିକିଆ ହକି ଟୁର୍ନାମେଣ୍ଟ,ସ୍ଥାନ: ରିଆମାଳ ବ୍ଲକ ରେଙ୍ଗାଲବେଡା,ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୃହସ୍ପତି ଓ ଚନ୍ଦ୍ରଙ୍କ ସୁଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନରେ ସୌହାର୍ଦ୍ଦ୍ୟତା, କାର୍ଯ୍ୟକ୍ଷେତ୍ର ପ୍ରତି ଉତ୍ସାହ ସୃଷ୍ଟି ହେବ। ସକାଳ ସମୟ ଯାତ୍ରା, ବ୍ୟବସାୟ ଓ ବନ୍ଧୁ ମିଳନ ପାଇଁ ବହୁତ ଭଲ। ସମ୍ପତ୍ତିକୁ କେନ୍ଦ୍ର କରି କଳହ ସୃଷ୍ଟି ସମ୍ଭାବନା ରହିଛି। କ୍ରନିକ୍ ରୋଗୀ ବିଶେଷତଃ ଗ୍ୟାଷ୍ଟ୍ରିକ୍ ରୋଗୀଙ୍କ ସକାଶେ ସମୟ ଅନୁକୂଳ ନୁହେଁ।

**ବୃଷ** ଚନ୍ଦ୍ରଙ୍କ ମୁଖାବସ୍ଥାନରୁ ହସି କଥାକହି କାର୍ଯ୍ୟ ହାସଲ କରିବେ। ଉଚ୍ଚାରୋହୀ ରବିଙ୍କ ସ୍ଥିତିରୁ ଅଫିସରେ ଉଚ୍ଚ କର୍ତ୍ତୃପକ୍ଷ ସହଯୋଗର ପ୍ରତିଶ୍ରୁତି ଦେବେ। ନୂତନ ଯୋଜନାରେ ଶିଥିଳତା ଦେଖାଦେବାରୁ ମାନ ଭଲ ରହି ନ ପାରେ। ଆନୁଷ୍ଠାନିକ କାମରେ ବିଭିନ୍ନ ଦିଗରୁ ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ।

**ମିଥୁନ** ରାଶିରେ ଚନ୍ଦ୍ରଙ୍କ ସ୍ଥିତିରୁ ଆଜି ଆପଣ ସଠିକ୍ ନିଷ୍ପତ୍ତି ନେଇ କର୍ମକ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହେବେ। କିନ୍ତୁ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ଦୂରଯାତ୍ରା, ପରିବହନ ଓ ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ଆଜିର ଗ୍ରହଯୋଗ ଅନୁସାରେ ଶୁଭାଶୁଭ ମିଶ୍ରିତ ଫଳ ଅନୁଭବ କରିବେ। ଯାହା କରିବା ପାଇଁ ଭାବୁଥିବେ, ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ଅଟକି ରହିଯିବେ। ତଥାପି ଆପଣ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଆଶା କ୍ଷୀଣ ହୋଇପାରେ।

**ସିଂହ** ନିଜ ଲୋକଙ୍କଠାରୁ ସହଯୋଗର ଅଭାବ କାର୍ଯ୍ୟ ହାସଲରେ ସମସ୍ୟା ସୃଷ୍ଟି କରିବ। ଖୋଜୁଥିବା ବନ୍ଧୁଟିକୁ ପାଖରେ ପାଇ ଖୁସି ହୋଇଯିବେ। ଶିକ୍ଷା, ପରୀକ୍ଷାଦି ସନ୍ତୋଷଜନକ ନ ହେଲେ ମଧ୍ୟ ବିଶେଷ କିଛି ଖରାପ ହେବନାହିଁ। ସବୁ ସମୟରେ ମିଶୁଥିବା ବନ୍ଧୁଟିର ପରାମର୍ଶରେ ଧର୍ମକାର୍ଯ୍ୟ କରିବା ସକାଶେ ମନ ବଳାଇବେ।

**କନ୍ୟା** ବୁଧାଦିତ୍ୟ ଯୋଗଜନିତ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ସମ୍ଭାବନା ରହିଛି। ବିଶେଷ ଆବଶ୍ୟକତା କାରଣରୁ ଗାଡ଼ି ମୋଟର କିମ୍ବା ମୂଲ୍ୟବାନ୍ ଜିନିଷ କିଣିପାରନ୍ତି। ମନୋରଞ୍ଜନ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ପାଇଁ ଦିନଟି ବହୁତ ଭଲ। ପାରିବାରିକ କ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଯିବ।

**ତୁଳା** କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଅଟକିଥିବା କାମ ପୂର୍ଣ୍ଣାଙ୍ଗ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ସହ ଉଚ୍ଚବାଚ ଘଟିପାରେ। ପରିସ୍ଥିତିରେ ପଡ଼ି ଘର ସାଜସଜ୍ଜାରେ କିମ୍ବା ମରାମତିରେ ସ୍ୱାତୀ ନକ୍ଷତ୍ର ବ୍ୟସ୍ତ ରହିପାରନ୍ତି। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ ଓ ନିର୍ମାଣ, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନ କ୍ଷେତ୍ର ମନ୍ଦ ହେବନି।

**ବିଛା** ବିଭିନ୍ନ ସମସ୍ୟା ଏବଂ ପ୍ରତିରୋଧ କାରଣରୁ କେତେକ ଅପୂରଣୀୟ ଅଭିଳାଷ ସକାଶେ ମନ ଉଦ୍‌ବେଗ ରହିବ। ନିଜ ଲୋକଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ରହିବା ହେତୁ ଦୁଃଖ ପ୍ରକାଶ କରିବେ। ପଡୋଶୀଙ୍କ ପରାମର୍ଶ ଆଶା ସଂଚାର କରିବ। ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାମ ଏବଂ ବିବାଦୀୟ ଘଟଣାର ସମାଧାନରେ ସଫଳତା ମିଳିବ।

**ଧନୁ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ସମାଧାନ ହୋଇଯିବ। ବ୍ୟବସାୟିକ କାରବାର ବୃଦ୍ଧି ପାଇବା କାରଣରୁ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଉଚ୍ଚାରୋହୀ ରବିଙ୍କ ଶୁଭ ପ୍ରଭାବରୁ ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସହାୟତା ପାଇବେ। ସ୍ତ୍ରୀ ଓ ପିଲାଛୁଆଙ୍କ ସ୍ୱାସ୍ଥ୍ୟ ହାନି ହେତୁ ଅଧିକାଂଶ ସମୟ ଚିନ୍ତା କରିପାରନ୍ତି।

**ମକର** ଶନି କ୍ଷେତ୍ରରେ ଧନସ୍ଥ ମଙ୍ଗଳ ଜମିଜମା କାରବାରରୁ ଲାଭବାନ୍ କରାଇବ। ମାଙ୍ଗଳିକ କାର୍ଯ୍ୟର ଆଲୋଚନାରୁ ପରିବାର ଭିତରେ ହସଖୁସିର ବାତାବରଣଜନିତ ମନ ପ୍ରଫୁଲ୍ଲ ରହିବ। ରୋଗପୀଡ଼ା ଲାଗି ରହୁଥିବାରୁ ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତପ୍ତ ହେବେ। ବନ୍ଧୁ ସମ୍ପର୍କ, ସାହିତ୍ୟ ଚର୍ଚ୍ଚା, କଳା, କାରିଗରି ଦିଗରୁ ମନଲାଖି ସୁଫଳ ପାଇବେ।

**କୁମ୍ଭ** ଷଷ୍ଠାଧିପଙ୍କ ଆଜିର ସ୍ଥିତି ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବିଫଳ ଆଲୋଚନାର କାରଣ ହେବ। ସାମାଜିକ ସ୍ତରରେ ଦକ୍ଷତାଭିତ୍ତିକ ଲୋକସମ୍ପର୍କ ବୃଦ୍ଧି ପାଇବ, କିନ୍ତୁ ଈର୍ଷା ପରାୟଣ ବ୍ୟକ୍ତିଙ୍କ ଦ୍ୱାରା ଟେନ୍‌ସନ ବଢ଼ିଯିବ। ବିଭିନ୍ନ ସୂତ୍ରରୁ ରୋଜଗାର କାରଣରୁ ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି।

**ମୀନ** ରବି ସହ ରାହୁଙ୍କ ସମ୍ବନ୍ଧ ପଦାଧିକାରୀ କିମ୍ବା ବୟସ୍କବ୍ୟକ୍ତି ସହ କଳହର କାରଣ ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ରୋଗ,ଋଣ ଓ ଶତ୍ରୁତା ଆଜିର ଦୁଷ୍ଚିନ୍ତାର ମୁଖ୍ୟ କାରଣ ହେବ। ପୂର୍ବଭାଦ୍ରବ ନକ୍ଷତ୍ର ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ।

ଆଜି ମାର୍ଚ୍ଚ ୧୭ ତାରିଖ, ଫାଲ୍‌ଗୁନ ଶୁକ୍ଳ ଅଷ୍ଟମୀ ରବିବାର, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ଦିବା ଘ.୦୫।୫୬ ଗତେ ଘ.୦୯।୫୫ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୩ ଗତେ ଘ.୦୫।୫୩ ମଧ୍ୟେ ରାହୁକାଳ।

# କିଟ୍ ପରିଦର୍ଶନ କରି ଫେରିଲେ ହାର୍ଭାର୍ଡ ଇଣ୍ଡିଆ ପ୍ରତିନିଧି ମଣ୍ଡଳୀ




ସମ୍ବର୍ଦ୍ଧିତ ହାର୍ଭାର୍ଡ ଇଣ୍ଡିଆ ପ୍ରତିନିଧିମଣ୍ଡଳୀଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୧୬।୩ (ଅସମାପିକା ସାହୁ)**

କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଇଣ୍ଡିଆର ୪୦ଜଣିଆ ପ୍ରତିନିଧିମଣ୍ଡଳୀ ଶନିବାର ସମସ୍ତ କାର୍ଯ୍ୟକ୍ରମ ସାରି ଫେରିଯାଇଛନ୍ତି। ଶନିବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଗତ ୧୦ ତାରିଖରୁ ହାର୍ଭାର୍ଡ ଇଣ୍ଡିଆ ଟ୍ରେକ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ଆସିଥିବା ଏହି ପ୍ରତିନିଧିମାନେ ସମ୍ବଲପୁରୀ କୁର୍ତ୍ତା ପିନ୍ଧିଥିଲେ। କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିବା ସହ ଉଭୟ କିଟ୍ ଓ କିସ୍ ଛାତ୍ରୀଛାତ୍ରଙ୍କ ସହ ସେମାନେ ଭାବର ଆଦାନପ୍ରଦାନ କରିଥିଲେ। ଏହି ଦଳରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରୀଛାତ୍ର ସାମିଲ ଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ରାଜନୀତି, ନୀତି ନିର୍ଦ୍ଧାରକ, ବ୍ୟବସାୟୀ, ଶିକ୍ଷାବିତ, ଆଇନ୍ ଓ ଉନ୍ନୟନ ଆଦି କ୍ଷେତ୍ରରେ କାର୍ଯ୍ୟରତ। ଭାରତ ବିଶେଷକରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିଟ୍‌ର କେନ୍ଦ୍ରୀୟ ପାଠାଗାର ଦେଖି ସେମାନେ ଖୁସିବ୍ୟକ୍ତ କରିଥିଲେ। କିଟ୍ ଓ କିସ୍ ଭଳି ସୁନ୍ଦର ଅନୁଷ୍ଠାନ ବିଶ୍ୱରେ ବିରଳ ବୋଲି ସେମାନେ ମତ ଦେବାସହ ଏଭଳି ପ୍ରୟାସ ପାଇଁ ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶୁକ୍ରବାର ଏହି ପ୍ରତିନିଧିମଣ୍ଡଳୀ ଡ. ସାମନ୍ତଙ୍କ ବାସଭବନରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ତାଙ୍କର ଅତି ସାଧାରଣ ଜୀବନଶୈଳୀ ବିଷୟରେ ଜାଣିଥିଲେ।

# 'ପ୍ରାଥମିକ ଚିକିତ୍ସା କ୍ଷେତ୍ରରେ ଯୁବଗୋଷ୍ଠୀ ପ୍ରଶିକ୍ଷିତ ହେବା ଉଚିତ'

**ଭୁବନେଶ୍ୱର, ୧୬।୩ (ଅସମାପିକା ସାହୁ)**

## ସେଣ୍ଟ ଜନ୍ ଆମ୍ବୁଲାନ୍ସର କାର୍ଯ୍ୟନିର୍ବାହୀ ବୈଠକ

ସେଣ୍ଟ ଜନ୍ ଆମ୍ବୁଲାନ୍ସ ଦେଶରେ ପ୍ରାଥମିକ ଚିକିତ୍ସା ପ୍ରଦାନରେ ଅଗ୍ରଣୀ ଭୂମିକା ନେବା ସହ ଏକ ରୋଲ ମଡେଲ ଭାବେ ପରିଗଣିତ। ସ୍ୱେଚ୍ଛାସେବୀଙ୍କ ନିଷ୍ଠା ଓ ସମର୍ପଣ ମନୋଭାବ ବାସ୍ତବିକ ପ୍ରଶଂସନୀୟ। ବିଶେଷକରି ପ୍ରାଥମିକ ଚିକିତ୍ସା ସେବା, ପ୍ରଶିକ୍ଷଣ ଓ ଆପାତକାଳୀନ ଆମ୍ବୁଲାନ୍ସ ସେବା ପ୍ରଦାନରେ ସଂଗଠନର କାର୍ଯ୍ୟ ପ୍ରେରଣାଦାୟୀ। ପ୍ରାଥମିକ ଚିକିତ୍ସା ସେବାର ବିଶେଷ ଗୁରୁତ୍ୱ ରହିଛି। ପ୍ରତ୍ୟେକ ବିଶେଷତଃ ଯୁବଗୋଷ୍ଠୀ ଏ ବିଷୟରେ ପ୍ରଶିକ୍ଷିତ ହେବା ଦରକାର। ସେବା ଓ ପ୍ରଶିକ୍ଷଣ ପରିସରକୁ ଆହୁରି ପ୍ରସାରିତ କରିବା ପାଇଁ ରାଜ୍ୟପାଳ ରଘୁବର ଦାସ ଆହ୍ୱାନ ଦେଇଛନ୍ତି। ଶନିବାର ରାଜଭବନଠାରେ ଅନୁଷ୍ଠିତ ସେଣ୍ଟ ଜନ୍ ଆମ୍ବୁଲାନ୍ସ ଓଡ଼ିଶା ରାଜ୍ୟ କେନ୍ଦ୍ରର କାର୍ଯ୍ୟନିର୍ବାହୀ ବୈଠକରେ ରାଜ୍ୟପାଳ ସଭାପତିତ୍ୱ କରି ଏହା ପ୍ରକାଶ କରିଛନ୍ତି। ବୈଠକରେ ସେଣ୍ଟ ଜନ ଆନୁକୂଲ୍ୟର ଲକ୍ଷ୍ୟ ଓ ଆଦର୍ଶର ପରିପୂରଣ ନିମନ୍ତେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି। ଏହାକୁ ମଧ୍ୟ ଆହୁରି କ୍ରିୟାଶୀଳ ଓ ସମୟ ଉପଯୋଗୀ କରିବାକୁ ରାଜ୍ୟପାଳ ପରାମର୍ଶ ଦେବା ସହ ସଙ୍ଗଠନର କାର୍ଯ୍ୟକୁ ଆହୁରି ସଶକ୍ତ କରିବାକୁ ସରକାରୀ ଓ ବେସରକାରୀ ସ୍ତରରେ ସହଯୋଗ ଏବଂ ସମର୍ଥନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ସେଣ୍ଟ ଜନ ଆମ୍ବୁଲାନ୍ସର ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ଯୋଗଦେଇ ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଅବୈତନିକ ସଚିବ ନିଧି କୁମାର ରାଉତରାୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆସନ୍ତା ବର୍ଷର ବଜେଟ ଅନୁମୋଦିତ ହୋଇଥିଲା। ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ଅଗ୍ନିଶମ ତଥା ହୋମ୍‌ଗାର୍ଡର ମହାନିର୍ଦ୍ଦେଶକ ତଥା ସେଣ୍ଟ ଜନ ଆମ୍ବୁଲାନ୍ସର ଉପାଧ୍ୟକ୍ଷ ସୁଧାଂଶୁ ଷଡ଼ଙ୍ଗୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, ରାଜ୍ୟପାଳଙ୍କ ପ୍ରମୁଖ ଉପଦେଷ୍ଟା ସନ୍ତୋଷ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।



ସେଣ୍ଟ ଜନ୍ ଆମ୍ବୁଲାନ୍ସ ଓଡ଼ିଶା ରାଜ୍ୟ କେନ୍ଦ୍ରର କାର୍ଯ୍ୟନିର୍ବାହୀ ବୈଠକରେ ରାଜ୍ୟପାଳ ରଘୁବର ଦାସଙ୍କ ସହ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟମାନେ।

# ‘କେବଳ ଆର୍ଥିକ ଲାଭକୁ ସଫଳତା ଭାବିବା ଉଚିତ ନୁହେଁ’



ସୌମେନ୍ଦ୍ର ମିଶ୍ର

**ବଲାଙ୍ଗୀର ସହରରୁ ସେ କୃଷିଭିତ୍ତିକ ବ୍ୟବସାୟ ଆରମ୍ଭ କରିଥିଲେ। ୨ ଦଶନ୍ଧି ମଧ୍ୟରେ କୁକୁଡ଼ା ଫାର୍ମ କରି ସେ ବିଶ୍ୱସ୍ତରରେ ସଫଳତା ସାଉଣ୍ଟିଛନ୍ତି। ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍‌ର ସହପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ରଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଯୁବପିଢ଼ିଙ୍କୁ ଏ ଦିଗରେ ପାଦ ରଖିବା ପାଇଁ ଦିଶା ଦେଖାଉଛି। ଅଧିକ ପରିମାଣର ତଥା ଉତ୍ତମ ମାନର ଉତ୍ପାଦ ପ୍ରସ୍ତୁତ କରିବା ପାଇଁ ନୂଆ ନୂଆ ଟେକ୍ନୋଲୋଜିକୁ କାର୍ଯ୍ୟକାରୀ କରିବାରେ ସିଦ୍ଧହସ୍ତ ଥିବା ମିଶ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**




**ପ୍ର- ୨ ଦଶନ୍ଧି ମଧ୍ୟରେ କୁକୁଡ଼ା ଚାଷରେ କେଉଁ ସବୁ ସମସ୍ୟା ଦେଇ ଗତି କରିବାକୁ ପଡ଼ିଛି?**

ଉ: ଅନ୍ୟ ଚାଷ ଭଳି କୁକୁଡ଼ା (ଅଣ୍ଡା) ଚାଷରେ ମଧ୍ୟ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଉତ୍ପାଦର ଠିକ୍ ମୂଲ୍ୟ ପାଇବା ସବୁଠାରୁ ବଡ଼ ଆହ୍ୱାନ। ଭାରତରେ ବଜାର ଗ୍ରାହକଙ୍କ ଉପରେ ନିର୍ଭରକରେ ଏବଂ ଚାଷୀ ବେପାରୀଙ୍କ ଦୟାର ପାତ୍ର ହୋଇଥାଏ। କୁକୁଡ଼ା ଓ ଅଣ୍ଡାକୁ ନେଇ ଅନେକ ସମୟରେ ଗୁଜବ ସୃଷ୍ଟି ହୋଇଥାଏ। ଏହା ଆମ ପାଇଁ ଚିନ୍ତାର କାରଣ ପାଲଟିଥାଏ। ଗ୍ରାହକଙ୍କ ବିଶ୍ୱାସ ଜିତିବା ବହୁତ କଷ୍ଟ। ମାତ୍ର ଆମେ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିଛୁ।

**ପ୍ର- କୁକୁଡ଼ା ଚାଷ ଦେଶରେ ଅଗ୍ରଗାମୀ କୃଷିଭିତ୍ତିକ ବ୍ୟବସାୟ ଭାବେ ଗଣାଯାଉଛି। ରାଜ୍ୟରେ ଏହି ବ୍ୟବସାୟକୁ କିପରି ଦେଖୁଛନ୍ତି?**

ଉ- ଦେଶରେ ଏହି ବ୍ୟବସାୟ ବୃଦ୍ଧି ହେଉଛି। ଅନୁରୂପଭାବେ ରାଜ୍ୟରେ ମଧ୍ୟ ଅନେକେ ଏହି ବ୍ୟବସାୟ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ପଛରେ ଏକାଧିକ କାରଣ ରହିଛି। ଚିକେନ୍(କୁକୁଡ଼ା ମାଂସ) ଏବଂ ଅଣ୍ଡା ଭାରତୀୟଙ୍କ ପ୍ରମୁଖ ଖାଦ୍ୟ ମଧ୍ୟରୁ ଗୋଟିଏ ହୋଇଥିବାରୁ ବଜାରରେ ଏହାର ନିରବଚ୍ଛିନ୍ନ ଚାହିଦା ରହିଛି। ନୂତନ ଜ୍ଞାନକୌଶଳ ମାଧ୍ୟମରେ ଉତ୍ପାଦନ ସହଜ ହେଉଥିବାରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି ବ୍ୟବସାୟକୁ ଅନେକେ ଆପଣାଉଛନ୍ତି।

**ପ୍ର- ଅଣ୍ଡା ଓ ଚିକେନ୍‌ର ମାନକୁ ନେଇ ଅନେକ ସମୟରେ ଅଭିଯୋଗ ହୋଇଥାଏ। ଆପଣଙ୍କ ଉତ୍ପାଦର ଉତ୍ତମ ମାନ କିପରି ବଜାୟ ରଖନ୍ତି?**

ଉ- ଉତ୍ପାଦର ଉତ୍ତମ ମାନ ବଜାୟ ରଖିବା ପାଇଁ ଆମେ ଉଚ୍ଚକୋଟୀର ଜ୍ଞାନକୌଶଳ ପ୍ରୟୋଗ କରିଥାଉ। ଖାଦ୍ୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସୁରକ୍ଷା ପର୍ଯ୍ୟନ୍ତ ଆମେ ସବୁକୁ ଗୁରୁତ୍ୱ ଦେଇଥାଉ। ଗ୍ରାହକଙ୍କୁ ସୁରକ୍ଷିତ ଉତ୍ପାଦ ପ୍ରଦାନ ପାଇଁ ଆମେ ସବୁବେଳେ ସଜାଗ ଥାଉ। ଆମର ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆମେ ଗ୍ରାହକଙ୍କୁ ଅବଗତ କରାଇଥାଉ।

**ପ୍ର- ବ୍ଲକ୍‌ଚେନ୍ ଟେକ୍ନୋଲୋଜି ପ୍ରୟୋଗ କ୍ଷେତ୍ରରେ ଓଭୋ ଫାର୍ମ ଗତବର୍ଷ ପ୍ରଥମ ଫାର୍ମ ଭାବେ ବିବେଚିତ ହୋଇଥିଲା। ଆଗକୁ ଆଉ କେଉଁ ଯୋଜନା ରହିଛି?**

ଉ- ଗତ ବର୍ଷ ଭାରତରେ କୁକୁଡ଼ା ଚାଷ ଶିଳ୍ପରେ ବ୍ଲକ୍‌ଚେନ୍ ଟେକ୍ନୋଲୋଜିର ପ୍ରୟୋଗ କରି ଓଭୋ ଫାର୍ମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିଲା। ଏହି ଅଭିନବ ଉପାୟ ଅବଲମ୍ବନ ଫଳରେ ସମଗ୍ର ଯୋଗାଣ ପ୍ରକ୍ରିୟାରେ ସ୍ୱଚ୍ଛତା, ଟ୍ରେସେବିଲିଟି ଆଦିକୁ ସୁନିଶ୍ଚିତ କରିବା ସହ ଉତ୍ପାଦ ଗୁଣବତ୍ତା ସମ୍ପର୍କରେ ଗ୍ରାହକମାନେ ଭରସାଯୋଗ୍ୟ ସୂଚନା ପାଇପାରିବେ। ଆଗକୁ ଏକ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବା, ବ୍ୟବସାୟରେ ସ୍ଥିରତା ବଜାୟ ରଖିବା ସହ ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଉଛୁ।

**ପ୍ର- ଯୁବ ଉଦ୍ୟୋଗୀଙ୍କ ପାଇଁ କ’ଣ ପରାମର୍ଶ ରହିବ?**

ଉ- କୁକୁଡ଼ା ବ୍ୟବସାୟ ପାଇଁ ଉଦ୍ୟମ କରୁଥିବା ଯୁବ ଉଦ୍ୟୋଗୀମାନଙ୍କୁ ମୋର ପରାମର୍ଶ ହେଉଛି ନୂଆ ନୂଆ ଉପାୟ ଖୋଜିବା ସହ ସବୁ ବର୍ଗର ଲୋକଙ୍କ ସହ ଯୋଡ଼ିହେବାକୁ ଚେଷ୍ଟା କରିବା ଉଚିତ। ଏ କ୍ଷେତ୍ରରେ ବିଭିନ୍ନ ଆହ୍ୱାନର ସମାଧାନ ପାଇଁ ଟେକ୍ନୋଲୋଜିର ସହାୟତା ନେବା ଉଚିତ, ମାତ୍ର ନୈତିକତାକୁ ଭୁଲିଯିବା ଉଚିତ ନୁହେଁ। ବିଶେଷକରି ଉତ୍ପାଦର ଗୁଣବତ୍ତା ରକ୍ଷା ଦିଗରେ ସବୁବେଳେ ସଜାଗ ରହିବା ଦରକାର। କୃଷକ, ଯୋଗାଣକାରୀ ଏବଂ ଉପଭୋକ୍ତାଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରନ୍ତୁ। କେବଳ ଆର୍ଥିକ ଲାଭକୁ ନିଜର ସଫଳତା ଭାବିବା ଉଚିତ ନୁହେଁ, ବରଂ ସମାଜ ଉପରେ ସକାରାତ୍ମକ ପ୍ରଭାବ ମଧ୍ୟ ସଫଳତା ବୋଲି ଧରିନେବାକୁ ହେବ।




# ଏସ୍‌ସିବି ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ବିରଳ ଅସ୍ତ୍ରୋପଚାର

କଟକ,୧୬।୩ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଜଣେ ମହିଳାଙ୍କର ଭାସ୍କୁଲାରାଇଜଡ଼ ଲିମ୍ଫନୋଡ଼ ଟ୍ରାନ୍ସଫର ଅସ୍ତ୍ରୋପଚାର କରାଯାଇଛି। ରାଜ୍ୟରେ ଏହା ପ୍ରଥମ ବିରଳ ଅସ୍ତ୍ରୋପଚାର ବୋଲି ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯାଜପୁର ଜିଲାର ରୀତାରାଣୀ ସ୍ୱାଇଁ(୩୩) ପ୍ରାୟ ୧୬ ବର୍ଷ ହେବ ଫାଇଲେରିଆ ରୋଗରେ ଆକ୍ରାନ୍ତ ହେବାରୁ ବାମଗୋଡ଼ ସମ୍ପୂର୍ଣ୍ଣ ଫୁଲି ଯାଇଥିଲା। ଫଳରେ ସେ ନିଜର କୌଣସି କାର୍ଯ୍ୟ ଠିକ୍ ଭାବେ କରିବାରେ ଅକ୍ଷମ ଥିଲେ। ୨ ମାସ ପୂର୍ବରୁ ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି ହେବା ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ୧୫ ଦିନ ତଳେ ତାଙ୍କର ଅସ୍ତ୍ରୋପଚାର କରାଯାଇ ଶରୀରର ବିଭିନ୍ନ ଅଙ୍ଗରୁ ଲିମ୍ଫନୋଡ ଆଣି ଗୋଡରେ ମାଇକ୍ରୋ ସର୍ଜରି ଜରିଆରେ ଇମ୍ପ୍ଲାଣ୍ଟ କରାଯାଇଛି। ଭାରତରେ ମାତ୍ର ୨ ବର୍ଷ ହେବ ଡାକ୍ତରମାନେ ଏହି ରୋଗର ଚିକିତ୍ସା କରୁଛନ୍ତି। ଓଡ଼ିଶାରେ ପ୍ରଥମଥର ପାଇଁ ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ଏହି ସର୍ଜରି କରିଛନ୍ତି। ପ୍ଲାଷ୍ଟିକ୍ ସର୍ଜରି ବିଭାଗର ମୁଖ୍ୟ ଡା. ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ଡା. ଆଶିଷ ପଟ୍ଟନାୟକ, ଡା. ବିଷ୍ଣୁପଦ ନାୟକ, ଡା. ଅସ୍‌ଫାକ୍ ଅହମ୍ମଦ, ଡା. ଦୀପକ କୁମାର ସାହୁ, ଡା. ଜୀବିତେଷ ବେହେରା, ଡା. ଅବିନାଶ ସାହୁ, ଡା. ସୂର୍ଯ୍ୟ କୁମାର ମଲ୍ଲିକ, ଡା. ଶ୍ରୀମନ୍ତ, ନିଶ୍ଚେତକ ବିଭାଗର ମୁଖ୍ୟ ଡା. ଦେବ ପ୍ରସାଦ ମହାନ୍ତି, ଡା. ଅଭିଜିତ୍ ସାଇଁ, ଡା. ଶିବାନୀ ନନ୍ଦ ସାମିଲ ହୋଇଥିଲେ। ସ୍ୱାଇଁଙ୍କ ଗୋଡ ଏବେ ୬୦% ଫୁଲା କମିଥିବାବେଳେ ଆସନ୍ତା କିଛି ମାସ ପରେ ୨୦% ଫୁଲା କମିବ। ଫଳରେ ସେ ସାଧାରଣ ଲୋକ ଭଳି ଚାଲିପାରିବେ ବୋଲି ଡା. ନାୟକ କହିଛନ୍ତି। ଅପରପକ୍ଷରେ ରୀତାରାଣୀ କହିଛନ୍ତି, ମୋ ଗୋଡ଼ର ଫୁଲା ଅନେକ ମାତ୍ରାରେ କମିଛି। ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ମୋତେ ନୂଆ ଜୀବନ ଦେଇଛି।






**କ୍ୟାବିନେଟ୍ ନିଷ୍ପତ୍ତି**

# ପୁରାତନ କରନାଳୀର ପୁନରୁଦ୍ଧାର ପାଇଁ ୧୩୩୮.୨୧ କୋଟି

ଭୁବନେଶ୍ୱର,୧୬।୩(ଅନିଲ ଦାସ)

ରାଜ୍ୟରେ ଜଳସେଚିତ ଅଞ୍ଚଳରେ ଥିବା ପୁରାତନ କରନାଳୀଗୁଡ଼ିକର ପୁନରୁଦ୍ଧାର ହେବ। ଏଥିନିମନ୍ତେ ଆସନ୍ତା ୫ବର୍ଷ ପାଇଁ ୧୩୩୮.୨୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ୧୪୨ ହଜାର ହେକ୍ଟର ଜମି ପାଇଁ ୪,୨୨୦ କିଲୋମିଟର କରନାଳୀ ନିର୍ମାଣ କରାଯିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ରାଜ୍ୟରେ ‘ଜଳସେଚିତ ଅଞ୍ଚଳରେ ପୁରାତନ କରନାଳୀ ପୁନଃ ନିର୍ମାଣ ସଂସ୍କରଣ ୨.୦’ ଯୋଜନା କାର୍ଯ୍ୟକାରୀ ହେବ। ଆସନ୍ତା ୫ ବର୍ଷ ଅର୍ଥାତ୍ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୫୭୪.୭୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି।

ଜଳସେଚିତ ଜମିରେ ଜଳର ସୁଷମ ବଣ୍ଟନ ପାଇଁ କରନାଳୀ ଓ ଆନୁଷଙ୍ଗିକ ନିର୍ମାଣ ନିମନ୍ତେ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ୧୯୭୬-୭୭ ମସିହାଠାରୁ ଆରମ୍ଭ କରାଯାଇଥିଲା। ୨୦୦୮-୦୯ ପୂର୍ବରୁ ମାଟି ଓ କିଛିତ୍ ସ୍ଥାନରେ ଇଟା ନିର୍ମିତ କରନାଳୀ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଫଳରେ କେନାଲ ସୋଠ ନିକଟରେ ଜଳମଗ୍ନ ହେବା ସହ ଦୂରବର୍ତ୍ତୀ ଜମିର ଚାଷୀମାନେ ଚାଷପାଇଁ ଆବଶ୍ୟକ ଜଳ ପାଇପାରୁ ନାହାନ୍ତି। ଏହିସବୁ କରନାଳୀର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ‘ଜଳସେଚିତ ଅଞ୍ଚଳରେ ପୁରାତନ କରନାଳୀଗୁଡିକର ପୁନଃ ନିର୍ମାଣ’ ଯୋଜନାକୁ ସଂସ୍କରଣ ୨.୦ ମାଧ୍ୟମରେ ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାରେ ୬୨ହଜାର ହେକ୍ଟର ଚାଷ ଜମିରେ ୧,୮୨୦ କିଲୋମିଟର କରନାଳୀ ନିର୍ମାଣ କରାଯାଇ ଜଳସେଚନ କ୍ଷମତା ବୃଦ୍ଧି କରାଯିବ। ସେହିପରି ‘ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା(ସିଏଡିଡବ୍ଲ୍ୟୁଏମ୍) କାର୍ଯ୍ୟକ୍ରମ ସଂସ୍କରଣ ୨.୦ ଯୋଜନାକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ପ୍ରସ୍ତାବିତ ଯୋଜନାରେ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହିତ ୮୦ ହଜାର ହେକ୍ଟର ଚାଷ ଜମିରେ ୨,୪୦୦ କିଲୋମିଟରର ନୂତନ କରନାଳୀ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏତଦ୍‌ବ୍ୟତୀତ ଏହି ଯୋଜନାରେ ୧.୫୦ ଲକ୍ଷ ହେକ୍ଟର ଜମିରେ ଟ୍ରପୋଗ୍ରାଫିକାଲ୍ ସର୍ବେକ୍ଷଣ ଓ ଯୋଜନା ଏବଂ ଚାଷଜମିସ୍ଥିତ ଜଳର ଉନ୍ନତ ପରିଚାଳନା (ଓଏଫ୍‌ଡବ୍ଲ୍ୟୁଏମ୍) ପାଇଁ ୧୨ ଟି ପ୍ରାୟୋଗିକ ଅଧ୍ୟୟନ ସହିତ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଜଳର ସୁବିନିଯୋଗ କରି କୃଷି ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି କରାଯିବ। ଏଥିପାଇଁ ୨୬୬ କୃଷକ ସଚେତନତା ତାଲିମ୍ ଶିବିର ଆୟୋଜନ କରାଯିବ। ଜଳସେଚିତ ଜମିରେ ଜଳର ସୁଷମ ବଣ୍ଟନ ପାଇଁ କରନାଳୀ ଓ ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟ ଦ୍ୱାରା ଜଳସେଚନ କ୍ଷମତା ଓ ବ୍ୟବହାରିତା ମଧ୍ୟରେ ଥିବା ପାର୍ଥକ୍ୟ ଦୂରୀକରଣ ତଥା ଜଳ ବ୍ୟବହାର ଦକ୍ଷତା ବଢାଇବା ଉଦ୍ଦେଶ୍ୟରେ ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା (ସିଏଡିଡବ୍ଲ୍ୟୁଏମ) କାର୍ଯ୍ୟକ୍ରମ, ୧୯୭୬-୭୭ ମସିହାଠାରୁ ଆରମ୍ଭ କରାଯାଇଥିଲା। ଏହି ‘ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା (ସିଏଡିଡବ୍ଲ୍ୟୁଏମ୍)’ କାର୍ଯ୍ୟକ୍ରମ ସଂସ୍କରଣ ୨.୦ ଯୋଜନା ୫ବର୍ଷ ଅର୍ଥାତ୍ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୭୬୩.୪୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

# ମେଣ୍ଢାଶାଳ ପୋଲିସ ଆଉଟପୋଷ୍ଟ ହେଲା ଶିଳ୍ପାଞ୍ଚଳ ଥାନା

ଭୁବନେଶ୍ୱର,୧୬।୩ (ଅନିଲ ଦାସ)

- **ନିୟୋଜିତ ହେବେ ୪୧ ଅଧିକାରୀ**
- **୩୪ ନୂତନ ପଦବୀକୁ ଅନୁମୋଦନ**

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ମଧ୍ୟରେ ମେଣ୍ଢାଶାଳ ଅଞ୍ଚଳ ଏକ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାଞ୍ଚଳ ଭାବେ ଗଢ଼ିଉଠୁଛି। ସେହି ଅଞ୍ଚଳରେ ଆଇଆଇଆଇଟି, ନାଲ୍‌କୋ ଆର୍‌ଆଣ୍ଡଡି ସେଣ୍ଟର, ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଜିଆଇଇଟି ଭଳି ଅନେକ ଜାତୀୟ ସ୍ତରର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ରହିଛି। ଏଥିସହିତ ବଢୁଥିବା ଲୋକସଂଖ୍ୟା ଓ ଆବାସିକ କଲୋନୀକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଣ୍ଢାଶାଳରେ ଥିବା ପୋଲିସ ଆଉଟପୋଷ୍ଟକୁ ଏକ ଶିଳ୍ପାଞ୍ଚଳ ଥାନା ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଏହି ନୂତନ ଥାନା ୧୫୦ ବର୍ଗକିଲୋମିଟର ପରିମିତ ଏବଂ ୧ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ୪ଟି ଗ୍ରାମପଞ୍ଚାୟତ ଏବଂ ଭୁବନେଶ୍ୱର ମହାନଗର ନିଗମର ଗୋଟିଏ ୱାର୍ଡକୁ ଆଂଶିକ ଭାବେ ନେଇ କାର୍ଯ୍ୟ କରିବ। ଏଥିପାଇଁ ୩୪ଟି ନୂଆ ପଦବୀ ସୃଷ୍ଟି କରାଯିବ। ପୂର୍ବରୁ ଏହି ଆଉଟପୋଷ୍ଟରେ ୫ ଜଣ କର୍ମଚାରୀ ଅଛନ୍ତି। ଏହି ଥାନାରେ ସମୁଦାୟ ୪୧ ଜଣ ଅଧିକାରୀ ଓ କର୍ମଚାରୀ ରହିବେ। ୩୪ଟି ନୂତନ ପଦବୀଗୁଡ଼ିକ ହେଉଛି ଗୋଟିଏ ଇନ୍ସପେକ୍ଟର, ୪ଟି ସବ୍‌ଇନ୍ସପେକ୍ଟର, ୬ଟି ଏଏସ୍‌ଆଇ, ୨ଟି ହାବିଲଦାର ଓ ୨୧ଟି କନ୍‌ଷ୍ଟେବଲ। ପୂର୍ବରୁ ଥିବା ୫ଟି ପଦବୀ ହେଉଛି - ଗୋଟିଏ ସବ୍‌ଇନ୍ସପେକ୍ଟର ଓ ୪ଟି କନ୍‌ଷ୍ଟେବଲ।

# ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, ସେଣ୍ଟ୍ରାଲ ପୋଲ୍‌ଟ୍ରି ଡେଭ୍‌ଲପମେଣ୍ଟ ଅର୍ଗାନାଇଜେଶନକୁ ଜମି

**ନବୀକରଣ ହେଲା ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଲିଜ୍**

ଭୁବନେଶ୍ୱର,୧୬।୩ (ଅନିଲ ଦାସ)

ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ କଟକ ତହସିଲର କ୍ୟାଣ୍ଟନମେଣ୍ଟ ମୌଜାରେ ଥିବା ଏ୨୦.୮୦୮ଡେସିମାଲ ଖାସମାହାଲ ଜମିକୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍‌କୁ ମୂଳ ଲିଜ୍‌ର ସର୍ତ୍ତ ମୁତାବକ ୧୯୮୯ ସେପ୍ଟେମ୍ବର ୪ ତାରିଖରୁ ୪୦ ବର୍ଷ ପାଇଁ ଲିଜ୍ ନବୀକରଣ ମଞ୍ଜୁର ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥି ନିମନ୍ତେ ପୂର୍ବ ଲିଜ୍‌ର ସର୍ତ୍ତ ଅନୁଯାୟୀ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍‌କୁ ବାର୍ଷିକ ରେଣ୍ଟ ଓ ସେସ୍ ବାବଦରେ ଏକର ପିଛା ୧ଟଙ୍କା ହିସାବରେ ପଇଠ କରିବାକୁ ହେବ।

ସେହିପରି କଟକ ସଦର ତହସିଲ ଅନ୍ତର୍ଗତ ଚାଉଳିଆଗଞ୍ଜ ମୌଜାରେ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ପାଇଁ ଏ୨.୫୦ଡେସିମାଲ ସରକାରୀ ଜମିକୁ ନୂତନ ସ୍କୁଲ କୋଠା ନିର୍ମାଣ ନିମନ୍ତେ ବିନା ପ୍ରିମିୟମ୍‌ରେ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆଗତ ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ବାଜିଛି। ତେବେ ଉକ୍ତ ଲିଜ୍ ବାବଦରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜମିର ବଜାର ମୂଲ୍ୟର ୦.୨୫ ଶତକଡ଼ା ହିସାବରେ ବାର୍ଷିକ ଗ୍ରାଉଣ୍ଡ ରେଣ୍ଟ ଏବଂ ଏହାର ୭୫ ଶତକଡ଼ା ହିସାବରେ ସେସ୍ ଦେବାକୁ ହେବ। ଏଥିସହ ପୂର୍ବରୁ ମଙ୍ଗଳାବାଗ ମୌଜାରେ ଉକ୍ତ ସ୍କୁଲ ଅଧୀନରେ ଥିବା ଏ ୧.୮୦ଡେସିମାଲ ସରକାରୀ ଜମି ଉପରେ ବକେୟା ଥିବା ସମସ୍ତ ଦେୟ ସୁଧ ସହ ଛାଡ଼ କରାଯାଇଛି।

ସେହିପରି କଟକ ଜିଲାର ବାରଙ୍ଗ ତହସିଲ ଅଧୀନ ତଳଗଡ଼ ଓ ବେଷ୍ଟକରପଡ଼ା ମୌଜାରେ ମୋଟ ଏ୩୯.୩୭ ଡେସିମାଲ ସରକାରୀ ଜମିକୁ ଭୁବନେଶ୍ୱରରେ ଥିବା କେନ୍ଦ୍ର ସରକାର ଅଧୀନ ସେଣ୍ଟ୍ରାଲ ପୋଲ୍‌ଟ୍ରି ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନକୁ ସ୍ଥାନାନ୍ତରଣ ପାଇଁ ମାଗଣାରେ ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆଗତ ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜ୍ୟରେ କୃଷି ଉତ୍ପାଦନର ବୃଦ୍ଧିପାଇଁ ୟୁରିଆ ସାରର ପ୍ରୟୋଗ ଏବଂ ଆର୍ଥିକ ବିକାଶ ସହିତ ଅନ୍ୟାନ୍ୟ ଶିଳ୍ପର ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ପ୍ରଦାନ ତଥା ରୁଗ୍‌ଣ ଶିଳ୍ପର ପୁନରୁଦ୍ଧାର, ତାଳଚେର ଫର୍ଟିଲାଇଜର ଲିମିଟେଡ ନାମରେ ସବ୍-ଲିଜ୍ ଦଲିଲ ନିବନ୍ଧନ ପାଇଁ ଷ୍ଟାମ୍ପ ଦେୟ ଓ ପଞ୍ଜୀକରଣ ଫି’ ବାବଦରେ ୩୧,୩୨,୧୧,୫୦୨.୮୫ ଟଙ୍କା ଛାଡ଼ କରାଯାଇଛି।







# ହାର୍ଡକୋର କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

- ବରିଷ୍ଠ ମାଓବାଦୀ କ୍ୟାଡରଙ୍କ ବିରୋଧରେ ଆଣିଲେ ଅଭିଯୋଗ
- ସରକାରଙ୍କ ଥଇଥାନ ଯୋଜନାରେ ମିଳିବ ସହାୟତା

ବଲାଙ୍ଗୀର, ୧୬।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବରଗଡ଼-ବଲାଙ୍ଗୀର-ମହାସମୁନ୍ଦ ଡିଭିଜନର ହାର୍ଡକୋର କ୍ୟାଡର ମାଓବାଦୀ ତଥା ଏରିଆ କମିଟି ମେମ୍ବର (ଏସିଏମ୍) ସୋମନାଥ ଆଚଲା ଓରଫ୍ ମହେଶ ଶନିବାର ଆତ୍ମସମର୍ପଣ କରିଛନ୍ତି। ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ପୁଷ୍ପଗୁଚ୍ଛ ଦେଇ ଆତ୍ମସମର୍ପଣ କରିଥିବା ମହେଶଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଏବଂ ଟ୍ରେନି ଆଇପିଏସ୍ ଅଧିକାରୀ ଅମୃତପାଲ କୌର ଉପସ୍ଥିତ ଥିଲେ। ଆଇଜି ଲାଲ୍ ସୂଚନା ଦେଇଥିଲେ ଯେ, ଆତ୍ମସମର୍ପଣ କରିଥିବା କ୍ୟାଡର ମାଓବାଦୀ ମହେଶ ହେଉଛନ୍ତି ଛତିଶଗଡ଼ ରାଜ୍ୟ କାଙ୍କେର ଜିଲାର ଅଧିବାସୀ। ମାଓବାଦୀ ସଙ୍ଗଠନରେ ମହିଳାମାନଙ୍କ ପ୍ରତି ଯୌନ ଅତ୍ୟାଚାର, ଜବରଦସ୍ତ ଚାନ୍ଦା ଆଦାୟ, ସିନିୟର କ୍ୟାଡରଙ୍କ ଦୁର୍ବ୍ୟବହାର, ମାଓବାଦୀଙ୍କ ପ୍ରତି ଜନସମର୍ଥନ କମିବା, ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ଏବଂ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ପୋଲିସର କ୍ରମାଗତ ଅପରେଶନ୍ ଭୟରେ ସେ ଆତ୍ମସମର୍ପଣ କରିଥିବା ସୂଚନା ଦେଇଥିଲେ।

ମହେଶ ୨୦୦୬ ମସିହାରେ ସିପିଆଇ (ମାଓବାଦୀ) ସଙ୍ଗଠନରେ ଯୋଗ ଦେଇଥିଲେ। ୨୦୧୧ ମସିହାରୁ ସେ ବରଗଡ଼-ବଲାଙ୍ଗୀର ଜିଲାର ଗନ୍ଧମାର୍ଦ୍ଦନ ଅଞ୍ଚଳରେ ସକ୍ରିୟ ଥିଲେ। ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ମାଓବାଦୀଙ୍କ ହିଂସାତ୍ମକ ଘଟଣାରେ ସେ ସାମିଲ ଥିଲେ। ଏସ୍‌ପି ଖିଲାରୀଙ୍କ ମାଓବାଦୀ ଦମନ କାର୍ଯ୍ୟକ୍ରମକୁ ଆଇଜି ଲାଲ୍ ପ୍ରଶଂସା କରିଥିଲେ। ଏସ୍‌ପି ଖିଲାରୀ ସୂଚନା ଦେଇଥିଲେ ଯେ, ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ମାଓବାଦୀ ଥଇଥାନ ନୀତି ଅନୁସାରେ ସହାୟତା ପ୍ରଦାନ କରାଯିବ। ଉତ୍ତରାଞ୍ଚଳ ଆଇଜି ଲାଲ ଏହି ଅବସରରେ ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ଆହ୍ୱାନ ଦେଇଥିଲେ।


ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଆତ୍ମସମର୍ପଣ କରିଥିବା ମହେଶଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

# ୭ ଦିନରେ ଅନ୍‌ଲାଇନରେ ମିଳିବ ସାର୍ଟିଫିକେଟ୍

## ୧୫ ଦିନରେ ସରିବ ମାଟ୍ରିକ୍ ଖାତାଦେଖା

କଟକ, ୧୬।୩ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏକ ଯୁଗୋପଯୋଗୀ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ ପ୍ରଥମ ଥର ପାଇଁ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶନର ୭ ଦିନ ମଧ୍ୟରେ ପରୀକ୍ଷାର୍ଥୀଙ୍କୁ ମୂଳ ପ୍ରମାଣପତ୍ର ଅନ୍‌ଲାଇନ୍ ଜରିଆରେ ଯୋଗାଇ ଦିଆଯିବ। ଏହାବାଦ୍ ସମସ୍ତ ସାର୍ଟିଫିକେଟର ପ୍ରିଣ୍ଟେଡ୍ କପି ପୂର୍ବବର୍ଷ ଭଳି ହାଇସ୍କୁଲର ମୁଖ୍ୟମାନଙ୍କ ଜରିଆରେ ଫଳ ପ୍ରକାଶନର ୧ ମାସ ମଧ୍ୟରେ ପ୍ରଦାନ କରାଯିବ ବୋଲି ଶନିବାର କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷାର ସବ୍‌ଜେକ୍ଟିଭ ଖାତା ମୂଲ୍ୟାୟନ କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବୋର୍ଡ ଦ୍ୱାରା ନିୟୋଜିତ ୧୫ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷକ ରାଜ୍ୟର ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖୁଛନ୍ତି। ମୂଲ୍ୟାୟନ କେନ୍ଦ୍ରରୁ ପରୀକ୍ଷାର୍ଥୀମାନଙ୍କର ପ୍ରତ୍ୟେକ ବିଷୟରେ ମିଳୁଥିବା ମାର୍କ ସିଧାସଳଖ ପ୍ରୋସେସିଂ ସର୍ଭରରେ ଅନ୍‌ଲାଇନ୍ ଯୋଗେ ଅପଲୋଡ୍ କରାଯାଉଛି। ବୋର୍ଡ ମୁଖ୍ୟାଳୟରୁ ୧୦ ଜଣ ଅନ୍‌ଲାଇନ୍ ସୁପରଭାଇଜର ସମ୍ପୂର୍ଣ୍ଣ ମୂଲ୍ୟାୟନ କାର୍ଯ୍ୟ ତଦାରଖ କରୁଛନ୍ତି। ସମସ୍ତ ମୂଲ୍ୟାୟନ କେନ୍ଦ୍ରକୁ ୨୪ ଘଣ୍ଟିଆ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଖାତାଦେଖା ଶେଷ ହୋଇ ଉତ୍ତରଖାତା ଅଣାଯିବା ପର୍ଯ୍ୟନ୍ତ ଏହି ସୁରକ୍ଷା ବ୍ୟବସ୍ଥା ବଳବତ୍ତର ରହିବ। ମୂଲ୍ୟାୟନ କାର୍ଯ୍ୟ ଆରମ୍ଭର ୧୫ ଦିନ ମଧ୍ୟରେ ଖାତାଦେଖା ଶେଷ ହେବ।

ସୂଚନାଯୋଗ୍ୟ, ଚଳିତବର୍ଷ ଫେବୃଆରୀ ୨୦ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ, ୭,୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩,୦୩୭ ଜଣ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ରାଜ୍ୟରେ ମୋଟ ୩,୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ ସେଣ୍ଟର କରାଯାଇଥିଲା।

# ୫ଦିନ ଯାଏ ବିଜୁଳି, ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ପଶ୍ଚିମ ତଥା ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବାବେଳେ ବର୍ଷା କାରଣରୁ ଉପକୂଳ ଜିଲାଗୁଡ଼ିକରେ ତାତିରୁ ଆଶ୍ୱସ୍ତି ମିଳିଛି। ତେବେ ଆସନ୍ତା ୫ଦିନ ଯାଏ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି। ୩ଦିନ ପାଇଁ ରାଜ୍ୟର ଅଧାରୁ ଅଧିକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ୨୦ ତାରିଖ ପାଇଁ ରାଜ୍ୟରେ ପ୍ରାୟ ୮ ଜିଲାକୁ ଅରେଞ୍ଜ ୱାର୍ନିଂ ରହିଛି। ଅନ୍ୟପଟେ ଘଡ଼ଘଡ଼ି ଓ ବିଜୁଳି ଡ଼ର ରହିଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ବିପଦରୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସୂଚନା ଥାଉକି, ଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୩୯ ଡିଗ୍ରୀ ଉପରେ ରହୁଥିବାବେଳେ ଶନିବାର ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୭.୭ ଡିଗ୍ରୀ ରହିଥିଲା। ଏହା ସହ ରାଜ୍ୟ ଅଧିକାଂଶ ଜିଲାର କିଛିସ୍ଥାନରେ ବର୍ଷା ରେକର୍ଡ ହୋଇଛି। ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢ଼େଙ୍କାନାଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଦେବଗଡ଼, ସମ୍ବଲପୁର, ସୋନପୁର, କୋରାପୁଟ ଓ ରାୟଗଡ଼ା ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ପୃକ୍ତ ଜିଲାଗୁଡ଼ିକରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ରହିଛି। ସୋମବାର ମଧ୍ୟ ଅଧା ଓଡ଼ିଶାକୁ ୟେଲୋ ୱାର୍ନିଂ ରହିଛି। ତେବେ ମଙ୍ଗଳବାର ରାଜ୍ୟର ପ୍ରାୟ ୮ଟି ଜିଲାରେ ବିଜୁଳି ଓ ଘଡ଼ଘଡ଼ିର ପ୍ରଭାବ ଅଧିକ ରହିବ। ଏଥିସହ ୪୦ରୁ ୫୦ କି.ମି. ବେଗରେ ପବନ ବୋହିବ। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଯାଜପୁର, ଢ଼େଙ୍କାନାଳ, ବାଲେଶ୍ୱର, ଭଦ୍ରକ ଆଦି ଜିଲା ରହିଛି। ବିଜୁଳି ଓ ଘଡ଼ଘଡ଼ି ବିପଦରୁ ସୁରକ୍ଷିତ ରହିବା ପାଇଁ ପକ୍କାଘରେ ଆଶ୍ରୟ ନେବା ଓ ବିଦ୍ୟୁତ୍ ଖୁଣ୍ଟ ବା ସାମଗ୍ରୀଠାରୁ ଦୂରରେ ରହିବାକୁ କୁହାଯାଇଛି। ବର୍ଷା ସମୟରେ ଗଛତଳେ ଆଶ୍ରୟ ନେବାକୁ ବାରଣ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଶକେ ଫାଙ୍କ,**
**ନଈକେ ବାଙ୍କ।**

ଦେଶର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣ ପ୍ରଭୃତି ରହିଥିବାର ଦେଖିବାକୁ ମିଳିଥାଏ। ଯେଉଁଠି ଯେପରି ଚଳଣି ଥାଏ, ସେଠି ବାହାରୁ ଆସିଥିବା ବ୍ୟକ୍ତିଙ୍କୁ ସେଥିରେ ଅଭ୍ୟସ୍ତ ହେବାକୁ ହିଁ ପଡ଼ିଥାଏ। ଚଳଣିକୁ ବଦଳାଇ ଦେଇ ହେବ ନାହିଁ ଏବଂ ସ୍ଥାନ ଅନୁସାରେ ଏହାର ସୃଷ୍ଟି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦଶମୀ ଦିନ ଦଶ କେରାଣ୍ଡି**
**ଏକାଦଶୀ ଦିନ ଇଲିଶି,**
**ଦୁଆଦଶୀ ଦିନ ଗଙ୍ଗା ଶୁଖୁଆ**
**ଯମ ନ ପାରିବ ଭରସି।**

କିଛି ବ୍ୟକ୍ତି ଆମିଷପ୍ରିୟ ହୋଇଥାନ୍ତି। ଆମିଷ ପ୍ରତି ତାଙ୍କର ଏତେ ଲୋଭ ବା ରୁଚି ରହିଥାଏ ଯେ ବାର ବ୍ରତ ଓଷାରେ ମଧ୍ୟ ଆମିଷ ଖାଇବା ପାଇଁ ବିକଳ ହୋଇପଡ଼ନ୍ତି। ସତେଯେମିତି ଆମିଷ ଟିକେ ନ ହେଲେ ନ ଚଳେ। ନିରାଟ ଆମିଷାଶୀ ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୋଖରୀରେ ବୁଡ଼ି ୨ ସମ୍ପର୍କୀୟ ଭଉଣୀ ମୃତ

କଳିଙ୍ଗନଗର, ୧୬।୩ (ଶୁଭାଶିଷ ରାଉତ)

ଯାଜପୁର ଜିଲା ଦାନଗଦି ଫାଣ୍ଡି ଅନ୍ତର୍ଗତ ଯଖପୁରା ପଞ୍ଚାୟତର ବାଲୁଙ୍ଗାବନ୍ଧୀ ଗ୍ରାମ ନିକଟରେ ଥିବା ଏକ ପୋଖରୀରେ ବୁଡ଼ି ଶନିବାର ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ମୟୂରଭଞ୍ଜ ଅଞ୍ଚଳର ରଞ୍ଜନ ନାୟକଙ୍କ ଝିଅ ଗୁରୁବାରୀ ନାୟକ(୪) ଓ ଅର୍ଜୁନ ମୁଣ୍ଡାଙ୍କ ଝିଅ ସୁକୁମାରୀ ମୁଣ୍ଡା(୩)। ଉଭୟ ସମ୍ପର୍କରେ ମାମୁ ଓ ପିଉସୀ ଝିଅ। ମଧ୍ୟାହ୍ନ ପ୍ରାୟ ୧୨ ଟାରେ ସେମାନେ ସାଙ୍ଗ ହୋଇ ପୋଖରୀ ନିକଟରେ ଖେଳୁଥିଲେ। ଏହି ସମୟରେ କୌଣସିମତେ ପୋଖରୀରେ ପଡ଼ିଯାଇଥିଲେ। ବହୁ ଖୋଜାଖୋଜି ପରେ ସେମାନଙ୍କ ମୃତଦେହ ଠାବ କରାଯାଇଥିଲା। ଖବର ପାଇ ଦାନଗଦି ଫାଣ୍ଡି ଅଧିକାରୀ ଅଜୟ ସାହୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପକକପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୮/୨୪ ରୁଜୁ ହୋଇଛି। ଏହି ୨ ପରିବାର ମୟୂରଭଞ୍ଜରୁ ଆସି ବାଲୁଙ୍ଗାବନ୍ଧୀ ଗ୍ରାମ ନିକଟ ଏକ ଫାର୍ମ ହାଉସରେ ରହି କାମ କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ରାଜନୀତିରେ ଇତିହାସ...

ମାନଦଣ୍ଡ ସ୍ଥାପନ କରିବ ଆଉ ନିଜ ଲୋକଙ୍କ ପାଇଁ ସମୃଦ୍ଧି ଆଣିବ। ଆଗାମୀ କିଛିମାସ ମଧ୍ୟରେ ଓଡ଼ିଶାର ଲୋକ ଏହି ଦେଶର ରାଜନୈତିକ ଇତିହାସରେ ଏକ ନୂଆ ରେକର୍ଡ କରିବାକୁ ଯାଉଛନ୍ତି। ଶନିବାର ଲୋକସେବା ଭବନରେ ଅନୁଷ୍ଠିତ ବିଜେଡି ସରକାରର ଶେଷ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାବାସୀଙ୍କ ଗଭୀର ଆସ୍ଥା ମୋତେ ସର୍ବଦା ଧନ୍ୟ ଓ ବିନମ୍ର କରାଇଛି, ଯାହାକି ଅଧିକ କଠିନ ପରିଶ୍ରମ କରିବାକୁ ପ୍ରୋତ୍ସାହନ ଦେଇଛି। ଆଗାମୀ ୧୦ବର୍ଷ ଓଡ଼ିଶାର ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ହେବ। ଆମେ ଏକ ସଶକ୍ତ ଓଡ଼ିଶା ଆରମ୍ଭ କରିବୁ, ଯାହା ଆଧୁନିକ, ଗତିଶୀଳ ଓ ଉତ୍ତରଦାୟୀ ରହିବ। ମୁଖ୍ୟତଃ ଆମର ଯୁବବର୍ଗ, ମହିଳା ଓ ଶିଶୁ, ଉଦ୍ୟୋଗୀ, ଚାଷୀ ଓ ଆଦିବାସୀଙ୍କ ପାଇଁ ହେବ। ଆମେ ସୁରକ୍ଷିତ ମୂଳଦୁଆ ଓ ଶକ୍ତିଶାଳୀ ଡେଣାବିଶିଷ୍ଟ ଓଡ଼ିଶା ଆରମ୍ଭ କରିବୁ। ଆପଣମାନଙ୍କ ଆଶୀର୍ବାଦରେ ରଥ ଆଗକୁ ବଢ଼ିବ।

ପଞ୍ଚମ ପାଳି ଶାସନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୯ ମେ' ୨୯ ନିର୍ବାଚନରେ ପ୍ରଥମ କ୍ୟାବିନେଟରେ ଦଳର ନିର୍ବାଚନ ଇସ୍ତାହାରକୁ ପ୍ରାଥମିକତା ଭିତ୍ତିରେ ଅନୁମୋଦନ କରାଯାଇଥିଲା। ବାରମ୍ବାର ବିଶ୍ୱାସ ରଖିଥିବାରୁ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ ଯେତେବେଳେ ସେ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସେତେବେଳେ ଓଡ଼ିଶା ମହାବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା ଏବଂ ଏହା ଏକ ଗରିବ, ଅନୁନ୍ନତ ରାଜ୍ୟ ଭାବେ ପରିଗଣିତ ହୋଇଥିଲା। ରାଜ୍ୟର ସାଢ଼େ ୪କୋଟି ପରିବାର ସଦସ୍ୟଙ୍କ ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ବିଜୁବାବୁଙ୍କ ଦୃଷ୍ଟିଭଙ୍ଗୀରୁ ମାର୍ଗଦର୍ଶନ ମିଳିଛି। ଆଜି ଓଡ଼ିଶା ଦେଶର ସବୁଠୁ ପ୍ରଗତିଶୀଳ ରାଜ୍ୟ ଭାବେ ପରିଗଣିତ ହେଉଛି। ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ମଡେଲର ଉଦାହରଣ ଦିଆଯାଉଛି। ଗତ ୫ ବର୍ଷ ୫-ଟି ସିଦ୍ଧାନ୍ତ ଆଧାରିତ ରହିଛି। ଇତିହାସରେ ଏହି ଅବଧିକୁ ଏକ ମାଇଲଖୁଣ୍ଟ ଭାବେ ସ୍ମରଣ କରାଯିବ, ଯାହାକି ଓଡ଼ିଶାକୁ ରୂପାନ୍ତରଣ ଓ ସମୃଦ୍ଧି ପଥରେ ଆଗକୁ ନେଇଛି। ରୂପାନ୍ତରଣ ସମଗ୍ର ରାଜ୍ୟରେ ଓ ସବୁ ବର୍ଗର ଲୋକଙ୍କ ମଧ୍ୟରେ ପ୍ରତିଫଳିତ ହୋଇଛି। ସ୍ୱଚ୍ଛ ପ୍ରଶାସନ ଓ ପ୍ରଯୁକ୍ତିବିଦ୍ୟାର ଅଧିକ ଉପଯୋଗ ମାଧ୍ୟମରେ ଆମର ଟିମ୍ ୱାର୍କ ଖୁବ୍ କମ୍ ସମୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିଛି। ୨୦୧୯ରେ ଆମେ ୪୩ ବର୍ଷ ପରେ ଗ୍ରୀଷ୍ମକାଳୀନ ବାତ୍ୟା ଫନୀର ସମ୍ମୁଖୀନ ହେଲୁ। ପୁରୀ, ଭୁବନେଶ୍ୱର ଓ କଟକରେ ଏହା ତାଣ୍ଡବ ରଚନା କରିବା ସହ ଅର୍ଥନୀତିକୁ ଦୋହଲାଇ ଦେଲା। ବାତ୍ୟା ପରେ ଆରମ୍ଭ ହୋଇଥିଲା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ। ଆମର ବାତ୍ୟା ପରିଚାଳନାକୁ ନ୍ୟୁୟର୍କ ଟାଇମ୍ସ ତା'ର ପ୍ରଥମ ପୃଷ୍ଠାରେ ସ୍ଥାନିତ କରିଥିଲା। ଏହାର କିଛି ମାସ ପରେ ଆମ ଲୋକମାନେ ବାତ୍ୟାର ବିଭୀଷିକାକୁ ଭୁଲି ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରିଥିଲେ। ୨୦୨୦ରେ ସମଗ୍ର ବିଶ୍ୱ କୋଭିଡ୍ ମହାମାରୀରେ କବଳିତ ହେଲା। ପରବର୍ତ୍ତୀ ୨ ବର୍ଷ ନୂଆ ଭାରିଆଣ୍ଟ ଭୂତାଣୁ ସମଗ୍ର ବିଶ୍ୱର ଅର୍ଥନୀତିକୁ ଦୋହଲାଇ ଦେଲା। ଏହା ସତ୍ତ୍ୱେ ଓଡ଼ିଶା ଅନ୍ୟମାନଙ୍କ ତୁଳନାରେ କୋଭିଡ୍ ପରିଚାଳନାରେ ଏକ ମଡେଲ ଭାବେ ଉଭା ହେଲା। କେବଳ ଯେ ମହାମାରୀ ମୃତ୍ୟୁ ସଂଖ୍ୟା ହ୍ରାସ କରାଯାଇ ନ ଥିଲା ବରଂ ଅକ୍ସିଜେନ ଯୋଗାଇ ସମଗ୍ର ଦେଶର ବହୁ ଜୀବନ ବଞ୍ଚାଇ ପାରିଥିଲା। ମହାମାରୀ ନିୟନ୍ତ୍ରଣକୁ ଆସିବା ପରେ ଆମେ ନୂତନ ପ୍ରକଳ୍ପ ଓ ଯୋଜନାର ଗତିକୁ ବୃଦ୍ଧି କରିଥିଲୁ। ଶିକ୍ଷାକୁ ଆଗକୁ ନେବା ଥିଲା ଆମର ମୁଖ୍ୟ ଲକ୍ଷ୍ୟ। ପ୍ରତ୍ୟେକ ପଞ୍ଚାୟତରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ବିଜ୍ଞାନ ଲାବ୍, କମ୍ପ୍ୟୁଟର ସେଣ୍ଟର, କ୍ରୀଡ଼ା ସୁବିଧା ଭଳି ରୂପାନ୍ତରିତ ହାଇସ୍କୁଲ ଦେଖିବାକୁ ମିଳୁଛି। ଏହା ପରେ ନୂଆ-ଓ, ଛାତ୍ରବୃତ୍ତି, ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଆଦିର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ଦେଶର କ୍ରୀଡ଼ା କ୍ୟାପିଟାଲରେ ପରିଣତ ହୋଇଛି। ମହିଳା ସଶକ୍ତୀକରଣ ଦିଗରେ ମିଶନ ଶକ୍ତି ସଦସ୍ୟାମାନେ ଦେଶରେ ଏକ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ସ୍ୱୟଂ ସହାୟକ ସଂସ୍ଥାଗୁଡ଼ିକୁ ବିନା ସୁଧରେ ୧୦ ଲକ୍ଷ ଯାଏ ଋଣ ଯୋଗାଇ ଦିଆଯାଉଛି। ଗତ ୫ ବର୍ଷରେ ରାଜ୍ୟର ଏସ୍‌ଏଚ୍‌ଜିଗୁଡ଼ିକୁ ୧୫ ହଜାର କୋଟି ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗତ ୫ ବର୍ଷରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। କୃଷି କ୍ଷେତ୍ରକୁ ଜଳସେଚନଠାରୁ ଆରମ୍ଭ କରି ଗରିବ ଓ ନାମମାତ୍ର ଚାଷୀଙ୍କୁ କାଳିଆ ସହାୟତା ଯୋଗାଇ ଦିଆଯାଇଛି। ରାଜ୍ୟର ଜନଜାତିମାନଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଯୋଗାଯୋଗକୁ ଆହୁରି ସୁଦୃଢ଼ କରାଯାଇଛି। ଗତ ୫ ବର୍ଷରେ ଓଡ଼ିଶାରେ ଦାରିଦ୍ର୍ୟ ହାର ବହୁମାତ୍ରାରେ ଖସିଛି। ଓଡ଼ିଶା ଅଗ୍ରଣୀ ଆର୍ଥିକ ରାଜ୍ୟରେ ପରିଣତ ହୋଇଛି। ଶିଳ୍ପ, ସଂସ୍କୃତି କ୍ଷେତ୍ରରେ ଓଡ଼ିଶା ବହୁ ଆଗକୁ ଯାଇଛି। ପୁଣି ଥରେ ନିର୍ବାଚନ ସମୟ ଆସିଛି। ପୁଣି ସରକାର ଗଢ଼ିବା ନେଇ ଓଡ଼ିଶାବାସୀ ଆଶୀର୍ବାଦ ଅଜାଡ଼ି ଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ରଖିଛନ୍ତି। କ୍ୟାବିନେଟ ବୈଠକ ଶେଷରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ମଧ୍ୟ ମୁଖ୍ୟମନ୍ତ୍ରୀ ଦେଇଥିବା ଗତ ୫ବର୍ଷରେ ରାଜ୍ୟର ବିକାଶ ସମ୍ପର୍କିତ ବିବୃତି ସମ୍ପର୍କରେ ସୂଚନା ଦେଇଥିଲେ।

## ଓଡ଼ିଶାରେ ୪ ପର୍ଯ୍ୟାୟ...

ପାଇଁ ଉପନିର୍ବାଚନ ମଧ୍ୟ ଲୋକ ସଭା ନିର୍ବାଚନ ସହ ଏକସଙ୍ଗେ ଅନୁଷ୍ଠିତ ହେବାକୁ ଯାଉଛି। ଉପନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଅଛନ୍ତି ବିହାର, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ତାମିଲନାଡୁ। ବିହାର, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରେ ସମସ୍ତ ୭ ପର୍ଯ୍ୟାୟରେ ନିର୍ବାଚନ ହେବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୯ରେ ୨୧ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଲୋକ ସଭା କ୍ଷେତ୍ରରେ ନିର୍ବାଚନ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୨୬ରେ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୯ ଆସନରେ ଭୋଟ ହେବ। ସେହିପରି ମେ' ୭ ତୃତୀୟ ପର୍ଯ୍ୟାୟରେ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୪ ଆସନ ପାଇଁ ଭୋଟ ହେବାକୁ ଥିବାବେଳେ ଚତୁର୍ଥ ପର୍ଯ୍ୟାୟ ମେ' ୧୩ରେ ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୬ ଆସନରେ ମତଦାନ ହେବ। ପଞ୍ଚମ ପର୍ଯ୍ୟାୟରେ ମେ' ୨୦ରେ ୮ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୪୯ ଆସନ, ମେ' ୨୫ ଷଷ୍ଠ ପର୍ଯ୍ୟାୟରେ ୭ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୫୭ ଆସନ ଏବଂ ଜୁନ୍ ୧ ସପ୍ତମ ପର୍ଯ୍ୟାୟରେ ୮ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ୫୭ ଆସନରେ ଭୋଟ ହେବ।

ମୁକ୍ତ ଓ ଅବାଧ ନିର୍ବାଚନରେ ବାହୁବଳ, ଅର୍ଥବଳ, ଭୁଲ୍ ତଥ୍ୟ ଏବଂ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ମୁଖ୍ୟ ଚ୍ୟାଲେଞ୍ଜ ହୋଇଥିବାବେଳେ ସେଗୁଡ଼ିକୁ ପ୍ରତିହତ କରିବା ପାଇଁ ନିର୍ବାଚନ କର୍ତ୍ତୃପକ୍ଷ ପୂର୍ଣ୍ଣ ପ୍ରସ୍ତୁତ ହୋଇଥିବା ସିଇସି କହିଛନ୍ତି। ନିର୍ବାଚନ ସମୟରେ ଶିଷ୍ଟାଚାର ବଜାୟ ରଖିବା ଏବଂ ବ୍ୟକ୍ତିଗତ ସମାଲୋଚନାରୁ ଦୂରେଇ ରହିବା ପାଇଁ ସିଇସି ରାଜନୈତିକ ଦଳଗୁଡ଼ିକୁ ଅପିଲ କରିଛନ୍ତି। ଘୃଣା ମନ୍ତବ୍ୟ ଦେଇ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରସଙ୍ଗଭିତ୍ତିକ ପ୍ରଚାର ହେବା ଆବଶ୍ୟକ। ଘୃଣିତ ଭାଷଣ, ଜାତି କିମ୍ବା ଧର୍ମକୁ ନେଇ ଭାଷଣ ଏବଂ କାହାର ବ୍ୟକ୍ତିଗତ ଜୀବନକୁ ନେଇ ସମାଲୋଚନା କରାଯାଇପାରିବ ନାହିଁ। ନିର୍ବାଚନ ପ୍ରଚାରରେ ଛୋଟ ପିଲାଙ୍କୁ ବ୍ୟବହାର କରାଯାଇ ପାରିବ ନାହିଁ। ଏହାର ଉଲ୍ଲଂଘନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଖବର ବାହାନାରେ ବିଜ୍ଞାପନକୁ ଅନୁମତି ଦିଆଯିବ ନାହିଁ ବୋଲି ସିଇସି ସ୍ପଷ୍ଟ କରିଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ମିଛ ଖବର ପ୍ରସାରକୁ ନେଇ ରାଜୀବ କୁମାର କଡ଼ା ବାର୍ତ୍ତା ଦେଇଛନ୍ତି। ସୋସିଆଲ ମିଡିଆରେ ଖବର ପ୍ରକାଶ ସମୟରେ ରାଜନୈତିକ ଦଳଗୁଡ଼ିକ ଦାୟିତ୍ୱବାନ୍ ହେବା ସହ ତାହାକୁ ପ୍ରକାଶ କରିବା ପୂର୍ବରୁ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହିସବୁ ପ୍ରସଙ୍ଗରେ ନଜର ରଖିବା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ବାଚନ କମିଶନ ୨,୧୦୦ ଉପଦେଷ୍ଟାଙ୍କୁ ନିଯୁକ୍ତ କରିଛନ୍ତି।

ଏଥର ନିର୍ବାଚନରେ ୯୭ କୋଟିରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ନିର୍ବାଚନ କମିଶନ ସାରା ଦେଶରେ ୧୦.୫ ଲକ୍ଷ ଭୋଟଗ୍ରହଣ କେନ୍ଦ୍ର ଖୋଲିବେ। ଏହିସବୁ ଭୋଟକେନ୍ଦ୍ରରେ ୧.୫ କୋଟି କର୍ମଚାରୀ ନିୟୋଜିତ ହେବେ ଏବଂ ୫୫ ଲକ୍ଷ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ (ଇଭିଏମ୍) ବ୍ୟବହାର କରାଯିବ। ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟର ଏବଂ ଭିନ୍ନକ୍ଷମ ଯେଉଁମାନଙ୍କର ୪୦ ପ୍ରତିଶତ ଅକ୍ଷମତା ଥିବ, ସେମାନେ ଘରେ ରହି ଭୋଟ ଦେଇପାରିବେ। ଦେଶରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ୮୨ ଲକ୍ଷ ଭୋଟର ଥିବା ସିଇସି କହିଛନ୍ତି।

## ମହାନଦୀରେ ହେବ...

ସଂବର୍ଗଗୁଡ଼ିକରେ ନିଯୁକ୍ତି ନିମନ୍ତେ ଆବଶ୍ୟକ ପ୍ରକ୍ରିୟା, ଶିକ୍ଷାଗତ ଯୋଗ୍ୟତା ତଥା ପଦୋନ୍ନତି ନିମନ୍ତେ ଆବଶ୍ୟକ ମାନଦଣ୍ଡ ନିର୍ଦ୍ଧାରଣ ବା ପୁନଃନିର୍ଦ୍ଧାରଣ କରିବାକୁ ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନର ଆବଶ୍ୟକତା ଥିଲା। ଉକ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବୈଷୟିକ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ- ୨୦୨୪ ପ୍ରଣୟନ କରାଯାଇଛି। ସେହିପରି ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡରର ପୁନର୍ଗଠନ ଓ ୧୧୩ଟି ନୂଆ ପଦବୀ ସୃଷ୍ଟିକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି କ୍ୟାଡରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏଣିକି ନିଜ ଚାକିରିକାଳ ମଧ୍ୟରେ ୩ଟି ପଦୋନ୍ନତିର ସୁବିଧା ମିଳିପାରିବ। ଏହି କ୍ୟାଡରରେ ପଦବୀ ସଂଖ୍ୟା ୪,୦୪୫ରୁ ୪,୧୬୮କୁ ବୃଦ୍ଧି କରାଯାଇଛି।

## ତ୍ରିକୋଣୀୟ ପ୍ରେମରୁ...

ସହ ଚମ୍ପା ପୋଖରୀ ନିକଟରେ ପ୍ରେମିକାଙ୍କୁ ଦେଖା କରିବାକୁ ଆସିଥିଲେ। ଏହାସହ ଗୌତମଙ୍କୁ ମଧ୍ୟ ସେଠାକୁ ଫୋନ କରି କଥା ହେବାକୁ ଡାକିଥିଲେ। ହେଲେ ଗୌତମ ଏକ ବାହାଘର କାର୍ଯ୍ୟକ୍ରମରେ ଆସିଥିବା କହି ପରେ ଦେଖାହେବ ବୋଲି ପିଙ୍କୁଙ୍କୁ କହିଥିଲେ। ରାତି ପ୍ରାୟ ସାଢେ ଗୋଟାଏବେଳେ ପିଙ୍କୁ ସମ୍ପୃକ୍ତ ଯୁବତୀ ଓ ସହଯୋଗୀଙ୍କ ସହ ମାରଣାସ୍ତ୍ର ଧରି ଚମ୍ପା ପୋଖରୀ ପାଖରେ ଗୌତମଙ୍କୁ ଜଗି ରହିଥିଲେ। ଗୌତମ ଓ ଅଞ୍ଜନ ଜଟଣୀରୁ ଏକ ବାହାଘର ଭୋଜି ସାରି ଘରକୁ ଫେରୁଥିବାବେଳେ ପିଙ୍କୁ ସେମାନଙ୍କୁ ଅଟକାଇଥିଲେ। ପ୍ରେମକୁ ନେଇ ଆପୋସ ବୁଝାମଣା ପାଇଁ କହିଥିଲେ। ହେଲେ ୫ଜଣ ଯୁବକଙ୍କ ସହ ଯୁବତୀ ଏକା ଛିଡା ହୋଇଥିବାରୁ ଅଞ୍ଜନ ସେମାନଙ୍କୁ ପାଟି କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପିଙ୍କୁ ଏକ ଖଣ୍ଡାରେ ଗୌତମଙ୍କୁ ହାଣିବାକୁ ଯାଉଥିବାବେଳେ ଅଞ୍ଜନ ହାତ ଦେଖାଇଦେବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ହେଲେ ଖଣ୍ଡାଚୋଟରେ ଅଞ୍ଜନଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏପଟେ ଖସିଯାଉଥିବା ଗୌତମଙ୍କୁ ସହଯୋଗୀମାନେ ହାଣିବାକୁ ଗୋଡ଼ାଉଥିବାବେଳେ ବାଧାଦେଇଥିବା ଅଞ୍ଜନଙ୍କୁ ବାରମ୍ବାର ଖଣ୍ଡାରେ ଗୋଡାଇ ହାଣି ଚାଲିଥିଲେ ପିଙ୍କୁ। ସେ ରକ୍ତାକ୍ତ ଅବସ୍ଥାରେ କିଛି ବାଟ ଦୌଡି ସ୍ଥାନୀୟ ଲୋକଙ୍କ ଘର ବାଡେଇ ବଞ୍ଚାଅ ବଞ୍ଚାଅ କହି ଚିତ୍କାର କରୁଥିଲେ ମଧ୍ୟ କେହି କବାଟ ଖୋଲି ନ ଥିଲେ। ପରେ ଲୋକମାନେ ବାହାରକୁ ବାହାରି ଆସିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଞ୍ଜନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଚିକିତ୍ସାର ୨୦ ମିନିଟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବିଭିନ୍ନ ଦଫାରେ ଏକ ହତ୍ୟା ମାମଲା (ନଂ.୧୬୪/୨୪) ରୁଜୁ କରିଛି। ଏକମାତ୍ର ପୁଅକୁ ହରାଇ ମା'ବାପା ଭାଙ୍ଗିପଡିଛନ୍ତି।

## ୬ ନୂଆ ଗ୍ରୀଡ୍ ସବ୍‌ଷ୍ଟେଶନ...

ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଓଡ଼ିଶା (ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଅନୁଦାନ ନିୟମ, ୨୦୧୪ର ସଂଶୋଧନ ହେବ। ବେସରକାରୀ ଡିଗ୍ରୀ କଲେଜ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନୁଦାନ ନିୟମ-୨୦୧୪ ଅଧୀନରେ ଜନଗଣନା ୨୦୧୧ ପରିବର୍ତ୍ତେ ଜନଗଣନା ୨୦୦୧ ଆଧାରରେ 'ଶିକ୍ଷାଗତ ପଛୁଆ ଜିଲା' ଭାବେ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନୁଦାନ ନିୟମ, ୨୦୧୪ ଅଧୀନରେ ଶିକ୍ଷାଗତ ପଛୁଆ ଜିଲା ଯୋଗ୍ୟତା ଆକଳନ କରିବା ପାଇଁ ୨୦୧୧ ଜନଗଣନା ବଦଳରେ ୨୦୦୧ ଜନଗଣନା ଗ୍ରହଣ କରିବା ନିମନ୍ତେ ଅନୁମୋଦନ କରିଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହାଦ୍ୱାରା ୯୧ ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପକୃତ ହେବେ। ଏଥିପାଇଁ ସରକାରଙ୍କୁ ଅତିରିକ୍ତ ୫.୧୫କୋଟି ଟଙ୍କା ବାର୍ଷିକ ବ୍ୟୟ କରିବାକୁ ପଡ଼ିବ।

## ଆଚରଣ ବିଧି...

ଏଥିସହ କ୍ଷମତସୀନ ଦଳକୁ ନିଜ ଶକ୍ତିର ଦୁରୁପଯୋଗଜନିତ ସୁବିଧା ହାସଲରୁ କ୍ଷାନ୍ତ କରିବା ସକାଶେ ବ୍ୟବସ୍ଥାକୁ ବ୍ୟାପକ କରାଯାଇଥିଲା। ୨୦୧୩ରେ ଏକ ସଂସଦୀୟ କମିଟି ବୈଠକରେ ଏମ୍‌ସିସିକୁ ଆଇନଗତ ସମର୍ଥନ ଦେବା ପାଇଁ ସୁପାରିସ କରାଯାଇଥିଲା। ଇସିଆଇଙ୍କୁ ନିଜ ସମ୍ପୂର୍ଣ୍ଣ କ୍ଷମତା ପ୍ରୟୋଗ ଲାଗି ଏଥିରେ ପ୍ରସ୍ତାବ ରହିଥିଲା। ପୂର୍ବତନ ସିଇସି ଏସ୍.ୱାଇ. କୁରେଶୀ ଏମ୍‌ସିସି ଉପରେ ଆଇନ ଆଣିବା ପ୍ରସ୍ତାବର ଜଣେ ବଡ଼ ସମର୍ଥକ। ସେ ତାଙ୍କ କାର୍ଯ୍ୟକାଳ ସମୟରେ ଉଲ୍ଲଂଘନକାରୀ ନେତାଙ୍କୁ ଦଣ୍ଡିତ କରିବା ସକାଶେ କଠୋର ଆଇନ ପ୍ରଣୟନ କରିବାକୁ ପ୍ରସ୍ତାବ ଦେଇଥିଲେ। ଗତ ଲୋକ ସଭା ନିର୍ବାଚନ ତାରିଖ ୨୦୧୯ ମାର୍ଚ୍ଚ ୧୦ରେ ଘୋଷଣା କରାଯାଇଥିଲା। ଏପ୍ରିଲ ୧୧ରୁ ମୋଟ ୭ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିବାବେଳେ ମେ' ୨୩ରେ ଭୋଟ ଗଣତି କରାଯାଇଥିଲା।

## ଲମ୍ବା ନିର୍ବାଚନ: ପ୍ରଶ୍ନ ...

ଏଥିପାଇଁ ରାଜ୍ୟବାସୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ଅନୁରୂପ ଭାବେ ମହାରାଷ୍ଟ୍ରରେ ୫ ପର୍ଯ୍ୟାୟରେ ନିର୍ବାଚନ କରାଯିବା ପଛର କାରଣ କ'ଣ ବୋଲି ଶରଦ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରଶ୍ନ କରିଛି। ଦଳର ମୁଖପାତ୍ର କ୍ଲାଏଡେ କାଷ୍ଟ୍ରୋ କହିଛନ୍ତି, ଭାଜପା ଏତେ ଲମ୍ବା ନିର୍ବାଚନ କରାଇ କ'ଣ କରିବାକୁ ଉଦ୍ୟମ ଚଳାଇଛି? ଇଭିଏମ୍ ପାଇଁ ଏପରି କରାଯାଇଛି କି? ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ୍ କହିଛନ୍ତି, ମହାବିକାଶ ଅଘାଡ଼ି(ଏମ୍‌ଭିଏ) ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ରବିବାର ମେଣ୍ଟର ପ୍ରାର୍ଥୀ ଘୋଷଣା କରାଯିବ। ତେବେ ଇସି ମୁକ୍ତ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରାଇବା ଜରୁରୀ ବୋଲି ସଞ୍ଜୟ ମତ ଦେଇଛନ୍ତି।




**OFFICE OF THE SUPERINTENDENT**
**BHIMA BHOI MEDICAL COLLEGE & HOSPITAL**
At/P.O./Dist.: Balangir, PIN - 767001 (Odisha), E-mail: gmchospitalbalangir1@gmail.com
Letter No. IX-F-82/2023/2030/Store (BBMC&H)/24, Balangir Date: 15.03.24

**CANCELLATION OF TENDER NOTICE**

No. E-: Tender Notice regarding providing of Commercial Vehicles (Petrol) including driver to the BBMC&H, Balangir via bid system which was published in the Newspapers on 23.02.2024 and uploaded in our website **https://bbmchbalangir.nic.in, www.balangir.nic.in, https://dmetodisha.gov.in** may be treated as cancelled due to non-receipt of adequate tender documents from the bidders for the tender for "Providing of Commercial Vehicles (Petrol), including drivers".

Sd./- Superintendent
Bhima Bhoi Medical College & Hospital, Balangir
OIPR-10141/11/0035/2324

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**NORTHERN MINOR IRRIGATION CIRCLE, SAMBALPUR**
E-Mail Id: senmicsbpr@yahoo.co.in
No. 407 Dated: 16.03.2024

**1st Corrigendum of Bid Identification No. ACENMIC, SBP - 05/2023-24**

No. A-1756: Due to unavoidable circumstances as well technical deficiencies the following changes are made to Bid Ref. No. ACENMIC, SBP - 05/2023-24
Name of Work: Improvement to Distribution System of Girischandrapur MIP in Naktideul Block of Sambalpur District under ERM 2023-24.
The date are changed as follows:

| Sl. No. | Original as per Tender Call Notice | Modification to Original Tender Call Notice |
|---|---|---|
| 1 | Date & time of availability of Bid Document in the portal: From 11.00 A.M. of Dt.18.03.2024 upto 5.30 P.M. of Dt.28.03.2024 | Date & Time of availability of Bid document in the portal: From 11.00 A.M. of Dt.28.03.2024 to 5.30 P.M. of Dt.08.04.2024 |
| 2 | Last date & time for receipt of Bids in the portal: Upto 05.30 P.M. of Dt.28.03.2024 | Last date & time for receipt of Bids in the portal: Upto 05.30 P.M. of Dt.08.04.2024 |
| 3 | Date of Opening of Technical Bid (Cover-I): Dt.30.03.2024 at 11.00 A.M. onwards | Date of Opening of Technical Bid (Cover-I): Dt.09.04.2024 at 11.00 A.M. onwards |

All other terms and condition shall remain unchanged.
Sd./- Additional Chief Engineer
Northern Minor Irrigation Circle, Sambalpur
OIPR-32208/11/0010/2324

# ପରିକ୍ରମା ମାର୍ଗରେ ନୂଆ ଅନୁଭୂତି ପାଇବେ ଭକ୍ତ

ପୁରୀ, ୧୬।୩(ଅଜିତ୍ ମହାନ୍ତି)



ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଏବେ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ନୂଆ ଅନୁଭୂତି ପାଇବେ। ପ୍ରତିଦିନ ମହାପ୍ରଭୁଙ୍କ କଥାବସ୍ତୁକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ପରିକ୍ରମା ମାର୍ଗରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏପରି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ପ୍ରତିଦିନ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୈନିକ ସକାଳୁ ବେଦପାଠ ଏବଂ ନାମସଂକୀର୍ତ୍ତନ ଅନୁଷ୍ଠିତ ହେବ। ଫଳରେ ଭକ୍ତମାନେ ଏକ ନୂଆ ଅନୁଭୂତି ନେଇ ଫେରିବେ। ଏନେଇ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା କମିଟି ସଦସ୍ୟ ଓ ବିଭିନ୍ନ ମଠର ମଠାଧୀଶମାନେ ଯୋଗଦେଇଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଦୋଳପୂର୍ଣ୍ଣିମାରୁ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରତିଦିନ ସକାଳ ୬ଟାରୁ ୭ଟା ମଧ୍ୟରେ ସିଂହଦ୍ୱାର ସମ୍ମୁଖରେ ବେଦପାଠ ହେବ। ପରେ ପରିକ୍ରମା ମାର୍ଗରେ ନାମ ସଂକୀର୍ତ୍ତନ କରାଯିବ। ସେହିପରି ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗର ପଶ୍ଚିମ ଓ ଉତ୍ତର ଦ୍ୱାର କୋଣରେ ଥିବା ସ୍ୱତନ୍ତ୍ର ଗ୍ୟାଲେରୀରେ ଓଡ଼ିଶୀ, ଛାନ୍ଦ, ଚମ୍ପୁ, ଗୋଟିପୁଅ, ମାହାରୀ ନୃତ୍ୟ ସହିତ ମହାପ୍ରଭୁଙ୍କ ବିଭିନ୍ନ କଥାବସ୍ତୁକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ, ଯାହାକୁ ଉପସ୍ଥିତ ଭକ୍ତମାନେ ଉପଭୋଗ କରିପାରିବେ। ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସେହିପରି ପୁରୀ ଆସୁଥିବା ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପରିସରରେ ନିଜ ଯାନବାହନ ପାର୍କିଂ ନ କରି ନିକଟରେ ଥିବା ନବନିର୍ମିତ ମଲ୍ଟିଲେଭଲ୍ କାର୍ ପାର୍କିଂରେ ଗାଡ଼ି ରଖିବେ। ସେଠାରୁ ଭକ୍ତମାନେ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ଯିବେ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରିଚାଳିତ ଗାଡ଼ିର ବ୍ୟବସ୍ଥା ରହିବ। ଶ୍ରୀଜଗନ୍ନାଥ ବଲ୍ଲଭ ମଲ୍ଟିଲେଭଲ୍ କାର୍ ପାର୍କିଂରେ କାର୍‌ଗୁଡ଼ିକ ୪ ଘଣ୍ଟା ପାଇଁ ୫୦ ଟଙ୍କା, ୪ଘଣ୍ଟାରୁ ଅଧିକ ସମୟ ରହିଲେ ଘଣ୍ଟା ପିଛା ୧୦ଟଙ୍କା ଅଧିକ ଦେବାକୁ ପଡ଼ିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବାଇକ୍‌ଗୁଡ଼ିକ ୪ ଘଣ୍ଟା ପାଇଁ ୨୦ ଟଙ୍କା ଏବଂ ଅଧିକ ସମୟ ରଖିଲେ ଘଣ୍ଟା ପିଛା ୫ଟଙ୍କା ଅଧିକ ଦେବାକୁ ପଡ଼ିବ। ଅପରପକ୍ଷରେ ଏସି ଶେଡ୍ ସହିତ ଶ୍ରୀମନ୍ଦିର ପରିକ୍ରମା ମାର୍ଗ, ଶ୍ରୀମନ୍ଦିର କାର୍ଯ୍ୟାଳୟର ବିଦ୍ୟୁତ୍ ଆବଶ୍ୟକତା ମେଣ୍ଟାଇବା ପାଇଁ ସୋଲାର ଏନର୍ଜି ବ୍ୟବହାର ପାଇଁ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ। ଏହାଦ୍ୱାରା ବିଦ୍ୟୁତ ଖର୍ଚ୍ଚ କମିବା ସହ ବିଦ୍ୟୁତ ଆବଶ୍ୟକତା ମେଣ୍ଟାଇହେବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ କହିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ମହନ୍ତ ରାମଚରଣ ମହାରାଜ କହିଛନ୍ତି ଯେ, ପରିକ୍ରମା ପ୍ରକଳ୍ପ ପାଇଁ ଅନେକ କିଛି ଚିନ୍ତା କରାଯାଉଛି। ଯେପରି ଭକ୍ତମାନେ ମହାପ୍ରଭୁଙ୍କ ମହିମା ଶୁଣିପାରିବେ ଓ ଦେଖିପାରିବେ ସେଥିପାଇଁ ପାରମ୍ପରିକ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ଦୋଳପୂର୍ଣ୍ଣିମାଠାରୁ ପ୍ରତ୍ୟେକ ଦିନ ସକାଳେ ବେଦପାଠ କରାଯିବ। ସେହିପରି ସନ୍ଧ୍ୟାରେ ଓ ବିଭିନ୍ନ ପର୍ବପର୍ବାଣୀ ଦିନରେ ଉତ୍ତରପାର୍ଶ୍ୱ ଏବଂ ପଶ୍ଚିମ ପାର୍ଶ୍ୱରେ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିସହ କୀର୍ତ୍ତନ କାର୍ଯ୍ୟକ୍ରମ କରାଯିବା ନେଇ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଛନ୍ତି।

**ଦୋଳପୂର୍ଣ୍ଣିମାରୁ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ**

- ପ୍ରତ୍ୟହ ସକାଳେ ବେଦପାଠ ଓ ସଂକୀର୍ତ୍ତନ ହେବ
- ସନ୍ଧ୍ୟାରେ ମହାପ୍ରଭୁଙ୍କ କଥାବସ୍ତୁକୁ ନେଇ କାର୍ଯ୍ୟକ୍ରମ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୦୩।୨୦୨୪

| ୨,୭୮,୮୬୩ ଟଙ୍କା | |
|---|---|
| ସୁନା | ୯୫୦ ମି.ଗ୍ରା |
| ରୁପା | ୬୬୦ ମି.ଗ୍ରା |

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ, ୧୬।୩(ଅଜିତ୍ ମହାନ୍ତି):** ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ଫଳରେ ଅନ୍ୟାନ୍ୟ ନୀତିରେ ପ୍ରାୟ ୨ ଘଣ୍ଟା ବିଳମ୍ବ ଘଟିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଶ୍ରୀବିଗ୍ରହମାନଙ୍କ ଅବକାଶ ପୂଜା ସରି ମଇଲମ, ରୋଷହୋମ, ବେଶ ଶେଷ ହୋଇଥିଲା। ଏହି ସମୟରେ ଶ୍ରୀମନ୍ଦିର ବେହେରଣ ଦ୍ୱାର ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ନୀତି ଓ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ କରାଯାଇଥିଲା। ପୂର୍ବାହ୍ନ ୯ଟା ୨୦ରେ ଧୂଆଧୋଇ ହୋଇ ଚୂନପାଣି ପଡ଼ିଥିଲା। ୧୦ଟା ୦୫ ରେ ସିଂହାସନ ଧୂଆ, ୧୦ଟା ୧୦ରେ ମହାସ୍ନାନ ପୂଜା ଆରମ୍ଭ ହୋଇ ୧୦ଟା ୩୦ରେ ସରିଥିଲା। ୧୧ଟା ୨୫ରେ ଠାକୁରଙ୍କୁ ବେଶ କରାଯାଇଥିଲା। ୧୧ଟା ୪୫ରେ ସୂର୍ଯ୍ୟପୂଜା ସମ୍ପନ୍ନ ହୋଇ ଅନ୍ୟାନ୍ୟ ନୀତି ବଢିଥିଲା। ମହାସ୍ନାନ ନୀତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

## ମାଧ୍ୟମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୧୬।୩ (ଅସମାପିକା ସାହୁ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆହ୍ୱାନରେ ଭୁବନେଶ୍ୱର ସ୍ଥିତ ଗାନ୍ଧିମାର୍ଗରେ ଶିକ୍ଷକମାନେ ଚଳାଇଥିବା ଅହୋରାତ୍ର ଗଣଧାରଣା ଶନିବାର ସ୍ଥଗିତ ହୋଇଛି। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ଧାରଣା ଶନିବାର ୩୯ ଦିନରେ ପହଞ୍ଚିଥିଲା। ଏପରିସ୍ଥିତିରେ ୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହୋଇଛି। ନିର୍ବାଚନ ଆଚରଣ ବିଧି ଓ ନିର୍ବାଚନ କାର୍ଯ୍ୟପନ୍ଥାକୁ ଦୃଷ୍ଟିରେ ରଖି ଏହି ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷକମାନଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଛି। ଆଗକୁ ନିର୍ବାଚନ, ଏହି ନିର୍ବାଚନରେ ଶିକ୍ଷକଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଛି, ସେହି ଅସନ୍ତୋଷକୁ ଯଦି ସରକାର ଦାବିପୂରଣ କରି ପ୍ରଶମିତ କରିବାକୁ ଉଦ୍ୟମ ନ କରନ୍ତି ଓ ଅନୁଦାନରୁ ବଞ୍ଚିତ ବିଦ୍ୟାଳୟକୁ ଅନୁଦାନ ନ ଦିଅନ୍ତି, ତା'ହେଲେ ପରିସ୍ଥିତି ଭୟଙ୍କର ହେବ। ଏହାର ପରିଣତି ନିଶ୍ଚୟ ସରକାର ଭୋଗ କରିବେ ବୋଲି ଓଷ୍ଟା ପକ୍ଷରୁ ଚେତାବନୀ ଦିଆଯାଇଛି।



ଭୁବନେଶ୍ୱର ଆଞ୍ଚଳିକ ଲଳିତ କଳା ଏକାଡେମୀଠାରେ ଶନିବାର ଉଦ୍‌ଘାଟିତ 'ଆର୍ଟ ଫର୍ ଅଟିଜମ୍'ରେ ଅତିଥିଙ୍କ ସହ ଅନ୍ୟମାନେ।

# 'ଆର୍ଟ ଫର୍ ଅଟିଜମ୍' ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର, ୧୬।୩(ଶର୍ମିଷ୍ଠା ପାଣିଗ୍ରାହୀ)



ସାଧାରଣତଃ ଅଟିଜମ୍ ପିଲାମାନେ ଅନେକ କିଛି ଭାବନ୍ତି, ମାତ୍ର କିଛି କହିପାରନ୍ତି ନାହିଁ। ଏହାକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶନ ପାଇଁ ଚେଷ୍ଟା କରିଛି ଆଇ ଆମ୍ ଦ ବେଷ୍ଟ ମମ୍ ଓ ଜେନ୍ ଫାଉଣ୍ଡେଶନ। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ ଲଳିତକଳା ଏକାଡେମୀଠାରେ ଶନିବାର ଆରମ୍ଭ ହୋଇଛି ଚିତ୍ରକଳା ପ୍ରଦର୍ଶନୀ 'ଆର୍ଟ ଫର୍ ଅଟିଜମ୍'। ରାଜ୍ୟ ତଥା ରାଜ୍ୟ ବାହାରର କଳାକାରଙ୍କ ହାତତିଆରି ସୁନ୍ଦର ସୁନ୍ଦର ଚିତ୍ର ବଖାଣୁଛି ଅଟିଜମ୍ ପିଲାଙ୍କ କାହାଣୀ। ୩ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସ, ଫିଲ୍ମ ନିର୍ମାତା ନନ୍ଦିତା ଦାସ, ଡା. ଅନୁଜ ରସ୍ତୋଗି, ଡା. ସମୀର କିରୋ, ଡା. ସୁବ୍ରତ ମାଝି, ଡା. ପ୍ରଶାନ୍ତ ଆର୍. ଉଟେଜି, ଡା. ଦେବାଶିଷ ପାଣିଗ୍ରାହୀ ଓ ଡା. ପ୍ରଣବ ମହାପାତ୍ର ଉଦ୍‌ଘାଟନ କରିଥିଲେ। ୱେବ୍‌ସାଇଟ୍‌ରେ ସ୍କାନର ଏବଂ କ୍ୟୁ ଆର କୋଡ୍ ଜରିଆରେ ଏଥିରେ ଯୋଗଦାନ କରିବା ବ୍ୟବସ୍ଥା କରାଯାଇଛି। ଏଥିରେ ରାଜ୍ୟ ସମେତ ଦେଶ ବିଦେଶର ବହୁ ଚିତ୍ରକର ଓ ଦର୍ଶକ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦେୟମୁକ୍ତ ହୋଇଥିବାରୁ ଏକ ଭିନ୍ନ ବାର୍ତ୍ତା ଦେଉଥିବା ଏହି କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦାନ କରିବା ସାଙ୍ଗକୁ ଏହାକୁ ଉପଭୋଗ କରନ୍ତୁ ବୋଲି ନନ୍ଦିତା ଦାସ କହିଥିଲେ। ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଗାର୍ଗି ଭଟ୍ଟାଚାର୍ଯ୍ୟ କହିଲେ, ପେଣ୍ଟିଙ୍ଗ୍ ପଠାଇବାକୁ ଆମେ ବହୁ ପୂର୍ବରୁ ସୂଚନା ଦେଇଥିଲୁ। ଆଉ ଖୁସିର କଥା ଯେ, ଯାଜପୁରରେ କିଛି କୁନି ପିଲାମାନେ ମିଶି ସୁନ୍ଦର ପେଣ୍ଟି ସବୁ ପଠାଇଛନ୍ତି, ଯାହା ଅଟିଜମ୍ ସମ୍ପର୍କରେ ସୂଚନା ଦେଉଛି। ଏତେ ଭଲ ରେସ୍‌ପନ୍ସ ପାଇଁ ଆମେ ଏଥର ୩ଦିନ କାର୍ଯ୍ୟକ୍ରମ କରିଛୁ। ଚିତ୍ର ବିକ୍ରି ହୋଇ ଯାହା ପଇସା ଆସିବ ଚିତ୍ରଶିଳ୍ପୀ ନେବେ ଆଉ କିଛି ଫାଉଣ୍ଡେଶନରେ ରହିବ, ଯାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଆଉ କିଛି କାର୍ଯ୍ୟକ୍ରମ କରିବାରେ ସାହାଯ୍ୟ କରିବ। ଅଟିଜମ୍ ପୀଡିତ ପିଲାଙ୍କ ପାଇଁ ମା'ର ଭୂମିକାକୁ ଦର୍ଶାଇବାକୁ ଏଥର ଚେଷ୍ଟା କରିଛୁ। ଚିତ୍ର ପ୍ରଦର୍ଶନୀ ସହ ଏକାଡେମୀ ପରିସରରେ ଲାଇଭ୍ ପେଣ୍ଟିଂ କାର୍ଯ୍ୟକ୍ରମ ଚାଲିଥିଲା। ଏଥିସହ ସନ୍ଧ୍ୟାରେ ସଙ୍ଗୀତର ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୀତ ସହ ମା'ମାନେ ସେମାନଙ୍କ ନିଆରା ଅନୁଭୂତିକୁ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ପାଖରେ ବାଣ୍ଟିଥିଲେ।

## ପେ' ଷ୍ଟ୍ରକ୍ଚରରେ ସଂଶୋଧନ କଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୧୬।୩(ଅସମାପିକା ସାହୁ)

ଓଡ଼ିଶା ଅଫ୍‌ଥାଲାମିକ୍ ସର୍ଭିସ୍ ଅଫ୍ କ୍ୟାଡ୍‌ର ଏବଂ ଓଡ଼ିଶା ଆୟୁଷ ଆସିଷ୍ଟାଣ୍ଟ ସର୍ଭିସ୍ କ୍ୟାଡରର ପେ' ଷ୍ଟ୍ରକ୍ଚରରେ ସଂଶୋଧନ କରାଯାଇଛି। ଫଳରେ ଏହି ପଦବୀରେ ଥିବା ଅଧିକାରୀମାନେ ପଦୋନ୍ନତି ସହିତ ବର୍ଦ୍ଧିତ ଦରମା ପାଇବେ। ଏନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସଂକଳ୍ପନାମା (ରିଜୋଲ୍ୟୁଶନ) ପ୍ରକାଶ ପାଇଛି। ଓଡ଼ିଶା ଅଫ୍‌ଥାଲାମିକ୍ ସର୍ଭିସ୍ ଅଫ୍ କ୍ୟାଡ୍‌ରରେ ମୋଟ୍ ୫୩୮ ପଦବୀ ରହିଛି। ଆସିଷ୍ଟାଣ୍ଟ ଡାଇରେକ୍ଟର ପାଇଁ ଗୋଟିଏ ପଦବୀ ଥିବାବେଳେ ଚିଫ୍ ଅଫ୍‌ଥାଲାମିକ୍ ଅଫିସର ୧୫, ସିନିୟର ଚିଫ୍ ଅଫ୍‌ଥାଲାମିକ୍ ଅଫିସର ଲେଭଲ୍-୧ରେ ୫୩, ସିନିୟର ଚିଫ୍ ଅଫ୍‌ଥାଲାମିକ୍ ଅଫିସର ଲେଭଲ୍-୨ରେ ୧୩୧ ଓ ଅଫ୍‌ଥାଲାମିକ୍ ଅଫିସର ପାଇଁ ୩୩୮ ପଦବୀ ରହିଛି। ଏଣିକି ଆସିଷ୍ଟାଣ୍ଟ ଅଫ୍‌ଥାଲାମିକ୍‌ଙ୍କୁ 'ଅଫ୍‌ଥାଲାମିକ୍ ଅଫିସର' ଭାବେ ବିବେଚନା କରାଯିବ। ଅନ୍ୟପଟରେ ଓଡ଼ିଶା ଆୟୁଷ ଆସିଷ୍ଟାଣ୍ଟ ସର୍ଭିସ କ୍ୟାଡ୍‌ରରେ ୧,୧୯୯ ପଦବୀ ରହିଛି। ସେଥିମଧ୍ୟରେ ହେଡ୍ ଆୟୁଷ ଆସିଷ୍ଟାଣ୍ଟ ପଦବୀରେ ୧୨, ସିନିୟର ଆୟୁଷ ଆସିଷ୍ଟାଣ୍ଟ ପଦବୀରେ ୩୫୦ ଓ ଆୟୁଷ ଆସିଷ୍ଟାଣ୍ଟ ୮୩୭ ପଦବୀ ରହିଛି।

## ଟ୍ରକ୍ ନିଲାମ ନାଁରେ ୩୬ ଲକ୍ଷ ଠକେଇ, ୨ ଗିରଫ

ଭୁବନେଶ୍ୱର, ୧୬।୩ (ସୂର୍ଯ୍ୟକାନ୍ତ ବେହେରା)

ଏକ ଫାଇନାନ୍ସ ସଂସ୍ଥାରେ ଶାଖା ପରିଚାଳକର ପରିଚୟ ଦେଇ କମ୍ପାନୀ ପକ୍ଷରୁ ଦୁଇଟି ଟ୍ରକ୍‌କୁ ନିଲାମ ବାହାନାରେ ପ୍ରଭାତ କୁମାର ମାର୍ଥାଙ୍କଠାରୁ ୩୬ ଲକ୍ଷ ଟଙ୍କା ଠକିଥିବା ୨ ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ଚାଉଳିଆଗଞ୍ଜ ଅଞ୍ଚଳର ଶଙ୍କର ସାହୁ ଓ କେନ୍ଦ୍ରାପଡାର ନାରାୟଣ ମହାନ୍ତି। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିବେଶ



@ ଶୁଭଲକ୍ଷ୍ମୀ



@ ସୁରେଶ



@ ରୀତାଞ୍ଜଳି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ଖୁସି+' ଯୋଜନା କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୧୬।୩ (ଅସମାପିକା ସାହୁ)

**ସମ୍ପୂର୍ଣ୍ଣର ଦ୍ୱିତୀୟ ପର୍ଯ୍ୟାୟକୁ ରାଜ୍ୟ ସରକାରଙ୍କ ଅନୁମୋଦନ**

ରାଜ୍ୟର ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ବାଳିକା ଓ ପ୍ରସବ ପର ମହିଳାଙ୍କୁ ରକ୍ତସ୍ରାବ ଜନିତ ସଂକ୍ରମଣରୁ ରୋକିବା ପାଇଁ ସାନିଟାରି ନାପ୍‌କିନ ଦିଆଯାଉଛି। ୨୦୧୫-୧୬ରୁ ପ୍ରସବ ପରବର୍ତ୍ତୀ ବା ମେଡିକାଲ ଟର୍ମିନେଶନ ପ୍ରେଗ୍‌ନାନ୍ସି(ଏମ୍‌ଟିପି) ମହିଳାଙ୍କୁ ସାନିଟାରି ନାପକିନ ଦିଆଯାଉଛି। ସେହିଭଳି 'ଖୁସି' ଯୋଜନା ଅଧୀନରେ ୨୦୧୮ରୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ବାଳିକାଙ୍କୁ ସାନିଟାରି ନାପ୍‌କିନ ପ୍ରଦାନ କରାଯାଉଛି। ଏଣିକି ଏହି ଦୁଇ କାର୍ଯ୍ୟକ୍ରମକୁ ଗୋଟିଏ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେବ। ଏହାର ନାମ 'ଖୁସି+' ରଖାଯାଇଛି। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୫-୨୬ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକ୍ଷମ ହେବ। ଏଥିରେ ୧୭ ଲକ୍ଷ ୮୩ ହଜାର ୯୦୧ ବାଳିକା ଏବଂ ୯ଲକ୍ଷ ୩୧ହଜାର ୮୩୧ଜଣ ଏମ୍‌ଟିପି ମହିଳା ଉପକୃତ ହେବେ। ସମସ୍ତଙ୍କୁ ମାଗଣାରେ ସାନିଟାରି ନାପ୍‌କିନ୍ ଯୋଗାଇ ଦିଆଯିବ। ଏଥିପାଇଁ ୫୧୧.୯୩ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିଭଳି ଶିଶୁ ଏବଂ ମାତୃ ମୃତ୍ୟୁର ପୂର୍ଣ୍ଣ ନିରାକରଣ ଅଭିଯାନ(ସମ୍ପୂର୍ଣ୍ଣ)ର ଦ୍ୱିତୀୟ ପର୍ଯ୍ୟାୟକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ୨୦୧୫ରୁ ଏହା କାର୍ଯ୍ୟକାରୀ ହୋଇଆସୁଥିବାବେଳେ ଆଗାମୀ ୫ ବର୍ଷ ପାଇଁ ଏହି ଯୋଜନାକୁ ଜାରି ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ତ୍ୱରାନ୍ୱିତ କରିବାକୁ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ।

# ବ୍ଲାକ୍‌ମେଲ୍ କରି ୨ ବର୍ଷ ବଳାତ୍କାର

ଭୁବନେଶ୍ୱର, ୧୬।୩
(ସୂର୍ଯ୍ୟକାନ୍ତ ବେହେରା)

**ନକଲି ମେକାନିକାଲ ଇଞ୍ଜିନିୟର ଗିରଫ**



ମନୋଜ କୁମାର ବାରିକ

ଜଣେ ନର୍ସଙ୍କୁ ବ୍ଲାକ୍ ମେଲିଂ କରି ୨ ବର୍ଷ ବଳାତ୍କାର ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ନକଲି ମେକାନିକାଲ ଇଞ୍ଜିନିୟରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ପୁରୀ ଗୋପ ଥାନା ଅଞ୍ଚଳର ମନୋଜ କୁମାର ବାରିକ (୩୩)। ଜାମିନ ନ ମିଳିବାରୁ ମନୋଜଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ଅଭିଯୋଗକାରିଣୀ ଏକ ବେସରକାରୀ ଡାକ୍ତରଖାନାରେ ନର୍ସ ଭାବେ କାର୍ଯ୍ୟ କରନ୍ତି। ସେ ୨୦୨୨ରେ ମନୋଜଙ୍କ ସଂସ୍ପର୍ଶରେ ଆସିଥିଲେ। ପରବର୍ତ୍ତୀ ସମୟରେ ମନୋଜ ନିଜକୁ ବାପୁନ ରାୟ ତଥା ଜଣେ ଅନାଥ ବୋଲି ପରିଚୟ ଦେବା ସହିତ କୋଲକାତାରେ ମେକାନିକାଲ ଇଞ୍ଜିନିୟର ଭାବେ ଚାକିରି କରୁଥିବା କହିଥିଲେ। ଏଥିସହ ଭୁବନେଶ୍ୱର କେସୁରା ଅଞ୍ଚଳରେ ତାଙ୍କର ଏକ କୋଠାଘର ଥିବା କହି ନର୍ସଙ୍କର ନିକଟତର ହୋଇ ବିଶ୍ୱାସ ବଢାଇଥିଲେ। କିଛି ଦିନର ବାର୍ତ୍ତାଳପ ପରେ ଅଭିଯୁକ୍ତ ଜଣକ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରିବାର ବାହାନା କରି ପୀଡିତା ନର୍ସଙ୍କୁ ଏକ ହୋଟେଲକୁ ଡାକି ସେଠାରେ ତାଙ୍କ ଇଚ୍ଛା ବିରୋଧରେ ବଳପୂର୍ବକ ଶାରୀରିକ ସଂପର୍କ ରଖିଥିଲେ। ଏପରିକି ପୀଡିତାଙ୍କ ଅଜ୍ଞାତସାରରେ ଅଭିଯୁକ୍ତ ସେହି ସମୟର କିଛି ଫଟୋ ଓ ଭିଡିଓ ଉତ୍ତୋଳନ କରି ପାଖରେ ରଖିଥିଲେ। ଏହାପରେ ଉକ୍ତ ଭିଡିଓକୁ ଭାଇରାଲ କରିଦେବାର ଧମକ ଦେଇ ତାଙ୍କୁ ବିଭିନ୍ନ ହୋଟେଲକୁ ନେଇ ବାରମ୍ବାର ବଳାତ୍କାର କରିଥିଲେ। ଏପରିକି ପୀଡିତାଙ୍କଠାରୁ ମୋଟାଅଙ୍କର ଟଙ୍କା ମଧ୍ୟ ଲୁଟି ନେଇଥିଲେ। ଏନେଇ ପୀଡିତା କୌଣସି ସମ୍ପର୍କ ରଖିବା ଲାଗି ମନା କରିବାରୁ ଅଭିଯୁକ୍ତ ମନୋଜ ସେ କାମ କରୁଥିବା ଡାକ୍ତରଖାନାରେ ପହଞ୍ଚି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ପାଖରେ ଥିବା ଫଟୋ ଓ ଭିଡିଓ ଭାଇରାଲ କରିବାର ଧମକ ଦେଉଥିଲେ। ଏପରିକି ଅତ୍ୟଧିକ ଉତ୍ତେଜିତ ହୋଇ ନିଜର ପ୍ରକୃତ ନାମ ପ୍ରକାଶ କରିବା ସହିତ ସେ ପୂର୍ବରୁ ବିବାହିତ ଥିବା ଏବଂ ତାଙ୍କର ଦୁଇଟି ପିଲା ଥିବା କଥା ମଧ୍ୟ ପ୍ରକାଶ କରିଥିଲେ। ଏନେଇ ପୀଡିତା ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ସଂକ୍ଷେପରେ

### ଖଣ୍ଡାଚୋଟରେ ଯୁବକ ଗୁରୁତର

ବାଲକାଟୀ,୧୬।୩(ମନୋଜ ମଣ୍ଡଳ): ବାଲକାଟୀ ଫାଣ୍ଡି ଅଧୀନ ହୀରାପୁର ଗ୍ରାମରେ ଖଣ୍ଡାଚୋଟରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ହୀରାପୁରର ଅଲେଖ ବେହେରା(୩୫)। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଆକ୍ରମଣକାରୀ ଯୁବକ ସେହି ଗ୍ରାମର ବିଷ୍ଣୁ ଦାଶଙ୍କୁ ଅଟକ ରଖିଛି। ଏଥିସହ ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ମଧ୍ୟ ଜବତ କରିଛି। ସୂଚନା ମୁତାବକ, ଅଲେଖ ଶନିବାର ପୂର୍ବାହ୍ନ ୧୦ଟାରେ ପୁରୀ କେନାଲରେ ଗାଧୋଇ ଘରକୁ ଫେରୁଥିବାବେଳେ ବିଷ୍ଣୁ ତାଙ୍କୁ ଗାଁଦାଣ୍ଡରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ଅଲେଖଙ୍କ ଭାଇ ଗୋଲଖି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

### ଆପାର୍ଟମେଣ୍ଟରୁ ସିରିଜ ଚୋରି ଘଟଣାରେ ପୋଲିସ ହାତ ଖାଲି

ବାଲକାଟୀ,୧୬।୩(ମନୋଜ ମଣ୍ଡଳ): ବାଲିଅନ୍ତା ଥାନା ଗଡ଼ଶ୍ରୀରାମପୁରସ୍ଥିତ ବର୍ଷା ରିଭେରା ଆପାର୍ଟମେଣ୍ଟରେ ହୋଇଥିବା ସିରିଜ ଚୋରି ଘଟଣାକୁ ଶନିବାର ମାସେ ବିତିଛି। ହେଲେ ପୋଲିସ ହାତବାନ୍ଧି ବସିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଫେବୃଆରୀ ୧୭ରେ ଦୁର୍ବୃତ୍ତମାନେ ପଛ ପାଚେରି ଡେଇଁ ଭିତରକୁ ପଶିବା ପରେ ବେସ୍‌ମେଣ୍ଟର ସିସିଟିଭିକୁ ତାଡ଼ି ଶିଡ଼ି ବାଟେ ଉପର ମହଲା ଘରର ତାଲା ଭାଙ୍ଗି ଆପାର୍ଟମେଣ୍ଟର ୫ ଘରୁ ଅଧକୋଟି ଟଙ୍କାର ସୁନା ଓ ନଗଦ ୨୦ ଲକ୍ଷ ଟଙ୍କା ଚୋରିକରିଥିଲେ। ଏ ନେଇ ବାଲିଅନ୍ତା ଥାନାରେ ଅଭିଯୋଗ ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

### ଏକାମ୍ରରେ ଏକାଧିକ ପ୍ରକଳ୍ପ ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୧୬।୩(ସୁବାସ ଚନ୍ଦ୍ର ପ୍ରଧାନ): ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଶୁକ୍ରବାର ୧୫କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଲିଙ୍ଗିପୁର ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୃତ୍ୟୁଞ୍ଜୟ ବିହାର, ଲକ୍ଷ୍ମୀ ବିହାର, ସାଇ ବିହାର, ନାଥପୁର ଗ୍ରାମ ଏବଂ ଧଉଳି ପଞ୍ଚାୟତ କୃଷ୍ଣପୁର ନଦୀ ବନ୍ଧଠାରୁ ନଖାଉର, ଜଗନ୍ନାଥପୁର ଏବଂ ନଖାଉର ପାଟଣା ଅଞ୍ଚଳର ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ପାଇଁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ପରେ ବି ଏମ୍‌ସି ଅଞ୍ଚଳର ୱାର୍ଡ ନଂ. ୬୦ର ଶାସନ ପଡିଆଠାରେ ବିବେକାନନ୍ଦ ଯୁବକ ସଂଘ ନୂତନ ଗୃହର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସୁବାସ କୁମାର ସୁନ୍ଦରାୟ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ସରପଞ୍ଚ କ୍ଷୀରୋଦ ପ୍ରଧାନ, ଚନ୍ଦନ ମଲ୍ଲିକ, ସମିତି ସଭ୍ୟ ପ୍ରକାଶ ସାହୁ, ସରସ୍ୱତୀ ସେଠୀ, ନାଏବ ସରପଞ୍ଚ ସବିତା ବେହେରା, ମମତା ସ୍ୱାଇଁ, ହରେକୃଷ୍ଣ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ମହାନ୍ତି, ବାସୁଦେବ ଦାସ, ରବୀନ୍ଦ୍ର ସାହୁ, ରମାକାନ୍ତ ମିଶ୍ର, ସୁକାନ୍ତ ଜେନା,ରତ୍ନାକାର ଶୁକ୍ଳା, ଭଗୁ ଦାସ, ବିରଞ୍ଚି ଜେନା, ରାଜେନ୍ଦ୍ର ସାହୁ, ଅଶୋକ ସାହୁ, ଶିବକାନ୍ତ ମଲ୍ଲିଆ, ପ୍ରିୟବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଉତ୍ତେଜନା

## ବସ୍ ଡ୍ରାଇଭରଙ୍କୁ ସିକ୍ୟୁରିଟି ଗାର୍ଡ, ପୋଲିସର ମାଡ଼ ଅଭିଯୋଗ

ଭୁବନେଶ୍ୱର,୧୬।୩
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଣେ ବସ୍ ଡ୍ରାଇଭରଙ୍କୁ ସିକ୍ୟୁରିଟି ଗାର୍ଡ ଓ ଜଣେ ପୋଲିସ କର୍ମଚାରୀ ପ୍ରବଳ ମାଡ ମାରିଥିବା ଅଭିଯୋଗ ହୋଇଛି। ସେମାନଙ୍କ ଆକ୍ରମଣରେ ସଂପୃକ୍ତ ବସ୍ ଚାଳକ ଆହତ ହୋଇଛନ୍ତି। ଘଟଣାକୁ ନେଇ ଶନିବାର ଦିନ ତମାମ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଉତ୍ତେଜନା ଲାଗି ରହିଥିଲା। ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡ ଓ ପୋଲିସକୁ ତୁରନ୍ତ ଗିରଫ ପାଇଁ ବରମୁଣ୍ଡା ବସ୍ ଚାଳକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରି ଭରତପୁର ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଶନିବାର ସକାଳେ ଗାଲେସ୍କି ନାମକ ଏକ ବସ୍ ରାଉରକେଲାରୁ ଆସି ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ କରୁଥିଲା। ଏହି ସମୟରେ ସେଠାରେ କାର୍ଯ୍ୟରତ



ଡ୍ରାଇଭର ଶରୀରରେ ମାଡ ଚିହ୍ନ।



ଉତ୍ତେଜନା ପରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି।

ଜଣେ ସିକ୍ୟୁରିଟି ଗାର୍ଡ କାହିଁକି ଏପଟେ ଗାଡି ନେଉଛ କହି ବସ୍‌ଟିକୁ ଅଟକାଇ ଡ୍ରାଇଭରଙ୍କୁ ଗାଳିଗୁଲଜ କରିଥିଲେ। ବସ୍ ଡ୍ରାଇଭର ଜଣକ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏତିକିବେଳେ ସେଠାରେ କାର୍ଯ୍ୟ କରୁଥିବା ଜଣେ ପୋଲିସ କର୍ମଚାରୀ ଆସି ବସ୍ ଡ୍ରାଇଭରଙ୍କ ସହ ପାଟିତୁଣ୍ଡ କରିବାରୁ ଗାଡିର କଣ୍ଡକ୍ଟର ମଧ୍ୟ ବାହାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସିକ୍ୟୁରିଟି ଗାର୍ଡ ଓ ପୋଲିସ କର୍ମଚାରୀ ମିଶି ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ନିସ୍ତୁକ ପିଟିଥିଲେ। ଏଥିରେ ବସ୍ ଡ୍ରାଇଭର ଜଣକ ଆହତ ହୋଇଥିଲେ। ସେଠାରେ ଥିବା ଅନ୍ୟ ବସ୍ କର୍ମଚାରୀମାନେ ବସ୍ ଡ୍ରାଇଭରଙ୍କୁ ଉଦ୍ଧାର କରି ବସ୍‌ଷ୍ଟାଣ୍ଡସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଅତ୍ୟାଧୁନିକ ଚିକିତ୍ସାର ସୁବିଧା ନ ଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ କହିବା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଟିଭି ପାଇଁ କଳି, ବିଷ ପିଇଦେଲେ ଯୁବକ

ଭୁବନେଶ୍ୱର,୧୬।୩ (ସୂର୍ଯ୍ୟକାନ୍ତ ବେହେରା)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୩ ଅଞ୍ଚଳରେ ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମହମ୍ମଦ ଲତିଫ(୩୨)। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଆଇପିଏଲ୍ ପାଇଁ ଦାମୀ ଟିଭି କିଣିବାକୁ ନେଇ ସ୍ତ୍ରୀଙ୍କ ସହ ହୋଇଥିବା କଳିରୁ ସେ ଏଭଳି ପଦକ୍ଷେପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଖୋଳତାଡ ଚଳାଇଛି। ସୂଚନାନୁସାରେ, ଆଗକୁ ଆଇପିଏଲ୍ ଥିବାରୁ ସ୍ତ୍ରୀଙ୍କୁ ନ ଜଣାଇ ମହମ୍ମଦ ଏକ ଦାମୀ ଟିଭି କିଣି ଘରକୁ ଆଣିଥିଲେ। ଏନେଇ ତାଙ୍କ ସ୍ତ୍ରୀ ଟିଭି ପାଇଁ ଏତେ ଟଙ୍କା କେଉଁଠୁ ଆଣିଲ ବୋଲି ପଚାରିବାରୁ ଘରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା। ଶୁକ୍ରବାର ମଧ୍ୟ ଉକ୍ତ କାରଣ ପାଇଁ ପାଟିତୁଣ୍ଡ ହୋଇଥିବାରୁ ଏଥିରେ ଅତିଷ୍ଠ ହୋଇ ମହମ୍ମଦ ବିଷ ପିଇ ଦେଇଥିଲେ। ଏହା ଜାଣିବା ପରେ ମହିଳା ଜଣକ ଅପରାହ୍ନ ଗୋଟାଏରେ ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାର ୨ ଘଣ୍ଟା ମଧ୍ୟରେ ମହମ୍ମଦଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# 'ନୂତନତ୍ୱର ଉପଯୋଗ ସଂସ୍ଥାକୁ ଦୀର୍ଘ ସ୍ଥାୟୀ କରେ'

## 'ଡିଜିଟାଲ ଇନୋଭେଶନ' ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ




ଭୁବନେଶ୍ୱର, ୧୬।୩(ଅସମାପିକା ସାହୁ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ଓ ପରିଚାଳନା ବିଭାଗରେ ଶୁକ୍ରବାର 'ଡିଜିଟାଲ ଇନୋଭେସନ' ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ମ୍ୟାନେଜମେଣ୍ଟ ଗୁରୁ ପ୍ରଫେସର କିଶୋର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଉତ୍ପାଦ ଓ ଉତ୍ପାଦନ ପ୍ରକ୍ରିୟାରେ ନିରନ୍ତର ଓ ପ୍ରଭାବଶାଳୀ ପରିବର୍ତ୍ତନ ବା ନୂତନତ୍ୱ(ଇନୋଭେଶନ)ର ଉପଯୋଗ କମ୍ପାନୀଗୁଡ଼ିକୁ ଦୀର୍ଘ ସ୍ଥାୟୀ କରିଥାଏ। ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଡ. ତୁଷାର କାନ୍ତ ପତି ଯୋଗଦେଇ ବ୍ୟବସାୟ ପରିଚାଳନା ଓ ମାନବ ସମ୍ବଳର ବ୍ୟବହାର ସମ୍ପର୍କରେ ଉଦାହରଣ ମଧ୍ୟମରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ମନୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ ଇତିଶ୍ରୀ ପାଢ଼ୀ, ସମ୍ମିଳନୀ ଯୁଗ୍ମ କନଭେନର୍ ଡ. ପ୍ରଦୀପ କୁମାର ପୃଷ୍ଟି, ସେମିନାର ସଂଯୋଜିକା ଡ ରଞ୍ଜିତା ନାୟକ, ଡ. ନିଶା ଜୈନ୍, ଡ. ଏଲିନା କାନୁନ୍‌ଗୋ, ମିଲାନ ତାହ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ସମ୍ମିଳନୀରେ ବାଣିଜ୍ୟ ବିଭାଗର ଅଧ୍ୟାପକ, ଛାତ୍ରୀଛାତ୍ର, ଗବେଷକଙ୍କ ଦ୍ୱାରା ବିଭିନ୍ନ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ ସହ ଅତିଥିମାନଙ୍କ ଦ୍ୱାରା ବୁକ୍ ଅଫ୍ ଆବଷ୍ଟ୍ରାକ୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା।



ବାଗଦେବୀ ଲିଟରେଚର ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ବାଗ୍‌ଦେବୀ ଥିଏଟର ଫେଷ୍ଟିଭାଲର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ହାସ୍ୟ – ବ୍ୟଙ୍ଗାତ୍ମକ ନାଟକ 'ଏବଂ କିଏ'ର ଏକ ଦୃଶ୍ୟ।

# ପ୍ରଶ୍ନ ଉଠାଇଲା 'ଏବଂ କିଏ'

## ବାଗ୍‌ଦେବୀ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୬।୩(ଶର୍ମିଷ୍ଠା ପାଣିଗ୍ରାହୀ)

ସାମ୍ପ୍ରତିକ ସମାଜରେ ସାମାଜିକ ମୂଲ୍ୟବୋଧକୁ ନେଇ କିଛି ଦ୍ୱନ୍ଦ୍ୱ ଓ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ ହୋଇପଡିଛି। ଅନ୍ତରଙ୍ଗତା, ଆନ୍ତରିକତା ଓ ବିଶ୍ୱାସ କ୍ରମେକ୍ରମେ ମଣିଷ ନିକଟରୁ ଦୂରେଇଯାଉଛି। ଏକ ଛଳନା, ପ୍ରବଞ୍ଚନା ଓ ସ୍ୱାର୍ଥର ବଶବର୍ତ୍ତୀ ହୋଇଗଲାଣି ମଣିଷ। ଯେଉଁମାନଙ୍କୁ ଆମେ ସମାଜରେ ମୁଖିଆ ଭାବେ ବାଛିଛୁ, ସେମାନେ ଆମ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ପରିସ୍ଥିତିକୁ ଅଧିକ ଜଟିଳ କରି ନିଜର ଫାଇଦା ଉଠାଇଥାନ୍ତି। ତେଣୁ ସାଧାରଣ ଲୋକଟି ମନରେ ସ୍ୱତଃ ପ୍ରଶ୍ନ ଉଠେ –ଏବଂ କିଏ। ବାଗଦେବୀ ଲିଟରେଚର ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଆୟୋଜିତ ବାଗ୍‌ଦେବୀ ଥିଏଟର ଫେଷ୍ଟିଭାଲର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଏମିତି ଏକ ରୋଚକ ପ୍ରସଙ୍ଗକୁ ନେଇ ହାସ୍ୟ – ବ୍ୟଙ୍ଗାତ୍ମକ ନାଟକ 'ଏବଂ କିଏ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ପ୍ରଦୀପ ଭୌମିକ ଓ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶନାରେ ନାଟକଟି ଦର୍ଶକଙ୍କୁ ଛୁଇଁଥିଲା। ନାଟ୍ୟ ନିର୍ଦ୍ଦେଶକ ମନ୍ମଥ ଶତପଥୀ, ଶଙ୍କର ତ୍ରିପାଠୀ, ପ୍ରବୋଧ କୁମାର ରଥ, ମନୋଜ ପଟ୍ଟନାୟକ, ଧୀରେନ୍ଦ୍ର ନାଥ ମଲ୍ଲିକ, ଅରୁଣ କୁମାର ରାୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉତ୍ସବର ନିର୍ଦ୍ଦେଶିକା ଡ. ମମତା ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଡାକ୍ତର ଆଲୋକ କାନୁନ୍‌ଗୋ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ

## ବଲ୍ଲଭଠାରୁ ଠାକୁରଙ୍କ ନୀତିକାନ୍ତି ହୋଇପାରିନି

ପୁରୁଣା ଭୁବନେଶ୍ୱର,୧୬।୩
(ସୁବାସ ଚନ୍ଦ୍ର ପ୍ରଧାନ)



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରା ଯିବାର ପ୍ରଥମ ଶନିବାର ହାଣ୍ଡିଭଙ୍ଗା ଯାତ୍ରା ହୋଇଥାଏ। ତେବେ କପିଳେଶ୍ୱର ମନ୍ଦିରରେ ଖୁଣ୍ଟିଆ ସେବାୟତ ଏବଂ ମଲିଆ ସେବାୟତଙ୍କ ମଧ୍ୟରେ ୨୦୧୪ ମସିହା ଅଁଳା ନବମୀଠାରୁ ଦେଖାଯାଇଥିବା ବିବାଦ ଯୋଗୁ ଏହି ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ରହିଛି। ଫଳରେ ଶନିବାର ଶ୍ରୀଲିଙ୍ଗରାଜଙ୍କ ବଲ୍ଲଭ ନୀତି ତଥା ସନ୍ଧ୍ୟା ୫ଟାରୁ ନୀତି ବନ୍ଦ ଯୋଗୁ ଅନ୍ୟାନ୍ୟ ନୀତି ହୋଇପାରିନାହିଁ। ଏନେଇ ପୂଜା ପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜପଣ୍ଡା କହିଛନ୍ତି, ଖୁଣ୍ଟିଆ ସେବାୟତ ତାଙ୍କ ପୂଜନୀତି ଏବଂ ମଲିଆ ସେବାୟତ ତାଙ୍କ ପୂଜା ନୀତି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଦେଶ ନ ମାନିବାରୁ ଠାକୁରଙ୍କର ହାଣ୍ଡିଭଙ୍ଗା ଯାତ୍ରା ୧୦ ବର୍ଷ ହେବ ହେଇପାରି ନାହିଁ। ଏହା ଠାକୁରଙ୍କ ନୀତି ବିଭ୍ରାଟର ମୁଖ୍ୟ କାରଣ। ଅନ୍ୟପଟେ ସାମାଜିକକର୍ମୀ ଭୀଷ୍ମ ନାରାୟଣ ନାୟକ କହିଛନ୍ତି, ମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ଅବହେଳା ଏବଂ ସେବାୟତଙ୍କ ଅସହଯୋଗ ପାଇଁ ଏହି ବିଭ୍ରାଟ ବାରମ୍ବାର ଦେଖାଦେଉଛି।

# ଏନ୍‌ଆଇଇଟିର ବାର୍ଷିକ ଉତ୍ସବ




ଭୁବନେଶ୍ୱର,୧୬।୩
(ଅନୁରାଧା ମହାରଣା)

ଖୋର୍ଦ୍ଧା ଜିଲା ଛତାବରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି(ଏନ୍‌ଆଇଇଟି)ର ବାର୍ଷିକ ଉତ୍ସବ 'ପ୍ରତିଭା' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡ. ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ମୁଖ୍ୟବକ୍ତା, ନିସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ, ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକ ଓ ଅଭିନେତା ସୁକାନ୍ତ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଯୁବ ଇଞ୍ଜିନିୟରଙ୍କ ଭୂମିକା ଓ ପାରଦର୍ଶିତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ନିସ୍‌ର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ରାୟ, ଉପାଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସେନାପତି ଓ ଅନୁଷ୍ଠାନର ପରାମର୍ଶଦାତା ଲୋକନାଥ ଓଝାଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିବା ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ସୂଚନା ଦେଇଛନ୍ତି।

# ଓଡ଼ିଆ ସାହିତ୍ୟକୁ ଜଗନ୍ନାଥ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ

## ୯୧ତମ ଜୟନ୍ତୀ ଉତ୍ସବ ପାଳିତ

ଭୁବନେଶ୍ୱର,୧୬।୩(ଶର୍ମିଷ୍ଠା ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୯୧ତମ ଜୟନ୍ତୀ ଶୁକ୍ରବାର ରେଡକ୍ରସ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ସାହିତ୍ୟକୁ ଜଗନ୍ନାଥ ପଟ୍ଟନାୟକଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ସମାରୋହକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଭଦ୍ରକ ସମ୍ମିଳନୀର ମୁଖ୍ୟ ଉପଦେଷ୍ଟା ଡ. ରବିନାରାୟଣ ସେନାପତି ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାଏ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ଜଗନ୍ନାଥ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ଥିବା କହିଥିଲେ। ବିଶିଷ୍ଟ ବକ୍ତାଙ୍କ ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମାରବର ଦାସ, ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ, ଐତିହାସିକ ପ୍ରଫେସର ଅଶୋକ ପଟ୍ଟନାୟକ ଓ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଆଲୋଚନା ଚକ୍ରରେ ଯୋଗଦେଇ ଦିବଂଗତ ଜଗନ୍ନାଥ ପଟ୍ଟନାୟକଙ୍କ ଆଧାରିତ ସାହିତ୍ୟ କୃତିକୁ ଆଲୋଚନା କରିଥିଲେ। ସାହିତ୍ୟ ଏକାଡେମୀର ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଭଦ୍ରକ ସମ୍ମିଳନୀର ସଭାପତି ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ ଚଳିତ ବର୍ଷ ପରି ପ୍ରତ୍ୟେକ ବର୍ଷ ପଟ୍ଟନାୟକଙ୍କ ଜନ୍ମ ବାର୍ଷିକ ପାଳନ କରିବାକୁ ଭଦ୍ରକ ସମ୍ମିଳନୀ ଭୁବନେଶ୍ୱରକୁ ସହଯୋଗ କରିବା ନିମନ୍ତେ ଏକାଡେମୀକୁ ନିବେଦନ କରିଥିଲେ। ପଟ୍ଟନାୟକଙ୍କ ପୁତ୍ର ଇଂ. ମାନସ ପଟ୍ଟନାୟକ, ଇଂ. ତାପସ ରଞ୍ଜନ ପଟ୍ଟନାୟକ ଓ ଗୌତମ ପଟ୍ଟନାୟକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ। ସମ୍ମିଳନୀର ସାଧାରଣ ସମ୍ପାଦକ ବଂଶୀଧର ଭୋଇ ପ୍ରାରମ୍ଭିକ ଭାଷଣ ଓ ସହ ସମ୍ପାଦକ ନିରୋଦ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ନିରାଶରେ ଧାରଣାରୁ ଉଠିଲେ ଦିବ୍ୟାଙ୍ଗ ବ୍ୟବସାୟୀ

- ନିର୍ବାଚନ ଆଚରଣ ବିଧି କଥା କହି ହାତଟେକିଦେଲେ ମେୟର
- ବିଏମ୍‌ସି ଦେଇଥିବା ଜାଗା ଫେରାଇଦେବେ ବ୍ୟବସାୟୀ

ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)



ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ଧାରଣାରତ ଦିବ୍ୟାଙ୍ଗ ବ୍ୟବସାୟୀଙ୍କ ସହ କଂଗ୍ରେସ ନେତା ଓ ସାମାଜିକ କର୍ମୀ।

ଦୀର୍ଘ ୧ମାସ ୨୦ଦିନ ଧରି ଧାରଣାରେ ବସିବା ପରେ ଶେଷରେ ନିରାଶ ହୋଇ ଫେରିଲେ ଦିବ୍ୟାଙ୍ଗ ବ୍ୟବସାୟୀ। ଦୁଃଖ ଶୁଣିଲେନି ବିଏମ୍‌ସି କର୍ତ୍ତୃପକ୍ଷ। ଭେଣ୍ଡିଂଜୋନ୍ ଦେବା ବଦଳରେ ନିର୍ବାଚନ ଆଚରଣ ବିଧି କଥା କହି ହାତଟେକିଦେଲେ ମେୟର। ତେଣୁ ଅନ୍ୟ ଉପାୟ ନ ପାଇ ଶେଷରେ ଶନିବାର ଦିବ୍ୟାଙ୍ଗ ବ୍ୟବସାୟୀମାନେ ଧାରଣାରୁ ଉଠିଛନ୍ତି। ଧାରଣା ପ୍ରତ୍ୟାହାର କରିବା ପୂର୍ବରୁ କଂଗ୍ରେସ ଛାତ୍ରନେତାମାନେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇଥିଲେ। ଏଥିସହ ମେୟର ସୁଲୋଚନା ଦାସଙ୍କ ସହ ସାକ୍ଷାତ୍ କରି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ସାରିଥିବାରୁ ଏବେ ସେମାନଙ୍କୁ କୌଣସି ଭେଣ୍ଡିଂଜୋନ୍ ଦେଇ ହେବନି ବୋଲି ମେୟର କହିଥିଲେ। ବିଏମ୍‌ସି ପାଖରେ ଏବେ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ସମ୍ପୃକ୍ତ ବ୍ୟବସାୟୀ ଯେଉଁଠାରେ ଚାହିଁବେ ବସି ବ୍ୟବସାୟ କରନ୍ତୁ। ନିର୍ବାଚନ ସରିବା ପରେ କୌଣସି ପଦକ୍ଷେପ ନିଆଯିବ ବୋଲି ମେୟର କହିଥିଲେ। ଏହା ଶୁଣିବା ପରେ ଦିବ୍ୟାଙ୍ଗ ବ୍ୟବସାୟୀମାନେ ନିରାଶ ହୋଇ ଫେରିବା ସହ ଚିନ୍ତାରେ ରହିଛନ୍ତି। ମାର୍କେଟ ବିଲ୍ଡିଂ ଭିତରେ ସେମାନଙ୍କୁ ବସିବାକୁ ଅନୁମତି ନ ଥିବାବେଳେ ରାସ୍ତାକଡ଼ରେ ବସିଲେ ପୁଣି ଉଚ୍ଛେଦର ଭୟ ରହୁଛି। ତେଣୁ ଦୃଷ୍ଟିହୀନ ବ୍ୟବସାୟୀମାନେ ଏବେ କେଉଁଠାରେ ବସିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୃଷ୍ଟିହୀନ ବ୍ୟବସାୟୀଙ୍କ ପାଇଁ ଲଢୁଥିବା ଅନ୍ତର୍ଜାତୀୟ ମାନବାଧିକାର କମିଶନ୍‌ର ଆରତୀ ମହଲା କହିଛନ୍ତି, ବିଏମ୍‌ସି ସେମାନଙ୍କୁ ଦେଇଥିବା ଜାଗାରେ ବେପାର କରିବା ସମ୍ଭବ ନୁହେଁ। ତେଣୁ ବ୍ୟବସାୟୀମାନେ ଖୁବ୍‌ଶୀଘ୍ର ସେ ସ୍ଥାନ ବିଏମ୍‌ସିକୁ ଫେରାଇ ଦେବେ। ଯେଉଁଠାରେ ପାରୁଛ ବସ ବୋଲି ମେୟର ସେମାନଙ୍କୁ କହିଛନ୍ତି। ତେଣୁ ଆସନ୍ତା ୨ଦିନ ମଧ୍ୟରେ କଂଗ୍ରେସ ଛାତ୍ରନେତା ଏବଂ ଆମେମାନେ ସ୍ଥାନ ଚିହ୍ନଟ କରି ସମସ୍ତଙ୍କୁ ଜଣାଇବୁ। ଦେଢମାସରୁ ଊର୍ଦ୍ଧ୍ୱ ସମୟ ହେବ ବ୍ୟବସାୟୀମାନେ ଶୀତ କାକର, ଖରାରେ ବସି ରହିଥିଲେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଇଛି। ଯଦି ବ୍ୟବସାୟୀମାନେ ବେପାର ଆରମ୍ଭ କରିବା ପରେ ତାଙ୍କୁ ବିଏମ୍‌ସି ଉଠାଇବାକୁ ଚେଷ୍ଟା କରିବ ତେବେ ତାହାର ଉପଯୁକ୍ତ ଜବାବ ଦିଆଯିବ ବୋଲି ଆରତୀ କହିଛନ୍ତି।

## ସଂକ୍ଷେପରେ

### କଳାପଥର ବୋଝେଇ ହାଇୱା ଜବତ, ଚାଳକ ଫେରାର



ନିରାକାରପୁର,୧୬।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ପୋଲିସ ଶନିବାର କଳାପଥର ବୋଝେଇ ହାଇୱା ଜବତ କରିଛି। ତେବେ ଗିରଫ ଭୟରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି। ନୂଆଜଗନ୍ନାଥ ସଡ଼କ ରାମେଶ୍ୱର ଛକଠାରେ ପୋଲିସ ପକ୍ଷରୁ ଯାଞ୍ଚ ଚାଲିଥିଲା। ଏହି ସମୟରେ ଜଙ୍କିଆ ପଟୁ ଉକ୍ତ କଳାପଥର ବୋଝେଇ ହାଇୱା ପୁରୀ ଅଭିମୁଖେ ଯାଉଥିଲା। ଚେକିଂ ହେଉଥିବା ଦେଖି ଚାଳକ ଜଣଙ୍କ ଗାଡ଼ି ରଖି ଫେରାର ହୋଇଯାଇଥିଲେ। ଏହା ପରେ ପୋଲିସ ଉକ୍ତ ହାଇୱାକୁ ଜବତ କରିଥିଲା।

### ଘରେ ପଶି ସୁନାଗହଣା, ଟଙ୍କା ନେଇଗଲେ

ଗମ୍ଭାରୀମୁଣ୍ଡା,୧୬।୩ (ଦିଲୀପ ସ୍ୱାଇଁ)

ନାଚୁଣୀ ଥାନା ଅନ୍ତର୍ଗତ ସରଳସିଂହ ଗ୍ରାମର ସୀତାରାମ ନୟକଙ୍କ ଘରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୦୫/୨୪) ରୁଜୁ କରି ତଦନ୍ତ ଚଳାଇଛି। ସୀତାରାମଙ୍କ ଅଭିଯୋଗ ଅନୁଯାୟୀ, ଘରେ ପରିବାର ଲୋକେ ଅନୁପସ୍ଥିତ ଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ସୁନାଚେନ, ହାର, ମୁଦି ଓ ୩୦ହଜାର ଟଙ୍କା ନେଇଯାଇଛନ୍ତି। ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅନ୍ୟପଟେ ଉକ୍ତ ଅଞ୍ଚଳରେ ପୋଲିସର ପେଟ୍ରୋଲିଂ ଅଭାବ ଯୋଗୁ ଚୋରଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

### ସ୍ୱାଧୀନ ପଣ୍ଡା ନୂତନ ଜିଲା ଛାତ୍ର ବିଜେଡି ସଭାପତି

ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲାର ନୂତନ ଛାତ୍ର ବିଜେଡି ସଭାପତି ଭାବେ ସ୍ୱାଧୀନ ପଣ୍ଡାଙ୍କୁ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ଦଳର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ପୂର୍ବରୁ ଦଳବିରୋଧୀ କାର୍ଯ୍ୟ ପାଇଁ ପୂର୍ବତନ ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନଙ୍କୁ ଦଳ ବହିଷ୍କୃତ କରିଥିଲା। ପରେ ଏହି ପଦବୀ ଖାଲିପଡ଼ିଥିଲା। ଏହି ନୂତନ ଦାୟିତ୍ୱ ପରେ ଛାତ୍ର ବିଜେଡି ମହଲରେ ଖୁସି ଖେଳିଯାଇଛି। ସ୍ୱାଧୀନ ପୂର୍ବରୁ ବିଜୁ ଛାତ୍ର ଜନତା ଦଳ ଯୁଗ୍ମ ସମ୍ପାଦକ, ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହିଛନ୍ତି। ନୂତନ ଦାୟିତ୍ୱ ପାଇବା ପରେ ମୁଖ୍ୟମନ୍ତ୍ରୀ, ମାନସ ମଙ୍ଗରାଜ, ଜିଲା ସଭାପତି ବିଭୂତି ବଳବନ୍ତରାୟ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଧୀନ କୃତଜ୍ଞତା ଜଣାଇଛନ୍ତି।

# ମାମଲାକୁ ବୁଝିଲେ ପରିଚାଳନା ସହଜ ହେବ

ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)





ଖୋର୍ଦ୍ଧା ଜିଲା ଓକିଲ ସଂଘ ବାର୍ଷିକ ସମ୍ମିଳନୀରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଆଇନଜୀବୀ ଏବଂ ଅନ୍ୟମାନେ

**ଖୋର୍ଦ୍ଧା ଜିଲା ଓକିଲ ସଂଘ ବାର୍ଷିକ ସମ୍ମିଳନୀ**

ଓକିଲ ସଂଘ(ବାର୍) ଏବଂ ଅଦାଲତ (ବେଞ୍ଚ) ମଧ୍ୟରେ ସମନ୍ୱୟ ଜରୁରୀ। କୌଣସି ମାମଲାର ଶୁଣାଣି ବା ବିଚାରବେଳେ ଓକିଲମାନେ ପୂର୍ବ ପ୍ରସ୍ତୁତି କରି ଆସନ୍ତୁ। ନିଜେ ମାମଲାକୁ ଭଲ ଭାବେ ବୁଝିଲେ, କୋର୍ଟରେ ଠିକ୍ ଭାବେ ପରିଚାଳନା କରିପାରିବେ। ଅଧ୍ୟବସାୟ ଏବଂ ସାଧନା ହିଁ ଭବିଷ୍ୟତରେ ଜଣେ ଭଲ ଆଇନଜୀବୀ ହେବାର ସୁଯୋଗ ଦେବ। ବିଭିନ୍ନ ସମୟରେ କୋର୍ଟ ଦେଉଥିବା ରାୟକୁ ତର୍ଜମା ଏବଂ ସମୀକ୍ଷା କଲେ ନିଜର ଦକ୍ଷତା ବୃଦ୍ଧି ହେବା ସହ ପାରଦର୍ଶିତା ହାସଲ କରିବାରେ ସହାୟକ ହୋଇପାରିବ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଛନ୍ତି।

ଖୋର୍ଦ୍ଧା ଜିଲା ସିଭିଲ କୋର୍ଟ ପରିସରରେ ଜିଲା ଓକିଲ ସଂଘର ବାର୍ଷିକ ସମ୍ମିଳନୀ ସଭାପତି ସର୍ବେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ଷଡ଼ଙ୍ଗୀ ନିଜ ଅନୁଭୂତି ବଖାଣିବା ସହ ଆଇନସେବା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଜଣେ ଅଭିଜ୍ଞ ଆଇନଜୀବୀ ହିଁ ଭବିଷ୍ୟତରେ ଜଣେ ଦକ୍ଷ ବିଚାରପତି ହୋଇପାରିବେ। ଅଧିକାଂଶ ବିଚାରପତିଙ୍କ ଆଇନସେବା ଅଭିଜ୍ଞତା ନ ଥାଏ। ଆଇନ ପାଠସାରି ଛାତ୍ରୀଛାତ୍ରମାନେ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସିଧାସଳଖ ଭାବେ ବିଚାରପତି ନିଯୁକ୍ତ ହେଉଛନ୍ତି। ଧୈର୍ଯ୍ୟ ରଖିଲେ ଭବିଷ୍ୟତରେ ହାଇକୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଜଣେ ଉତ୍ତମ ଜଜ୍ ହେବା ସହ ଦକ୍ଷତା ପ୍ରତିପାଦନ କରିପାରିବେ। ଆଇନ ସେବାକୁ ନେଇ ଅନେକଙ୍କ ମଧ୍ୟରେ ଅହଂଭାବ ରହିଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳେ। ନିଜ ଭିତରେ ପରିବର୍ତ୍ତନ ଆଣନ୍ତୁ। ବାର୍‌କୁ ନିଜର ମା' ବୋଲି ଭାବନ୍ତୁ। ତାହା ହେଲେ ଆଇନ ସେବା ସରଳ, ସହଜ ହୋଇପାରିବ। ଆଇନଜୀବୀମାନଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଗଲେ, ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ଆସିପାରିବ ବୋଲି ଷଡ଼ଙ୍ଗୀ କହିଥିଲେ।

ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ଶିତାଂଶୁ ମୋହନ ଦ୍ୱିବେଦୀ ମୁଖ୍ୟବକ୍ତାଭାବେ ଯୋଗଦେଇ ମଧୁସୂଦନ ଦାସଙ୍କ ତ୍ୟାଗମୟ ଆଦର୍ଶ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ ଯେ, ମଧୁବାବୁ ଆଇନଜୀବୀମାନଙ୍କ ପାଇଁ ଆଦର୍ଶ। ଆଇନଜୀବୀମାନେ ନିଜ ଆଚାର, ବ୍ୟବହାରରେ ପରିବର୍ତ୍ତନ ଆଣିପାରିଲେ ସଫଳତା, ସମ୍ମାନ ହାସଲ କରିପାରିବେ। ନିଜକୁ ସଂଶୋଧନ କରନ୍ତୁ। ଜ୍ଞାନ ଆହରଣ କରନ୍ତୁ। ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ଅନ୍ୟପ୍ରତି ସ୍ନେହ, ଶ୍ରଦ୍ଧାଭାବ ରଖିବାକୁ ପରାମର୍ଶ ଦେଇଥିଲେ। ବାର୍ ଏବଂ ବେଞ୍ଚ ମଧ୍ୟରେ ସମନ୍ୱୟ ରଖିବା ଲାଗି ବାର୍ କାଉନ୍‌ସିଲ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଆଇନ୍‌ଜୀବୀମାନେ ବିଶୃଙ୍ଖଳା କରିଲେ, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦ୍ୱିବେଦୀ କହିଥିଲେ। ବାର୍ ସଭାପତି ଅତିଥି ପରିଚୟ ରଖିଥିବା ସମ୍ପାଦକ ମନ୍ମଥ ମିଶ୍ର ବିବରଣୀ ପାଠ କରିଥିଲେ। ବରିଷ୍ଠ ଆଇନଜୀବୀ ବିଜୟ ଛୋଟରାୟ ସଂଯୋଜନା ଏବଂ ବାର ଉପସଭାପତି ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ସମସ୍ତ ବିଚାରପତି, ଆଇନଜୀବୀମାନେ ଉପସ୍ଥିତ ଥିଲେ।

### କଠିନ ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ

ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟିଏଲ୍‌ସି ରୋଡ୍‌ସ୍ଥିତ ମୋନାଲିସା ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷା କବିତା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ ମୁଖ୍ୟ ଅତିଥି, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, ଭଲ ପାଠ ପଢ଼ି ବିଦ୍ୟାଳୟ ଓ ଦେଶର ଗୌରବ ରଖ। ଶୃଙ୍ଖଳା ଓ ଜ୍ଞାନର ସୀମା ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା କବିତା ବିଦ୍ୟାଳୟର ସଫଳତା, ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କଠିନ ପରିଶ୍ରମ ଓ ଅସୀମ ଧୈର୍ଯ୍ୟ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି କହିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଅଭିଭାବକ ସନ୍ତୋଷ ଜେନା ଓ ନିରୁପମା ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ମିତା ବେହେରା ଅତିଥି ପରିଚୟ, ପ୍ରତିଭା ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ସୋନାଲି ସାହୁ ଧନ୍ୟବାଦ ଦେଇଥିଲେ। ଗିରିଶ୍ ଚନ୍ଦ୍ର ଗୁମାନ୍‌ସିଂ, ସୁକାନ୍ତି ମିଶ୍ର, ଚିନ୍ମୟୀ ପ୍ରିୟଦର୍ଶିନୀ, ସୌନ୍ଦର୍ଯ୍ୟା ପଣ୍ଡା, ନିର୍ଲିପ୍ତା ପ୍ରିୟଦର୍ଶିନୀ, ଶ୍ୱେତାଲିନା ସାମନ୍ତସିଂହାର, ରଶ୍ମିତା ମାଝି, ଅର୍ଚ୍ଚନା ଚିନାରା ପ୍ରମୁଖ ସହଯୋଗ କରିଥିଲେ।

# ୱାର୍ଡ ସଭ୍ୟାସଭ୍ୟଙ୍କ ଭୋଟ ବର୍ଜନ ଚେତାବନୀ




ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୱାର୍ଡ ସଭ୍ୟାସଭ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନିରାକାରପୁର,୧୬।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର ଆଗାମୀ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ ବିଭିନ୍ନ ବର୍ଗଙ୍କ ପାଇଁ ପ୍ୟାକେଜ ଘୋଷଣା କରିଛନ୍ତି। ଏହିକ୍ରମରେ ୱାର୍ଡ ସଭ୍ୟାସଭ୍ୟମାନଙ୍କ ଭତ୍ତା ୨୪୦ଟଙ୍କାରୁ ୪୮୦ଟଙ୍କାକୁ ବୃଦ୍ଧି କରିଛନ୍ତି। ହେଲେ ପାରିତୋଷିକ ରାଶି ପ୍ରତି ଗୁରୁତ୍ୱ ଦିଆଯାଇ ନାହିଁ। ତେଣୁ ଏହି ପାରିତୋଷିକ ରାଶିକୁ ୪ହଜାର ଟଙ୍କା ପ୍ରାପ୍ୟ ଦାବି କରି ଶନିବାର ଟାଙ୍ଗୀ ବ୍ଲକ ଲେଣ୍ଡୋ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ସରପଞ୍ଚଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସହ ପଞ୍ଚାୟତର କୌଣସି ବୈଠକରେ ସହଯୋଗ କରିବେ ନାହିଁ ବୋଲି ୱାର୍ଡସଭ୍ୟ ଭାସ୍କର ସାମଲ, ମାନିଆ ପ୍ରଧାନ, ୱାର୍ଡସଭ୍ୟା ଅଞ୍ଜଳି ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ସାମିଲ ଥିଲେ।

### ବିଶ୍ୱଶାନ୍ତି ରୁଦ୍ରଦୀପ ମହାଯଜ୍ଞ

ଗମ୍ଭାରୀମୁଣ୍ଡା,୧୬।୩(ଦିଲୀପ ସ୍ୱାଇଁ)

ଚିଲିକା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମସ୍ଥିତ ବାଙ୍କନିଧି ଦେବଙ୍କ ପୀଠରେ ଚାଲିଥିବା ବିଂଶତମ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ରଦୀପ ମହାଯଜ୍ଞର ଶନିବାର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଯଜ୍ଞରେ ଚନ୍ଦ୍ରଶେଖର ଦେବ, ମହାପ୍ରଭୁଙ୍କ ଆଜ୍ଞାମାଳ, ପ୍ରତାପରୁଦ୍ର ମହାଦେବ ଏବଂ ମା'ଦୁଆରଶୁଣୀ କାଠି ଠାକୁରାଣୀ, ହରିହର ଦେବ, ମା'ରାମଚଣ୍ଡୀ, ଶ୍ରୀଜଗନ୍ନାଥ ଦେବ, ଶ୍ରୀଯଜ୍ଞ ନାରାୟଣ ଦେବ, ଗାଦିଶ୍ୱେର ଦେବ, ତ୍ରିନାଥ ଦେବ ଏବଂ ମା'ତାରିଣୀଙ୍କ ବିଜେ ପ୍ରତିମା ସୁସଜ୍ଜିତ ବିମାନରେ ଆଗମନ ହୋଇଥିଲା। ଏହି ଅବସରରେ ପ୍ରତ୍ୟେକ ଦିନ ବିଭିନ୍ନ ନୀତିକାନ୍ତି ସହ ସନ୍ଧ୍ୟାରେ ମାନସିକଧାରୀଙ୍କ ପକ୍ଷରୁ ସମୂହଭାବେ ୧ଲକ୍ଷ ୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ଶ୍ରୀକ୍ଷେତ୍ର ଗଣନାଟ୍ୟ ଦ୍ୱାରା ସାମାଜିକ ଏବଂ ଶିକ୍ଷାଭିତ୍ତିକ ନାଟକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଇଚ୍ଛାପୁର ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟାଙ୍ଗିଆପଡ଼ାରେ ପୋଷଣ ପକ୍ଷ ଦିବସ



ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ଶନିବାର କେରଙ୍ଗ ସେକ୍ଟର ଅଙ୍ଗନୱାଡି କର୍ମୀଙ୍କ ସହଯୋଗରେ ପୋଷଣ ପକ୍ଷ ଦିବସ ପାଳିତ ହୋଇଯାଇଛି। ଏଥିରେ କେରଙ୍ଗ, ବରସାହି ଓ ଟାଙ୍ଗିଆପଡ଼ା ଅଞ୍ଚଳର ୩୦ ଅଙ୍ଗନୱାଡି କର୍ମୀ ଯୋଗଦେଇଥିବାବେଳେ ବହୁ ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକାମାନେ ଯୋଗଦେଇଥିଲେ। କେଉଁ ଖାଦ୍ୟରେ କେଉଁ ପ୍ରକାରର ଭିଟାମିନ୍ ରହିଛି, କେଉଁ ଖାଦ୍ୟ ପ୍ରତ୍ୟହ ନିଜ ବାରିରୁ ମିଳିପାରିବ ଏବଂ ଏହି ଖାଦ୍ୟ ଦ୍ୱାରା କିଭଳି ରକ୍ତହୀନତା ଓ ଅପପୁଷ୍ଟି ରୋଗରୁ ମୁକ୍ତି ପାଇପାରିବା ତାହା ଉପରେ ସଚେତନ କରାଯାଇଥିଲା। ସରକାରଙ୍କ ମମତା ଯୋଜନାରେ ମିଳୁଥିବା ସହାୟତା ରାଶିରେ ସ୍ୱାସ୍ଥ୍ୟର ଯତ୍ନ ଏବଂ ଖାଇବା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଖୋର୍ଦ୍ଧା ବ୍ଲକ କେରଙ୍ଗ ସେକ୍ଟର ସୁପରଭାଇଜର ବିନି ଦେଈ, ପୋଷଣ ବ୍ଲକ ସଂଯୋଜକ ପ୍ରିୟରଞ୍ଜନ ପଟ୍ଟନାୟକ, ମମତା ଯୋଜନାର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ପୋଷଣ ଖାଦ୍ୟ ଓ ମମତା ଯୋଜନା ଉପରେ ଅନେକ ଉପାଦେୟ ତଥ୍ୟ ଦେଇଥିଲେ। କେରଙ୍ଗର ଅଙ୍ଗନୱାଡି କର୍ମୀ ମନିରା ବେଗମ୍, ବରସାହିର ସୁମିତ୍ରା ଆଚାର୍ଯ୍ୟ, ଟାଙ୍ଗିଆପଡ଼ାର ମୀନା କୁମାରୀ ପ୍ରଧାନଙ୍କ ସହିତ ମିନତି ତ୍ରିପାଠୀ, ପ୍ରଣତି ବଳିୟାରସିଂ, ନମିତା ମହାନ୍ତି, ଲିପି ସାହୁ, ଶୁଭଲକ୍ଷ୍ମୀ ପ୍ରଧାନ, ସଞ୍ଜୁକ୍ତା ବେହେରା, ଶୈଳବାଳା ପଟ୍ଟନାୟକ, ରିତା ଗିରି ଓ ଅନ୍ୟ ସେକ୍ଟର କର୍ମୀ ସହଯୋଗ କରିଥିଲେ।

# ସମ୍ପର୍କକୁ ସୁଦୃଢ଼କରେ ମନର ଭାବପ୍ରବଣ

ବେଗୁନିଆ,୧୬।୩(ହର ପ୍ରସନ୍ନ ପଣ୍ଡା)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବେଗୁନିଆ ବ୍ଲକ ଅନ୍ତର୍ଗତ କାଚରା ଗ୍ରାମର ତ୍ରିନାଥ ଦେବ କଳା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଶନିବାର କବିତା ପାଠୋତ୍ସବ ଏବଂ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ଥିତ ତ୍ରିନାଥ ଦେବ ମନ୍ଦିର ପରିସରରେ ଆୟୋଜିତ ସଭାରେ ଶିକ୍ଷାବିତ୍ ଗଗନ ବିହାରୀ ବେହେରା ସଭାପତିତ୍ୱ କରିଥିଲେ। ଡା.ଅମରେନ୍ଦ୍ର ନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଏବଂ କବିକେତନ ଗୌରଚରଣ ସାମନ୍ତସିଂହାର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗାୟକ ବସନ୍ତ କୁମାର ଦାସ ଓ ବିଶ୍ୱନାଥ ପଣ୍ଡା ମଙ୍ଗଳା ଚରଣ ପାଠ କରିବା ପରେ ସଭା ଆରମ୍ଭ ହୋଇଥିଲା। ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। 'ସଙ୍କଟରେ ସମ୍ପର୍କ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ପାଶ୍ଚାତ୍ୟ ସଭ୍ୟତାରେ ଏବେ ସଙ୍କଟରେ ପଡ଼ିଛି ସମ୍ପର୍କ। ମଣିଷର ସଦାସର୍ବଦା ସାଧାରଣ ଇଛା ଥାଏ ସମ୍ପର୍କ ବା ଘନିଷ୍ଠତା। ଜୀବନରେ ପ୍ରକୃତ ସମ୍ପର୍କକୁ ସୁଦୃଢ଼ କରେ ମନର ଭାବପ୍ରବଣ। ତେଣୁ ବର୍ତ୍ତମାନର ସମାଜରେ ବ୍ୟକ୍ତିଗତ ସମ୍ପର୍କ, ଭାବପ୍ରବଣ, ସ୍ୱଚ୍ଛତା ଓ ଅନ୍ତରଙ୍ଗ ଆଳାପର ଆବଶ୍ୟକତା ପଡୁଛି ବୋଲି ଅତିଥି ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ସଂଯୋଜନା କରିଥିଲେ। କବିତା ପାଠରେ କବୟିତ୍ରୀ ପ୍ରତିମା ପ୍ରଧାନ, ମାନସୀ ଦାସ, କବି ବସନ୍ତ କୁମାର ସାହୁ, ଅଶ୍ୱିନୀ କୁମାର ପଟ୍ଟନାୟକ, ଲକ୍ଷ୍ମୀଧର ମହାରଣା, ପୂର୍ବତନ ସେନା କର୍ମଚାରୀ ବସନ୍ତ କୁମାର ହୋତା, ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଶରତ କୁମାର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ୨୫ରେ କୃଷ୍ଣପ୍ରସାଦ ଦୋଳଯାତ୍ରା ମହୋତ୍ସବ

କୃଷ୍ଣପ୍ରସାଦ,୧୬।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ ଚନ୍ଦନ ଯାତ୍ରା ପଡ଼ିଆରେ ଦୋଳଯାତ୍ରା ମହୋତ୍ସବ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ପାଞ୍ଚ ମୌଜା ପରିଚାଳନା କମିଟି ନେତୃତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ପୌରୋହିତ୍ୟ କରିବେ। ପରମ୍ପରା ଅନୁସାରେ ମୁଖ୍ୟ ପୀଠାଧିଶ ନୀଳକଣ୍ଠେଶ୍ୱର ଦେବ ଓ ଦଧିବାମନ ଦେବଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସ୍ଥାନରୁ ୨୩ଠାକୁର ଭକ୍ତଙ୍କ ଗହଣରେ ମେଳଣ ପଡ଼ିଆକୁ ବିଜେ କରିଥାନ୍ତି। ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଠାକୁରଙ୍କ ମେଳଣ ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଉତ୍ସବ ଶାନ୍ତିଶୃଙ୍ଖଳାରେ ପାଳନ ହେବ ବୋଲି ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ କହିଛନ୍ତି।

# ଆଜିଠୁ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ

ବୋଲଗଡ଼,୧୬।୩(ଦେବବ୍ରତ ହୋତା)

**ଖେଳାଳି ନିଲାମ ପ୍ରକ୍ରିୟା ଶେଷ**

ଖୋର୍ଦ୍ଧା ଜିଲା ବୋଲଗଡ଼ ପରମାନନ୍ଦ କଲେଜ ଖେଳପଡ଼ିଆରେ ରବିବାରଠାରୁ ବୋଲଗଡ଼ ପ୍ରିମିୟର ଲିଗ୍ (ବିପିଏଲ) କ୍ରିକେଟ୍ ଟୁର୍ନାମେଣ୍ଟର ଦଶମ ସଂସ୍କରଣ ଆରମ୍ଭ ହେବ। ଏକମାସ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ୍ ୨୮ଟି ମ୍ୟାଚ୍ ଖେଳାଯିବ। ଏଥିଲାଗି ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ସ୍ଥାନୀୟ ନନ୍ଦିଘୋଷ ଭବନଠାରେ ଆୟୋଜିତ ନିଲାମ ପ୍ରକ୍ରିୟାରେ ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆବେଦନ କରିଥିବା ୧୪୦ ଖେଳାଳିଙ୍କ ମଧ୍ୟରୁ ୮ଟି ଫ୍ରାଞ୍ଚାଇଜ୍ ଦଳ ପାଇଁ ସେମାନଙ୍କ ମାଲିକମାନେ ଖେଳାଳି ଚୟନକରି ନିଲାମ ମାଧ୍ୟମରେ ସେମାନଙ୍କୁ କ୍ରୟ କରିଥିଲେ। ମୋଟ୍ ୮ଟି ଟିମ୍ ପାଇଁ ପ୍ରତି ଦଳରେ ୧୫ଜଣ ଖେଳାଳି ଲେଖାଏ ମୋଟ୍ ୧୨୦ ଜଣଙ୍କୁ କ୍ରୟ କରାଯାଇଥିଲା। ପ୍ରତ୍ୟେକ ଖେଳାଳିଙ୍କ ବେସିକ୍ ନିଲାମ ମୂଲ୍ୟ ୧୦୦ ଟଙ୍କା ରହିଥିଲା। ରାଜା ଇଲେଭେନ, ରିୟଲ ଫାଇଟର, ଫିଲ୍ଡ ଫାଇଟର, ରାନୀ ବ୍ଲାଷ୍ଟର, ଆର୍ମି ଇଲେଭେନ, ରାଜା ଫାଇଟର, ସ୍ମାଇଲ ଏଲେଭେନ ଓ ମହାବୀର ୱାରିଅର ଆଦି ଫ୍ରାଞ୍ଚାଇଜ୍ ଟୁର୍ନାମେଣ୍ଟରେ ପରସ୍ପର ସହ ଦୁଇଥର ଲେଖାଏ ଖେଳିବେ। ନିଲାମରେ ଖେଳାଳି ସିଦ୍ଧାନ୍ତ ଦଳାଇଙ୍କୁ ରାଜା ଫାଇଟର ସର୍ବାଧିକ ୪,୧୦୦ ଟଙ୍କାରେ କ୍ରୟ କରିଛି। ନିଲାମ ପ୍ରକ୍ରିୟାରେ ସ୍ନେହାଂଶୁ ଚମ୍ପତି, ବୁଲୁ ସାହୁ, ରାଜୀବ ଲୋଚନ ସ୍ୱାଇଁ, ଆଦିଶକ୍ତି ପାଟ୍ଟଶାଣୀ ସହଯୋଗ କରିଥିଲେ।



ନନ୍ଦିଘୋଷ ଭବନଠାରେ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଖେଳାଳିଙ୍କୁ ନିଲାମ କରାଯାଉଛି।

# ରଘୁନାଥ ଦେବ-ଯୁବଜ୍ୟୋତି କ୍ଲବ୍ ଫାଇନାଲ

**ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)



ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ଗ୍ରାମ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ସେଞ୍ଚୁରିୟନ ୟୁନିଭର୍ସିଟି ନାଇଜେରିଆନ ଏଫ୍‌ସି ଓ ରଘୁନାଥ ଦେବ କ୍ଲବ ଟାଙ୍ଗୀ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ସେଞ୍ଚୁରିୟନ ପକ୍ଷରୁ ୟୁସୁଫ୍ ଜାମୁ ଗୋଟିଏ ଗୋଲ୍ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଟାଙ୍ଗୀର ବାପୁନି ବିନ୍ଧାଣି ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ଉଭୟ ଟିମ୍ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ରଘୁନାଥ ଦେବ ଟାଙ୍ଗୀ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପି.କେ ନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ପ୍ରଫୁଲ୍ଲ ବେହେରା, ସଗିର ଅହମ୍ମଦ ସହଯୋଗ କରିଥିଲେ। ଚତୁର୍ଥ ରେଫରିଭାବେ ଅମ୍‌ଜାଦ ଓ ମ୍ୟାଚ କମିଶନର ଭାବେ ଡାନିଏଲ ନାୟକ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ମନ୍ମଥ ରାଉତରାୟ, ସୁରଜ ପାଇକରାୟ, ମହିଉଦ୍ଦିନ ଅହମ୍ମଦ ଖାଁ, ଇଦ୍ରିଶ୍ ଖାଁ, ଜମ୍ମେଶ୍ୱର ବଡ଼ଜେନା, ଶୋଇଫ ଅହମ୍ମଦ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ରଘୁନାଥ ଦେବ ଟାଙ୍ଗୀ ଓ ଯୁବଜ୍ୟୋତି କ୍ଲବ ପଙ୍କାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବନ୍ଧୁତ୍ୱପୂର୍ଣ୍ଣ ଖୋ ଖୋ ମ୍ୟାଚ୍

ପୁରୀ, ୧୬।୩(ଅଜିତ୍ ମହାନ୍ତି): ତାଳବଣିଆ ଷ୍ଟାଡିୟମରେ ଶନିବାର ଓଡ଼ିଶା ପୁରୁଷ ଓ ମହିଳା ଖୋ ଖୋ ଦଳ ଏବଂ ପଶ୍ଚିମବଙ୍ଗ ଖୋ ଖୋ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କୋଚ୍ ସଞ୍ଜୀବ ଶର୍ମା, ଆକାଶ ରଣା ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଏଭଳି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ରବିବାର ମଧ୍ୟ ଅନୁଷ୍ଠିତ ହେବ। ଏହି ମ୍ୟାଚରୁ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରାଯିବ। ଚଳିତ ମାସ ୨୮ରୁ ଅପ୍ରେଲ ୧ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାରୁ ଥିବା ସିନିୟର ଜାତୀୟ ଖୋଖୋ କ୍ରୀଡା ପ୍ରତିଯୋଗିତା ପୂର୍ବରୁ ଏଭଳି ମ୍ୟାଚ ଖୋ ଖୋ ଖେଳାଳିଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୋଚ ଶର୍ମା ଆଶା ପ୍ରକାଶ କରିଛନ୍ତି।

### ଆଚରଣବିଧି ଲାଗୁ ପରେ ହଟିଲା ଦଳୀୟ ପୋଷ୍ଟର

ଅସ୍ତରଙ୍ଗ, ୧୬।୩(ପ୍ରଦୀପ୍ତ ଦୀକ୍ଷିତ): ୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଲାଗୁ ହୋଇଛି ଆଚରଣବିଧି। ଏହି ବିଧି ଲାଗୁହେବା ପରେ ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଲାଗିଥିବା ଦଳୀୟ ପୋଷ୍ଟର ଓ ହୋର୍ଡିଂକୁ ଶନିବାର ହଟାଇ ଦିଆଯାଇଛି। ଅସ୍ତରଙ୍ଗ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ପୋଲିସ ସହାୟତାରେ ବିଭିନ୍ନ ସ୍ଥାନରୁ ହୋର୍ଡିଂ ଖୋଲିଥିବା ଦେଖିବାକୁ ମିଳିଛି। ନିର୍ବାଚନ ଆଚରଣବିଧି ନିୟମ ଅନୁସାରେ କୌଣସି ରାଜନୈତିକ ଦଳର ପୋଷ୍ଟର କିମ୍ବା ବ୍ୟାନର ସରକାରୀ ସ୍ଥାନ ଅବା ସରକାରୀ କାନ୍ଥରେ ଲଗାଯାଇପାରିବ ନାହିଁ।

### ଓଡ଼ିଶା ଦଳରେ ପୁରୀରୁ ୮ ପ୍ରତିଯୋଗୀ -ଉପକନିଷ୍ଠ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

ପୁରୀ, ୧୬।୩(ଅଜିତ୍ ମହାନ୍ତି): ତୃତୀୟ ଉପକନିଷ୍ଠ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଚଳିତ ମାସ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ଗ୍ରେଟରନୋଏଡାର ଶହୀଦ ବିଜୟ ସିଂ ପାଥିକ ସ୍ପୋର୍ଟ୍ସକମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଭାଗ ନେବେ। ଓଡ଼ିଶା ଦଳରେ ପୁରୀ ଜିଲାର ୮ଜଣ ପ୍ରତିଯୋଗୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଶିଷ କୁମାର ବେହେରା (୩୩–୩୫ କେଜି ବର୍ଗ), ନରେନ୍ଦ୍ର ସାହୁ (୩୫–୩୭ କେଜି), ଭଗବାନ ବେହେରା (୩୭–୪୦ କେଜି), ଟି.ସନ୍ଦୀପ ରାଓ (୪୦–୪୩ କେଜି), ଋତୁରାଜ ଜେନା (୪୩–୪୬ କେଜି), ଆୟୁଷ୍ମାନ ଭାରତୀ (୪୬–୪୯ କେଜି), ମନୋଜ ବେହେରା (୪୯–୫୨ କେଜି), ବିରଞ୍ଚି ନାରାୟଣ ନନ୍ଦ ( ୭୦+ କେଜି ବର୍ଗ)। ଶନିବାର ସମସ୍ତ ପ୍ରତିଯୋଗୀ ଟ୍ରେନ୍ ଯୋଗେ ଉତ୍ତରପ୍ରଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ରାଜ୍ୟ ଦୌଡ଼କୁଦ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ, ଅନୀଲ ଗୋଚ୍ଛିକାର, ବିନୋଦ ସିଂ, ନିରଞ୍ଜନ ମିଶ୍ର, ରଞ୍ଜନ ରେଡ୍ଡୀ, ବିଶ୍ୱଭୂଷଣ ପଣ୍ଡା, ଜଗନ୍ନାଥ ରାଉତ ଏବଂ ପ୍ରଦୀପ ଦାସ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

# ନୟାହାଟ ସମସ୍ୟା ପ୍ରତି ପ୍ରଶାସନର ଅଣଦେଖା

- ରାସ୍ତା ଶୋଚନୀୟ, ଶୌଚାଳୟ ନାହିଁ
- ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ସ୍ଥାୟୀ ଡାକ୍ତର
- ବିପର୍ଯ୍ୟସ୍ତ ହୋଇପଡୁଛି ଟ୍ରାଫିକ ବ୍ୟବସ୍ଥା

ଯୋଗେଶ୍ୱରପୁର, ୧୬।୩ (ରଶ୍ମିରଞ୍ଜନ ସାହୁ): ଗୋପ ବ୍ଲକ ଅନ୍ତର୍ଗତ ଯୋଗେଶ୍ୱରପୁର ଓ ନୟାହାଟ ଫାଣ୍ଡି ଅଞ୍ଚଳ ବିଭିନ୍ନ ସମସ୍ୟା ଘେରରେ ରହିଛି। ନୟାହାଟ ମୁଖ୍ୟତଃ ବ୍ୟବସାୟୀମାନଙ୍କ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏହା ଉପରେ ପୁରୀ, କଟକ ଓ ଜଗତ୍‌ସିଂହପୁର ଜିଲାର ଲୋକେ ନିର୍ଭର କରନ୍ତି। ପ୍ରତ୍ୟେକ ରବିବାର, ସୋମବାର, ବୁଧବାର ଓ ଶୁକ୍ରବାର ପାନହାଟ ବସେ। ହାଟପାଳି ଦିନ ବିଭିନ୍ନ ସ୍ଥାନରୁ ପାନଚାଷୀ ଓ ବ୍ୟବସାୟୀମାନେ ଆସି ପାନ କିଣାବିକା କରିଥାନ୍ତି। ତେବେ ଏଠାରେ ସେମାନଙ୍କ ଲାଗି ଶୌଚାଳୟ ଓ ବିଶ୍ରାମାଗାର ସୁବିଧା ନାହିଁ। ନୟାହାଟରେ ଯାତ୍ରୀ ପ୍ରତୀକ୍ଷାଳୟ ନ ଥିବାରୁ ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀ ଓ କଲେଜ ଛାତ୍ରୀଛାତ୍ରମାନେ ଖରା, ବର୍ଷାରେ ଦୀର୍ଘ ସମୟ ରାସ୍ତାପାର୍ଶ୍ୱରେ ଠିଆ ହୋଇ ଗାଡ଼ିକୁ ଅପେକ୍ଷା କରିବାକୁ ବାଧ୍ୟ ହୁଅନ୍ତି। ଏଠାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ବସ୍‌ଗୁଡ଼ିକ ରହିବାରେ ସମସ୍ୟା ଉପୁଜୁଛି। ହାଟପାଳି ଦିନ ଗାଡ଼ିମୋଟର ଓ ଲୋକଙ୍କ ଭିଡ଼ ଯୋଗୁ ସିଙ୍ଗିପାନିଆଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଯାଏ। ଯାତାୟାତ ଲାଗି ହଇରାଣ ହେବାକୁ ପଡ଼େ। ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପୋଲିସ ନାକେଦମ୍ ହୁଏ। ନୟାହାଟ ବଜାରରେ ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ। ରାସ୍ତା ଅବସ୍ଥା ଶୋଚନୀୟ। ବସୁଧା ଯୋଜନାରେ ନିର୍ମିତ ଟ୍ୟାପ୍‌ରୁ ପାଣି ବାହାରୁନି। ମନଇଚ୍ଛା ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ କରାଯାଉଛି। ଏଥିଯୋଗୁ ବ୍ୟାଙ୍କ ସେବା, ଅଫିସ ଓ ବ୍ୟବସାୟ କାର୍ଯ୍ୟ ପ୍ରଭାବିତ ହେଉଛି। ୬ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନୟାହାଟ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉପରେ ନିର୍ଭର କରନ୍ତି। ତେବେ ଏଠାରେ ସ୍ଥାୟୀ ଡାକ୍ତର ନ ଥିବାରୁ ରୋଗୀଙ୍କୁ ଉପଯୁକ୍ତ ସେବା ମିଳୁ ନାହିଁ। ପୂର୍ବାହ୍ନ ୧୧ଟା ପରେ ଡାକ୍ତରଖାନାରେ ତାଲା ପଡ଼ିଯାଉଛି। ରୋଗୀଙ୍କୁ ଖର୍ଚ୍ଚାନ୍ତ ହୋଇ ଘରୋଇ ହସ୍ପିଟାଲକୁ ଯିବାକୁ ପଡୁଛି। ସ୍ଥାନୀୟ ପ୍ରଶାସନର ଅଣଦେଖା ମନୋଭାବ ଯୋଗୁ ନୟାହାଟର ସମସ୍ୟା ସୁଧୁରୁନାହିଁ। ଏ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

# ବଡ଼ଦାଣ୍ଡରେ ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ।

ପୁରୀ, ୧୬।୩(ଅଜିତ୍ ମହାନ୍ତି) ସାଧାରଣ ନିର୍ବାଚନକୁ ଅବାଧ ତଥା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୁରୀରେ ଦ୍ୱିତୀୟ ଥର ପାଇଁ ଶନିବାର ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ସିଆର୍‌ପିଏଫ୍‌ର ଏକ ସ୍ୱତନ୍ତ୍ର ବାଟାଲିୟନ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରିଛି। ନିର୍ବାଚନ ସମୟରେ ସୁରକ୍ଷା ପାଇଁ ସିଆର୍‌ପିଏଫ୍ ଯବାନ ମୁତୟନ ରହିବେ। ଆପରାଧିକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା ପାଇଁ ଫ୍ଲାଗ୍‌ମାର୍ଚ୍ଚ ଜରିଆରେ ଅସାମାଜିକ ବ୍ୟକ୍ତିମାନଙ୍କୁ ବାର୍ତ୍ତା ଦିଆଯାଇଛି। ସେହିପରି ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବାକୁ ପୋଲିସ ପକ୍ଷରୁ ସଚେତନ କରାଯାଇଛି। ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର କହିଛନ୍ତି, ନିର୍ବାଚନ କମିଶନ ଶନିବାର ନିର୍ବାଚନ ତାରିଖ ଘୋଷଣା କରିବା ପରେ ବର୍ତ୍ତମାନ ଆଚରଣ ବିଧି ଲାଗୁ ହୋଇସାରିଛି। ଜିଲା ପ୍ରଶାସନ ପକ୍ଷରୁ ସିଆର୍‌ପିଏଫର ଗୋଟିଏ ସ୍ୱତନ୍ତ୍ର ବାଟାଲିୟନ ସମେତ ଜିଲାପାଳ, ଏସ୍‌ପି, ସିଟି ଡିଏସ୍‌ପି ଏବଂ ସମସ୍ତ ଥାନାର ଆଇଆଇସିମାନଙ୍କୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ନିର୍ବାଚନ ସମୟରେ ଲୋକେ ଯେପରି ସୁରକ୍ଷିତ ଭାବେ ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ ଏବଂ ଶୃଙ୍ଖଳିତ, ଅବାଧ, ନିରପେକ୍ଷ ନିର୍ବାଚନ ପରିଚାଳନାକୁ ନଜରରେ ରଖି ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ନିର୍ବାଚନ ପାଇଁ ପୁରୀ ଜିଲା ପୋଲିସ ପ୍ରସ୍ତୁତ ରହିଛି। ସହରରେ ଅପରାଧିକ ଗତିବିଧି ଉପରେ ପୋଲିସ କଡ଼ା ନଜର ରଖିଛି। ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆଗାମୀ ଦିନରେ ଅପରାଧୀମାନଙ୍କୁ ୧୧୦ ସିଆର୍‌ପିସିରେ ବୁକ୍ କରାଯିବ। ଜିଲାର ବିଭିନ୍ନ ବିଧାନସଭା ମଣ୍ଡଳୀରେ ଭିନ୍ନ ଭିନ୍ନ ତାରିଖରେ ଫ୍ଲାଗ୍‌ମାର୍ଚ୍ଚ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।



ଚାରିଛକ ବ୍ରହ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଶିବ ଦର୍ଶନ ଆଧ୍ୟାତ୍ମିକ ମହୋତ୍ସବ ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

# ଶିବ ଦର୍ଶନ ଆଧ୍ୟାତ୍ମିକ ମହୋତ୍ସବ ଉଦ୍‌ଘାଟିତ

ଚାରିଛକ, ୧୬।୩(ଶିଶିର ସ୍ୱାଇଁ): ପୁରୀ ଜିଲାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଚାରିଛକ ଶାଖାର ବ୍ରହ୍ମାକୁମାରୀ ମଞ୍ଜୁଙ୍କ ନେତୃତ୍ୱରେ ଶନିବାର ଚାରିଛକ ବ୍ରହ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶିବଦର୍ଶନ ଆଧ୍ୟାତ୍ମିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ନିର୍ଦ୍ଦେଶକ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ଓ ବ୍ରହ୍ମାକୁମାରୀ ସବ୍ ଜୋନ୍ ପୁରୀର ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରତିମା, ସମ୍ମାନିତ ଅତିଥି ଭାବେ ନିଆଳି ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଭ୍ରାତା ନ୍ୟାୟବ୍ରତ ରାଉତ, ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଭ୍ରାତା ଚନ୍ଦ୍ରକାନ୍ତ ଦଳାଇ, ପୂର୍ବତନ ପୁରୀ ଜିଲା ୨୧ନଂ. ଜିଲା ପରିଷଦ ସଭ୍ୟ ଭ୍ରାତା ପୂର୍ଣ୍ଣଚନ୍ଦ୍ର ଓଝା, ସମାଜସେବିକା ତଥା ଏସ୍‌ଏଚ୍‌ଜି ସଭାନେତ୍ରୀ ଭଗିନୀ ସସ୍ମିତା ତ୍ରିପାଠୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବରେ ସାରା ବିଶ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇବାକୁ ସାମ୍ପ୍ରତିକ ପରିସ୍ଥିତିରେ ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକତା ଅଛି ବୋଲି ମୁଖ୍ୟବକ୍ତା କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ସୁଷମା, ବ୍ରହ୍ମାକୁମାରୀ ରଶ୍ମିତା ସହିତ ଭ୍ରାତା ନିରଞ୍ଜନ, କୁଳମଣି, ନାରାୟଣ, କେଦାର, ଦୈତାରି, ଶ୍ରୀଧର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ବିଭିନ୍ନ ଶାଖାରୁ ଭଉଣୀ ଭାଇଙ୍କ ସହ ଶତାଧିକ ଭକ୍ତ ଯୋଗଦେଇ ଆଧ୍ୟାତ୍ମିକ ବିଷୟରେ ଶୁଣିଥିଲେ।

# ତହସିଲଦାରଙ୍କୁ କଣାସ ସାମ୍ବାଦିକ ସଂଘର ଦାବିପତ୍ର

କଣାସ, ୧୬।୩(ବିଭୂତି ଭୂଷଣ ତ୍ରିପାଠୀ): ଖବରଦାତାମାନେ ଦିନରାତି ପରିଶ୍ରମ କରି ଲୋକଙ୍କ ପାଖରେ ଟିକିନିକି ଖବର ପହଞ୍ଚାଉଛନ୍ତି। ଏହାସତ୍ତ୍ୱେ ରାଜ୍ୟ ସରକାର ସମସ୍ତ କର୍ମଚାରୀଙ୍କ ପାଇଁ ନଜର ଦେଉଥିବାବେଳେ ଖବରଦାତାଙ୍କୁ ଅଣଦେଖା କରୁଛନ୍ତି। ଏପରି ବିଭିନ୍ନ ଅଭିଯୋଗରେ କଣାସ ସାମ୍ବାଦିକ ସଂଘର ବରିଷ୍ଠ ଖବରଦାତା କୃପାସିନ୍ଧୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଖବରଦାତାଙ୍କୁ ଆବାସ ଗୃହ ପ୍ରଦାନ, ମାସିକ ପେନ୍‌ସନ, ଅବସରକାଳୀନ ଭତ୍ତା ପ୍ରଦାନ, ଦେଇଥିବା ସ୍ୱାସ୍ଥ୍ୟ ବୀମାକୁ ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି, ଖବରଦାତାଙ୍କ ଝିଅ ପୁଅଙ୍କୁ ମାଗଣାରେ ପାଠ ପଢ଼ାଇବା ଆଦି ୬ ଦଫା ଦାବିରେ ସଂଘ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସମୀର କେଶରୀ ବଳିୟାରସିଂ, ଶ୍ରୀକାନ୍ତ ପଟ୍ଟଯୋଷୀ, ହେମନ୍ତ ମହାରଥୀ, ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ପୂର୍ବରୁ ଦାବି ପୂରଣ ନ ହେଲେ ଖବରଦାତାମାନେ ସରକାରଙ୍କୁ ଉଚିତ୍ ଜବାବ ଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଦାଦା ଆକ୍ରମଣରେ ପୁତୁରା ଗୁରୁତର

ପିପିଲି, ୧୬।୩(ଦୁର୍ଗାମାଧବ ମିଶ୍ର): ପିପିଲି ଥାନା ଅଧୀନ ସଂପୁର ଗ୍ରାମରେ ଏକ ଘରୋଇ କଳିର ପରିଣତି ଦେଖିବାକୁ ମିଳିଛି। ଦାଦାଙ୍କ ଆକ୍ରମଣରେ ପୁତୁରା ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୨୮/୨୪) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ମାୟାଧର ଜେନା ସପରିବାର ଗତ ୧୨ ତାରିଖରେ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ଫେରି ଘର ଅନ୍ଧାର ହୋଇଥିବା ଦେଖିବାକୁ ପାଇଥିଲେ। ମାୟାଧର ଲାଇଟ୍ ଲଗାଇବାରୁ ଘର ଭିତରୁ ତାଙ୍କ ସାନଭାଇ ଓ ଭାଇବୋହୂ ବାହାରି ପଳାଇଥିଲେ। ଘରର ଜିନିଷପତ୍ର ଏଣେତେଣେ ବିଛାଇ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଘରର ସମସ୍ତ କାଗଜପତ୍ର ଓ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ମାୟାଧରଙ୍କ ପୁଅ ଏ ସମ୍ପର୍କରେ ଦାଦା ଗଣେଶ ଜେନାଙ୍କୁ ପଚାରୁଥିବାବେଳେ ଗଣେଶ ହଠାତ୍ ଉତକ୍ଷିପ୍ତ ହୋଇ କଟୁରୀରେ ପୁତୁରାଙ୍କ ହାତ ଆଙ୍ଗୁଠିକୁ ହାଣି ଦେଇଥିଲେ। ପୁତୁରାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ଚିକିତ୍ସା ପାଇଁ ପ୍ରଥମେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ନଷ୍ଟ ହେଉଛି ଗ୍ରାମାଞ୍ଚଳ ସବୁଜିମା

## ଜଙ୍ଗଲରୁ କାଠ କଟା



ଯୋଗେଶ୍ୱରପୁର, ୧୬।୩ (ରଶ୍ମିରଞ୍ଜନ ସାହୁ): ନୟାହାଟ ଫାଣ୍ଡି ଅଧୀନ ଆଖପାଖ ଅଞ୍ଚଳରୁ ବହୁ ପୁରାତନ ଗଛ ଚାଖୁଣ୍ଡା, ଆମ୍ବ, ପଣସ, ତେନ୍ତୁଳି ଇତ୍ୟାଦି ଅବାଧରେ କଟା ଚାଲିଛି। ପାଣିଛତ୍ରଠାରେ ଥିବା ରେଞ୍ଜର ଅଫିସ୍ ଥାନା ଦେଇ ଦୈନିକ ଟ୍ରାକ୍ଟର ଯୋଗେ ହଜାର ହଜାର ଘନଫୁଟ କାଠ ତୁଳସୀପୁର ସମେତ ବିଭିନ୍ନ କରତକଲକୁ ଚାଲାଣ କରାଯାଉଛି। ଗ୍ରାମାଞ୍ଚଳରୁ ବଡ଼ ବଡ଼ ଗଛ କଟାହେବା ଫଳରେ ପରିବେଶ ଉପରେ ପ୍ରଭାବ ପଡୁଛି। ଏଥିଲାଗି ଗ୍ରାମାଞ୍ଚଳର ସବୁଜିମା ନଷ୍ଟ ହେଉଛି। ଗୋଟେ ଟ୍ରାକ୍ଟର ଯୋଗେ ଶହେ ଘନଫୁଟ କାଠ ଯିବାର ନିୟମ ଥିବାବେଳେ ହଜାରରୁ ଊର୍ଦ୍ଧ୍ୱ ଘନ ଫୁଟ କାଠ ବୁହାଯାଉଥିବା ଦେଖିବାକୁ ମିଳୁଛି। ଏହି କାଠ ବୋହିବାକୁ ବ୍ୟବହୃତ ଟ୍ରାକ୍ଟରର କାଗଜପତ୍ର ଠିକ୍ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଅନୁମତି ନ ଥାଇ କିଭଳି ଶତାଧିକ ଗଛ କାହା ନିର୍ଦ୍ଦେଶରେ କଟାଯାଉଛି, ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରାତନ ଗଛ କାଟୁଥିବା ବ୍ୟକ୍ତିଙ୍କ ପାଖରେ କୌଣସି ଲାଇସେନ୍ସ ନ ଥିବା ସତ୍ତ୍ୱେ ସେମାନେ ଲକ୍ଷ ଲକ୍ଷ ଟଙ୍କାର ଗଛ କାଟି ମାଲାମାଲ୍ ହେଉଛନ୍ତି। ଏଥିରେ ବନ ବିଭାଗ ଜାଣିଶୁଣି କାଠମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ପୁରୀ ଜିଲା ବନାଞ୍ଚଳ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




ପୁରୀଠାରେ ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ସାହିତ୍ୟ ଆସରରେ କବି ପୀତାମ୍ବର ମହାପାତ୍ରଙ୍କ କବିତା ସଂକଳନ 'ଚିମୁଟା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି ।

# ଘରେ ପଶି ମା', ପୁଅଙ୍କୁ ଜ୍ୱାଇଁଙ୍କ ଛୁରାମାଡ଼

## ରକ୍ତଭିଜା ଛୁରି ସହ ଜ୍ୱାଇଁ ଗିରଫ

ଅସ୍ତରଙ୍ଗ, ୧୬।୩(ମମତା ଜେନା): ଘରେ ପଶି ମା' ଓ ପୁଅଙ୍କୁ ଛୁରାମାଡ଼ କରିବା ଅଭିଯୋଗରେ ଜ୍ୱାଇଁଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବାଲିପାଟଣା ଥାନା ଅଧୀନ ଅଠାନ୍ତରର ସୁଶୀଲ ବେହେରା। ଏନେଇ ପୋଲିସ କେସ୍ ନଂ.୬୭/୨୪, ଦଫା ୩୪୧, ୨୯୪, ୩୨୪, ୩୦୭, ୫୦୬ରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଜ୍ୱାଇଁ ସୁଶୀଲ ଶନିବାର ଭୋର ସମୟରେ କାକଟପୁର ଥାନା ଅଧୀନ ମେଡିକାଲ ଛକରେ ରହୁଥିବା ଶାଶୁ ମନ୍ଦାକିନୀ ବେହେରାଙ୍କ ଘର ଲାଇନ କାଟିବା ସହ ବାହାରେ ଥିବା ଆସବାବପତ୍ର ଭାଙ୍ଗି ଲୁଚି ଯାଇଥିଲେ। ଘର ବାହାରେ ଏପରି ଶବ୍ଦ ଶୁଣି ମନ୍ଦାକିନୀ ବାହାରକୁ ଆସିବାରୁ ସୁଶୀଲ ତାଙ୍କୁ ଏକ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ। ମନ୍ଦାକିନୀଙ୍କ ପାଟି ଶୁଣି ପୁଅ ସନ୍ତୋଷ ବାହାରକୁ ଆସିବାରୁ ସୁଶୀଲ ତାଙ୍କ ଗଳାକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ମନ୍ଦାକିନୀଙ୍କ କାକଟପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଛୁରି ଜବତ କରିବା ସହ ଘର ଭିତରେ ରକ୍ତଛିଟା ପଡ଼ିଥିବା ଦେଖିଥିଲା। ଏଥିସହ ମା' ଓ ପୁଅଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲା। ମୋବାଇଲ ଟ୍ରାକ୍ କରି କାକଟପୁର ଥାନା ଏସ୍‌ଆଇ ପ୍ରମୋଦ ସେଠୀ, ମନୋରଞ୍ଜନ ପରିଡ଼ା, କନଷ୍ଟେବଲ ଅଜିତ ବେହେରା ସଦଳବଳ ରାତି ସମୟରେ ଚାରିଛକ ବଜାରରୁ ସୁଶୀଲଙ୍କୁ କାବୁ କରିଥିଲେ। ପୂର୍ବରୁ ସୁଶୀଲଙ୍କ ସ୍ତ୍ରୀ ବାଲିପାଟଣା ଥାନାରେ ସୁଶୀଲଙ୍କ ନାମରେ ଯୌତୁକଜନିତ ଶାରୀରିକ ଓ ମାନସିକ ନିର୍ଯାତନା ମାମଲା ଦାଏର କରି ବାପଘରେ ରହୁଛନ୍ତି।



ଗିରଫ ଅଭିଯୁକ୍ତ ସୁଶୀଲ ବେହେରା ।

# ୨୫ତମ ସତ୍ୟନାରାୟଣ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କାକଟପୁର, ୧୬।୩(ଶୁଭଦର୍ଶନ ମିଶ୍ର): କାକଟପୁର ବ୍ଲକ ଅଧୀନ ଶୁକପୋଖରୀସ୍ଥ ସତ୍ୟନାରାୟଣ କ୍ଲବର ୨୫ତମ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିଷ୍ଣୁ ଚରଣ ବେହେରା, ସମ୍ମାନୀତ ଅତିଥି ଭାବେ ଯୁବନେତା ପ୍ରତାପ ସାହୁ, ବଟକୃଷ୍ଣ ସେଣ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ତିରୁଣା କ୍ରିକେଟ କ୍ଲବକୁ ହରାଇ ଗୁମସୁମ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଟସ୍ ଜିତି ତିରୁଣା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୫ ଓଭର ମ୍ୟାଚରୁ ୧୪.୨ ବଲରେ ସମସ୍ତ ଉଇକେଟ ହରାଇ ୭୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୁମସୁମ କ୍ରିକେଟ କ୍ଲବ ୧୦ ଓଭରରେ ୩ ଉଇକେଟ ହରାଇ ୭୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅମ୍ପାୟାର ଜ୍ଞାନ ରଞ୍ଜନ ପରିଡ଼ା, ଜଗଦୀଶ ସ୍ୱାଇଁ ଧାରା ବିବରଣୀ ପିଣ୍ଟୁ ପରିଡ଼ା, ବିଶ୍ୱଜିତ୍ ସେଣ ପ୍ରମୁଖ ଖେଳ ପରିଚାଳନା ଦାୟିତ୍ୱ ନେଇଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନସରା କ୍ରିକେଟ କ୍ଲବ ଓ କଣ୍ଟାପଡ଼ା କ୍ରିକେଟ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।



ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

# ନୂଆ ରୂପ ନେଉଛି ନାରାୟଣୀବନ୍ତ

ପୁରୀ, ୧୬।୩(ଅଜିତ୍ ମହାନ୍ତି) ଏକଦା ପୁରୀ-କୋଣାର୍କ ରାସ୍ତାର ଦକ୍ଷିଣପାର୍ଶ୍ୱରେ ଥିବା ନାରାୟଣୀବନ୍ତକୁ ହିଂସ୍ରଜନ୍ତୁମାନେ କବଳିତ କରିଥିଲେ। ମା' ନାରାୟଣୀଙ୍କ ବିଗ୍ରହ ବରଗଛ ତଳେ ବିଜେ କରିଥିଲେ। କଳାପାହାଡ଼ ଆକ୍ରମଣ କରି ମନ୍ଦିରଟିକୁ ଧୂଳିସାତ କରିଦେଇଥିଲେ। ୨୦୧୪ ମସିହାରେ ୨୨ ମଉଜା, ୯ ଦେଶ, ୩୬ପଡ଼ାର ଯୁବକମାନେ ଏକାଠି ହୋଇ ଏହାର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଥିଲେ। ବର୍ତ୍ତମାନ ମା'ଙ୍କ ନିମନ୍ତେ ମନ୍ଦିର, ଜଗମୋହନ ନିର୍ମାଣ ସରିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଏବଂ ସାଂସଦଙ୍କ ସହଯୋଗରେ ସତ୍‌ସଙ୍ଗ ମଣ୍ଡପ ନିର୍ମାଣ ହୋଇଛି। ପ୍ରସାଦ ସେବନ ପାଇଁ ସ୍ୱତନ୍ତ୍ର ମଣ୍ଡପ ହେବା ପରେ ଯଜ୍ଞମଣ୍ଡପ କାର୍ଯ୍ୟ ନିର୍ମାଣ ଚାଲିଛି। ଏଠାରେ ପ୍ରତିବର୍ଷ ଶ୍ରୀନୃସିଂହ ଜନ୍ମ ଦିନ ବିରାଟ ଯଜ୍ଞ ହେଉଥିଲେ ମଧ୍ୟ ହଜାର ହଜାର ଭକ୍ତ ଆସି ଶୌଚାଳୟ ସୁବିଧା ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବନ୍ତ ଉପରକୁ ଉଠିବା ପାଇଁ ପାହାଚ ବ୍ୟବସ୍ଥା ନାହିଁ ବୋଲି ସଭାପତି ଛବିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। କମିଟି ସଂଯୋଜକ ଲକ୍ଷ୍ମୀଧର ଗୋଚ୍ଛାୟତଙ୍କ ପରାମର୍ଶରେ ବନୀକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ସମ୍ପାଦକ ସନ୍ତୋଷ ସ୍ୱାଇଁ , ପ୍ରଦେଶ ମାଳ, ଧନେଶ୍ୱର ପ୍ରଧାନ, ସନ୍ତୋଷ ପ୍ରଧାନ, ବାସୁଦେବ ସ୍ୱାଇଁ ଓ ଟୁକୁ ପ୍ରଧାନ ପ୍ରମୁଖ ମଣ୍ଡପ ଓ ବଗିଚାର ଯତ୍ନ ନେବା ସେବା ମନୋବୃତ୍ତିରେ କରୁଛନ୍ତି। ମାଆଙ୍କ ମନ୍ଦିର ପୂଜକ ଦୋଳଗୋବିନ୍ଦ ରାଉଳ ସମସ୍ତ ରୀତିନୀତି ଦାୟିତ୍ୱ ତୁଲାଉଥିବା ବେଳେ କୃଷ୍ଣ ପ୍ରଧାନ ସ୍ୱଚ୍ଛ ପରିବେଶ ପାଇଁ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ମାଆଙ୍କ ଅନେକ ପ୍ରଗତି କାର୍ଯ୍ୟ ଅର୍ଥ ଅଭାବ ଯୋଗୁ ଆଗେଇ ପାରୁନାହିଁ। ଠିକ୍ ଭାବେ ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଭାବେ କୌଣସି ଅର୍ଥ ବ୍ୟବସ୍ଥା ନାହିଁ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।



## ତ୍ରୁଟି ସଂଶୋଧନ

ଭାରତୀୟ ନୌସେନାର ଚିଲିକା ଶାଖା ତାଲିମ କେନ୍ଦ୍ରରେ ଶୁକ୍ରବାର ଅଗ୍ନିବୀରଙ୍କ ପାସିଂ ଆଉଟ ପରେଡ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ, ପଦ୍ମବିଭୂଷଣ ଶିଳ୍ପୀଗୁରୁ ସୁଦର୍ଶନ ସାହୁ ଯୋଗଦେଇଥିଲେ, କିନ୍ତୁ ଭୁଲବଶତଃ ପଦ୍ମଶ୍ରୀ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ନାମ ପ୍ରକାଶ ପାଇଥିଲା। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।

# ପରିକ୍ରମା ମାର୍ଗର ୨୧ ଶାର୍ପି ଲାଇଟ୍ ଅଚଳ

**ପୁରୀ,୧୬।୩(ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଚାରିପଟେ ଲଗାଯାଇଥିବା ଶାର୍ପି ଲାଇଟ ମଧ୍ୟରୁ ଅଧିକାଂଶ ଲାଇଟ ଅଚଳ ହୋଇପଡ଼ିଛି ବୋଲି ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଷ୍ଟ (ଏଓଟିଏ) ଅଭିଯୋଗ ଆଣିବା ସହ ସେଗୁଡ଼ିକର ମରାମତି ନିମନ୍ତେ ଦାବି କରିଛି। ଏନେଇ ଶନିବାର ଆସୋସିଏଶନ ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଉପମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ କରାଯାଇଛି। ତାହା ଅତ୍ୟନ୍ତ ସୁନ୍ଦର ରୂପ ନେଇଛି। ପରିକ୍ରମା ମାର୍ଗରେ ଭକ୍ତମାନେ ଶାନ୍ତ ଚିତ୍ତରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ଭଜନ ଜଣାଣ କରି ପ୍ରଭୁକୃପା ଲାଭ କରୁଛନ୍ତି। ସେହିପରି ଶ୍ରୀମନ୍ଦିର ଉଜ୍ଜ୍ୱଳ ଦେଖାଯିବା ପାଇଁ ଶାର୍ପି ଲାଇଟ୍ ଲଗାଯାଇଛି। ଶ୍ରୀମନ୍ଦିର ଚାରିପାଖରେ ପ୍ରାୟ ୪୪ଟି ଶାର୍ପି ଲାଇଟ ଲଗାଯାଇଥିଲା। ମାତ୍ର ବର୍ତ୍ତମାନ ତନ୍ମଧ୍ୟରୁ ୨୧ଟି ଲାଇଟ ଜଳୁନାହିଁ। ଫଳରେ ଅନେକାଂଶ ସ୍ଥାନ ଅନ୍ଧାର ଦେଖାଯାଉଛି। ପରିକ୍ରମା ମାର୍ଗ ପରିକ୍ରମା କରିବା ସମୟରେ ଜାଣିବାକୁ ମିଳିଛି ଯେ, ସିଂହଦ୍ୱାର ସାମ୍ନା ରାଧାବଲ୍ଲଭ ମଠ ପାଖରେ ୮, ଦକ୍ଷିଣଦ୍ୱାର ପଞ୍ଜାବୀ ମଠ ପାଖରେ ୪, ଗାଣ୍ଡୁଆ ଚଉରା ଛକ ପାଖରେ ୪, ପଶ୍ଚିମଦ୍ୱାର ସାମ୍ନାରେ ୪ ଏବଂ ବଡ଼ ଆଖଡା ମଠ ନିକଟରେ ୧ଟି ଲାଇଟ ଜଳୁନାହିଁ। ଜଳୁଥିବା ୨୩ଟି ଶାର୍ପି ଲାଇଟ ମଧ୍ୟରୁ କେତୋଟି ଠିକ୍ ଭାବେ ମନ୍ଦିର ଉପରକୁ ଫୋକସ୍ କରୁନାହିଁ। ଅଚଳ ଲାଇଟଗୁଡ଼ିକ ଶୀଘ୍ର ମରାମତି କରିବା ପାଇଁ ଆସୋସିଏଶନ୍ ପକ୍ଷରୁ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକଙ୍କ ନିକଟରେ ଦାବି କରାଯାଇଛି।


ଦାବିପତ୍ର ଦେବା ପାଇଁ ଆସିଥିବା ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଷ୍ଟର ସଦସ୍ୟ ବୃନ୍ଦ ।

**ଅଭିଯୋଗ ଆଣି ମରାମତି ଦାବି କଲା ଏଓଟିଏ**

# ଗଙ୍ଗୁଆନାଳ ଜଳ ଦୟାନଦୀକୁ ନ ଛାଡ଼ିବା ପାଇଁ ଦାବିପତ୍ର



**ଡେଲାଙ୍ଗ,୧୬।୩ (ରଶ୍ମୀରଞ୍ଜନ ପ୍ରଧାନ):**

ଡେଲାଙ୍ଗ ବ୍ଲକର ଚାଷୀଙ୍କ ଜୀବନଧାରା ଭାବେ ପରଚିତ ଦୟା ଓ ଲୁଣା ନଦୀର ଜଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସିପିଆଇଏମ୍ଏଲ୍ ନେତା ଅଶୋକ ପ୍ରଧାନ ଦାବି କରିଛନ୍ତି। ଏନେଇ ସେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେଲାଙ୍ଗ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। ଭୁବନେଶ୍ୱରର ନର୍ଦ୍ଦମା ଜଳ ଗଙ୍ଗୁଆ ନାଳ ଦେଇ ଦୟାନଦୀର କଣ୍ଠିଠାରେ ପ୍ରବେଶ କରିଥାଏ। ଫଳରେ ନଦୀକୂଳିଆ ଗ୍ରାମବାସୀ ଏହି ପାଣିକୁ ବ୍ୟବହାର କରି ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହି ନଦୀ ଦ୍ୱୟକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏହି ଦୂଷିତ ଜଳକୁ ପାଇପ୍ ଯୋଗେ ଲୁଣା ନଦୀରେ ଖଲାସ କରିବା ଲାଗି ବିଭାଗ ପକ୍ଷରୁ ମସୁଧା ଚାଲିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି ବୋଲି ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

## ନାମଲେଖା, ଶିକ୍ଷାଦାନ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅନୁମତି

**ନିମାପଡ଼ା,୧୬।୩(ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା ଶଗଡ଼ାସ୍ଥିତ ଜଟେଶ୍ୱର ଦେବ କଲେଜ ଅଫ୍ ଏଜୁକେଶନ ଆଣ୍ଡ ଭୋକେଶନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁନର୍ଜନ୍ମ ପାଇଛି। ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର କରିଥିବା ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ନିଷ୍ପତ୍ତିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ କୋର୍ଟ ସ୍ଥାନୀୟ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଖାରଜ କରି ବିଦ୍ୟାଳୟ ପୁନର୍ବାର ପୂର୍ବପରି ୨୦୨୪-୨୫ ଶିକ୍ଷାବର୍ଷଠାରୁ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବା ସହିତ ଶିକ୍ଷାଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା- ୫୪୭୭/୧୩.୩.୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସମେତ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟ ଅଧ୍ୟକ୍ଷା ମୂର୍ଚ୍ଛନା ବିଶ୍ୱାଳ, ସଭାପତି ଜଳନ୍ଧର ସେନାପତି, ସମ୍ପାଦକ ତ୍ରିଲୋଚନ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନକଲି ସାମଗ୍ରୀର ପେଣ୍ଠସ୍ଥଳୀ ଯୋଗେଶ୍ୱରପୁର

**ଯୋଗେଶ୍ୱରପୁର,୧୬।୩(ରଶ୍ମିରଞ୍ଜନ ସାହୁ):**

ଗୋପ ବ୍ଲକ ନୟାହାଟ ଫାଣ୍ଡି ଅଧୀନ ଧୁମାଳ ପଞ୍ଚାୟତର ଯୋଗେଶ୍ୱରପୁର ବଜାର ବସ୍‌ଷ୍ଟାଣ୍ଡ ପାଖରେ ୨ ମହଲା କୋଠା ତଳେ ଚାଲିଛି ନକଲି ସାମଗ୍ରୀର ଅବାଧ କାରବାର। ତାରିଣୀ ମନ୍ଦିର ସମ୍ମୁଖରେ ଥିବା ବ୍ୟବସାୟୀ ଜଣଙ୍କ କୋଲକାତାରୁ ବିଭିନ୍ନ ପ୍ରକାର ନକଲି ସାମଗ୍ରୀ ଆଣି ଆଖପାଖ ଗ୍ରାମାଞ୍ଚଳର ଖୁଚୁରା ବ୍ୟବସାୟୀଙ୍କୁ ଏକ ଖୋଳରେ ୨ନଂ. ଜିନିଷ ପ୍ୟାକିଂକରି କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି। ଫଳରେ ପ୍ରତିଷ୍ଠିତ କମ୍ପାନୀ ବଦନାମ ହେଉଛି। କୋଲକାତା ଅଞ୍ଚଳରୁ ପାଉଡର, ଶିଶୁଖାଦ୍ୟ, ପାନମସଲା, ବାସ୍ନାତେଲ, ସିଗାରେଟ୍, କ୍ରିମ୍, ଅଳତା, ବିଡ଼ି, ଚକୋଲେଟ, ଗୁଟ୍‌ଖା, କୁରୁକୁରି, ନକଲି ଥଣ୍ଡା ପାନୀୟ ଆଦି ଶହେରୁ ଊର୍ଦ୍ଧ୍ୱ ପ୍ରକାର ନକଲି ଜିନିଷ ଆଣି ନୟାହାଟ, କାକଟପୁର, ଅସ୍ତରଙ୍ଗ, ଗୋପ, ଚାରିଛକ, ନିଆଳି ପ୍ରଭୃତି ଅଞ୍ଚଳକୁ ଚାଲାଣ କରିଥାନ୍ତି। ଏହିସବୁ ଜିନିଷ ବ୍ୟବହାର ଫଳରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏପଟେ ଜଣୈକ ବ୍ୟବସାୟୀ ବିଭିନ୍ନ ସ୍ଥାନରେ ନକଲି ସାମଗ୍ରୀ ଷ୍ଟକ୍ ରଖି କୋଟି କୋଟି ଟଙ୍କାର କାରବାର କରୁଥିଲେ ମଧ୍ୟ ସରକାରଙ୍କୁ ରାଜସ୍ୱ ଫାଙ୍କୁଛନ୍ତି। କୌଣସି ଖୁଚୁରା ବ୍ୟବସାୟୀଙ୍କୁ ବିଲ୍ ଦେଉନାହାନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଶଶିଭୂଷଣ ବେହେରାଙ୍କୁ ଭକ୍ତକବି ବନମାଳୀ ଦାସ ସ୍ମୃତି ସମ୍ମାନ


ଉତ୍ସବରେ କବି ଶଶିଭୂଷଣ ବେହେରାଙ୍କୁ ଭକ୍ତକବି ବନମାଳୀ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି ।

**ପୁରୀ,୧୬।୩(ଅଜିତ ମହାନ୍ତି)**

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଲିଙ୍ଗରାଜ କଳା ନିକେତନର ମିଳିତ ଆନୁକୂଲ୍ୟରେ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ତଥା ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଶୁକଦେବ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମଞ୍ଚାସୀନ ଥିଲେ। ଅତିଥିମାନେ ଭକ୍ତ କବି ବନମାଳୀ ଦାସଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର ସଭାପତିତ୍ୱ କରିଥିଲେ। ସ୍ୱାଗତ ଭାଷଣ ପରେ ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଏବଂ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଗୀତିକାର ଶଶିଭୂଷଣ ବେହେରାଙ୍କୁ ଚଳିତ ବର୍ଷର ଭକ୍ତକବି ବନମାଳୀ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ପରେ ସଙ୍ଗୀତ ଗୁରୁ ପ୍ରକାଶ କୁମାରଙ୍କ ନିର୍ଦ୍ଦେଶନାରେ ଦୟାନିଧି ସଙ୍ଗୀତ ସୁଧା ଅନୁଷ୍ଠାନର କଳାକାର ସିପ୍ରା ମିଶ୍ର, ଇପ୍ସିତା ମିଶ୍ର, ଗଣେଶ୍ୱର ପ୍ରହରାଜ, ସ୍ୱାଗତିକା ସ୍ୱାଇଁ, ଶୁଭସ୍ମିତା ପ୍ରିୟଦର୍ଶିନୀ, ଚିରଶ୍ରଦ୍ଧା ମହାନ୍ତି, ଆୟେଶା ପରିଡ଼ା ପ୍ରମୁଖ ବନମାଳୀ ଦାସଙ୍କ ରଚିତ ଓଡ଼ିଶୀ, ଭକ୍ତି ସଙ୍ଗୀତ, ଜଣାଣ, ଭଜନ ପରିବେଷଣ କରିଥିଲେ। ଏହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଧବଳେଶ୍ୱର ମିଶ୍ର, ଉପାଧ୍ୟକ୍ଷ ଲୋକନାଥ ମିଶ୍ର, ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନ ଏବଂ ଚିତ୍ର ଗୁରୁ ଅଜୟ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୋମା ମାଡ଼ ଘଟଣାରେ ୨ ଗିରଫ: ବୋମା, ବାଇକ୍ ଜବତ

**ପୁରୀ, ୧୬।୩(ଅଜିତ୍ ମହାନ୍ତି):**

ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ଭୂଦାନ ଛକ ବୋମାମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତ ଗୋପାଳପୁରର ହରିଶ ଚନ୍ଦ୍ର ଦାସ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ଗୋଟିଏ ଅଫୁଟା ବୋମା ଓ ଘଟଣାରେ ବ୍ୟବହୃତ ହୋଇଥିବା ବାଇକ ଜବତ କରାଯାଇଛି। ବକେୟା ଟଙ୍କା ନେଣଦେଣକୁ ନେଇ ବୋମାମାଡ଼ କରାଯାଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଭୂଦାନ ଛକସ୍ଥିତ ଏକ ୱାର୍କଶପ୍ ଉପରେ ଶୁକ୍ରବାର ରାତିରେ ବୋମାମାଡ଼ କରାଯାଇଥିଲା। ଏନେଇ ୱାର୍କଶପ୍ ମାଲିକ ସୁବ୍ରତ କୁମାର ଦୀକ୍ଷିତ ପେଣ୍ଠକଟା ମେରାଇନ ଥାନାରେ ଏତଲା ଦେଇଥିଲେ। ଏ ସଂକ୍ରାନ୍ତରେ ଏକ କେସ୍ (ନଂ.୧୬/୨୪) ରୁଜୁ ହୋଇଥିଲା। ପୋଲିସ ସୂଚନା ମୁତାବକ, ୱାର୍କଶପ୍‌ରେ ହରିଶ ତାଙ୍କର ଏକ ବାଇକ ମରାମତି କରିଥିଲେ ମଧ୍ୟ ଟଙ୍କା ଦେଇ ନ ଥିଲେ। ତେଣୁ ଅଧିକାଂଶ ସମୟରେ ତାଙ୍କୁ ୱାର୍କଶପ୍ ମାଲିକ ଟଙ୍କା ମାଗୁଥିଲେ। ଏହାକୁ କେନ୍ଦ୍ରକରି ହରିଶ କ୍ରୋଧିତ ହୋଇପଡ଼ିଥିଲେ। ଶୁକ୍ରବାର ରାତିରେ ସେ ବାଇକରେ ଆସି ୱାର୍କଶପ୍ ଉପରକୁ ୩ଟି ହାତ ତିଆରି ବୋମା ଫିଙ୍ଗିଥିଲେ। ଫଳରେ ୱାର୍କଶପ୍ କର୍ମଚାରୀ ଗୁନ ନାୟକ ଏବଂ ଅଭିଜିତ୍ ଚିନ୍ନାରା ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ବୋମାମାଡ଼ ଘଟଣା ନେଇ ପୁରୀ ବାସିନ୍ଦା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦୁର୍ବୃତ୍ତମାନଙ୍କୁ ପୋଲିସ ଦୃଢ଼ ହସ୍ତରେ ଦମନ ନ କଲେ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଯୁକ୍ତ୨ କଳା ଏକ୍ସ-ରେଗୁଲାର ପ୍ରଶ୍ନପତ୍ରରେ ତ୍ରୁଟି

**ପରୀକ୍ଷାର୍ଥୀ ଅସନ୍ତୁଷ୍ଟ, ଗ୍ରେସ୍ ମାର୍କ ଦାବି**

**କୋଣାର୍କ,୧୬।୩(ଜ୍ୟୋତିରାଜ ମହାନ୍ତି):**

ଯୁକ୍ତ୨ କଳା ଏକ୍ସ- ରେଗୁଲାର ପରୀକ୍ଷା ଶୁକ୍ରବାର (୧୫ତାରିଖ) ଶେଷ ହୋଇଛି। ତେବେ ଓଡ଼ିଆ, ଇଂଲିଶ, ଅର୍ଥନୀତି ସମେତ ଆଉ କେତେକ ବିଷୟରେ ପଡ଼ିଥିବା ପ୍ରଶ୍ନପତ୍ର ଶୃଙ୍ଖଳାରେ ତ୍ରୁଟି ରହିଥିବାରୁ ଶତ ପ୍ରତିଶତ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ପ୍ରଶ୍ନପତ୍ରରେ ଶହେ ନମ୍ବରରୁ ୫୦ ମାର୍କ ନିର୍ଦ୍ଦିଷ୍ଟ ଉତ୍ତରମୂଳକ (୧ ମାର୍କ ବିଶିଷ୍ଟ) ୫୦ଟି ପ୍ରଶ୍ନ ରହିଥିଲା। ଏକ୍ସ-ରେଗୁଲାର ଇଂଲିଶ ପ୍ରଶ୍ନପତ୍ରରେ ୩୦, ଅର୍ଥନୀତିରେ ୨୦ ଏବଂ ଓଡ଼ିଆରେ ୧୫ ମାର୍କ ନିର୍ଦ୍ଦିଷ୍ଟ ଉତ୍ତରମୂଳକ (୧ ମାର୍କ ବିଶିଷ୍ଟ) ପ୍ରଶ୍ନ ପଡ଼ିଥିଲା। ପ୍ରଶ୍ନପତ୍ର ପାର୍ଟନକୁ ଆଧାର କରି ପରୀକ୍ଷାର୍ଥୀମାନେ ନିଜକୁ ପ୍ରସ୍ତୁତ କରି ପରୀକ୍ଷା ଦେଇଥିଲେ। ତେବେ ପ୍ରଶ୍ନପତ୍ର ଶୃଙ୍ଖଳାରେ ତ୍ରୁଟି ଯୋଗୁ ପରୀକ୍ଷାର୍ଥୀ ଉତ୍ତର ଲେଖିବାରେ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଭିତ୍ତିଭୂମି ଦୃଷ୍ଟିରୁ ସେମାନଙ୍କ ସଫଳତା ପାଇଁ ଗ୍ରେସ୍ ମାର୍କ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅବତାର ମିଶ୍ରଙ୍କୁ ଏ ନେଇ ପଚାରିବାରେ କହିଛନ୍ତି, ଏକ୍ସ-ରେଗୁଲାର ପ୍ରଶ୍ନପତ୍ରରେ ରହିଥିବା ଅସଙ୍ଗତି ସମ୍ପର୍କରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଟୁରିରେ ଆକ୍ରମଣ

**ଡେଲାଙ୍ଗ,୧୬।୩(ରଶ୍ମିରଞ୍ଜନ ପ୍ରଧାନ):**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ଡେଲାଙ୍ଗ ଥାନା ଅଧୀନ ଥେଣ୍ଟଣା ଗ୍ରାମର ସନ୍ତୋଷ ପଣ୍ଡାଙ୍କୁ ଗାଳିଗୁଲଜ ସହ କଟୁରୀରେ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସନ୍ତୋଷ ଘରେ ଥିବାବେଳେ ତାଙ୍କ ପ୍ରତିପକ୍ଷ ଦାଣ୍ଡ ଦୁଆରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରିଥିଲେ। ଏହାକୁ ସନ୍ତୋଷ ବାରଣ କରିବାରେ ପ୍ରତିପକ୍ଷରୁ ୪ ଜଣ ପରିବାର ସଦସ୍ୟ ମିଳିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସନ୍ତୋଷଙ୍କ ହାତ, ଅଣ୍ଟା ଓ କଙ୍କାଳରେ କଟୁରୀ ଚୋଟ ବାଜିବା ସହିତ ରକ୍ତସ୍ରାବ ହୋଇଥିଲା। ଏହି ଘଟଣା ଦେଖି ଗ୍ରାମର କେତେକ ଯୁବକ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଡେଲାଙ୍ଗ ଥାନା ଏଏସ୍‌ଆଇ ସୁଦାମ ନାୟକ, ସିପେହୀ ଯିତେନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷ ଓ ତାଙ୍କ ପରିବାରକୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଗତ କିଛିଦିନ ତଳେ ପ୍ରତିପକ୍ଷ ସନ୍ତୋଷଙ୍କୁ ୨୦ ହଜାର ଟଙ୍କା ଧାର ମାଗିଥିଲେ। ହେଲେ ସନ୍ତୋଷ ଦେଇପାରି ନ ଥିଲେ। ଏହି ଘଟଣାକୁ ମନ ମଧ୍ୟରେ ରଖି ଏପରି କାଣ୍ଡ ଘଟାଇଥିବା ସନ୍ତୋଷ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ଲେଖାହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇନଥିଲା।



## ଘରୁ ଟଙ୍କା, ସୁନା ଅଳଙ୍କାର ଚୋରି

**କଣାସ,୧୬।୩(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକ ଗଡ଼ଖାରଦ ଗ୍ରାମପଞ୍ଚାୟତ ବିରତୋଇ ଗ୍ରାମର ସର୍ବେଶ୍ୱର ବଳିୟାରସିଂଙ୍କ ବାସଗୃହରୁ ଚୋରି ହୋଇଥିବା ଗଡ଼ିଶାଗୋଦା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଦୁର୍ବୃତ୍ତମାନେ ଶୁକ୍ରବାର ମଧ୍ୟରାତ୍ରରେ ବାଡ଼ିପଟର ୨ଟି କବାଟ ଭାଙ୍ଗି ଘର ଭିତରେ ପ୍ରବେଶକରି ଘରେ ଥିବା ଟ୍ରଙ୍କକୁ ବାହାରକୁ ନେଇ ସେଥିରେ ଥିବା ସୁନା, ରୁପା, କଂସା, ପିତଳ ସହ ନଗଦ ୨୦ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ପାନୀୟଜଳପାଇଁଗ୍ରାମ୍ୟରାସ୍ତା ଖନନ, ବାରମ୍ବାର ଦୁର୍ଘଟଣା

**କଣାସ,୧୬।୩ (ବିଭୂତି ଭୂଷଣ ତ୍ରିପାଠୀ):**



ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ପାଇପ୍ ମାଧ୍ୟମରେ ପାନୀୟଜଳ ଯୋଗାଇ ଦେଉଛନ୍ତି। ଫଳରେ ଅନେକ ସ୍ଥାନରେ ରାସ୍ତା ଖନନ କରାଯାଉଛି। ତେବେ କଣାସ ବ୍ଲକର କାଦୁଆ ପଞ୍ଚାୟତର ସାହାସପୁର, ଗୋପୀନାଥପୁର ପଞ୍ଚାୟତର ଗୋପିନାଥପୁର, କଳାପଦର, ପାଇକମରା, ବଡ଼ଓରା, ସାନଓରା ଗ୍ରାମ୍ୟ କଂକ୍ରିଟ ରାସ୍ତାକୁ ଖୋଳାଯାଇଛି। ହେଲେ ରାସ୍ତା ମରାମତି କରାଯାଉ ନ ଥିବାରୁ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ହେଉଥିବା ମଧ୍ୟ ନଜିର ରହିଛି। ଏଥିନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ସେମାନେ ରାସ୍ତା ମରାମତି କରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଏନେଇ ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ରାସ୍ତା ମରାମତି କରୁ ବୋଲି ସାଧାରଣରେ ଦାବି ହେଉଛି।

# ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସଂଘର ବାର୍ଷିକ ଉତ୍ସବ

**ପୁରୀ, ୧୬।୩(ଅଜିତ୍ ମହାନ୍ତି):**

ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସଂଘର ୧୭ତମ ବାର୍ଷିକ ଉତ୍ସବ ଶନିବାର ପୋଲିସ ରିଜର୍ଭ ପଡ଼ିଆସ୍ଥିତ ସଭାଗୃହରେ ପାଳିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ପିନାକ ମିଶ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡିଜି ସତ୍ୟଜିତ ମହାନ୍ତି, ସମ୍ମାନିତ ଅତିଥି ଭାବେ କଟକ ଦୈତ୍ୟ ନଗର ଅବସରପ୍ରାପ୍ତ କମିଶନରେଟ ପୋଲିସ ଅଧିକାରୀ ବିଜୟକୃଷ୍ଣ ମହାନ୍ତି, ଅନୁଷ୍ଠାନର ସଭାପତି ପି. ଚିତାରାଓ, ଉପସଭାପତି ଦେବେନ୍ଦ୍ର କୁମାର ସିଂ ଏବଂ ସାଧାରଣ ସମ୍ପାଦକ ହରିହର ଡୋରା ମଞ୍ଚାସୀନ ଥିଲେ। ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀରେ ଯେଉଁ ଛାତ୍ରୀଛାତ୍ର ସର୍ବାଧିକ ନମ୍ବର ରଖି ବିଦ୍ୟାଳୟ ତଥା ଜିଲାର ଯଶ ରଖିଛନ୍ତି ସେମାନେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ଅନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ କିଭଳି ସମାଧାନ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ସଂଘ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# ଭୋଟ ବର୍ଜନ କରିବେ ୨ଶହ ପରିବାର

**ମୌଳିକ ସୁବିଧାରୁ ବଞ୍ଚିତ ଅଭିଯୋଗ**

**ପିପିଲି,୧୬।୩ (ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର):**

ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ପିପିଲି ବ୍ଲକର ୪ ପଞ୍ଚାୟତର ୨ଶହ ପରିବାର ଏବେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ କରି ଶନିବାର ପିପିଲି ତାରା କଲ୍ୟାଣମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି ନିଷ୍ପତ୍ତି ନେଇଥିବା ଅଭିଯୋଗକାରୀ କହିଛନ୍ତି। ନିର୍ବାଚନ ସମୟରେ ସମସ୍ତ ସୁବିଧା ଯୋଗାଇଦେବେ ଓ ସବୁ ସମସ୍ୟାର ସମାଧାନ କରିଦେବେ ବୋଲି ନେତାମାନେ ପ୍ରତିଶ୍ରୁତି ଦିଅନ୍ତି। ଆଉ ନିର୍ବାଚନ ପରେ ନେତାଙ୍କ ପ୍ରତିଶ୍ରୁତି ସବୁ ପାଣିର ଗାର ପାଲଟିଯାଏ ବୋଲି ଅଭିଯୋଗକାରୀ କହିଛନ୍ତି। ବ୍ଲକରେ ୨୫ଟି ପଞ୍ଚାୟତ ରହିଥିବା ବେଳେ ସେଥିମଧ୍ୟରୁ ପୁବାଶାସନ, ଡେଇଶିପୁର, ରୂପଦେଇପୁର, ରଥପୁରୁଷୋତ୍ତମପୁର ପ୍ରମୁଖ ୪ ପଞ୍ଚାୟତର ଦଳିତ ମହାସଂଘର ସର୍ଭେ ରିପୋର୍ଟ ଅନୁଯାୟୀ, ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ପରିବାର ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ଥିବା ମହାସଂଘ ରାଜ୍ୟ ସଭାପତି ବିଜୟ ସେଠୀ କହିଛନ୍ତି। ସରକାରୀ ଜାଗାରେ ୬୦ ବର୍ଷ ଧରି ରହିବା ପରେ ଭୂମିହୀନ ପରିବାରକୁ ବାରମ୍ବାର ପ୍ରତିଶ୍ରୁତି ଦେଇ ସେମାନଙ୍କୁ ସରକାରଙ୍କ ଜାଗା ମିଶନ କି ବସୁନ୍ଧରା ଯୋଜନାରେ ସାମିଲ କରାଯାଉନାହିଁ। ଫଳରେ ସେମାନଙ୍କ ପିଲାମାନେ ରାଜ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଓ ସରକାରୀ ସୁବିଧାରୁ ବଞ୍ଚିତ ରହିଥିବା ପୁବାଶାସନ ପଞ୍ଚାୟତର ମିତ ଶବର ଅଭିଯୋଗ କରିଛନ୍ତି। ସେହିଭଳି ଅନେକ ବୃଦ୍ଧାବୃଦ୍ଧଙ୍କୁ ୬୦ ବର୍ଷ ପୂରିଯାଇଥିଲେ ମଧ୍ୟ ସେମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତାରେ ସାମିଲ କରାଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରକୃତ ହିତାଧିକାରୀ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ଥିବାବେଳେ ଏଠି ବଡ଼ବଡ଼ିଆ ସବୁ ସୁବିଧା ନେଉଥିବା ମହାସଂଘ ରାଜ୍ୟ ସଭାପତି ସେଠୀ ଅଭିଯୋଗ କରିଛନ୍ତି। ତେବେ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ କରି ପିପିଲି ଡେଲାଙ୍ଗରେ ରହିଥିବା ଗରିବ ପରିବାରଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ, ନଚେତ୍ ଏହି ନିର୍ବାଚନମଣ୍ଡଳୀରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ପରିବାର ସେମାନଙ୍କ ଭୋଟ ବର୍ଜନ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ ବିଡିଓ ସରୋଜ ରାଉତଙ୍କୁ ପଚାରିବାରେ, ସେ ଏ ସମ୍ପର୍କରେ କୌଣସି ଉତ୍ତର ଦେବେନାହିଁ ବୋଲି କହିଥିଲେ।


ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଏସ୍‌ସିବିରୁ ପୁଣି ୨ ଦଲାଲ ଗିରଫ

କଟକ,୧୬ା୩ (କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲରୁ ପୁଣି ୨ ଜଣ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅରଙ୍ଗାବାଗର ଶିବ ମହାନ୍ତ ଓ ନୂଆପଡ଼ା ଜିଲା ସାହୁପଡ଼ାର ଆଶିଷ କୁମାର ରଥ। ସେମାନେ ଏସ୍‌ସିବି ମେଡିକାଲ ପରିସରରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟମାନଙ୍କୁ ଘରୋଇ ମେଡିକାଲରେ ଭଲ ଚିକିତ୍ସା କରାଯାଉଥିବା ଲୋଭ ଦେଖାଇ ସେମାନଙ୍କ ଜାଲରେ ବଶୀଭୂତ କରୁଥିଲେ। କମିଶନରେଟ୍ ପୋଲିସର ଏକ ଟିମ୍ ସାଦା ପୋଷାକରେ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୮୪/୨୪) ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ଫେବୃଆରୀ ୮ ତାରିଖରେ ୫ ଜଣ ଓ ୧୧ ତାରିଖରେ ୩ ଜଣ ଦଲାଲ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ସେହିପରି ଶୁକ୍ରବାର ୨ ଜଣ ଦଲାଲଙ୍କୁ ଏସ୍‌ସିବି ମେଡିକାଲ ପରିସରରୁ ମଙ୍ଗଳାବାଗ ପୋଲିସ ଗିରଫ କରିଥିଲା।

### ଜିଲାପାଳଙ୍କୁ ଦାବିପତ୍ର

କଟକ ସଦର,୧୬ା୩(ସୁଶାନ୍ତ କୁମାର ଜେନା)

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ଶନିବାରଠାରୁ କମିଶନଙ୍କ ଦ୍ୱାରା ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ହେଲେ କଟକ ସଦର ବ୍ଲକ ଅଫିସ୍‌ରେ ଇସ୍ୟୁ ରେଜିଷ୍ଟରରେ ଦସ୍ତଖତକୁ କେନ୍ଦ୍ର କରି କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି। କଟକ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଲିଖିତ ଭାବେ କଟକ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଘଟଣାରୁ ପ୍ରକାଶ, ଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ବ୍ଲକ ଅଫିସ୍‌କୁ ଇସ୍ୟୁ ରେଜିଷ୍ଟରର ଅନେକଗୁଡ଼ିଏ ପୃଷ୍ଠା ଖାଲି ଛାଡି ଦେଇ ତା' ପର ପୃଷ୍ଠାରେ ଦସ୍ତଖତ କରି ଚାଲି ଯାଇଥିଲେ। ଯାହାକି ପରବର୍ତ୍ତୀ ସମୟରେ ଏହାର ଅପବ୍ୟବହାର କରାଯିବାର ସ୍ପଷ୍ଟ ହୋଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ କଟକ ସଦର ବିଡିଓ ରୁମାନା ଜାଫ୍ରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

### ଚକ୍ଷୁ ଚିକିତ୍ସା ଶିବିର

ଖୁଣ୍ଟୁଣୀ,୧୬ା୩(ସଚ୍ଚିଦାନନ୍ଦ ପଣ୍ଡା)

ବରିଷ୍ଠ ନାଗରିକ ମଞ୍ଚ ନବେଢା ଆଠଗଡ଼ ଓ ଗୋବରା ବିଳାସିନୀ ଦେବୀ ସ୍ମାରକୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଶନିବାର ବିଳାସିନୀ ଦେବୀ ସ୍ମାରକୀ ପାଠାଗାର ପରିସରରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ରୋଟାରୀ କ୍ଲବ ସହଯୋଗରେ ଅନୁଷ୍ଠିତ ଶିବିରରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ମୋତିଆ ବିନ୍ଦୁ ଅପରେସନ ପାଇଁ ବ୍ୟବସ୍ଥା କରାଯାଇଛି। ମଞ୍ଚ ପକ୍ଷରୁ କାର୍ଯ୍ୟକାରୀ ସଭାପତି ବିମ୍ବାଧର ନାୟକ, ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆ, ଉପସଭାନେତ୍ରୀ ରମ୍ଭାବତୀ ସାହୁ, ରଞ୍ଜନ ମହାରଣା, ନରେନ୍ଦ୍ର କୁମାର ସେଠୀ, ଅମରେନ୍ଦ୍ର ରାଉତ, ପ୍ରେମାନନ୍ଦ ପରିଡା ଓ ପ୍ରହ୍ଲାଦ ସେଠୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ

କଟକ,୧୬ା୩ (କାର୍ତ୍ତିକ ସାହୁ)

ଆଧାତ୍ମିକ ଗୁରୁ ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧଉତ୍ସବ ସିଡିଏ ସେକ୍ଟର-୮ସ୍ଥିତ ଶିବଶକ୍ତି ଯୋଗାଶ୍ରମଠାରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମିଜୀଙ୍କର ଏକ ପ୍ରତିମୂର୍ତ୍ତି ଆଶ୍ରମ ପରିସରରେ ଉନ୍ମୋଚିତ ହୋଇଛି। ଦିବ୍ୟ ଜୀବନ ସଂଘ ଓଡ଼ିଶାର ପ୍ରମୁଖ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ସାନ୍ତାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ମାନସ ଚୈତନ୍ୟ, ଲକ୍ଷ୍ମଣ ଦାସମହାରାଜ ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ସ୍ମୃତି ଅବଗାହନ କରିଥିଲେ। ଆଶ୍ରମର ଉପଦେଷ୍ଟା ଡ. ସତ୍ୟ ରାୟ, ଅଧ୍ୟକ୍ଷ ଶଶୀଭୂଷଣ ସ୍ୱାଇଁ, ସମ୍ପାଦିକା ବିଲ୍‌କିସ୍ ପରିଜା, ମୁଖ୍ୟ ସଂଯୋଜକ ଉତ୍କଳ ଭୂଷଣ ରାଉତରାୟ, ପ୍ରସନ୍ନ ମହାନ୍ତି, ନକୁଳ ଚନ୍ଦ୍ର ମହାରଣା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଣୟ ଦାସ ଧନ୍ୟବାଦ ଦେଇଥିଲେ।

# ବସ୍‌ଷ୍ଟାଣ୍ଡ ଶିଳାନ୍ୟାସ ଫଳକ ତାଡ଼ିନେଲେ ଦୁର୍ବୃତ୍ତ

ସାଲେପୁର,୧୬ା୩(ଅରବିନ୍ଦ ଭୂୟାଁ)



ଶିଳାନ୍ୟାସ ସମୟରେ ଲାଗିଥିବା ଫଳକ।


ତଡ଼ା ଯାଇଥିବା ଫଳକ।

ସାଲେପୁର ସହର ନିକଟରେ ୮କୋଟି ଟଙ୍କା ବ୍ୟୟରେ ଗୁରୁବାର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇ ନାମଫଳକ ଉନ୍ମୋଚନ କରାଯାଇଥିଲା। ଶୁକ୍ରବାର ରାତିରେ ଏହି ଫଳକକୁ କୌଣସି ଦୁର୍ବୃତ୍ତ ତାଡ଼ିନେଇଛନ୍ତି। ଏନେଇ ସାଲେପୁର ୪୬ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ନମିତା ସେଠୀ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଗୁରୁବାର ଫଳକର ଶିଳାନ୍ୟାସ କରିଥିଲେ। ମାତ୍ର ଚନ୍ଦ୍ରାଦେଇପୁର ପଞ୍ଚାୟତ ସରପଞ୍ଚ ରଶ୍ମିତା ଦାସଙ୍କ ନାମ ସେଥିରେ ନ ଥିବାରୁ ଗଣ୍ଡଗୋଳ ହୋଇଥିଲା। ଏନେଇ ବିଧାୟକଙ୍କ ସମର୍ଥକ ଓ ସରପଞ୍ଚଙ୍କ ସମର୍ଥକ ମୁହାଁମୁହିଁ ହୋଇଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ସରପଞ୍ଚଙ୍କ ସମର୍ଥକଙ୍କ ଅଭିଯୋଗ ଅନୁଯାୟୀ, ଫଳକରେ ସାଲେପୁର ବିଧାୟକ ବେହେରା, ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ବିଶ୍ୱାଳ, ଜିଲାପରିଷଦ ସଭ୍ୟା ନମିତା ସେଠୀଙ୍କ ନାମ ଥିବା ବେଳେ ରଶ୍ମିତାଙ୍କ ନାମ ନ ଥିଲା। ସରପଞ୍ଚ ଭାଜପା ସମର୍ଥିତ ହୋଇଥିବାରୁ ଏପରି କରାଯାଇଥିବା ସମର୍ଥକମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଧାୟକ ବେହେରା ସେତେବେଳେ କହିଥିଲେ, ସାଲେପୁର ଅଞ୍ଚଳରେ ବହୁ ବିକାଶମୂଳକ କାର୍ଯ୍ୟ ଚାଲିଛି। ଏଥିରେ ଈର୍ଷାପରାୟଣ ହେବା ଓ ଆଗକୁ ନିର୍ବାଚନ ଥିବାରୁ ବିରୋଧୀ ଦଳ ବିକାଶ କାର୍ଯ୍ୟକୁ ଭଣ୍ଡୁର କରିବାପାଇଁ ଏଭଳି ଆଚରଣ କରାଯାଇଛି। ଏନେଇ ଉଭୟ ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଫଳକ ଏଠାରୁ ଉଭାନ୍ ହୋଇଯାଇଛି। ଏହି ଘଟଣାର ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।

- ନାମଫଳକ ଉନ୍ମୋଚନବେଳେ ଗଣ୍ଡଗୋଳ ହୋଇଥିଲା
- ବିଧାୟକ- ସରପଞ୍ଚଙ୍କ ସମର୍ଥକ ମୁହାଁମୁହିଁ ହୋଇଥିଲେ

# ୧୨ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ଫୁଲନଖରା,୧୬ା୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ(ସିଏମ୍‌ସି)ର ୫୮ ନମ୍ବର ୱାର୍ଡରେ ଶନିବାର ୧୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। କର୍ପୋରେଟର ଜନାର୍ଦ୍ଦନ ପରିଡ଼ାଙ୍କ ଉପସ୍ଥିତିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଅତିଥି ଭାବେ ଯୋଗଦେଇ ଉପରୋକ୍ତ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ୧୬ ନମ୍ବର ଜାତୀୟ ରାଜପଥଠାରୁ କୁମ୍ଭରାଜପୁର ଗ୍ରାମର ବ୍ରହ୍ମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପେଭର ବ୍ଲକ ରାସ୍ତା, ପ୍ରତାପ ନଗରୀସ୍ଥିତ ଧାକୁଲେଇ ବିଦ୍ୟାପୀଠ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ପ୍ରତାପ ନଗରୀ ଖେଳପଡିଆରେ ନିର୍ମିତ ହୋଇଥିବା ଚଲାପଥ ଉଦ୍‌ଘାଟିତ ହୋଇଛି। ସେହିପରି ରାସ୍ତା, ପାର୍କ, ଡ୍ରେନ୍, କମ୍ୟୁନିଟି ସେଣ୍ଟର ଓ ଜୈବ ଶୌଚାଳୟ ଭଳି ୯ଟି ପ୍ରକଳ୍ପର ଶିଳାନ୍ୟାସ ବିଧାୟକ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ୱାର୍ଡ ବିଜେଡି ସଭାପତି ବିକ୍ରମ ଶତପଥୀ, ମନୋରଞ୍ଜନ ମହାପାତ୍ର, ପୂର୍ବତନ କର୍ପୋରେଟର କୌଶିକ୍ ଜେନା, ନଗର ବିଜେଡି ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ମହିଳା ବିଜେଡି ସମ୍ପାଦିକା ଶିବାନୀ ଜେନା, ଡଲି ନାୟକ, ପ୍ରମୋଦ କୁମାର ବେହେରା, ପ୍ରମୋଦ କୁମାର ସ୍ୱାଇଁ ଓ ମହେଶ୍ୱର ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ।

# ଏସ୍‌ବିଆଇ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ


ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ଏସ୍‌ବିଆଇ ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

ଫୁଲନଖରା,୧୬ା୩(ସତ୍ୟରଞ୍ଜନ ଦାସମହାପାତ୍ର)

ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ(ଏସ୍‌ବିଆଇ)ର ଫୁଲନଖରା ଶାଖା ନୂତନ କାର୍ଯ୍ୟାଳୟ ଫୁଲନଖରା ବଜାରଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କ୍‌ର ଶାଖା ପରିଚାଳିକା ସୁସ୍ମିତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଷ୍ଟେଟ୍ ବ୍ୟାଙ୍କର ମହାପ୍ରବନ୍ଧକ ପୋନ୍ନାମ୍ବଲମ ଏମ୍, ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ଆଞ୍ଚଳିକ ପରିଚାଳକ ସୁବାସ ଚନ୍ଦ୍ର ବେହେରା, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋୟୀ, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୋ ସ୍କୁଟି ଅଭିଯାନ ମାଧ୍ୟମରେ ୧୦ ଜଣ ହିତାଧିକାରୀଙ୍କୁ ସ୍କୁଟି ପ୍ରଦାନ କରାଯାଇଥିଲା। ଶ୍ରୁତି ରଞ୍ଜନ ନାୟକ, ବିକ୍ରମ ଶବର, ଜ୍ଞାନରଞ୍ଜନ ଖୁଣ୍ଟିଆ, ନିରଞ୍ଜନ ମହାପାତ୍ର, ଦୀପକ କୁମାର ନାୟକ, ଶୁଭେନ୍ଦୁ କୁମାର ତରାଇ, ସଞ୍ଜୟ କୁମାର ଜେନା, ମୋହନ କୁମାର ବେହେରା, ପ୍ରଭୁଦତ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଇଚାରାର ପ୍ରତୀକ ଇଫ୍‌ତାର ପାର୍ଟି


ଇଫ୍‌ତାର ପାର୍ଟିରେ ବିଧାୟକ ପ୍ରତାପ ଜେନା ଓ ମୁସ୍‌ଲିମ୍ ସମ୍ପ୍ରଦାୟର ଭାଇମାନେ।

ନିଶ୍ଚିନ୍ତକୋଇଲି,୧୬ା୩(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ପଞ୍ଚାୟତ ଅନ୍ତର୍ଗତ ହଳଧରପୁର ଗ୍ରାମରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଶନିବାର ଅପରାହ୍ନରେ ଇଫ୍‌ତାର ପାର୍ଟି ଆୟୋଜନ କରାଯାଇଥିଲ। ଏହି ପାର୍ଟିରେ ମୌଲାନା ଖଇରୁଦ୍ଦିନ, ମୌଲାନା ରାଜା ଯୋଗଦେଇ ପ୍ରଥମେ ଇଫ୍‌ତାର ପାର୍ଟିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ରମ୍‌ଜାନ୍ ମାସର ଧର୍ମୀୟ ଭାବନା ଓ ସଂଖ୍ୟାଲଘୁ ଭାଇମାନଙ୍କ ନିଷ୍ଠାପର ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ କହିଥିଲେ, ହିନ୍ଦୁ-ମୁସ୍‌ଲିମ୍ ଦୁଇ ସମ୍ପ୍ରଦାୟର ଭାଇଚାରାର ପ୍ରତୀକ ହେଉଛି ଇଫ୍‌ତାର ପାର୍ଟି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ସଂଖ୍ୟାଲଘୁଙ୍କ ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ଓ ଧର୍ମୀୟ ପୀଠର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ। ଏହି ଇଫ୍‌ତାର ପାର୍ଟିର ଆୟୋଜନ କରିଥିବାରୁ ଅଲ୍ଲୀ ପବ୍ଲିକ ସ୍କୁଲର କର୍ମକର୍ତ୍ତା, ବିଭିନ୍ନ ବସ୍ତିର ସର୍ଦ୍ଦାର, ମୌଲାନା, ସଂଖ୍ୟାଲଘୁ ନେତୃମଣ୍ଡଳୀ, ମୁରବି ଓ ଯୁବକ ସାଥୀମାନଙ୍କୁ ଜେନା କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଗିରିଶ୍ ମହପାତ୍ର, ମାହାଙ୍ଗା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ଜ୍ୟୋତି ପ୍ରକାଶ ସ୍ୱାଇଁ, ବ୍ଲକ ବିଜେଡି ମାଇନରିଟି ସେଲ ସଭାପତି ମିର୍ଜା ଅବୁଲ ବେଗ, ରାଜ୍ୟ ମାଇନରିଟି ସେଲ ଉପସଭାପତି ଜାକିର ଖାଁ, ଜୋନ ସଭାପତି ସେକ୍ କଲାମ, ରଜାକ ଖାଁ, ପଞ୍ଚାୟତ ମାଇନରିଟି ସଭାପତି ଅରମାନ ଖାଁଙ୍କ ସମେତ ବହୁ ସଂଖ୍ୟାଲଘୁ ନେତା ଯୋଗଦେଇଥିଲେ। ସଭା ଶେଷରେ ଇଫ୍‌ତାର ପାର୍ଟିର ଆୟୋଜନ କରାଯାଇଥିଲା। ଏହି ସାମୂହିକ ଭୋଜନରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ସାମିଲ ହୋଇଥିଲେ।

# ଯୁବ ବିତର୍କ କର୍ମଶାଳା

କଟକ,୧୬ା୩ (କାର୍ତ୍ତିକ ସାହୁ)

ଜାତୀୟ ସେବା ଯୋଜନାର ଓଡ଼ିଶା ଆଞ୍ଚଳିକ ନିର୍ଦ୍ଦେଶାଳୟ ପକ୍ଷରୁ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ବିତର୍କ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଯୁବ ସମ୍ବାଦ: ଭାରତ ଓ ୨୦୪୭ ଶୀର୍ଷକ ବିତର୍କ କର୍ମଶାଳାରେ ପ୍ରତିଯୋଗୀମାନେ ନିଜର ପକ୍ଷ ଉପସ୍ଥାପନ କରିଥିଲେ। ଏଥିରେ ପ୍ରାଣୀବିଜ୍ଞାନ ବିଭାଗର ଶ୍ରଦ୍ଧାସୁମନ ଜେନା ପ୍ରଥମ, ସାମାଜିକ ବିଜ୍ଞାନର ମାଲିକ ଦୀପ୍ତିମୟୀ ଦ୍ୱିତୀୟ ଓ ମନସ୍ତତ୍ତ୍ୱ ବିଜ୍ଞାନର ମନୀଷାରାଣୀ ବାରିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ. ଯୋଗମାୟା ପଣ୍ଡା ପ୍ରାରମ୍ଭିକ ସୂଚନା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନର ସହକାରୀ ପ୍ରାଧ୍ୟାପିକା ଡ. ମୌସୁମୀ ପଟ୍ଟନାୟକ ଯୋଗଦେଇ ବିକଶିତ ଭାରତ ଗଠନରେ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ପ୍ରୀତିପ୍ରଜ୍ଞା ରାୟ, ଇଂଲିଶ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ଦୀପ୍ତି ପଣ୍ଡା, ବୀରେନ୍ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡ. ବର୍ଷାରାଣୀ ମୁର୍ମୁ, ଡ. ମୌସୁମୀ ପଟ୍ଟନାୟକ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ପ୍ରାଣୀ ବିଜ୍ଞାନର ସହକାରୀ ପ୍ରାଧ୍ୟାପିକା ସୁଶ୍ରୀ ଶିବାନୀ ଦାଶ ଓ ସରସ୍ୱତୀ ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଭାଷାର ଉନ୍ନତିରେ ଦେଶର ବିକାଶ ହୋଇଥାଏ'

କଟକ,୧୬ା୩ (କାର୍ତ୍ତିକ ସାହୁ)

**ଶ୍ରୀଦୁର୍ଗା ସାହିତ୍ୟ ସଂସଦର ଆଲୋଚନାଚକ୍ର**

କଟକ ଖପୁରିଆସ୍ଥିତ ଏକ ମଣ୍ଡପରେ ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ସାହିତ୍ୟ ଶୀର୍ଷକ କବିତା ଆସର ଓ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରକୁ ଆଦର୍ଶ ପ୍ରତିଭା ବିକାଶ ପରିଷଦର ସଭାପତି ପଣ୍ଡିତ ଡ. ଅଭୟ କୁମାର ଦାଶ ଉଦ୍‌ଘାଟନ କରି ଭାଷାର ଉନ୍ନତି ହେଲେ ଜାତି ତଥା ଦେଶର ଉନ୍ନତି ହୋଇଥାଏ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ନୀଳକଣ୍ଠ ରାଉତ ଓ ମୁଖ୍ୟବକ୍ତା ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ସଭାପତି କୈଳାସ ଚନ୍ଦ୍ର ଜେନା ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ସଙ୍ଗଠନ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ ଦେଇଥିଲେ। ଗୀତାଞ୍ଜଳି ପୃଷ୍ଟି ଓ ସନ୍ଧ୍ୟା ଶତପଥୀଙ୍କ ସଂଯୋଜନାରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ମନୋରଞ୍ଜନ ପଣ୍ଡା କବିତାଗୁଡ଼ିକର ସମୀକ୍ଷା କରିଥିଲେ। ଡ. ବସନ୍ତ କୁମାରୀ ନନ୍ଦଙ୍କ ସମେତ କେତେଜଣ ବକ୍ତା ଭାଷା ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପୋଖରୀରେ ବୁଡ଼ି ଅଷ୍ଟମ ଶ୍ରେଣୀ ଛାତ୍ର ମୃତ

**ସାଲେପୁର,୧୬ା୩(ଅରବିନ୍ଦ ଭୂୟାଁ):** ପୋଖରୀରେ ବୁଡ଼ିଯିବାରୁ ଜଣେ ନାବାଳକ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ କଟରପା ଗ୍ରାମର କୃଷ୍ଣ ନନ୍ଦଙ୍କ ପୁତ୍ର ଓମ୍‌ପ୍ରକାଶ ନନ୍ଦ(୧୨)। ସେ ସ୍ଥାନୀୟ ଅଞ୍ଚଳର ଏକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଥିଲେ। ସ୍କୁଲ ଛୁଟି ହେଲାପରେ ଘରକୁ ଆସି ବହିପତ୍ର ରଖି ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ଅଧ୍ୟକ୍ଷ ବିଶ୍ୱେଶ୍ୱର ସ୍ୱାଇଁ ମୃତ ନାବାଳକଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# 'ଜନସାଧାରଣଙ୍କୁ ଜାଗ୍ରତ କରିବାର ସମୟ ଉପନୀତ'

କଟକ,୧୬ା୩ (କାର୍ତ୍ତିକ ସାହୁ)

**ଗାନ୍ଧୀ ଚେତନାଚକ୍ର ଆଲୋଚନା**

ଦେଶର ସମ୍ବିଧାନରେ ଥିବା ଧର୍ମନିରପେକ୍ଷତା, ଗଣତାନ୍ତ୍ରିକ, ସମାଜବାଦୀ ଓ ସମାନତା ଆଦି ବିଚାରଧାରା ବିରୋଧରେ ସରକାର ଯୁଦ୍ଧ ଘୋଷଣା କରିଛନ୍ତି। ଇଲେକ୍ଟରାଲ ବଣ୍ଡ୍ ଭଳି ଅବୈଧ ଚାନ୍ଦା ନେଇ ଦେଶ ଓ ରାଜ୍ୟରେ କ୍ଷମତାରେ ଥିବା ରାଜନୈତିକ ଦଳଗୁଡିକ କର୍ପୋରେଟ ସଂସ୍ଥାଗୁଡ଼ିକ ହାତରେ ଦେଶର ଖଣି, ଖାଦାନ, ଜଳ, ଜମି, ଜଙ୍ଗଲ ଟେକି ଦେବାରେ ଲାଗିଛନ୍ତି। ଆମକୁ ଦେଶପ୍ରେମର ବାର୍ତ୍ତା ବାଣ୍ଟୁଥିବା ଦଳଗୁଡିକ ପାକିସ୍ତାନୀ କର୍ପୋରେଟ୍‌ରୁ ମଧ୍ୟ ଅର୍ଥ ଆଣିଛନ୍ତି। ଭାରତରେ ସିଏଏ ଆଇନ ଲାଗୁ କରି ଧର୍ମ ଆଧାରରେ ନାଗରିକତା ପ୍ରଦାନ କଥା କହି ସମ୍ବିଧାନରେ ରହିଥିବା ଧର୍ମନିରପେକ୍ଷତା ନୀତିକୁ ନଷ୍ଟ କରୁଛନ୍ତି। ଓଡ଼ିଶା ସରକାର ମଧ୍ୟ ଭ୍ରଷ୍ଟାଚାରର ସମସ୍ତ ସୀମାକୁ ପାର କରିଗଲେଣି। ଦେଶ ଓ ରାଜ୍ୟର ଏଭଳି ବିପତ୍ତି ସମୟରେ ଲୋକଙ୍କୁ ଜାଗ୍ରତ କରିବାର ସମୟ ଉପନୀତ ହୋଇଛି। ଗାନ୍ଧୀ ସ୍ମାରକନିଧି ପକ୍ଷରୁ କଟକ ଗାନ୍ଧୀଭବନଠାରେ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଆୟୋଜିତ ଗାନ୍ଧୀ ଚେତନାଚକ୍ରର ଆଲୋଚନାରେ ଅଂଶଗ୍ରହଣ କରି ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ଆଡ୍‌ଭୋକେଟ୍ ସୁରେନ୍ଦ୍ର ନାଥ କର, ଜୟନ୍ତ କୁମାର ଦାସ, ବିଜୟ କୁମାର ବାରିକ, ଚିତ୍ତରଞ୍ଜନ ପାତ୍ର, ଅଶୋକ କୁମାର ଡା, ପ୍ରଭାତ କୁମାର ସାହୁ, କାଶୀନାଥ ସ୍ୱାଇଁ, ସୟଦ ଏକ୍ରାମୁଲ ହକ, ମିହିର ବିଶ୍ୱାଳ, ମାନସ ପଟ୍ଟନାୟକ, ସଞ୍ଜୟ ପରିଜା, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, କ୍ଷୀରୋଦ କୁମାର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସର୍ବୋଦୟ ନେତା ଡା. ବିଶ୍ୱଜିତ୍ ସ୍ୱାଗତ ଭାଷଣ ଓ ଗାନ୍ଧୀ ଚେତନା ଚକ୍ରର ସଂଯୋଜକ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ଦିଶା ଦେଇଛି ସତ୍ୟବାଦୀ ସାହିତ୍ୟ'


ଶତାବ୍ଦୀ ଭବନରେ ଅନୁଷ୍ଠିତ ପ୍ରଫେସର ବିକ୍ରମ ଦାସ ସ୍ମାରକୀ ବକ୍ତୃତାମାଳାରେ ଯୋଗଦେଇଥିବା ଅତିଥିମାନେ।

କଟକ,୧୬ା୩(କାର୍ତ୍ତିକ ସାହୁ)

**ପ୍ରଫେସର ବିକ୍ରମ ଦାସ ସ୍ମାରକୀ ବକ୍ତୃତାମାଳା**

ଦେଶାତ୍ମବୋଧ, ଜାତୀୟତାବାଦ, ପ୍ରକୃତିପ୍ରୀତି ଆଦିକୁ ନେଇ ସତ୍ୟବାଦୀ ସାହିତ୍ୟ ସମୃଦ୍ଧ। ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ଏହା କେବଳ ପ୍ରଭାବିତ କରିନାହିଁ ବରଂ ଦିଶା ପ୍ରଦାନ କରିଛି। ସତ୍ୟବାଦୀ ସାହିତ୍ୟର ଭାବଧାରାରେ ପ୍ରଫେସର ବିକ୍ରମ ଦାସଙ୍କ ସାରସ୍ୱତ କୃତି ସମୃଦ୍ଧ ଓ ମହିମାମଣ୍ଡିତ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶତାବ୍ଦୀ ଭବନଠାରେ ଶନିବାର ଆୟୋଜିତ ପ୍ରଫେସର ବିକ୍ରମ ଦାସ ସ୍ମାରକୀ ବକ୍ତୃତାମାଳାରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ସାହିତ୍ୟର ସ୍ପନ୍ଦନ ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ଡକ୍ଟର ଧରଣୀଧର ନାଥ ସତ୍ୟବାଦୀ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡ. କୈଳାଶ ଚନ୍ଦ୍ର ଦାଶ ତାଙ୍କ ବକ୍ତବ୍ୟରେ ବିକ୍ରମ ଦାସଙ୍କ ସାହିତ୍ୟର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଉପସଭାପତି ମନୋଜ ପଟ୍ଟନାୟକ ସ୍ୱାଗତ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ସ୍ମାରକୀ ବକ୍ତୃତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ବକ୍ତବ୍ୟରେ ପ୍ରଫେସର ବିକ୍ରମ ଦାସଙ୍କ ଜୀବନୀ ଓ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ। ଏଥିରେ କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଶଶିକାନ୍ତ ରାଉତ, ତପନ କୁମାର ସ୍ୱାଇଁ, ପ୍ରଫେସର ଦାସଙ୍କ ପୁତ୍ର ଡାକ୍ତର ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରୁଟି ସଂଶୋଧନ

ଭାରତୀୟ ନୌସେନାର ଚିଲିକା ଶାଖା ତାଲିମ କେନ୍ଦ୍ରରେ ଶୁକ୍ରବାର ଅଗ୍ନିବୀରଙ୍କ ପାସିଂଆଉଟ ପରେଡ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ, ପଦ୍ମବିଭୂଷଣ ଶିଳ୍ପୀଗୁରୁ ସୁଦର୍ଶନ ସାହୁ ଯୋଗଦେଇଥିଲେ, କିନ୍ତୁ ଭୁଲବଶତଃ ପଦ୍ମଶ୍ରୀ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ନାମ ପ୍ରକାଶ ପାଇଥିଲା। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।

## ରାଜେନ୍ଦ୍ର ନାଥ ଦଳେଇଙ୍କ ପ୍ରତିମୂର୍ତ୍ତି ଅନାବରଣ




କୃଷ୍ଣପ୍ରସାଦ,୧୬।୩(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାଇକରାପୁରରେ ପାଇକଗୁରୁ ରାଜେନ୍ଦ୍ର ନାଥ ଦଳେଇଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା ପାଇକ ସଂଘ ସଭାପତି ଅଶୋକ ପାଲ୍‌ଟାସିଂହ, ସଂଯୋଜକ କେଦାରନାଥ ଦାସ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପାଟଶାଣୀ, ମାଲୁଦ ଦକ୍ଷିଣ କବାଟ ପାଇକ ସର୍ଦ୍ଦାର ରବୀନ୍ଦ୍ରନାଥ ଦାସ, ଉପଦେଷ୍ଟା ଭାସ୍କର ସୁନ୍ଦରାୟ, ବିଭୂତି ସ୍ୱାଇଁ, ବିଜୟ କୁମାର ଆଇଚ, କୃଷ୍ଣପ୍ରସାଦ ପାଇକ ସଭାପତି ଦୁଃଶାସନ ଦାସ, ବରିଷ୍ଠ ପାଇକଗୁରୁ ଲକ୍ଷ୍ମଣ ଜେନା ପ୍ରମୁଖ ଯୋଗଦେଇଥିଲେ। କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ପାଇକ ଯୋଗଦେଇ ପାଇକ କୌଶଳ ପ୍ରଦର୍ଶନ କରିଥିଲେ। ପ୍ରକାଶ ଯେ, ରାଜେନ୍ଦ୍ର ନାଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅବସରରେ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍ ଯୋଗଦେଇ ସ୍ୱର୍ଗତ ଦଳେଇଙ୍କ ସ୍ମୃତି ଚାରଣ କରିଥିଲେ।

## ବିଧାୟକ ପ୍ରାର୍ଥୀ ହେବେ ଅବସରପ୍ରାପ୍ତ ସେନା କର୍ମଚାରୀ

ଟାଙ୍ଗୀ,୧୬।୩(ରଘୁନାଥ ସାହୁ): ସ୍ଥାନୀୟ ସୋରଣ ଗ୍ରାମର ମନ୍ମଥ କୁମାର ସିଂ ଦୀର୍ଘ ୧୫ବର୍ଷ ଧରି ସେନା କର୍ମଚାରୀଭାବେ ଦେଶ ମାତୃକାର ସେବା କରିବା ପରେ ଏବେ ଜନସେବା କରିବା ଲକ୍ଷ୍ୟ ନେଇ ଆଗାମୀ ସାଧାରଣ ନିର୍ବାଚନରେ ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସୋରଣସ୍ଥିତ ମା'ଭଗବତୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନ୍ମଥ ଏହି ସୂଚନା ଦେଇଛନ୍ତି। ପୂର୍ବ ସେନାନୀ ସଂଘ ଚିଲିକା ଶାଖାର ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ସଦସ୍ୟ ଶ୍ରୀବତ୍ସ ବୈରିଗଞ୍ଜନ, ସୁବୋଧ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ଜଳଧର ପ୍ରଧାନ, ଶ୍ୟାମ ପାଇକରାୟ, ପ୍ରସନ୍ନୀ ପାତ୍ର ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଖଣ୍ଡାଚୋଟରେ ଯୁବକ ଗୁରୁତର

ବାଲକାଟୀ,୧୬।୩(ମନୋଜ ମଣ୍ଡଳ): ବାଲକାଟୀ ଫାଣ୍ଡି ଅଧୀନ ହୀରାପୁର ଗ୍ରାମରେ ଜଣେ ଯୁବକଙ୍କ ଖଣ୍ଡାଚୋଟରେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ହୀରାପୁରର ଅଲେଖ ବେହେରା। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଲକାଟୀ ଫାଣ୍ଡି ପୋଲିସ ପହଞ୍ଚି ଆକ୍ରମଣକାରୀ ଯୁବକ ସେହି ଗ୍ରାମର ବିଷ୍ଣୁ ଦାଶଙ୍କୁ ଅଟକ ରଖିଛି। ଏଥିସହ ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ମଧ୍ୟ ଜବତ କରିଛି।

# ପରିକ୍ରମା ମାର୍ଗର ୨୧ ଶାର୍ପି ଲାଇଟ୍ ଅଚଳ

ପୁରୀ,୧୬।୩(ଅଜିତ୍ ମହାନ୍ତି):

ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଚାରିପଟେ ଲଗାଯାଇଥିବା ଶାର୍ପି ଲାଇଟ ମଧ୍ୟରୁ ଅଧିକାଂଶ ଲାଇଟ ଅଚଳ ହୋଇପଡ଼ିଛି ବୋଲି ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଷ୍ଟ (ଏଓଟିଏ) ଅଭିଯୋଗ ଆଣିବା ସହ ସେଗୁଡ଼ିକର ମରାମତି ନିମନ୍ତେ ଦାବି କରିଛି। ଏନେଇ ଶନିବାର ଆସୋସିଏଶନ ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଉପମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ କରାଯାଇଛି। ତାହା ଅତ୍ୟନ୍ତ ସୁନ୍ଦର ରୂପ ନେଇଛି। ପରିକ୍ରମା ମାର୍ଗରେ ଭକ୍ତମାନେ ଶାନ୍ତ



ଅଭିଯୋଗପତ୍ର ଦେବାକୁ ଆସିଥିବା ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଷ୍ଟ କର୍ମକର୍ତ୍ତା।

ଚିତ୍ତରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ଭଜନ ଜଣାଣ କରି ପ୍ରଭୁକୃପା ଲାଭ କରୁଛନ୍ତି। ସେହିପରି ଶ୍ରୀମନ୍ଦିର ଉଜ୍ଜ୍ୱଳ ଦେଖାଯିବା ପାଇଁ ଶାର୍ପି ଲାଇଟ୍ ଲଗାଯାଇଛି। ଶ୍ରୀମନ୍ଦିର ଚାରିପାଖରେ ପ୍ରାୟ ୪୪ଟି ଶାର୍ପି ଲାଇଟ ଲଗାଯାଇଥିଲା। ମାତ୍ର ବର୍ତ୍ତମାନ ତନ୍ମଧ୍ୟରୁ ୨୧ଟି ଲାଇଟ ଜଳୁନାହିଁ। ଫଳରେ ଅନେକାଂଶ ସ୍ଥାନ ଅନ୍ଧାର ଦେଖାଯାଉଛି। ପରିକ୍ରମା ମାର୍ଗ ପରିକ୍ରମା କରିବା ସମୟରେ ଜାଣିବାକୁ

### ଅଭିଯୋଗ ଆଣି ମରାମତି ଦାବି କଲା ଏଓଟିଏ

ମିଳିଛି ଯେ, ସିଂହଦ୍ୱାର ସାମ୍ନା ରାଧାବଲ୍ଲଭ ମଠ ପାଖରେ ୮, ଦକ୍ଷିଣଦ୍ୱାର ପଞ୍ଜାବୀ ମଠ ପାଖରେ ୪, ଗାଣ୍ଠୁଆ ଚଉରା ଛକ ପାଖରେ ୪, ପଶ୍ଚିମଦ୍ୱାର ସାମ୍ନାରେ ୪ ଏବଂ ବଡ଼ ଆଖଡ଼ା ମଠ ନିକଟରେ ୧ଟି ଲାଇଟ ଜଳୁନାହିଁ। ଜଳୁଥିବା ୨୩ଟି ଶାର୍ପି ଲାଇଟ ମଧ୍ୟରୁ କେତୋଟି ଠିକ୍ ଭାବେ ମନ୍ଦିର ଉପରକୁ ଫୋକସ୍ କରୁନାହିଁ। ଅଚଳ ଲାଇଟଗୁଡ଼ିକ ଶୀଘ୍ର ମରାମତି କରିବା ପାଇଁ ଆସୋସିଏଶନ୍ ପକ୍ଷରୁ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକଙ୍କ ନିକଟରେ ଦାବି କରାଯାଇଛି।

# ପଶ୍ଚିମବଙ୍ଗରୁ ନିଖୋଜ ମହିଳା ଖୋର୍ଦ୍ଧାରୁ ଉଦ୍ଧାର

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୧୬।୩

- ମୋବାଇଲ ବାର୍ତ୍ତାଳାପରୁ ଗଢ଼ିଉଠିଥିଲା ସମ୍ପର୍କ
- ଖୋର୍ଦ୍ଧାରେ ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇ ରହୁଥିଲେ

ପଶ୍ଚିମବଙ୍ଗର ଚଣ୍ଡିପୁର ଥାନା ଅଧୀନ ପୂର୍ବ ମେଦିନିପୁର ଅଞ୍ଚଳରୁ ନିଖୋଜ ଥିବା ମହିଳାଙ୍କୁ ଚଣ୍ଡିପୁର ପୋଲିସ ଖୋର୍ଦ୍ଧା ପୋଲିସ ସହାୟତାରେ ଶନିବାର ସ୍ଥାନୀୟ ସାମନ୍ତରାପୁରସ୍ଥିତ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ଉଦ୍ଧାର କରିଛି। ଏଥିସହ ସମ୍ପୃକ୍ତ ମହିଳାଙ୍କ ପୁରୁଷ ବନ୍ଧୁଙ୍କୁ ମଧ୍ୟ ଉଦ୍ଧାର କରାଯାଇ ଚଣ୍ଡିପୁର ପୋଲିସକୁ ହସ୍ତାନ୍ତର କରାଯାଇଛି।

ସୂଚନାଥାଉ କି, ସମ୍ପୃକ୍ତ ମହିଳା ଓ ତାଙ୍କ ପୁରୁଷ ବନ୍ଧୁ ଉଭୟେ କେହି କାହାରିକୁ ଜାଣି ନ ଥିଲେ। ପରବର୍ତ୍ତୀ ସମୟରେ ମୋବାଇଲ ବାର୍ତ୍ତାଳାପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢିଉଠିଥିଲା। ଏପରିକି ଉଭୟେ ବିବାହିତ ଏବଂ ସେମାନଙ୍କର ପୁଅଝିଅ ଓ ପରିବାର ଅଛନ୍ତି। ପରେ ଉଭୟେ ଘର ଛାଡି ଆସି ଖୋର୍ଦ୍ଧାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏକ ଘରେ ରହିଥିଲେ। ଏଠାରେ ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇ ରହୁଥିବା ବେଳେ ଏନଏଚଏମ ପ୍ରୋଜେକ୍ଟର ଭ୍ରାମ୍ୟମାଣ ଗାଡି ଡ୍ରାଇଭର ଭାବେ ଯୁବକ ଜଣଙ୍କ କାମ କରୁଥିଲେ। ଅନ୍ୟପଟେ ମହିଳାଙ୍କ ନିଖୋଜ ନେଇ ତାଙ୍କ ବାପା ଚଣ୍ଡିପୁର ଥାନାରେ ଅଭିଯୋଗ କରିଥିଲେ। ମହିଳାଙ୍କ ମୋବାଇଲକୁ ପୋଲିସ ଟ୍ରାକିଂ କରିବା ପରେ ଖୋର୍ଦ୍ଧାରେ ଥିବା ଜଣାପଡିଥିଲା। ଚଣ୍ଡିପୁର ପୋଲିସ ଖୋର୍ଦ୍ଧା ଆସି ସ୍ଥାନୀୟ ପୋଲିସ ସହାୟତାରେ ଉଭୟଙ୍କୁ ଉଦ୍ଧାର କରିଥିଲା। ଅନ୍ୟପଟେ ଉକ୍ତ ଅନୁଷ୍ଠାନରେ ପୋଲିସ ପକ୍ଷରୁ ଉଦ୍ଧାର କରାଯାଉଥିବା ଏବଂ ଅସହାୟ ମହିଳାଙ୍କୁ ଏଠାରେ ରଖିବାର ବ୍ୟବସ୍ଥା ରହିଥିବା ବେଳେ କିପରି ଜଣେ ବାହାର ରାଜ୍ୟର ଯୁବକଙ୍କୁ କାମରେ ନିୟୋଜିତ କରିଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନିରାଶରେ ଧାରଣାରୁ ଉଠିଲେ ଦିବ୍ୟାଙ୍ଗ ବ୍ୟବସାୟୀ

ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)

ଦୀର୍ଘ ୧ମାସ ୨୦ଦିନ ଧରି ଧାରଣାରେ ବସିବା ପରେ ଶେଷରେ ନିରାଶ ହୋଇ ଫେରିଲେ ଦିବ୍ୟାଙ୍ଗ ବ୍ୟବସାୟୀ। ଦୁଃଖ ଶୁଣିଲେନି ବିଏମ୍‌ସି କର୍ତ୍ତୃପକ୍ଷ। ଭେଣ୍ଡିଂଜୋନ୍ ଦେବା ବଦଳରେ ନିର୍ବାଚନ ଆଚରଣ ବିଧି କଥା କହି ହାତଟେକିଦେଲେ ମେୟର। ତେଣୁ ଅନ୍ୟ ଉପାୟ ନ ପାଇ ଶେଷରେ ଶନିବାର ଦିବ୍ୟାଙ୍ଗ ବ୍ୟବସାୟୀମାନେ ଧାରଣାରୁ ଉଠିଛନ୍ତି। ଧାରଣା ପ୍ରତ୍ୟାହାର କରିବା ପୂର୍ବରୁ କଂଗ୍ରେସ ଛାତ୍ରନେତାମାନେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇଥିଲେ। ଏଥିସହ ମେୟର ସୁଲୋଚନା ଦାସଙ୍କ ସହ ସାକ୍ଷାତ୍ କରି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ସାରିଥିବାରୁ ଏବେ ସେମାନଙ୍କୁ କୌଣସି ଭେଣ୍ଡିଂଜୋନ୍ ଦେଇ ହେବନି ବୋଲି ମେୟର କହିଥିଲେ। ବିଏମ୍‌ସି ପାଖରେ ଏବେ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ସମ୍ପୃକ୍ତ ବ୍ୟବସାୟୀ ଯେଉଁଠାରେ ଚାହିଁବେ ବସି ବ୍ୟବସାୟ କରନ୍ତୁ। ନିର୍ବାଚନ ସରିବା ପରେ କୌଣସି ପଦକ୍ଷେପ ନିଆଯିବ ବୋଲି ମେୟର କହିଥିଲେ। ଏହା ଶୁଣିବା ପରେ ଦିବ୍ୟାଙ୍ଗ ବ୍ୟବସାୟୀମାନେ ନିରାଶ ହୋଇ ଫେରିବା ସହ ଚିନ୍ତାରେ ରହିଛନ୍ତି। ମାର୍କେଟ ବିଲ୍ଡିଂ ଭିତରେ ସେମାନଙ୍କୁ ବସିବାକୁ ଅନୁମତି ନ ଥିବାବେଳେ ରାସ୍ତାକଡ଼ରେ ବସିଲେ ପୁଣି ଉଚ୍ଛେଦର ଭୟ ରହୁଛି। ତେଣୁ ଦୃଷ୍ଟିହୀନ ବ୍ୟବସାୟୀମାନେ ଏବେ କେଉଁଠାରେ ବସିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୃଷ୍ଟିହୀନ ବ୍ୟବସାୟୀଙ୍କ ପାଇଁ ଲଢୁଥିବା ଅନ୍ତର୍ଜାତୀୟ ମାନବାଧିକାର କମିଶନ୍‌ର ଆରତୀ ମହଲା କହିଛନ୍ତି, ବିଏମ୍‌ସି ସେମାନଙ୍କୁ ଦେଇଥିବା ଜାଗାରେ ବେପାର କରିବା ସମ୍ଭବ ନୁହେଁ। ତେଣୁ ବ୍ୟବସାୟୀମାନେ ଖୁବ୍‌ଶୀଘ୍ର ସେ ସ୍ଥାନ ବିଏମ୍‌ସିକୁ ଫେରାଇ ଦେବେ। ଯେଉଁଠାରେ ପାରୁଛ ବସ ବୋଲି ମେୟର ସେମାନଙ୍କୁ କହିଛନ୍ତି।

# ନୂଆ ରୂପ ନେଉଛି ନାରାୟଣୀବନ୍ତ

ପୁରୀ, ୧୬।୩(ଅଜିତ୍ ମହାନ୍ତି)

ଏକଦା ପୁରୀ-କୋଣାର୍କ ରାସ୍ତାର ଦକ୍ଷିଣପାର୍ଶ୍ୱରେ ଥିବା ନାରାୟଣୀବନ୍ତକୁ ହିଂସ୍ରଜନ୍ତୁମାନେ କବଳିତ କରିଥିଲେ। ମା' ନାରାୟଣୀଙ୍କ ବିଗ୍ରହ ବରଗଛ ତଳେ ବିଜେ କରିଥିଲେ। କଳାପାହାଡ଼ ଆକ୍ରମଣ କରି ମନ୍ଦିରଟିକୁ ଧୂଳିସାତ କରିଦେଇଥିଲେ। ୨୦୧୪ ମସିହାରେ ୨୨ ମଉଜା, ୯ ଦେଶ, ୩୬ପଡ଼ାର ଯୁବକମାନେ ଏକାଠି ହୋଇ ଏହାର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଥିଲେ। ବର୍ତ୍ତମାନ ମା'ଙ୍କ ନିମନ୍ତେ ମନ୍ଦିର, ଜଗମୋହନ ନିର୍ମାଣ ସରିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଏବଂ ସାଂସଦଙ୍କ ସହଯୋଗରେ ସତ୍‌ସଙ୍ଗ ମଣ୍ଡପ ନିର୍ମାଣ ହୋଇଛି। ପ୍ରସାଦ ସେବନ ପାଇଁ ସ୍ୱତନ୍ତ୍ର ମଣ୍ଡପ ହେବା ପରେ ଯଜ୍ଞମଣ୍ଡପ କାର୍ଯ୍ୟ ନିର୍ମାଣ ଚାଲିଛି। ଏଠାରେ ପ୍ରତିବର୍ଷ ଶ୍ରୀନୃସିଂହ ଜନ୍ମ ଦିନ ବିରାଟ ଯଜ୍ଞ ହେଉଥିଲେ ମଧ୍ୟ ହଜାର ହଜାର ଭକ୍ତ ଆସି ଶୌଚାଳୟ ସୁବିଧା ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବନ୍ତ



ଉପରକୁ ଉଠିବା ପାଇଁ ପାହାଚ ବ୍ୟବସ୍ଥା ନାହିଁ ବୋଲି ସଭାପତି ଛବିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। କମିଟି ସଂଯୋଜକ ଲକ୍ଷ୍ମୀଧର ଗୋଚ୍ଛାୟତଙ୍କ ପରାମର୍ଶରେ ବନୀକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ସମ୍ପାଦକ ସନ୍ତୋଷ ସ୍ୱାଇଁ , ପ୍ରଦେଶ ମାଳ, ଧନେଶ୍ୱର ପ୍ରଧାନ, ସନ୍ତୋଷ ପ୍ରଧାନ, ବାସୁଦେବ ସ୍ୱାଇଁ ଓ ଟୁକୁ ପ୍ରଧାନ ପ୍ରମୁଖ ମଣ୍ଡପ ଓ ବଗିଚାର ଯତ୍ନ ନେବା ସେବା ମନୋବୃତ୍ତିରେ କରୁଛନ୍ତି। ମାଆଙ୍କ ମନ୍ଦିର ପୂଜକ ଦୋଳଗୋବିନ୍ଦ ରାଉଳ ସମସ୍ତ ରୀତିନୀତି ଦାୟିତ୍ୱ ତୁଲାଉଥିବା ବେଳେ କୃଷ୍ଣ ପ୍ରଧାନ ସ୍ୱଚ୍ଛ ପରିବେଶ ପାଇଁ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ମାଆଙ୍କ ଅନେକ ପ୍ରଗତି କାର୍ଯ୍ୟ ଅର୍ଥ ଅଭାବ ଯୋଗୁ ଆଗେଇ ପାରୁନାହିଁ। ଠିକ୍ ଭାବେ ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଭାବେ କୌଣସି ଅର୍ଥ ବ୍ୟବସ୍ଥା ନାହିଁ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଉତ୍ତେଜନା

ଭୁବନେଶ୍ୱର,୧୬।୩ (ସୂର୍ଯ୍ୟକାନ୍ତ ବେହେରା)

### ବସ୍ ଡ୍ରାଇଭରଙ୍କୁ ସିକ୍ୟୁରିଟି ଗାର୍ଡ, ପୋଲିସର ମାଡ଼ ଅଭିଯୋଗ

ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଣେ ବସ୍ ଡ୍ରାଇଭରଙ୍କୁ ସିକ୍ୟୁରିଟି ଗାର୍ଡ ଓ ଜଣେ ପୋଲିସ କର୍ମଚାରୀ ପ୍ରବଳ ମାଡ ମାରିଥିବା ଅଭିଯୋଗ ହୋଇଛି। ସେମାନଙ୍କ ଆକ୍ରମଣରେ ସଂପୃକ୍ତ ବସ୍ ଚାଳକ ଆହତ ହୋଇଛନ୍ତି। ଘଟଣାକୁ ନେଇ ଶନିବାର ଦିନ ତମାମ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଉତ୍ତେଜନା ଲାଗି ରହିଥିଲା। ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡ ଓ ପୋଲିସକୁ ତୁରନ୍ତ ଗିରଫ ପାଇଁ ବରମୁଣ୍ଡା ବସ୍ ଚାଳକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରି ଭରତପୁର ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଶନିବାର ସକାଳେ ଗାଲେକ୍ସି ନାମକ ଏକ ବସ୍ ରାଉରକେଲାରୁ ଆସି ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ କରୁଥିଲା। ଏହି ସମୟରେ ସେଠାରେ କାର୍ଯ୍ୟରତ ଜଣେ ସିକ୍ୟୁରିଟି ଗାର୍ଡ କାହିଁକି ଏପଟେ ଗାଡି ନେଉଛ କହି ବସ୍‌ଟିକୁ ଅଟକାଇ ଡ୍ରାଇଭରଙ୍କୁ ଗାଳିଗୁଲଜ କରିଥିଲେ। ବସ୍ ଡ୍ରାଇଭର ଜଣକ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏତିକିବେଳେ ସେଠାରେ କାର୍ଯ୍ୟ କରୁଥିବା ଜଣେ ପୋଲିସ କର୍ମଚାରୀ ଆସି ବସ୍ ଡ୍ରାଇଭରଙ୍କ ସହ ପାଟିତୁଣ୍ଡ କରିବାରୁ ଗାଡିର କଣ୍ଡକ୍ଟର ମଧ୍ୟ ବାହାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସିକ୍ୟୁରିଟି ଗାର୍ଡ ଓ ପୋଲିସ କର୍ମଚାରୀ ମିଶି ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ନିସ୍ତୁକ ପିଟିଥିଲେ। ଏଥିରେ ବସ୍ ଡ୍ରାଇଭର ଜଣକ ଆହତ ହୋଇଥିଲେ। ସେଠାରେ ଥିବା ଅନ୍ୟ ବସ୍ କର୍ମଚାରୀମାନେ ବସ୍ ଡ୍ରାଇଭରଙ୍କୁ ଉଦ୍ଧାର କରି ବସ୍‌ଷ୍ଟାଣ୍ଡସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଅତ୍ୟାଧୁନିକ ଚିକିତ୍ସାର ସୁବିଧା ନ ଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ କହିବା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଭାଗବତ ପ୍ରତିଯୋଗିତା ଉଦ୍‌ଘାଟିତ



ବୋଲଗଡ଼,୧୬।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅସରଳା ଗ୍ରାମରେ ଦ୍ୱାଦଶ ବାର୍ଷିକ ମା' କାଳିକା ଭାଗବତ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପ୍ରକାଶ ରଥ, ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି, ଶିକ୍ଷାବିତ୍ ମାଧବ ବେହେରା, ରାଜୀବ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାକୁ କିଶୋର ବେହେରା ପରିଚାଳନା କରିଥିଲେ। ପ୍ରଥମ ସନ୍ଧ୍ୟାରେ ଅସରଳା ଓ ଫତେଗଡ଼ ଭାଗବତ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସୁକାନ୍ତ ନନ୍ଦ ଓ ସତୀ ପଟ୍ଟନାୟକ ବିଚାରପତି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଅସରଳା ୨୩ ପଏଣ୍ଟ ପାଇଥିବା ବେଳେ ଫତେଗଡ଼ ଭାଗବତ ମଣ୍ଡଳୀ ୨୯ ପଏଣ୍ଟ ପାଇ ବିଜୟୀ ହୋଇଛି। ଗ୍ରାମାଞ୍ଚଳର ସାଂସ୍କୃତିକ ଜୀବନରେ ଭାଗବତ ବାଣୀର ପ୍ରସାର ପ୍ରଚାର ଓ ଖଞ୍ଜଣି ଭଜନର ମହତ୍ତ୍ୱ ସହ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କମିଟି ସଭାପତି ଫକୀର ଚରଣ ସ୍ୱାଇଁ କହିଛନ୍ତି। ସୁରେଶ ଚନ୍ଦ୍ର ମିଶ୍ର, ବିଷ୍ଣୁ ପ୍ରସାଦ କର, ବିବେକାନନ୍ଦ ସ୍ୱାଇଁ, ବିଜୟ ପଟ୍ଟଯୋଶୀଙ୍କ ସମେତ ଅସରଳା ଗ୍ରାମବାସୀ ସହଯୋଗ କରିଥିଲେ। ଦ୍ୱିତୀୟ ଦିବସରେ ପିଠାଖାଇ ଭାଗବତ ମଣ୍ଡଳୀ ଓ ଖଇରପଙ୍ଗୀ ଭାଗବତ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ଟିଭି ପାଇଁ କଳି, ବିଷ ପିଇଦେଲେ ଯୁବକ

ଭୁବନେଶ୍ୱର,୧୬।୩ (ସୂର୍ଯ୍ୟକାନ୍ତ ବେହେରା)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୩ ଅଞ୍ଚଳରେ ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମହମ୍ମଦ ଲତିଫ(୩୨)। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଆଇପିଏଲ୍ ପାଇଁ ଦାମୀ ଟିଭି କିଣିବାକୁ ନେଇ ସ୍ତ୍ରୀଙ୍କ ସହ ହୋଇଥିବା କଳିରୁ ସେ ଏଭଳି ପଦକ୍ଷେପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଖୋଳତାଡ ଚଳାଇଛି। ସୂଚନାନୁସାରେ, ଆଗକୁ ଆଇପିଏଲ୍ ଥିବାରୁ ସ୍ତ୍ରୀଙ୍କୁ ନ ଜଣାଇ ମହମ୍ମଦ ଏକ ଦାମୀ ଟିଭି କିଣି ଘରକୁ ଆଣିଥିଲେ। ଏନେଇ ତାଙ୍କ ସ୍ତ୍ରୀ ଟିଭି ପାଇଁ ଏତେ ଟଙ୍କା କେଉଁଠୁ ଆଣିଲ ବୋଲି ପଚାରିବାରୁ ଘରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା। ଶୁକ୍ରବାର ମଧ୍ୟ ଉକ୍ତ କାରଣ ପାଇଁ ପାଟିତୁଣ୍ଡ ହୋଇଥିବାରୁ ଏଥିରେ ଅତିଷ୍ଠ ହୋଇ ମହମ୍ମଦ ବିଷ ପିଇ ଦେଇଥିଲେ। ଏହା ଜାଣିବା ପରେ ମହିଳା ଜଣକ ଅପରାହ୍ନ ଗୋଟାଏରେ ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାର ୨ ଘଣ୍ଟା ମଧ୍ୟରେ ମହମ୍ମଦଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ




ବୋଲଗଡ଼,୧୬।୩(ଦେବବ୍ରତ ହୋତା)

### ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ମିଳିବା ପ୍ରସଙ୍ଗ

ଖୋର୍ଦ୍ଧା ଜିଲା ବୋଲଗଡ଼କୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ମାନ୍ୟତା ମିଳିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଅଞ୍ଚଳବାସୀ ବାଣ ଫୁଟାଇ ଓ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇଛନ୍ତି। ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ବିଧାୟକଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗଠନର ନେତୃବୃନ୍ଦମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ୮୦ଜଣିଆ ସିଭିଲ ସୋସାଇଟ ଦଳ ଶୁକ୍ରବାର ବୋଲଗଡ଼ରେ ବ୍ୟାନର ପୋଷ୍ଟର ଧରି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ସହ ଭୁବନେଶ୍ୱରସ୍ଥିତ ନବୀନ ନିବାସ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦପତ୍ର ପ୍ରଦାନ କରି କୃତଜ୍ଞତା ଜଣାଇବା ସହ ବୋଲଗଡ଼ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଭୁବନେଶ୍ୱର ଲୋକ ସଭା ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ବୋଲଗଡ଼ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ବିଧାୟକ ରାଜେନ୍ଦ୍ର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ଯୁବ ସଙ୍ଗଠକ ବ୍ରଜ ସୁବୁଦ୍ଧି, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲାପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରେନେଜ୍, ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଗମ୍ଭାରୀମୁଣ୍ଡା,୧୬।୩(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରେ ଡ୍ରେନେଜ୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା। ନିକଟରେ ରାଜ୍ୟ ସରକାର ବାଣପୁରରେ ଡ୍ରେନେଜ ନିର୍ମାଣ ନିମନ୍ତେ ୧୩କୋଟି ଓ ଦଶରଥୀପୁର ରାସ୍ତା ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ ଶନିବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନା କାରାଯାଇଛି। ମଧ୍ୟାହ୍ନରେ ବାଣପୁର ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ମିଟୁ ନାୟକ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଣପୁର ବିଜ୍ଞାପିତ ଅଞ୍ଚଳର ପୂର୍ବତନ ଉପାଧ୍ୟକ୍ଷ ଦାଶରଥି ସାହୁ, ବିକ୍ରମ କେଶରୀ ଜେନା, ରବି ନାରାୟଣ ପାଲ ପ୍ରମୁଖ ଉପସ୍ଥିତ ଥିଲେ।



ବାଣପୁର ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ମିଟୁ ନାୟକ ଶୁଭ ଦେଉଛନ୍ତି।

# ଗୋଡ଼ିପାଟଣାରୁ ମଦ ବ୍ୟବସାୟ ବନ୍ଦ ପାଇଁ ଦାବି

ବେଗୁନିଆ,୧୬।୩(ହର ପ୍ରସନ୍ନ ପଣ୍ଡା)

ମଦ୍ୟପାନ କରିବା ଦ୍ୱାରା ଯାଉଛି ଜୀବନ। ଏଥିସହ ମଦ ବିକ୍ରି ଯୋଗୁ ଗ୍ରାମରେ ବଢୁଛି ବିଶୃଙ୍ଖଳା। ଆଉ ପରିବାରରେ ଲାଗି ରହୁଛି ଆର୍ଥିକ ଅନାଟନ। ଗ୍ରାମରୁ ମଦ ବ୍ୟବସାୟ ବନ୍ଦ କରିବା ପାଇଁ ମହିଳାମାନେ ଆଗକୁ ଆସିଲେଣି। ବେଗୁନିଆ ଥାନା ଅନ୍ତର୍ଗତ ଗୋଡିପାଟଣା ଗ୍ରାମରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଗ୍ରାମରେ ଜାରି ରହିଥିବା ମଦ ବ୍ୟବସାୟ ବନ୍ଦ ପାଇଁ ଅଣ୍ଟା ଭିଡିଛନ୍ତି ମହିଳାମାନେ। ମଦ ବିକ୍ରିକୁ ବିରୋଧ କରିବା ସହ ବ୍ୟବସାୟ ବନ୍ଦ କରିବା ପାଇଁ ଶନିବାର ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି।



ଗ୍ରାମରେ ୭ଜଣ ବ୍ୟକ୍ତି ଖୁଲମଖୁଲା ନିଶାଦ୍ରବ୍ୟ କାରବାର ବଢାଇ ଚାଲିଛନ୍ତି। ସେମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି

### ଅଣ୍ଟା ଭିଡ଼ିଲେ ମହିଳା

ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ଭେଟି ନିବେଦନ କରିଛନ୍ତି। ମଦ ବିକ୍ରି ବନ୍ଦ ପାଇଁ ପଦକ୍ଷେପ ନିଆଯିବ ବୋଲି ଥାନା ଅଦିକାରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମହିଳାମାନେ କହିଛନ୍ତି। ରେଣୁ କଲ୍ୟାଣୀ ଦଳେଇ, ମାନିନୀ ବେହେରା, ସତ୍ୟଭାମା ବେହେରା, ପୁଷ୍ପଲତା ଦଳେଇ, ଚୁନିରାଣୀ ଦଳେଇ ପ୍ରମୁଖ ଅଭିଯୋଗପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ପଣ୍ଡା କହିଛନ୍ତି, ଅଭିଯୋଗ ପାଇବା ପରେ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି।

ୟୁଏନ୍‌ଜିଏରେ ସିଏଏ ପ୍ରସଙ୍ଗ

# ପାକିସ୍ତାନକୁ ଭାରତର ନିନ୍ଦା

## ଇସ୍‌ଲାମଫୋବିଆ ପ୍ରସ୍ତାବରେ ଭୋଟଦାନରୁ ବିରତ ରହିଲା ନୂଆଦିଲ୍ଲୀ

ଜାତିସଂଘ,୧୬।୩ (ପି.ଟି.)

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ପାକିସ୍ତାନ ପ୍ରତିନିଧି ଅଯୋଧ୍ୟାର ରାମମନ୍ଦିର ଏବଂ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଉପରେ ମନ୍ତବ୍ୟ ରଖିଥିବାରୁ ଭାରତ ଏହାର ଦୃଢ଼ ନିନ୍ଦା କରିଛି। ସାରା ବିଶ୍ୱ ଅଗ୍ରଗତି କରିଚାଲିଥିବାବେଳେ ଗତିହୀନ ହୋଇଯାଇଥିବା ପାକିସ୍ତାନକୁ ଭାରତ 'ଭଙ୍ଗା ରେକର୍ଡ' ଭାବେ ବର୍ଣ୍ଣନା କରିଛି। ୟୁଏନ୍‌ଜିଏରେ ପାକିସ୍ତାନ ରାଷ୍ଟ୍ରଦୂତ ମୁନୀର ଆକ୍ରମଙ୍କ ମନ୍ତବ୍ୟର ଜବାବ ଦେଇ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ ଇସ୍‌ଲାମାବାଦର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ କରିଥିଲେ। ଆକ୍ରମ ଭାରତରେ ମନ୍ଦିର ନିର୍ମାଣ ଏବଂ ସିଏଏକୁ ଜାତିସଂଘରେ ଉଠାଇବା ଦୁର୍ଭାଗ୍ୟଜନକ। ଜାତିସଂଘ ସାଧାରଣ ସଭା ଜ୍ଞାନ, ଗଭୀରତା ଏବଂ ବୈଶ୍ୱିକ ଦୃଷ୍ଟିକୋଣ ଉପରେ ବିଚାର କରିବାକୁ ସଦସ୍ୟମାନେ ଦାବି କରୁଥିବାବେଳେ ପାକିସ୍ତାନ ଏକମାତ୍ର ସଦସ୍ୟ, ଯିଏ ପଡୋଶୀ ଦେଶର ଆଭ୍ୟନ୍ତରୀଣ ନୀତିକୁ ଉଠାଉଛି ବୋଲି କମ୍ବୋଜ କହିଛନ୍ତି।

ଚାଇନା ସମର୍ଥନରେ ପାକିସ୍ତାନ ଆଣିଥିବା ଇସ୍‌ଲାମଫୋବିଆ ପ୍ରସ୍ତାବ ୟୁଏନ୍‌ଜିଏରେ ଗୃହୀତ ହୋଇଛି। ୧୧୫ ସଦସ୍ୟ ଏହା ସପକ୍ଷରେ ଭୋଟ ଦେଇଥିଲେ। ଭାରତ ଭୋଟଦାନରୁ ବିରତ ରହିଥିଲା। ଗୋଟିଏ ଧର୍ମ ଉପରେ ପ୍ରସ୍ତାବ ଅଣା ନ ଯାଇ ହିନ୍ଦୁ, ବୌଦ୍ଧ, ଶିଖ୍ ଓ ଅନ୍ୟ ଧର୍ମ ସମ୍ମୁଖୀନ ହେଉଥିବା ହିଂସା ଓ ପାତରଅନ୍ତର ବା 'ରିଲିଜିଅନଫୋବିଆ' ମଧ୍ୟ ଜାତିସଂଘ ସ୍ୱୀକାର କରିବା ଆବଶ୍ୟକ ବୋଲି ନୂଆଦିଲ୍ଲୀ କହିଥିଲା।

## ନବନୀତ କୁମାର ସେହଗଲ ପ୍ରସାର ଭାରତୀର ନୂଆ ଅଧ୍ୟକ୍ଷ



ନୂଆଦିଲ୍ଲୀ,୧୬।୩ (ପି.ଟି.)

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନବନୀତ କୁମାର ସେହଗଲଙ୍କୁ ପ୍ରସାର ଭାରତୀର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହି ପଦବୀ ୪ ବର୍ଷ ହେଲା ଖାଲି ପଡ଼ିଥିଲା। ୨୦୨୦ ଫେବୃଆରୀରେ ପୂର୍ବତନ ଅଧ୍ୟକ୍ଷ ଏ. ସୂର୍ଯ୍ୟପ୍ରକାଶଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଚୟନ କମିଟିର ସୁପାରିସକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ନବନୀତଙ୍କୁ ପ୍ରସାର ଭାରତୀ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ସେ ଏହି ପଦବୀରେ ୩ ବର୍ଷ କିମ୍ବା ୭୦ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ ରହିବେ। ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଚୟନ କମିଟି ବୈଠକ ବସିଥିଲା। କମିଟିରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଜଷ୍ଟିସ୍ ରଞ୍ଜନା ଦେଶାଇ (ଅବସରପ୍ରାପ୍ତ)ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ସଦସ୍ୟ ରହିଛନ୍ତି।

# ୨୩ ଯାଏ ଇଡି ହାଜତକୁ ଗଲେ କବିତା

ନୂଆଦିଲ୍ଲୀ,୧୬।୩



କେ. କବିତାଙ୍କୁ ନୂଆଦିଲ୍ଲୀରୁ ଇଡି କାର୍ଯ୍ୟାଳୟକୁ ନିଆଯାଉଛି।

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ଦିଲ୍ଲୀର ଏକ ଅଦାଲତ ୨୩ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦେଇଛନ୍ତି। ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଏମ୍‌ଏଲ୍‌ସି କବିତାଙ୍କୁ ଶୁକ୍ରବାର ଇଡି ହାଇଦ୍ରାବାଦରେ ଗିରଫ କରିବା ପରେ ଜେରା ପାଇଁ ଦିଲ୍ଲୀ ନେଇଥିଲା।

ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ ଶୁକ୍ରବାର ସକାଳେ ହାଇଦ୍ରାବାଦସ୍ଥିତ କବିତାଙ୍କ ଘରେ ଇଡି ଚଢ଼ାଉ କରିଥିଲା। ପ୍ରକାଶ ଯେ, ଉଚ୍ଛେଦ ହୋଇସାରିଥିବା ୨୦୨୧-୨୨ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ବଡ଼ ଭୂମିକା ଥିବା ମଦ ବ୍ୟବସାୟୀ ଗୋଷ୍ଠୀ 'ସାଉଥ୍ ଗ୍ରୁପ୍' ସହ କବିତାଙ୍କ ସମ୍ପର୍କ ରହିଥିବା ପୂର୍ବରୁ ଇଡି ଦାବି କରିଥିଲା। ଅନ୍ୟତମ ଅଭିଯୁକ୍ତ ବିଜୟ ନାୟାର ସାଉଥ୍ ଗ୍ରୁପ୍‌ଠାରୁ ଅନ୍ୟୂନ ୧୦୦ କୋଟି ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତାମାନଙ୍କ ତରଫରୁ କବିତା ଓ ତାଙ୍କ ସହଯୋଗୀମାନେ ଏହି ଟଙ୍କା ନେଇଥିବା ଇଡି କହିଛି।

# ସିଏଏ: ଓ୍ୱାଇସି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ,୧୬।୩ (ପି.ଟି.)



ଅସାଦୁଦ୍ଦିନ ଓ୍ୱାଇସି

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାବେଳେ ନାଗରିକତ୍ୱ ସଂଶୋଧନ ନିୟମାବଳୀର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ନିବେଦନ କରି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଭାରତ ଚାଲିଆସି ଏଠାରେ ରହିଯାଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ପାଇଁ ୨୦୧୯ରେ ସିଏଏ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା। ଗତ ୧୧ ତାରିଖରେ କେନ୍ଦ୍ର ସରକାର ଏହାକୁ ଲାଗୁ କରିବା ପାଇଁ ଆନୁଷଙ୍ଗିକ ନିୟମାବଳୀର ବିଜ୍ଞପ୍ତି ପ୍ରକାଶ କରିଥିଲେ। ସିଏଏର ବୈଧତାକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀଙ୍କ ମଧ୍ୟରୁ ଓ୍ୱାଇସି ଅନ୍ୟତମ। ପିଟିଶନଗୁଡ଼ିକର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଉକ୍ତ ଆଇନ ଓ ନିୟମାବଳୀର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ସେ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।



ଗିନିଜ୍ ବୁକ୍ ଅଫ୍ ଓ୍ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ପାଇଁ ବେଙ୍ଗାଲୁରୁର ବୋମ୍ମାସାନ୍ଦ୍ରାଠାରେ ୭୦ ଜଣ ଶେଫ୍ ୧୨୩ ଫୁଟ୍ ଲମ୍ବର ଦୋସା ତିଆରି କରୁଛନ୍ତି।

# ଆତଙ୍କବାଦ, ବିଚ୍ଛିନ୍ନତାବାଦୀ କାର୍ଯ୍ୟରେ ସମ୍ପୃକ୍ତ କଶ୍ମୀର ସଂଗଠନ ବ୍ୟାନ୍

ନୂଆଦିଲ୍ଲୀ,୧୬।୩(ପି.ଟି.)

ଆତଙ୍କବାଦ ଏବଂ ବିଚ୍ଛିନ୍ନତାବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଜମ୍ମୁ-କଶ୍ମୀର ପିପୁଲ୍ସ ଫ୍ରିଡମ୍ ଲିଗ୍‌କୁ କେନ୍ଦ୍ର ସରକାର ଶନିବାର ବେଆଇନ ଘୋଷଣା କରିଛନ୍ତି। ସେହିପରି ବିଚ୍ଛିନ୍ନତାବାଦୀ ସଂଗଠନ ହୁରିୟାତ କନ୍‌ଫରେନ୍ସ ସହ ଜଡ଼ିତ ଥିବା ଜମ୍ମୁ-କଶ୍ମୀର ପିପୁଲ୍ସ ଲିଗ୍‌ର ସମସ୍ତ ଗୋଷ୍ଠୀକୁ ମଧ୍ୟ କଠୋର ଆତଙ୍କବାଦ ନିରୋଧୀ ଆଇନ ବଳରେ ବ୍ୟାନ କରାଯାଇଛି। ଏହା ବ୍ୟତୀତ ଆତଙ୍କବାଦରେ ସମ୍ପୃକ୍ତି ଅଭିଯୋଗରେ ଜେଲରେ ଥିବା ୟାସିନ ମଲିକଙ୍କ ସଂଗଠନ ଜମ୍ମୁ-କଶ୍ମୀର ଲିବରେଶନ ଫ୍ରଣ୍ଟ (ଜେକେଏଲ୍‌ଏଫ) ଉପରେ ନିଷେଧାଦେଶକୁ ଆଉ ୫ ବର୍ଷ ବଢ଼ାଇ ଦିଆଯାଇଛି। ଶନିବାର ଲୋକ ସଭା ନିର୍ବାଚନ ପାଇଁ ତାରିଖ ଘୋଷଣାର କିଛି ଘଣ୍ଟା ପୂର୍ବରୁ ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ଭାଜପାରେ ଅନୁରାଧା ପୌଡୱାଲ

ନୂଆଦିଲ୍ଲୀ,୧୬।୩ (ପି.ଟି.)



ଭକ୍ତି ସଙ୍ଗୀତ ଗାନ ପାଇଁ ଜଣାଶୁଣା ଖ୍ୟାତନାମା ବଲିଉଡ୍ ଗାୟିକା ଅନୁରାଧା ପୌଡୱାଲ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତାମାନଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସନାତନ ଧର୍ମ ସହ ଗଭୀର ଭାବେ ଜଡ଼ିତ ନେତାମାନଙ୍କ ସହ ସାମିଲ ହୋଇଥିବାରୁ ବହୁତ ଖୁସି ବୋଲି ଅନୁରାଧା କହିଛନ୍ତି।

ଇଣ୍ଡିୟନ ବୈଙ୍କ Indian Bank ଇଲାହାବାଦ ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
*ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।*

| ଶାଖା /ଋଣଗ୍ରହୀତା / ଜାମିନ୍‌ଦାର /ବନ୍ଧକଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଭୁବନେଶ୍ୱର ଶାଖା** ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ମହାନ୍ତି (ମେସର୍ସ ଅରୁଣ କୁମାର ମହାନ୍ତି ର ସତ୍ତ୍ୱାଧିକାରୀ), ଏଲ୍‌ଆଇଜି-୧୨୫, ନୟାପଲ୍ଲୀ ବ୍ରିଟ୍ କଲୋନୀ, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨, **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ସୁଲତା ମହାନ୍ତି,** ସ୍ୱା: ଶ୍ରୀ ଗୁରୁଚରଣ ମହାନ୍ତି, ଏଲ୍‌ଆଇଜି-୧୨୫, ନୟାପଲ୍ଲୀ ବ୍ରିଟ୍ କଲୋନୀ, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨। | ଏଲ୍‌ଆଇଜି-୧୨୫, ବିଡିଏ ଡ୍ରଇଁ ନଂ.ବି-୯୬, ଜିଏ ପ୍ଲଟ ନଂ.୧୨୦୩, ୧୨୮୩, ୧୨୮୬ ଏବଂ ୧୫୩୯, ଖାତା ନଂ.୩୮୫, ମୌଜା: ନୟାପଲ୍ଲୀ ବ୍ରିଟ୍ କଲୋନୀ, ୟୁନିଟ୍-୮, ଥାନା: ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୮୭୫ ବର୍ଗଫୁଟ, ଏହି ସମ୍ପତ୍ତି **ଶ୍ରୀମତୀ ସୁଲତା ମହାନ୍ତି,** ସ୍ୱା: ୰ ଗୁରୁଚରଣ ମହାନ୍ତିଙ୍କ ନାମରେ ଅଛି, ବନ୍ଧକପ୍ରାପ୍ତ ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୃହ ନଂ.ଏଲ୍‌ବି-୧୨୬, ଦକ୍ଷିଣ- ଗୃହ ନଂ. ଏଲ୍‌ବି-୧୨୪, ପୂର୍ବ- ଗୃହ ନଂ. ଏଲ୍‌ବି-୧୧୨, ପଶ୍ଚିମ- ରାସ୍ତା। | ୨୭.୧୨.୨୦୨୩ | ୧୩.୦୩.୨୦୨୪ | ତା.୨୭.୧୨.୨୦୨୩ ସୁଦ୍ଧା ଟ.୪୫,୨୬,୯୧୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ପଟିଆ ଶାଖା** ଋଣଗ୍ରହୀତା/ବନ୍ଧକଦାତା: (୧)ଶ୍ରୀ ଦିବ୍ୟଚାନ୍ଦ ଶୁକ୍ଲା, ପିତା: ଶ୍ରୀ ନରେଶ କୁମାର ଶୁକ୍ଲା, ଠିକଣା: ଏମ୍‌ଆଇଜି -୮୩, ଅନନ୍ତ ବିହାର, ବିଡିଏ ଫେଜ୍ ୩, ପୋଖରିପୁଟ ଏରୋଡ୍ରମ ଏରିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୦, (୨) ଶ୍ରୀମତୀ ସଙ୍ଗୀତା ପାତ୍ର, ସ୍ୱା: ଶ୍ରୀ ଦିବ୍ୟଚାନ୍ଦ ଶୁକ୍ଲା, ଠିକଣା: ଏମ୍‌ଆଇଜି -୮୩, ଅନନ୍ତ ବିହାର, ବିଡିଏ ଫେଜ୍ ୩, ପୋଖରିପୁଟ ଏରୋଡ୍ରମ ଏରିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୦। | (୧)ଶ୍ରୀ ଦିବ୍ୟଚାନ୍ଦ ଶୁକ୍ଲାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୯୦୧/୧୭୫୬, ଖାତା ନଂ.୨୭୮/୨୧୨, ସବ୍‌ପ୍ଲଟ ନଂ.୨୭୭, ମୌଜା: ହରିଡ଼ାମଡା, ଥାନା: ଜଟଣୀ, ଥାନା ନଂ.୭, ତହସିଲି/ସବ୍ ରେଜିଷ୍ଟ୍ରାର: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୫୫ ଡିସିମିଲି (୨୪୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୦୮୧୦୧୪୨୧୭, ତାରିଖ: ୧୮.୦୬.୨୦୧୦, ପ୍ଲଟ ର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ନଂ.୨୭୮, ଦକ୍ଷିଣ- ସବ୍ ପ୍ଲଟ ନଂ.୨୭୬, ପୂର୍ବ- ରାସ୍ତା, ପଶ୍ଚିମ- ସବ୍ ପ୍ଲଟ ନଂ.୨୭୦। (୨) ଶ୍ରୀମତୀ ସଙ୍ଗୀତା ଶୁକ୍ଲାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୪୬/୧୨୪୨, ଖାତା ନଂ. ୪୧୮/୧୮୭, ଅନୁରୂପ ଖାତା ନଂ.୨୬୪, ପ୍ଲଟ ନଂ.୧୪୬(ପି), ସବ୍ ପ୍ଲଟ ନଂ.୪୦, ୪୧, ମୌଜା: ଉପରବସ୍ତ, ଥାନା: ଜଟଣୀ, ଥାନା ନଂ.୭, ତହସିଲି/ସବ୍ ରେଜିଷ୍ଟ୍ରାର: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୩୧୮୦ ବର୍ଗଫୁଟ, ଆରଏସ୍‌ଡି ନଂ.: ୧୧୧୨୧୨୦୩୪୧, ତାରିଖ: ୦୯.୧୧.୨୦୧୨, ପ୍ଲଟ ର ଚାରିପାର୍ଶ୍ୱରେ: ଉତ୍ତର- ଏହି ପ୍ଲଟର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ରାସ୍ତା, ପଶ୍ଚିମ- ରାସ୍ତା। | ୨୧.୦୮.୨୦୨୩ | ୧୫.୦୩.୨୦୨୪ | ଟ.୮,୧୨,୫୦୩.୭୩ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୬.୦୩.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

ଇଣ୍ଡିୟନ ବୈଙ୍କ Indian Bank ଇଲାହାବାଦ ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ,୨୦୦୨ର ରୁଲ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

**ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟର ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ବିନାଆଇନଗତ ସହାୟତା ଭିତ୍ତିରେ"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତା ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.mstcecommerce.com/auctionhome/ibapi/index.jsp

| କ୍ର. ନଂ. | ଶାଖା / ଋଣଗ୍ରହୀତା /ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ/ ବକେୟା ପରିମାଣ / ଦଖଲ ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଟେମ୍ପୁଲମାର୍ଗ ଶାଖା, (ଫୋନ୍: ୯୭୯୫୯୦୪୩୯୯)** (୧)ମେସର୍ସ ଆଡ୍ ଅନ୍ ସର୍ଭିସେସ୍, ପ୍ଲଟ ନଂ.୫, ବରଗଡ ବ୍ରିଟ୍ କଲୋନୀ, ଜଗନ୍ନାଥ ଆଶ୍ରମ ସମ୍ମୁଖ, ବାସୁଆଘାଇ, ଟଙ୍କପାଣି ରୋଡ ଭୁବନେଶ୍ୱର, (୨) ଶ୍ରୀ ଅଭିଜିତ୍ ନାୟକ (ସତ୍ତ୍ୱାଧିକାରୀ/ଋଣଗ୍ରହୀତା), ପିତା: ଅଜୟ ଚନ୍ଦ୍ର ନାୟକ, ପ୍ଲଟ ନଂ.୫, ବରଗଡ ବ୍ରିଟ୍ କଲୋନୀ, ଜଗନ୍ନାଥ ଆଶ୍ରମ ସମ୍ମୁଖ, ବାସୁଆଘାଇ, ଟଙ୍କପାଣି ରୋଡ, ଭୁବନେଶ୍ୱର, (୩) ଶ୍ରୀ ରତିକାନ୍ତ ସିଂ (ଜାମିନ୍‌ଦାର/ବନ୍ଧକଦାତା), ପିତା: ୰ଦୈତାରୀ ସିଂହ, ପ୍ଲଟ ନଂ. ଏଲ୍‌ବି ୧୪୨, ବରଗଡ ବ୍ରିଟ୍ କଲୋନୀ, ଟଙ୍କପାଣି ରୋଡ, ଭୁବନେଶ୍ୱର, (୪) ଶ୍ରୀମତୀ ଶର୍ମିଷ୍ଠା ଶ୍ରୀଚନ୍ଦନ (ଜାମିନ୍‌ଦାର), ସ୍ୱା: ଶ୍ରୀ ଅଭିଜିତ୍ ନାୟକ, ପ୍ଲଟ ନଂ.୫, ବରଗଡ ବ୍ରିଟ୍ କଲୋନୀ, ଜଗନ୍ନାଥ ଆଶ୍ରମ ସମ୍ମୁଖ, ବାସୁଆଘାଇ, ଟଙ୍କପାଣି ରୋଡ, ଭୁବନେଶ୍ୱର। | ଶ୍ରୀ ରତିକାନ୍ତ ସିଂ ଙ୍କ ନାମରେ ଥିବା ବାସପୋଯୋଗି ଜମି ଯାହାର ପ୍ଲଟ ନଂ.୫୯୧/୧୪୫୬, ଖାତା ନଂ.୩୪୪/୬୮୨, ଏରିଆ: ଏ୦.୦୩୬ ଡିସିମିଲି, ବାସୁଆଘାଇ, ଟଙ୍କପାଣି ରୋଡ, ଥାନା: ଭୁବନେଶ୍ୱର ନଂ.୮୧, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୫୯୦, ଦକ୍ଷିଣ- ସବ୍ ପ୍ଲଟ ୦୫, ପୂର୍ବ- ସବ୍ ପ୍ଲଟ ନଂ.୦୭, ପଶ୍ଚିମ- ରାସ୍ତା। | ୧୬.୧୧.୨୦୨୩ / ୨୬.୦୨.୨୦୨୪ / ୦୯.୧୧.୨୦୨୩ସୁଦ୍ଧା ଟ.୧୭,୦୬,୯୯୨/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୧୯,୭୬,୦୦୦/- / ଟ.୧,୯୭,୬୦୦/- / ଟ.୨୫,୦୦୦/- |
| ୨. | **ବାଘମାରି ଶାଖା, (ଫୋନ୍: ୯୮୬୧୮୨୧୦୧୬)** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ଶାନ୍ତିଲତା ବେହେରା, ସ୍ୱା: ଶ୍ରୀ ରାମଚନ୍ଦ୍ର ବେହେରା, ଗୌଡପାଟଣା, ମଣିବନ୍ଧ, ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୪, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: (୧)ଶ୍ରୀ ରାମଚନ୍ଦ୍ର ବେହେରା, ପିତା: ତାରେଶ୍ୱର ବେହେରା, ଗୌଡପାଟଣା, ମଣିବନ୍ଧ, ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୪, (୨) ଶ୍ରୀମତୀ ରାଧାମଣୀ ବେହେରା, ସ୍ୱା: ତାରେଶ୍ୱର ବେହେରା, ଗୌଡପାଟଣା, ମଣିବନ୍ଧ, ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୪, (୩) ଶ୍ରୀମତୀ ହୁଲାସ ବେହେରା, ସ୍ୱା: ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ଯମୁନା ଝାରପଡା, ପୁରୀ, ଓଡିଶା, ପିନ୍- ୭୫୨୦୫୦, (୪) ଶ୍ରୀମତୀ କୁନି ବେହେରା, ସ୍ୱା: ଦୋଳଗୋବିନ୍ଦ ବେହେରା, ଗୌଡପାଟଣା, ମଣିବନ୍ଧ, ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୪, (୫) ଶ୍ରୀମତୀ ସୁଲୋଚନା କରଡା, ସ୍ୱା: ରତ୍ନାକର କରଡା, ସା/ପୋ.: ଛତ୍ରପଡା, ଖୋର୍ଦ୍ଧା, ଓଡିଶା, ପିନ୍- ୭୫୨୦୩୮, (୬) ଶ୍ରୀମତୀ ନିରୁପମା ବେହେରା, ସ୍ୱା: ବାସୁଦେବ ବେହେରା, ଗୌଡପାଟଣା, ମଣିବନ୍ଧ, ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୪। | ଶ୍ରୀମତୀ ଶାନ୍ତିଲତା ବେହେରା, ଶ୍ରୀ ରାମଚନ୍ଦ୍ର ବେହେରା, ଶ୍ରୀମତୀ ରାଧାମଣୀ ବେହେରା, ଶ୍ରୀମତୀ ହୁଲାସ ବେହେରା, ଶ୍ରୀମତୀ କୁନି ବେହେରା, ଶ୍ରୀମତୀ ସୁଲୋଚନା କରଡା, ଶ୍ରୀମତୀ ନିରୁପମା ବେହେରାଙ୍କ ନାମରେ ଥିବା ବାସପୋଯୋଗି ଜମି ଏବଂ ଗୃହ ଯାହାର ଖାତା ନଂ.୭, ପ୍ଲଟ ନଂ.୪୩, ୪୬ ଏବଂ ୪୭, ମୌଜା: ଗୌଡପାଟଣା, ଥାନା: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍- ୭୫୨୦୩୮, ଚାରିପାର୍ଶ୍ୱରେ: ଉତ୍ତର- ବନମାଳି ବେହେରା, ଦକ୍ଷିଣ- ସିସି ରୋଡ, ପୂର୍ବ- ମୂରଲୀଧର ପଟ୍ଟନାୟକ, ପଶ୍ଚିମ- ବନମାଳି ବେହେରା। | ୦୭.୦୬.୨୦୨୩ / ୨୮.୦୨.୨୦୨୪ / ୦୭.୦୬.୨୦୨୩ସୁଦ୍ଧା ଟ.୭,୯୮,୨୬୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୧୨,୭୧,୦୦୦/- / ଟ.୧,୨୭,୧୦୦/- / ଟ.୨୫,୦୦୦/- |

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୦୪.୨୦୨୪ରିଖ (ସୋମବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା, ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

**ଅମାନତ ରାଶି ଓ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୧.୦୪.୨୦୨୪ ରିଖ ସୁଦ୍ଧା, ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ:** ତା.୧୫.୦୪.୨୦୨୪ରିଖ ଠାରୁ ତା.୨୦.୦୪.୨୦୨୪ରିଖ, ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

**ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ଉପରଲିଖିତ ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ: ଜ୍ଞାତ ନାହିଁ**

**ନିୟମ ଓ ସର୍ତ୍ତାବଳୀ:** (୧)ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: https://www.mstcecommerce.com/auctionhome/ibapi/index.jsp and https://ibapi.in ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। (୨)ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୩୦ ଦିନିଆ ନୋଟିସ୍ ଅଟେ। (୩)ସମସ୍ତ ବିକ୍ରୟ ରାଶି ଗ୍ରହଣ କରିବା ପରେ କ୍ଷମତାପ୍ରାପ୍ତ ଅଧିକାରୀ ନିୟମ ଅନୁସାରେ ବିକ୍ରୟ ସାର୍ଟିଫିକେଟ ଇସ୍ୟୁ କରିବେ। (୪)ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା-ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ ରେଜିଷ୍ଟ୍ରେସନ୍, ଯଦି ଥାଏ ତାହା ବହନ କରିବେ। (୫)କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧିୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୬) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ୍ କିମ୍ବା ବିକ୍ରୟ ସ୍ଥଗିତ / ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶୃତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉ ନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**
ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ବକେୟା ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ-ଭୁବନେଶ୍ୱର, ତାରିଖ-୧୬.୦୩.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

ଫୁରସତ

# ହେଲ୍‌ମେଟ୍ ପିନ୍ଧି ଶ୍ରେଣୀରେ ପଢୁଛନ୍ତି ଛାତ୍ରୀଛାତ୍ର



**ରାଞ୍ଚି:** ବାଇକ ଚଲାଉଥିବା କିମ୍ବା କ୍ରିକେଟ ଖେଳୁଥିବା ଖେଳାଳିଙ୍କ ମୁଣ୍ଡରେ ହେଲମେଟ ଦେଖିଥିବେ। କିନ୍ତୁ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ କଲେଜ ପିଲାମାନେ ସେମାନଙ୍କ ମୁଣ୍ଡରେ ହେଲମେଟ ଧରି ଶ୍ରେଣୀଗୃହରେ ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଛି। ଭିଡିଓ ଦେଖିବା ପରେ ଆପଣ ଆଶ୍ଚର୍ଯ୍ୟ ହୋଇପାରନ୍ତି, କିନ୍ତୁ ଏହା ପଛର କାରଣ ଅତ୍ୟନ୍ତ ଦୁଃଖଦାୟକ।

ଭାଇରାଲ ହେଉଥିବା ଭିଡିଓ ଝାଡଖଣ୍ଡର ଜାମସେଦପୁରରୁ ଆସିଛି। କୋଲହାନ ବିଶ୍ୱବିଦ୍ୟାଳୟର ୱାର୍କର୍ସ କଲେଜର କୋଠା ଏତେ ବିପଜ୍ଜନକ ହୋଇପଡିଛି ଯେ ପ୍ରତିଦିନ ବିଲ୍ଡିଂର ଛାତର କିଛି ଅଂଶ ଖସିପଡୁଛି। ଏହି କାରଣରୁ କଲେଜର ପିଲାମାନେ କ୍ଲାସରେ ଯୋଗଦେବା ପାଇଁ ମୁଣ୍ଡରେ ହେଲମେଟ ପିନ୍ଧି ଆସନ୍ତି।

କୋଲହାନ ବିଶ୍ୱବିଦ୍ୟାଳୟର ଏହି କଲେଜ ପ୍ରାୟ ୬୫ ବର୍ଷ ପୂର୍ବେ ୧୯୫୯ରେ ପ୍ରତିଷ୍ଠିତ ହୋଇଥିଲା। ସେତେବେଳେ ଏହା ଝାଡଖଣ୍ଡର ଅନ୍ୟତମ ଭଲ କଲେଜ ଥିଲା, କିନ୍ତୁ ବିକାଶ ଅଭାବରୁ ବହୁତ ପଛରେ ପଡ଼ିଯାଇଛି। ଏବେ କଲେଜ ପ୍ରଶାସନ ଶ୍ରେଣୀଗୃହକୁ ତାଲା ପକାଇଛନ୍ତି।

# ବିବାହ ବନ୍ଧନରେ କ୍ରିତି-ପୁଲକିତ



**ମୁମ୍ବାଇ:** ବହୁ ବର୍ଷ ଧରି ପରସ୍ପରକୁ ଡେଟ୍ କରିବା ପରେ ଅଭିନେତା ପୁଲକିତ ସମ୍ରାଟ ଏବଂ ଅଭିନେତ୍ରୀ କ୍ରିତି ଖରବନ୍ଦା ଶେଷରେ ମାର୍ଚ୍ଚ ୧୫ରେ ବିବାହ କରିଛନ୍ତି। ପ୍ରଶଂସକମାନେ ଏହି ଦମ୍ପତିଙ୍କ ଅଫିସିଆଲ ବିବାହ ଫଟୋ ଶେୟାର କରିବାକୁ ଅପେକ୍ଷା କରି ରହିଥିଲେ ଏବଂ ଶେଷରେ ସେମାନେ ଏହାକୁ ଶେୟାର କରିଛନ୍ତି। ପୁଲକିତ ସମ୍ରାଟ ଏବଂ କ୍ରିତି ଖରବନ୍ଦା କିଛି ସୁନ୍ଦର ଝଲକ ଶେୟାର କରି ପ୍ରଶଂସକମାନଙ୍କୁ ସେମାନଙ୍କର ବିବାହ ବେଳର ଝଲକ ପ୍ରଦାନ କରିଛନ୍ତି। ଘନିଷ୍ଠ ପରିବାର ଏବଂ ବନ୍ଧୁମାନଙ୍କ ମଧ୍ୟରେ କ୍ରିତି ଖରବନ୍ଦା ଏବଂ ପୁଲକିତ ସମ୍ରାଟ ଏକ ଖୁସି ଉତ୍ସବ ସହିତ ସେମାନଙ୍କର ଖୁସହାଲ ଜିନ୍ଦେଗି ଆରମ୍ଭ କରିଛନ୍ତି। ବିବାହରେ ଏକଜୁଟ ହେବାବେଳେ ଏମାନେ ସବୁଠାରୁ ଷ୍ଟାଇଲିସ ଦେଖାଯାଉଥିଲେ। ପୁଲକିତ ସମ୍ରାଟ ଏକ ଶାନଦାର ଗ୍ରୀନ ଆଉଟଫିଟ୍‌ରେ ଚମତ୍କାର ଦେଖାଯାଉଥିଲେ, ଯାହା ବିବାହର ସୌନ୍ଦର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ପରିପୂର୍ଣ୍ଣ କରିଥିଲା। ଉଭୟ 'ବୀରେ କି ୱେଡ଼ିଂ', ପାଗଲପନ୍ତି, ତୈସ ଆଦି ଚଳଚ୍ଚିତ୍ରରେ ଏକାଠି କାର୍ଯ୍ୟ କରିଛନ୍ତି।

# ବାର୍ଷିକ ଋଣ ଯୋଜନାରେ ଉଲ୍ଲେଖନୀୟ ଅଭିବୃଦ୍ଧି

## ୧୭୪ତମ ଏସ୍ଏଲ୍ବିସି ବୈଠକ ଆୟୋଜିତ

ଭୁବନେଶ୍ୱର,୧୬।୩ (ଅଭୟ ଦାଶ)




ଓଡ଼ିଶା ପ୍ରଦେଶରେ ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କର କାର୍ଯ୍ୟକଳାପ ଆଶାନୁରପ ରହିଥିବାବେଳେ ରାଜ୍ୟର ବାର୍ଷିକ ଋଣ ଯୋଜନାରେ ଉଲ୍ଲେଖନୀୟ ଅଭିବୃଦ୍ଧି ସହ ବ୍ୟାଙ୍କଗୁଡିକର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ୧୭୪ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଷ୍ଟେଟ ଲେଭୁଲ ବ୍ୟାଙ୍କର୍ସ କମିଟି ବା ଏସ୍ଏଲ୍ବିସି) ବୈଠକରେ ମତପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ଶନିବାର ଭୁବନେଶ୍ୱରର ଏକ ତାରକା ହୋଟେଲର ୧୭୪ତମ ଏସ୍ଏଲ୍ବିସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପରିକି ୟୁକୋ ବ୍ୟାଙ୍କ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍ଏଲ୍ବିସିର ଆବାହକ ଗୌତମ ପାତ୍ର ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ଏବଂ ବୈଠକର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତବ୍ୟକ୍ତ କରିଛନ୍ତି। ସେହିଭଳି ୟୁକୋ ବ୍ୟାଙ୍କର ପ୍ରବନ୍ଧ ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟ ପାଳନ ଅଧିକାରୀ ତଥା ଏସ୍ଏଲ୍ବିସି ଓଡ଼ିଶାର ଅଧ୍ୟକ୍ଷ ଅଶ୍ୱିନୀ କୁମାର କହିଥିଲେ, ରାଜ୍ୟର ବାର୍ଷିକ ଋଣ ଯୋଜନାରେ ବ୍ୟାଙ୍କ ସମୂହ ଉତ୍ତମ ପ୍ରଦର୍ଶନ ସହ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏପରିକି କୃଷି,ଏମ୍ଏସ୍ଏମ୍ଇ, ଏସ୍ଏଚ୍ଜି ଏବଂ ସାମାଜିକ ସୁରକ୍ଷା ଯୋଜନାରେ ମଧ୍ୟ ଆଶାତୀତ ସଫଳତା ସହ ଉତ୍ତମ ପ୍ରଗତି କରିଥିବାରୁ ସେ ବ୍ୟାଙ୍କ ସମୂହ ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ କହିଥିଲେ, ୨୦୨୩ ଡିସେମ୍ବର ସୁଦ୍ଧା ବାର୍ଷିକ ଋଣ ଯୋଜନାରେ ବ୍ୟାଙ୍କଗୁଡିକ ମୋଟ ୧,୨୮,୨୬୮.୮୫ କୋଟି ଟଙ୍କାର ଋଣ ଯୋଗାଇ ଦେଇଥିବାବେଳେ ଏହି ଅବଧି ମଧ୍ୟରେ ବାର୍ଷିକ ଧାର୍ଯ୍ୟ ଲକ୍ଷ୍ୟ ୧,୬୦,୨୮୦.୨୨ କୋଟି ଟଙ୍କାର ୮୦.୦୩% ହୋଇଛି। ଏପରିକି ଅନ୍ୟ ରାଜ୍ୟଗୁଡିକୁ ପଛରେ ପକାଇ ବ୍ୟାଙ୍କ ସମୂହ ମୋଟ ୮୨.୫୦% ଉଲ୍ଲେଖନୀୟ ସିଡି ଅନୁପାତ ହାସଲ କରିଥିବାରୁ ସେ ବ୍ୟାଙ୍କ ସମୂହଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅପରପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ବ୍ୟାଙ୍କ ସମୂହ କେୱାଇସି ନିୟମକୁ କଡ଼ାକଡି ପାଳନ କରିବା ସହ ରାଜ୍ୟର ସମସ୍ତ ଜିଲାକୁ ପୂର୍ଣ୍ଣ ଡିଜିଟାଲାଇଜେଶନ କରିବା ପାଇଁ ଦେଇଥିଲେ। ସେହିଭଳି ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ସୁଜାତା ଆର୍. କାର୍ତ୍ତିକେୟନ କହିଥିଲେ, ମହିଳା ସ୍ୱୟଂ ସହାୟକା ଗୋଷ୍ଠୀମାନଙ୍କୁ ଚଳିତ ଆର୍ଥିକ ବର୍ଷରେ ୧୫୦୦୦କୋଟି ଟଙ୍କାର ଋଣ ଯୋଗାଇ ଦେଇଥିବାରୁ ସେ ବ୍ୟାଙ୍କ ସମୂହଙ୍କୁ ଧନ୍ୟବାଦ ଜଣାଇବା ସହ ୨୦୨୪ ଫେବୃଆରୀ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଥିବାରୁ ସୁଜାତା ବ୍ୟାଙ୍କଗୁଡ଼ିକର କାର୍ଯ୍ୟକୁ ସ୍ୱାଗତ ଜଣାଇଥିଲେ। ସେହିପରି ନାବାର୍ଡ ଭୁବନେଶ୍ୱରର ସିଜିଏମ୍ ସୁଧାଂଶୁ କେ.କେ. ମିଶ୍ର ବ୍ୟାଙ୍କଗୁଡ଼ିକୁ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରଶଂସା କରିଥିଲେ। ପରିଶେଷରେ ଏସ୍ଏଲ୍ବିସି ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ମହିଳା ଜୋତା ବର୍ଗରେ ଲି କୁପର




## ବ୍ରାଣ୍ଡର ପ୍ରଥମ ୱମେନ୍ ଫୁଟ୍ୱେର କଲେକ୍ସନ

ଭୁବନେଶ୍ୱର,୧୬।୩

ରିଲାଏନ୍ସ ରିଟେଲର ଲୋକପ୍ରିୟ ଡେନିମ୍ ବ୍ରାଣ୍ଡ 'ଲି କୁପର'ପ୍ରଥମ ଥର ପାଇଁ ମହିଳା ଜୋତା ବର୍ଗରେ ପ୍ରବେଶ କରିଛି। ଏପରିକି ବ୍ରାଣ୍ଡର ପ୍ରଥମ ୱମେନ ଫୁଟ୍ୱେର କଲେକ୍ସନର ଉନ୍ମୋଚନ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷ କରି ମୁମ୍ବାଇରେ ବ୍ରାଣ୍ଡର ଫ୍ଲାଗ୍ଶିପ ମହିଳା ଜୋତା ସଂଗ୍ରହ ଅଭିଯାନ 'ଶୁଜ୍ ଡୁ ନଟ୍ ଜଜ୍'ର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଲିଉଡ୍ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ରାଣ୍ଡର ନୂତନ କଲେକ୍ସନଗୁଡିକୁ ଉନ୍ମୋଚନ କରିବା ସହ ବଜାର ପ୍ରବେଶ କରାଇଥିଲେ। ସେହିଭଳି ବ୍ରାଣ୍ଡର ସ୍ପ୍ରିଂ-ସମର କଲେକ୍ସନ-୨୪କୁ ଉନ୍ମୋଚନ ସହ ଜୋତାଗୁଡିକର ଡିଜାଇନ, ଷ୍ଟାଇଲ ଓ କଲର ଆଦି ବିଷୟରେ ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଭିନ୍ନକ୍ଷମ ମହିଳାଙ୍କୁ ବୈଦ୍ୟୁତିକ ହାତ ବିତରଣ

ଭୁବନେଶ୍ୱର,୧୬।୩

ଓଡ଼ିଶା ଖଣି ନିଗମ (ଓଏମ୍ସି), ରେଡ୍ ସ୍ୱସ୍ତିକ ସୋସାଇଟି, ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଇନାଲି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ରାଜ୍ୟର ୪୦ଜଣ ଭିନ୍ନକ୍ଷମ ମହିଳାଙ୍କୁ ବୈଦ୍ୟୁତିକ ହାତ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଗୀତ ଗୋବିନ୍ଦ ସଦନଠାରେ ଏକ ସ୍ୱତନ୍ତ୍ର ବିତରଣ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଖଣି ନିଗମର ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ ପାଲ,ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ରା, ଜେଡ୍ ଇଷ୍ଟେଟ୍ର ପରିଚାଳନା ନିର୍ଦ୍ଦେଶକ ତପନ ମହାନ୍ତି, ସାମାଜିକ କର୍ମୀ ନମ୍ରତା ଚଢ଼ାଙ୍କ ସମେତ ରେଡ୍ ସ୍ୱସ୍ତିକ୍ ସୋସାଇଟିର ଓଡ଼ିଶା ଶାଖା ଅଧ୍ୟକ୍ଷ ବିଜୟ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସୂଚନା ଓ ରେଡ୍ସ୍ୱସ୍ତିକ୍ସୋସାଇଟି ଓଡ଼ିଶା ଶାଖାର ସହଯୋଗରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭିନ୍ନକ୍ଷମ ମହିଳାଙ୍କ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କ ଆବଶ୍ୟକ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦିଆଯାଇଥିଲା। ସେହିପରି ରାଜ୍ୟରେ ଭିନ୍ନକ୍ଷମମାନଙ୍କ ଉନ୍ନତୀକରଣ ନିମନ୍ତେ ରେଡ୍ ସ୍ୱସ୍ତିକ୍ ସୋସାଇଟି ଶାଖା ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଆଗକୁ ନିଆଯିବ ବୋଲି ରେଡ୍ ସ୍ୱସ୍ତିକ ସୋସାଇଟି ଓଡିଶା ଶାଖା ସଚିବ ଦେବାଶିଷ୍ ପଟ୍ଟନାୟକ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆର୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ରଙ୍ଗ ଏବଂ କାରିଗରିର ଏକ ଅନନ୍ୟ ସନ୍ଧ୍ୟା 'ଏକ ରୋମାନ ହୋଲି' ଉତ୍ସବ ମୁମ୍ବାଇଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆର୍ଆଇଏଲ୍ର ନିର୍ଦ୍ଦେଶିକା ଇଶା.ଏମ୍.ଅମ୍ବାନୀ, ବୁଲଗରୀ ସିଇଓ ଜିନ୍ ଖ୍ରୀଷ୍ଟୋଫ୍ ବାବିନ, ବୁଲଗରୀ କ୍ରିଏଟିଭ୍ ଡାଇରେକ୍ଟର ଜୁଏଲେରି ଲୁସିଆ ସିଲ୍ଭରଷ୍ଟି ଏବଂ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଆଜି ତକ୍ଷକ ୨.୦ ବାଣିଜ୍ୟ ପ୍ରଦର୍ଶନୀ

ଭୁବନେଶ୍ୱର ,୧୬।୩

ରାଜ୍ୟର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ବିଏନ୍ଆଇ ଆଚିଭର୍ସ କଟକ ଶାଖା ପକ୍ଷରୁ ଏକ ଦିନିକିଆ ବାଣିଜ୍ୟ ପ୍ରଦର୍ଶନୀ 'ତକ୍ଷକ୨.୦' ରବିବାର କଟକ ୟୁନିୟନ କ୍ଲବ ପରିସରରେ ଆୟୋଜନ ହେବାକୁ ଯାଉଛି। ଉକ୍ତ ପ୍ରଦର୍ଶନୀରେ ୧୦୦ଟି ଷ୍ଟଲ୍ ସହ ୧୦୦୦ରୁ ଅଧିକ ବିଜ୍ନେସ୍ ପ୍ରମୋଟରମାନେ ମଧ୍ୟ ଅଂଶ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଏନ୍ଆଇ କଟକ ଶାଖାର ସଭାପତି ଅନୁରାଗ ସରାଫ, ଉପସଭାପତି ଭିନିତ ସେଠିଆ, ସଂଯୋଜକ ଜୟମିତ ଟାଙ୍ଗଙ୍କ ସମେତ ଶାଖାର ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ପଣ୍ଡା, ସି.ଏସ.ସୁନିତା ମହାନ୍ତି, ସଂଗୀତ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀ ଓ ତକ୍ଷକ ୨.୦ ର ଆଭିମୁଖ୍ୟ ଆଦି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

# ହିସାରରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ ୟୁନିଟ୍

ଭୁବନେଶ୍ୱର,୧୬।୩

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଜିନ୍ଦଲ ଡିଫେନ୍ସ ସିଷ୍ଟମ ପ୍ରାଇଭେଟ୍ ଲିମିଟେଡ୍ (ଜେଡିଏସ୍ପିଏଲ୍)ର ବହୁ ପ୍ରତୀକ୍ଷିତ ବେସାମରିକ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ବ୍ରାଜିଲର ଟୋରସ ଆର୍ମାସ ଏସ୍.ଏ. ସହ ମିଶି ହରିୟାଣାର ହିସାରଠାରେ ଏକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ ୟୁନିଟ୍ (କାରଖାନା) ଆରମ୍ଭ କରିଛି। ବିଶେଷକରି ଜେଡି ଟୋରସ ବ୍ରାଣ୍ଡ ନାମରେ ଜେଡିଏସ୍ପିଏଲ୍ ଅସ୍ତ୍ରଶସ୍ତ୍ର ଉତ୍ପାଦନର ବ୍ୟବସ୍ଥାକୁ ରୂପାନ୍ତର ଏବଂ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବାକୁ ପ୍ରସ୍ତୁତ ରହିଛି। ଅପରପକ୍ଷରେ ଖ୍ୟାତିସମ୍ପନ୍ନ ଓ.ପି. ଜିନ୍ଦଲ ପରିବାରର ସଦସ୍ୟ ଅଭ୍ୟୁଦୟ ଜିନ୍ଦଲ ଉକ୍ତ କମ୍ପାନୀରେ ମଧ୍ୟ ନିବେଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ,୨ ଏକରରୁ ଅଧିକ ପରିବ୍ୟାପ୍ତ ଏହି ପ୍ଲାଣ୍ଟ ବିଶ୍ୱସ୍ତରୀୟ ଅଭିଜ୍ଞତା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ମିଶ୍ରଣକୁ ଦର୍ଶାଉଛି। ଏହି ୟୁନିଟ୍ ବାର୍ଷିକ ୨,୫୦,୦୦୦ ଅସ୍ତ୍ରଶସ୍ତ୍ର ଉତ୍ପାଦନ କ୍ଷମତା ସହିତ ଦେଶରେ ବୃଦ୍ଧି ପାଉଥିବା ଚାହିଦାକୁ ପୂରଣ କରିପାରିବ। ଆଗାମୀ ଆର୍ଥିକ ବର୍ଷରେ କମ୍ପାନୀ ୨୫,୦୦୦ରୁ ୩୦,୦୦୦ମଧ୍ୟରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଜେଡି ଟୋରସ୍ର ମୁଖ୍ୟ ବ୍ୟବସାୟ ଅଧିକାରୀ କୋଲ୍ ଅମିତ ବାଭେଜା କହିଛନ୍ତି, ସ୍ୱଦେଶୀ ଉତ୍ପାଦନକୁ ପ୍ରାଥମିକତା ସହିତ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅନୁଯାୟୀ କାର୍ଯ୍ୟ କରାଯିବ। ଏପରିକି ସ୍ଥାନୀୟ ପ୍ରତିଭାଙ୍କ ପ୍ରତିପୋଷଣ କରିବା ସହ ସେହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହଯୋଗ କରିବା ଏବଂ ଆମ ଦେଶର ପ୍ରତିରକ୍ଷା ଦକ୍ଷତାକୁ ମଜଭୁତ କରିବାରେ ଉଲ୍ଲେଖନୀୟ ଯୋଗଦାନ ଦେବାକୁ ଜେଡି ଟୋରସ୍ ପ୍ରତିବଦ୍ଧ। ସେହିଭଳି ଟୋରସ୍ ଆର୍ମାସର ଗ୍ଲୋବାଲ୍ ସିଇଓ ସାଲିସିଓ ନୁହସ୍ କହିଛନ୍ତି, ହିସାରରେ ଆମର ମିଳିତ ଉଦ୍ୟୋଗ ୟୁନିଟ୍ (ପ୍ଲାଣ୍ଟ)ରେ ଉତ୍ପାଦନ ଆରମ୍ଭ କରିବା ସହ ଏହି ମହତ୍ତ୍ୱପୂର୍ଣ୍ଣ ଅବସରର ଭାଗୀଦାରି ହୋଇଥିବାରୁ ଆମେ ଗର୍ବିତ। ଆମ ମିଳିତ ଶକ୍ତି ଏବଂ ଅତ୍ୟାଧୁନିକ ବୈଷୟିକ ପ୍ରଗତିକୁ ବ୍ୟବହାର କରି ପ୍ରତିରକ୍ଷା କ୍ଷେତ୍ରର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ପୂରଣ କରିବୁ ବୋଲି ଆମର ବିଶ୍ୱାସ ରହିଛି।

# ଆଇଜିକେସିରେ କିଡ୍ନୀ ଦିବସ

ଭୁବନେଶ୍ୱର,୧୬।୩(ଅନୁରାଧା ମହାରଣା)

ଆଇଜିକେସି ମଲ୍ଟିସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ବିଶ୍ୱ କିଡ୍ନୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଧାରଣ ଲୋକଙ୍କ ମଧ୍ୟରେ କିଡ୍ନୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହସ୍ପିଟାଲ ପକ୍ଷରୁ ଏକ ବିଶାଳ ୱାକାଥନ ଆୟୋଜନ କରାଯାଇଥିଲା। ଏଥିରେ ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଡାକ୍ତର, ନର୍ସ ,କର୍ମଚାରୀଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ସାମିଲ ହୋଇଥିଲେ। ବିଭିନ୍ନ ପ୍ରକାର କିଡ୍ନୀ ରୋଗର କାରଣ, ଲକ୍ଷଣ ଓ ଏହାର ପ୍ରତିକାର ସମ୍ପର୍କରେ ବିଭିନ୍ନ ପରାମର୍ଶ ସମ୍ବଳିତ ପ୍ଲାକାର୍ଡ ଧରି ସମସ୍ତେ ଏହି ୱାକାଥନ୍ରେ ଭାଗନେଇଥିଲେ। ଏହି ଅବସରରେ କିଡ୍ନୀ ରୋଗୀଙ୍କ ସୁବିଧା ପାଇଁ ଆଇଜିକେସି ହସ୍ପିଟାଲରେ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ମାଗଣାରେ ଅଭିଜ୍ଞ କିଡ୍ନୀ ଡାକ୍ତରଙ୍କ ମାଗଣା ପରାମର୍ଶ ଏବଂ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନୂଆ କରି ଡାଏଲିସିସ୍ କରିବାକୁ ଆସୁଥିବା ରୋଗୀମାନେ ରିହାତି ଦରରେ ଚିକିତ୍ସା ହୋଇପାରିବେ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଜିକେସି ହସ୍ପିଟାଲର ଅଭିଜ୍ଞ କିଡ୍ନୀ ରୋଗ ବିଶେଷଜ୍ଞ ଡା. ସୁକାନ୍ତ କିଶୋର ଦାସ, ଡା. ଜ୍ୟୋତିକାନ୍ତ ବେହେରା, ଡିଏମ୍ଏସ୍ ଡାକ୍ତର ରୂପସା ନୟନ ରାଉତ, ପ୍ରଶାସନ ଓ ଅର୍ଥ ବିଭାଗର ଏଜିଏମ୍ ସୁବ୍ରତ ଦାଶ, ଏକିଏମ୍ ଅପରେଶନ କୈଶାଳ ଚନ୍ଦ୍ର ଦଳେଇଙ୍କ ସମେତ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପତଞ୍ଜଳିର 'ଜିଜ୍ଞାସା' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୩(ଅନୁରାଧା ମହାରଣା)



ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନରେ 'ଜିଜ୍ଞାସା' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପାରମ୍ପରିକ ଜ୍ଞାନ ଏବଂ ହର୍ବାଲ ମେଡିସିନ ଡେଭଲପମେଣ୍ଟ ଫାଉଣ୍ଡେଶନର ଚେୟାରମ୍ୟାନ ଡ.ନିର୍ମଳ କୁମାର ଆୱସ୍ତି ଏବଂ ଆୟୁଷ ମନ୍ତ୍ରଣାଳୟର ପୂର୍ବତନ ଉପ-ନିର୍ଦ୍ଦେଶକ ଡ. ସୁଶୀଲ କୁମାର ଉପାଧ୍ୟାୟ ପ୍ରମୁଖ ବକ୍ତାଭାବରେ ଉପସ୍ଥିତ ଥିଲେ। ଜନଜାତି ଗୋଷ୍ଠୀକୁ ପ୍ରୋତ୍ସାହନ ଏବଂ ଔଷଧୀୟ ଉଦ୍ଭିଦଗୁଡ଼ିକର ଜ୍ଞାନ ପରମ୍ପରାର ସଂରକ୍ଷଣ ତଥା ପ୍ରଚାରପ୍ରସାର ଆଜିର ପ୍ରାଥମିକତା ବୋଲି ଡା. ଉପାଧ୍ୟାୟ କହିଥିଲେ। ମୁଖ୍ୟ ବକ୍ତା ପାରମ୍ପରିକ ଔଷଧୀୟ ଜ୍ଞାନ ଏବଂ ଜଙ୍ଗଲଜାତ ଔଷଧର ସଂରକ୍ଷଣ ତଥା ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ପତଞ୍ଜଳି ଦ୍ୱାରା କରାଯାଉଥିବା କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ୱାର୍ଲ୍ଡ ଫାର୍ମାକୋପିୟା, ସୌମିତ୍ରୟ ସଂହିତା ଏବଂ ଆୟୁର୍ବେଦ ପ୍ରମାଣିତ ବିଭିନ୍ନ ଔଷଧୀୟ ଉଦ୍ଭିଦ ସଂଗ୍ରହାଳୟରେ ଗୁରୁତ୍ୱ ଦିଆଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଛାତ୍ର ତଥା ବୈଜ୍ଞାନିକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଏଏମ୍ଏନ୍ଏସ୍ ଇଣ୍ଡିଆକୁ ୨ ସମ୍ମାନଜନକ ପୁରସ୍କାର




ଭୁବନେଶ୍ୱର,୧୬।୩(ଅନୁରାଧା ମହାରଣା)

କନ୍ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ଆୟୋଜିତ ଓଡ଼ିଶା ବାର୍ଷିକ ବୈଠକରେ ଏଏମ୍ଏନ୍ଏସ୍ ଇଣ୍ଡିଆକୁ ଦୁଇଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। କ୍ୱାଲିଟି ସର୍କଲ ପୁରସ୍କାର ଏବଂ ଏଚ୍ଏସ୍ଇ (ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ) ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ବୈଠକରେ ରାଜ୍ୟ ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଭୂପେନ୍ଦ୍ର ସିଂ କମ୍ପାନୀ ଅଧିକାରୀଙ୍କୁ ଉଭୟ ପୁରସ୍କାର ପ୍ରଦାନ କରିଛନ୍ତି। ୭୦ରୁ ଅଧିକ କମ୍ପାନୀ ଏଥିରେ ଅଂଶଗ୍ରହଣ କରିଥିବାବେଳେ ଏକ ସ୍ୱାଧୀନ ଜୁରି ପ୍ୟାନେଲ ଦ୍ୱାରା ପ୍ରତ୍ୟେକ ବର୍ଗରେ ବିଜେତାମାନଙ୍କୁ ଚୟନ କରାଯାଇଥିଲା। କ୍ୱାଲିଟି ସର୍କଲ ପୁରସ୍କାର, ଗୁଣବତ୍ତା ବୃଦ୍ଧି ଏବଂ ନବସୃଜନ ପାଇଁ ଏଏମ୍ଏନ୍ଏସ୍ ଇଣ୍ଡିଆର ଉତ୍ସର୍ଗୀକୃତାକୁ ଦର୍ଶାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ଏଚ୍ଏସ୍ଇ ଉତ୍କର୍ଷ ପୁରସ୍କାର ଏଏମ୍ଏନ୍ଏସ୍ ଇଣ୍ଡିଆର କାର୍ଯ୍ୟକ୍ଷେତ୍ରରେ ସର୍ବୋଚ୍ଚ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ ପଦକ୍ଷେପ ନିଶ୍ଚିତ କରିବା ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଥିବା କୁହାଯାଇଛି। କର୍ମଚାରୀଙ୍କ ତାଲିମକୁ ପ୍ରାଧାନ୍ୟ ଦେଇ ଏବଂ କଠୋର ସୁରକ୍ଷା ପ୍ରୋଟୋକଲଗୁଡିକ କାର୍ଯ୍ୟକାରୀ କରିବା ସହ କମ୍ପାନୀ ସଫଳତାର ସହ ଏକ ପରିବେଶ ବିକଶିତ କରିଛି ଯେଉଁଠାରେ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ ଉପରେ ଗୁରୁତ୍ୱ ଦିଆଯିବା ସହ ପ୍ରତ୍ୟେକ କର୍ମଚାରୀ ଏବଂ ସହଭାଗୀଙ୍କୁ ଗୁରୁତ୍ୱ ଦିଆଯାଉଛି। ଏହି ପୁରସ୍କାର ପାଇବା ପରେ ଏଏମ୍ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଅପରେଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ସିଆଇଆଇକୁ ଧନ୍ୟବାଦ ଜଣାଇଛନ୍ତି।

# ସୁରକ୍ଷା ପ୍ରତି ବେଦାନ୍ତର ପ୍ରତିବଦ୍ଧତା

ଭୁବନେଶ୍ୱର,୧୬।୩



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଶେଷକରି ନିରାପତ୍ତା ଉତ୍କର୍ଷ ପାଇଁ କମ୍ପାନୀ ତା'ର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି। କମ୍ପାନୀର କାର୍ଯ୍ୟକ୍ଷମ ମୂଲ୍ୟବୋଧରେ ନିରାପତ୍ତା ପ୍ରଥମ ପଦ୍ଧତି ହୋଇଥିବାବେଳେ କମ୍ପାନୀର ପ୍ଲାଣ୍ଟଗୁଡିକ ତଥା ବାହାରେ ଥିବା ସମ୍ପ୍ରଦାୟ ପର୍ଯ୍ୟନ୍ତ ବିସ୍ତାରିତ କରିଛି। ଏହି ଅବସରକୁ ସ୍ମରଣୀୟ କରି ବେଦାନ୍ତ ଆଲୁମିନିୟମ୍ ଅନେକ ସୁରକ୍ଷା ସହ ଜଡ଼ିତ ପଦକ୍ଷେପ ଗ୍ରହଣ କରିଥିଲା,ଯେପରିକି ସୁରକ୍ଷା ସର୍ବୋତ୍ତମ ଅଭ୍ୟାସ, ବ୍ୟାପକ ପ୍ରଶିକ୍ଷଣ, ପ୍ରତିଯୋଗିତା ଏବଂ ସୁରକ୍ଷା ଉପକରଣଗୁଡ଼ିକ ଉପରେ ପ୍ରଦର୍ଶନୀ ଆଦି ପଦକ୍ଷେପ କେବଳ କର୍ମଚାରୀଙ୍କ ମଧ୍ୟରେ ନୁହେଁ ବରଂ ଏହା କାର୍ଯ୍ୟ କରୁଥିବା ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ମଧ୍ୟ ସଚେତନତା ପାଇଁ ଉତ୍ସର୍ଗ କରାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି,ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ହେଉଛି,ଆମର କାର୍ଯ୍ୟର ପ୍ରତ୍ୟେକ ଦିଗରେ ଅନ୍ତର୍ଭୁକ୍ତ ; ଯାହାକି ଏକ ମୌଳିକ ମୂଲ୍ୟ । ଏହା ସମସ୍ତ ସାଙ୍ଗଠନିକସ୍ତରରେ ପ୍ରାଧାନ୍ୟ ଦେଇଥାଏ ଏବଂ ନିରାପଦ ସମ୍ପ୍ରଦାୟ ଗଠନ ପାଇଁ କର୍ମଚାରୀମାନଙ୍କୁ ସୁରକ୍ଷା ଦେବା ବାହାରେ ବିସ୍ତାର କରିଥାଏ। ନିରାପତ୍ତା ପ୍ରଯୁକ୍ତିବିଦ୍ୟା ଯାହା ନିରାପତ୍ତା-ପ୍ରଥମ ଅଭ୍ୟାସକୁ କ୍ରମାଗତ ଭାବେ ଦୃଢ କରିଥାଏ। ଏହି ଅବସରରେ ଆମର ଆଚରଣ-ଆଧାରିତ ସୁରକ୍ଷା ପଦକ୍ଷେପ ପ୍ରତ୍ୟେକ କର୍ମଚାରୀଙ୍କ ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରିଥାଏ,ନିରାପତ୍ତା ଉପରେ ଏକ ଦୃଢ ଫୋକସ୍ ସୁନିଶ୍ଚିତ କରିଥାଏ। ବେଦାନ୍ତ ଆଲୁମିନିୟମ ତା'ର ନିରାପତ୍ତା ପରିଚାଳନା ସିଷ୍ଟମକୁ ନିରନ୍ତର ଉନ୍ନତି ମାଧ୍ୟମରେ ଏକ ନିରାପଦ କାର୍ଯ୍ୟ କ୍ଷେତ୍ର ଏବଂ ସମ୍ପ୍ରଦାୟର ଚାଷ ପାଇଁ ଉତ୍ସର୍ଗୀକୃତ କରିଛି। ଏହି ସର୍ବସମ୍ମତ ପଦ୍ଧତିରେ ଅତ୍ୟାଧୁନିକ ଜ୍ଞାନକୌଶଳର ଏକୀକରଣ, ପ୍ରୋସେସଗୁଡ଼ିକର ଉନ୍ନତି, ଫାଙ୍କା ସ୍ଥାନ ଚିହ୍ନଟ ଏବଂ ପରିଚାଳନା ଏବଂ ଆଚରଣ-ଆଧାରିତ ସୁରକ୍ଷା ପ୍ରୋଗ୍ରାମ ଉପରେ ଏକ ସ୍ଥିର ଧ୍ୟାନ ବଜାୟ ରଖିବା ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ମିଳିତ ଭାବେ ଚଳିତ ବର୍ଷ ଜାତୀୟ ନିରାପତ୍ତା ସପ୍ତାହ ଥିମ୍ ଆଧାରିତ ଯାହାକି ଇଏସ୍ଜି ଉତ୍କର୍ଷ ପାଇଁ ସୁରକ୍ଷା ନେତୃତ୍ୱ ଉପରେ ଧ୍ୟାନ ଦିଅନ୍ତୁ, ଏକ ଉପଯୁକ୍ତ ପ୍ରତିଫଳନ ।

# ଧରିତ୍ରୀ ସହସମ୍ପାଦକଙ୍କ ମା'ଙ୍କ ବିୟୋଗ

ଭୁବନେଶ୍ୱର, ୧୬।୩
(ବନ୍ଦନା ସେଠୀ)


ସିପ୍ରା କୁମାରୀ

'ଧରିତ୍ରୀ'ର ସହସମ୍ପାଦକ ରତୁରାଜ ପ୍ରଧାନଙ୍କ ମା' ସିପ୍ରା କୁମାରୀଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ତମାଣ୍ଡୋସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ସେ ଗତ ୩ ବର୍ଷ ଧରି କର୍କଟରେ ପୀଡ଼ିତ ଥିଲେ। ଭୁବନେଶ୍ୱର ଏମ୍ସରେ ଚିକିତ୍ସା ଚାଲିଥିଲା। ଶନିବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ଶାଶୁ, ସ୍ୱାମୀ ତଥା ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ପୁଷ୍ପରାଜ ପ୍ରଧାନ, ବଡ଼ପୁଅ ରତୁରାଜ ଓ ସାନପୁଅ ସ୍ମୃତିରାଜ ଉପସ୍ଥିତ ଥିଲେ।

# କ୍ୟାପିଟାଲ ହସ୍ପିଟାଲ ପରିସରରେ ହେବ ରାଜ୍ୟ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର

ଭୁବନେଶ୍ୱର,୧୬।୩(ଅସମାପିକା ସାହୁ)

କ୍ୟାପିଟାଲ ହସ୍ପିଟାଲରେ ଏବେ ଗୋଟିଏ ସ୍ଥାନରେ ୨୦୦ରୁ ଅଧିକ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷା ହୋଇପାରିବ। ପରୀକ୍ଷା ପାଇଁ ଆଉ ରାଜ୍ୟ ବାହାରକୁ ନମୁନା ପଠାଇବାକୁ ପଡ଼ିବନାହିଁ। ଏଥିପାଇଁ ହସ୍ପିଟାଲ ପରିସରରେ ରାଜ୍ୟ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ପ୍ରତିଷ୍ଠା ହେବ। ଏଥିପାଇଁ ୨୧କୋଟି ୬୨ଲକ୍ଷ ୫୦ହଜାର ୧୨୦ ଟଙ୍କା ମଞ୍ଜୁର କରାଯାଇଛି। ତେବେ ମଞ୍ଜୁର ଅର୍ଥ ଯେପରି ଅଧିକ ନ ହେବ, ସେଥିପାଇଁ ୨ବର୍ଷର ଧାର୍ଯ୍ୟ ସମୟ ଭିତରେ ଏହାକୁ ଶେଷ କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ୨୧ କୋଟି ଟଙ୍କା କେଉଁଭଳି ଖର୍ଚ୍ଚ କରାଯିବ, ସେନେଇ ନିର୍ଦ୍ଦେଶନାମାରେ ବିସ୍ତୃତ ବିବରଣୀ ଦିଆଯାଇଛି। ୫ ମହଲାବିଶିଷ୍ଟ ବିଲ୍ଡିଂର ନିର୍ମାଣ ପାଇଁ ୨କୋଟିରୁ ଅଧିକ, ଏହାସହ ଆପ୍ରୋଚ୍ ଓ ଇଣ୍ଟରନାଲ ରାସ୍ତା, ଡ୍ରେନ୍, ବିଦ୍ୟୁତୀକରଣ, ସିସିଟିଭି, ଜଳ ଯୋଗାଣ ଓ ଅନ୍ୟାନ୍ୟ ଖର୍ଚ୍ଚ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ପରୀକ୍ଷାଗାର କାମ ସରିବା ପରେ ଏଠାରେ କ୍ୟାନ୍ସର ଓ ଅନ୍ୟ ଭୂତାଣୁଜନିତ ପରୀକ୍ଷା ବି କରାଯିବ ବୋଲି ସୂଚନା ଦିଆଯାଇଛି।

# ରାଜ୍ୟରେ ୩.୩୪ କୋଟି ମତଦାତା

## ଲୋକ ସଭା, ବିଧାନସଭା ନିର୍ବାଚନ

### ବିଧାନସଭା ପ୍ରାର୍ଥୀ ୪୦ ଲକ୍ଷ, ଲୋକ ସଭା ପ୍ରାର୍ଥୀ ୯୫ ଲକ୍ଷ ଖର୍ଚ୍ଚ କରିପାରିବେ

ଭୁବନେଶ୍ୱର,୧୬।୩(ଅନିଲ ଦାସ)

ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା ପାଇଁ ୩୦ ଜଣ ଜିଲା ନିର୍ବାଚନ ଅଧିକାରୀଙ୍କ ସମେତ ୨୧ ଜଣ ରିଟର୍ନିଂ ଅଫିସର(ଲୋକ ସଭା), ୧୩୧ ଜଣ ରିଟର୍ନିଂ ଅଫିସର(ବିଧାନସଭା) ଏବଂ ୨୯୪ ଜଣ ସହକାରୀ ରିଟର୍ନିଂ ଅଫିସର(ବିଧାନସଭା)ଙ୍କୁ ନିଯୁକ୍ତ କରାଯାଇଛି। ଏହାଛଡ଼ା ସାରା ରାଜ୍ୟରେ ମତଦାନ କେନ୍ଦ୍ରରେ ନିୟୋଜିତ ହେବା ପାଇଁ ପ୍ରାୟ ୨.୭୦ ଲକ୍ଷ ମତଦାନ କର୍ମଚାରୀ(୨୦% ରିଜର୍ଭ ସମେତ)ଙ୍କୁ ତାଲିମ ଦିଆଯାଉଛି। ପ୍ରତ୍ୟେକ ମତଦାନ କେନ୍ଦ୍ର ଜଣେ ପ୍ରିଜାଇଡିଂ ଅଫିସର ଏବଂ ୫ଜଣ ପୋଲିଂ ଅଫିସରଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ଶନିବାର ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ କହିଛନ୍ତି, ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଶନିବାରଠାରୁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଚତୁର୍ଥ ପର୍ଯ୍ୟାୟ ନାମାଙ୍କନ ଦାଖଲ ପାଇଁ ଏପ୍ରିଲ ୧୮, ପଞ୍ଚମ ପର୍ଯ୍ୟାୟ ପାଇଁ ଏପ୍ରିଲ ୨୬, ଷଷ୍ଠ ପର୍ଯ୍ୟାୟ ମତଦାନ ପାଇଁ ଏପ୍ରିଲ ୨୯ ଓ ସପ୍ତମ ପର୍ଯ୍ୟାୟ ମତଦାନ ପାଇଁ ମେ' ୭ ତାରିଖରେ ନାମାଙ୍କନ ଦାଖଲ ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯିବ।

ସେହିପରି ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଚତୁର୍ଥ ପର୍ଯ୍ୟାୟ ପାଇଁ ଏପ୍ରିଲ ୨୫, ପଞ୍ଚମ ପର୍ଯ୍ୟାୟ ପାଇଁ ମେ' ୩, ଷଷ୍ଠ ପର୍ଯ୍ୟାୟ ପାଇଁ ମେ' ୬ ଏବଂ ସପ୍ତମ ପର୍ଯ୍ୟାୟ ପାଇଁ ମେ' ୧୪ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ୪ଟି ପର୍ଯ୍ୟାୟର ପ୍ରାର୍ଥୀଙ୍କ ଲାଗି ଯଥାକ୍ରମେ ଏପ୍ରିଲ ୨୯, ମେ' ୬, ମେ' ୯ ଓ ମେ' ୧୭ ତାରିଖ ସ୍ଥିର କରାଯାଇଛି। ୪ଟି ପର୍ଯ୍ୟାୟ ପାଇଁ ମେ' ୧୩, ୨୦, ୨୫ ଏବଂ ଜୁନ୍ ୧ ତାରିଖରେ ରାଜ୍ୟରେ ଭୋଟ ଗ୍ରହଣ ହେବ। ଜୁନ ୪ରେ ଭୋଟ ଗଣତି ହେବ। ଜୁନ୍ ୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଚତୁର୍ଥ ପର୍ଯ୍ୟାୟରେ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଏବଂ କଳାହାଣ୍ଡି ଲୋକ ସଭା ସହ ଏହା ଅନ୍ତର୍ଗତ ୨୮ଟି ବିଧାନସଭା, ପଞ୍ଚମ ପର୍ଯ୍ୟାୟରେ ଆସ୍କା, କନ୍ଧମାଳ, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼ ଲୋକ ସଭା ଆସନ ସହ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନରେ ଭୋଟ ଗ୍ରହଣ ହେବ। ସେହିପରି ଷଷ୍ଠ ପର୍ଯ୍ୟାୟରେ ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର, ଢେଙ୍କାନାଳ ଲୋକ ସଭା ଆସନ ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଏବଂ ସପ୍ତମ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଲୋକ ସଭା ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯିବ।

ରାଜ୍ୟରେ ସମୁଦାୟ ୩,୩୪,୭୩,୫୬୧ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ପୁରୁଷ ମତଦାତା ୧,୬୯,୫୫,୩୬୯ ଥିବାବେଳେ ମହିଳା ମତଦାତା ୧,୬୫,୧୪,୭୫୪, ତୃତୀୟ ଲିଙ୍ଗ ୩,୪୩୮, ଭିନ୍ନକ୍ଷମ ୫,୧୯,୮୬୧, ୧୮–୧୯ ବର୍ଷ ବୟସ୍କ ୭,୯୯,୩୩୪, ବରିଷ୍ଠ ନାଗରିକ (୮୫ ବର୍ଷରୁ ଊର୍ଦ୍ଧ୍ୱ) ୩,୦୨,୭୭୩, ସର୍ଭିସ୍ ମତଦାତା ୪୯,୫୯୯ ଏବଂ ପ୍ରବାସୀ ମତଦାତା ୧୮୪ ଅଛନ୍ତି। ରାଜ୍ୟରେ ୩୦,୬୫୩ ମତଦାନ ସ୍ଥାନରେ ୩୭,୮୦୯ ମତଦାନ କେନ୍ଦ୍ର (୪,୩୮୦ ସହରୀ ଏବଂ ୩୩,୪୨୯ ଗ୍ରାମୀଣ) ରହିଛି। ୧୫୦୦ରୁ ଅଧିକ ସ୍ଥାନରେ ସହାୟକ ମତଦାନ କେନ୍ଦ୍ର ମଧ୍ୟ ସ୍ଥାପନ ହେବ। ସମସ୍ତ ମତଦାନ କେନ୍ଦ୍ରରେ ର୍ୟାମ୍ପ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ଏବଂ ପୁରୁଷ ଏବଂ ମହିଳାଙ୍କ ପାଇଁ ପୃଥକ୍ ଶୌଚାଳୟ ସୁବିଧା ରହିବ। ପ୍ରାୟ ୬୦% ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ହେବ। ଏହା ବ୍ୟତୀତ ମତଦାନ ପ୍ରକ୍ରିୟାରେ ନଜର ରଖିବା ପାଇଁ ମାଇକ୍ରୋ–ପର୍ଯ୍ୟବେକ୍ଷକ, ଭିଡିଓଗ୍ରାଫି ଏବଂ ଡିଜିଟାଲ୍ ଷ୍ଟିଲ୍ ଫଟୋଗ୍ରାଫି ଭଳି ଅନ୍ୟାନ୍ୟ ଅଣ–କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ ନିୟୋଜିତ ହେବେ। ପ୍ରାୟ ୨୦ ପ୍ରତିଶତ ମଡେଲ୍ ପୋଲିଂ ଷ୍ଟେଶନ ହେବ, ଯେଉଁଥିରେ ସମସ୍ତ ଯୁବ–ପରିଚାଳିତ ମତଦାନ କେନ୍ଦ୍ର, ଭିନ୍ନକ୍ଷମଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର ଏବଂ ପ୍ରାୟ ୧୦ ପ୍ରତିଶତ ସଖୀ (ମହିଳା ପରିଚାଳିତ) ମତଦାନ କେନ୍ଦ୍ର ଅନ୍ତର୍ଭୁକ୍ତ ହେବ । ମହିଳା ମତଦାତା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ବରିଷ୍ଠ ନାଗରିକ(୮୫ ବର୍ଷରୁ ଅଧିକ), ୪୦%ରୁ ଅଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତି, କୋଭିଡ୍–୧୯ ସନ୍ଦିଗ୍ଧ କିମ୍ବା ପ୍ରଭାବିତ ବ୍ୟକ୍ତି ଡାକଯୋଗେ ଭୋଟ ଦେଇପାରିବେ। ନାମାଙ୍କନ ଦାଖଲ କରିବା ସମୟରେ ପ୍ରାର୍ଥୀମାନେ ନିଜର ତଥା ପରିବାର ସଦସ୍ୟଙ୍କ ସମ୍ପତ୍ତି ଏବଂ ଋଣ, ସରକାରୀ ଦେୟ, ବିଚାରାଧୀନ ପୁରାତନ ଆପରାଧିକ ମାମଲା ଇତ୍ୟାଦି ସମ୍ବନ୍ଧୀୟ ସତ୍ୟପାଠ ସହିତ ବ୍ୟକ୍ତିଗତ ସୋସିଆଲ ଆକାଉଣ୍ଟର ବିବରଣୀ ଦାଖଲ କରିବାକୁ ପଡ଼ିବ। ଯଦି ପ୍ରାର୍ଥୀଙ୍କ ନାମରେ କୌଣସି ଆପରାଧିକ ମାମଲା ରହିଛି– ବିଚାରାଧୀନ ମାମଲା ହେଉ କିମ୍ବା ଯେଉଁ ମାମଲାରେ ପ୍ରାର୍ଥୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ତେବେ ତାଙ୍କୁ ନିର୍ଦ୍ଦିଷ୍ଟ ଫର୍ମାଟରେ ପ୍ରଚାର ସମୟରେ ଗଣମାଧ୍ୟମରେ ୩ଥର ତାଙ୍କ ଆପରାଧିକ ମାମଲାର ସବିଶେଷ ତଥ୍ୟ ପ୍ରକାଶ କରିବାକୁ ପଡ଼ିବ। ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ୪୦ଲକ୍ଷ ଏବଂ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୯୫ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ରାଜ୍ୟରେ ଲୋକ ସଭାର ୨୧ଟିଆସନ ମଧ୍ୟରୁ ୩ଟିଅନୁସୂଚିତ ଜାତି ଏବଂ ୫ଟି ଅନୁସୂଚିତ ଜନଜାତିର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ବିଧାନସଭାର ୧୪୭ ଆସନରୁ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ୨୪ଟି ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜନଜାତିର ପ୍ରାର୍ଥୀଙ୍କ ପାଇଁ ୩୩ଟି ଆସନ ସଂରକ୍ଷିତ ରହିଛି।

# ପୂର୍ବତନ ଥାନାଧିକାରୀଙ୍କୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ

କଟକ,୧୬।୩ (କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନାର ପୂର୍ବତନ ଆଇଆଇସି ଧନେଶ୍ୱର ସାହୁଙ୍କୁ କ୍ରାଇମବ୍ରାଞ୍ଚ ଶୁକ୍ରବାର ଗିରଫ କରିବା ପରେ ଶନିବାର ବାଲେଶ୍ୱର ଜିଲା ଓ ସ୍ୱତନ୍ତ୍ର ଜଜ୍‌କୋର୍ଟରେ ହାଜର କରାଯାଇଛି। କ୍ରାଇମବ୍ରାଞ୍ଚ ତାଙ୍କ ଅପରାଧ ସମ୍ପର୍କିତ ଅଧିକ ପ୍ରମାଣ ସଂଗ୍ରହ ପାଇଁ ତାଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଜଳେଶ୍ୱର ଥାନାରେ ଆଇଆଇସି ଥିବାବେଳେ ଅଭିଯୁକ୍ତ ସାହୁ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ୩ ଲକ୍ଷ ଟଙ୍କାର ଲାଞ୍ଚ ମାଗିବା ଅଡିଓ ଭାଇରାଲ ହେବା ପରେ ତାଙ୍କୁ ଡିଜିପି ଚାକିରିରୁ ନିଲମ୍ବିତ କରିଥିଲେ। ତା'ପରଠାରୁ ସେ ଗିରଫ ଭୟରେ ଫେରାର ଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲା କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। କ୍ରାଇମବ୍ରାଞ୍ଚ ତାଙ୍କୁ ଧରିବା ପାଇଁ ସେବେଠାରୁ ତାଙ୍କ ଉପରେ ସତର୍କ ଦୃଷ୍ଟି ରଖିଥିଲା। ତେବେ ସେ କଟକ ଜିଲା ନରସିଂହପୁରସ୍ଥିତ ତାଙ୍କ ବାସଭବନରେ ଥିବା ଜଣାପଡିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ଭାଜପାର ରାଜ୍ୟ ନିର୍ବାଚନ କମିଟି ବୈଠକ




ଭୁବନେଶ୍ୱର,୧୬।୩(ସୁନୀତ ମିଶ୍ର)

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ରାଜ୍ୟ ନିର୍ବାଚନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତିମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହପ୍ରଭାରୀ ଲତା ଉସେଣ୍ଡି, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ନିର୍ବାଚନ କମିଟିର ସଦସ୍ୟ ଏମ୍‌ପି ଜୁଏଲ ଓରାମ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ କେ.ଭି.ସିଂହଦେଓ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ପ୍ରଥମେ ରାଜ୍ୟ କୋର୍ କମିଟି ଏବଂ ପରେ ରାଜ୍ୟ ନିର୍ବାଚନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦୀର୍ଘ ସମୟ ଧରି ବିସ୍ତୃତ ଆଲୋଚନା ହୋଇଥିଲା। ଏହାର ସବିଶେଷ ରିପୋର୍ଟ କେନ୍ଦ୍ରୀୟ ସଂସଦୀୟ ବୋର୍ଡକୁ ପଠାଯିବ। ଏଥିସହ ମୋଦି ସରକାରଙ୍କ ଗତ ୧୦ବର୍ଷର ଉପଲବ୍ଧିତାକୁ ଘରେ ଘରେ ପହଞ୍ଚାଇବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ସମ୍ପର୍କରେ ଲୋକଙ୍କଠାରୁ ମତ ସଂଗ୍ରହ କରାଯିବ। ବିକଶିତ ଭାରତ ଗଠନ ପାଇଁ ଜନସହଭାଗିତା ଓ ଜନସହଯୋଗ ଲାଗି ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଚିଠିକୁ ରାଜ୍ୟର ୧କୋଟି ପରିବାର ପାଖରେ ପହଞ୍ଚାଇବା ପାଇଁ ବିସ୍ତୃତ ଯୋଜନା କରାଯାଇଛି।

# ବିବାହ ପୂର୍ବରୁ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

କଳିଙ୍ଗନଗର,୧୬।୩(ଶୁଭାଶିଷ ରାଉତ)

ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଶାଳଜଙ୍ଗା ପଞ୍ଚାୟତର ଦୁର୍ଗାପୁର ଗାଁରେ ବିବାହର ପୂର୍ବରୁ ପ୍ରେମୀଯୁଗଳ ଆତ୍ମହତ୍ୟା କରଛନ୍ତି। ସେମାନେ ହେଲେ ସନା ପିଙ୍ଗୁଆଙ୍କ ପୁଅ ଗୋପୀ ପିଙ୍ଗୁଆ (୨୨) ଓ ଗୋବିନ୍ଦ ଚାମ୍ପିଆଙ୍କ ଝିଅ ବର୍ଷା ଚାମ୍ପିଆ (୧୯)। ମାସେ ପୂର୍ବରୁ ଗୋପୀ ବର୍ଷାଙ୍କୁ ଆଣି ନିଜ ଘରେ ରଖିଥିଲେ। ରବିବାର ଦୁହିଙ୍କ ବିବାହ ହୋଇଥାନ୍ତା। ନିକଟରେ ଆଦିବାସୀଙ୍କ ମାଗେ ପର୍ବକୁ ବୁଲି ଯାଇ ଉଭୟେ ନାଚିଥିଲେ। ଏହି ସମୟରେ ବର୍ଷା ଅନ୍ୟ ଜଣେ ପୁଅ ସହ ନାଚିବାର ଗୋପୀ ଦେଖିଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟେ ଘରକୁ ଆସିଥିଲେ। ଶୁକ୍ରବାର ରାତିରେ ସେମାନେ ପଙ୍ଖାରେ ଶାଢ଼ି ଓ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଭୋଜି ଖାଇ ୪୦ ଅସୁସ୍ଥ

ପଟ୍ଟାମୁଣ୍ଡାଇ,୧୬।୩(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ଗ୍ରାମର ଶ୍ରୀଧର ବେହେରାଙ୍କ ଘରେ ଭୋଜି ଖାଇ ୪୦ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ ୧୬ ଜଣ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡ଼ିଦିଆଯାଇଛି ବୋଲି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାରଠାରୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରୁ ଏକ ଟିମ୍ ଗାଁକୁ ଯାଇ ଭୋଜି ଖାଇଥିବା ସବୁଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି। କେନ୍ଦ୍ରାପଡ଼ା ଏଡିଏମ୍ ନୃପେନ୍ଦ୍ର ଶତପଥୀ ଓ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟର ଅଫିସର ଡା. ନିରାକାର ପରିଡ଼ା ବିଲିକଣା ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରି ଆସିଛନ୍ତି।

# ଗୋଟିଏ ଲୋକ ସଭା, ୬ ବିଧାନସଭାରେ ପ୍ରାର୍ଥୀ ଦେବାକୁ ଘୋଷଣାକଲା ସିପିଆଇ

ଭୁବନେଶ୍ୱର,୧୬।୩(ଅନିଲ ଦାସ)

ଦେଶର ସଂସଦୀୟ ନିର୍ବାଚନରେ କର୍ପୋରେଟ ହାତବାରିସ ଏକଛତ୍ରବାଦୀ, ସାମ୍ପ୍ରଦାୟିକ ଫାସିବାଦୀ ଭାଜପାକୁ ପରାଜିତ କରିବା ପାଇଁ ସିପିଆଇ ଓ ବାମପନ୍ଥୀ ଦଳମାନେ ଆଇଏନ୍‌ଡିଆଇଏ ବିକଳ୍ପ ଶାସନର ଉତ୍ସ ପାଇଁ ନିର୍ବାଚନୀ ରଣକୌଶଳ ଧାର୍ଯ୍ୟ କରିଛନ୍ତି। ଏହି କ୍ରମରେ ସିପିଆଇ ଶନିବାର ପ୍ରଥମ ଦଫାରେ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଓ ଛତ୍ରପୁର, ସୁନ୍ଦରଗଡ଼, ବାଲିକୁଦା–ଏରସମା, ବ୍ରଜରାଜନଗର, କବିସୂର୍ଯ୍ୟନଗର ଓ ନୀଳଗିରି ବିଧାନସଭା କ୍ଷେତ୍ରରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି କରିଛି। ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନିର୍ବାଚନମଣ୍ଡଳୀ ଓ ଜିଲା କମିଟି ସୁପାରିସ ଭିତ୍ତିରେ ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଆସନ ଓ ପ୍ରାର୍ଥୀ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀର ଜରୁରୀ ବୈଠକ ପରେ ରାଜ୍ୟ ସମ୍ପାଦକ ଅଭୟ ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ସ୍ମୃତିରଞ୍ଜନ ବିଜେଡି ଉପସଭାପତି, ପ୍ରଜ୍ଞାନ ସାଧାରଣ ସମ୍ପାଦକ

ଭୁବନେଶ୍ୱର,୧୬।୩(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ମୃତିରଞ୍ଜନ ପଟ୍ଟନାୟକଙ୍କୁ ବିଜେଡି ଉପସଭାପତି ଭାବେ ଏବଂ ପ୍ରଜ୍ଞାନ ନନ୍ଦ ପୋଢ଼ଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଶନିବାର ଏ ନେଇ ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସେହିପରି ଦଳ ପକ୍ଷରୁ କାଶୀନଗର ଏନ୍‌ଏସିର କେ. ଆପାରାଓ ଏବଂ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିର ସୂର୍ଯ୍ୟନାରାୟଣ ରାଜଗୁରୁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି।

# ଏକାମ୍ର ହାଟରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ




ଭୁବନେଶ୍ୱର,୧୬।୩(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏ ବର୍ଷ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା–୨୦୨୪ ଆରମ୍ଭ ହୋଇଛି। ସ୍ଥାନୀୟ ଏକାମ୍ର ହାଟଠାରେ ଶନିବାର ଏହି ମେଳାକୁ ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଉଦ୍‌ଘାଟନ କରିଛନ୍ତି। ବିଭାଗର ଯୁଗ୍ମ ସଚିବ ମମତା ନାୟକ, ବିତ୍ତ ଉପଦେଷ୍ଟା ତଥା ଯୁଗ୍ମ ସଚିବ ବୀଣାପାଣି ନାୟକ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ, ସମ୍ବଲପୁରୀ ବସ୍ତ୍ରାଳୟ ପରିଚାଳନା ନିର୍ଦ୍ଦେଶକ ହୃଷୀକେଶ ମାହାଲି, ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦି, ବରଗଡ଼ ସମ୍ବଲପୁରୀ ବସ୍ତ୍ରାଳୟ ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ଼, କଟକ, ସୋନପୁର, ଆଠଗଡ଼, ବାରିପଦା, ବାଲେଶ୍ୱର, ପାଟଣାଗଡ଼, ନୟାଗଡ଼, ଖୋର୍ଦ୍ଧା, କୋରାପୁଟ ଓ ବୌଦ୍ଧ ବୟନ ମଣ୍ଡଳରୁ ୩୩ଟି ତନ୍ତବାୟ ସମିତି ସ୍ୱୟଂ ସହାୟକ ଗୋଷ୍ଠୀର ବୁଣାକାର ସେମାନଙ୍କ ଉତ୍ପାଦିତ ଲୁଗାର ପ୍ରଦର୍ଶନ ସହ ବିକ୍ରୟ କରୁଛନ୍ତି। ସେମାନଙ୍କୁ ୩୪ଟି ଦେୟମୁକ୍ତ ଷ୍ଟଲ୍ ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଗୁଣ୍ଡି ସଂରକ୍ଷିତ ଜଙ୍ଗଲରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ

ଭବାନୀପାଟଣା,୧୬।୩
(ଉତ୍ତମ କୁମାର ଦାଶ)

## ଛତ୍ରଭଙ୍ଗ ଦେଲେ ମାଓବାଦୀ

### ଗୋଟିଏ ଲ୍ୟାଣ୍ଡମାଇନ ନଷ୍ଟକଲେ ସିଆର୍‌ପିଏଫ୍

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧୀନ ଯୁଗସାଇପାଟଣା ପଞ୍ଚାୟତ ମନସ୍କା ଗାଁ ନିକଟ ଗୁଣ୍ଡି ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରି ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛି କଳାହାଣ୍ଡି ପୋଲିସ। ସେଠାରେ ମାଓବାଦୀଙ୍କ ଏକ ବଡ଼ ଯୋଜନା ଚାଲିଥିବା ବେଳେ ସୁରକ୍ଷା କର୍ମୀଙ୍କୁ ଦେଖି ଅନ୍ଧାରର ସୁଯୋଗ ନେଇ ଛତ୍ରଭଙ୍ଗ ଦେଇଥିଲେ ବୋଲି ଶନିବାର ଜିଲା ପୋଲିସ ପକ୍ଷରୁ ଭବାନୀପାଟଣା ରିଜର୍ଭ ପଡିଆଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି. ସୂଚନା ଦେଇଛନ୍ତି। ବର୍ତ୍ତମାନ ମଧ୍ୟ ଏହି ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ସଦର ଥାନା ଅଧୀନ ଯୁଗସାଇପାଟଣା ପଞ୍ଚାୟତ ମନସ୍କା ଗାଁ ନିକଟ ଗୁଣ୍ଡି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି.ଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ରାତିରେ ଜଙ୍ଗଲରେ ସିଆର୍‌ପିଏଫ୍ ଓ ଏସଓଜି ପକ୍ଷରୁ ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ଏହି ସମୟରେ ସୁରକ୍ଷା କର୍ମୀଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା କର୍ମୀ ସେଠାରେ ଗୋଟିଏ ଲ୍ୟାଣ୍ଡମାଇନ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। କ୍ୟାମ୍ପରୁ ୫୮ଟି ଜୀବନ୍ତ ଗୁଳି, ପୋଷାକ, ୭୪ଟି ଜିଲେଟିନ, ୧୦ଟି ଡେଟୋନେଟର, ହ୍ୟାଣ୍ଡ ଗ୍ରେନେଡ୍, ବନ୍ଧୁକ ଓ ପାଉଡର ସମେତ ବ୍ୟାନର ଆଦି ଜବତ କରାଯାଇଛି। କ୍ୟାମ୍ପରେ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ କମିଟି ଓ କଳାହାଣ୍ଡି କନ୍ଧମାଳ ବୌଦ୍ଧ ନୟାଗଡ଼ ଡିଭିଜନାଲ ଟିମର ୧୦ରୁ ୧୨ ମାଓବାଦୀ ରହିଥିଲେ ବୋଲି ଜଣାପଡିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବଳରାମ, ଏସ୍‌ଓଜିର ଏସ୍‌କେ ବାଜପାୟୀ ପ୍ରମୁଖ ଉପସ୍ଥିତ ରହିଥିଲେ।


ଜବତ ମାଓବାଦୀ ସାମଗ୍ରୀ ସହ କଳାହାଣ୍ଡି ଏସ୍‌ପି ଓ ଅନ୍ୟମାନେ।

# ରେଳ ଧାରଣାରେ ଯୁବକଙ୍କ ଆତ୍ମହତ୍ୟା

କଳିଙ୍ଗନଗର,୧୬।୩(ଶୁଭାଶିଷ ରାଉତ)

ଯାଜପୁର–କେନ୍ଦୁଝର ରୋଡ୍ ରେଳପଥର ଯୋଡ଼ାବର ନିକଟରେ ଶନିବାର ରେଳ ଧାରଣାରେ ସୋଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୁଆଖିଆ ଥାନା ସିଙ୍ଗାପୁର ଗ୍ରାମର ଶ୍ୟାମସୁନ୍ଦର ନାୟକଙ୍କ ପୁଅ ଦିଗନ୍ତ(୨୩)। ସେ ନିକଟସ୍ଥ ଏକ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ରେଲ୍‌ୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଛି। ଏନେଇ ନଂ.୨୦।୨୪ରେ ଏକ ମାମଲା ରୁଜୁ ହୋଇଛି।

# ୧୯ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

## ଥପାପାଲି ହତ୍ୟା ମାମଲା ରାୟ

ବଲାଙ୍ଗୀର, ୧୬।୩
(ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରାୟ ୧୧ବର୍ଷ ତଳ ବଲାଙ୍ଗୀର ଜିଲା ପୁଇଁତଳା ଥାନା ଅନ୍ତର୍ଗତ ଥପାପାଲି ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଏହି ମାମଲାର ବିଚାରକରି ବଲାଙ୍ଗୀର ଆଡିସ୍‌ନାଲ ସେସନ୍ସ ଜଜ୍ ହିମାଂଶୁ ଶେଖର ସିଂ ୧୯ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଆଉ ଅଧିକ ୧ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ୨୦୧୩ ଜୁଲାଇ ୧୪ରେ ଥପାପାଲିଠାରେ ଥିବା ଗୋଚର ଜମିରେ ଚାଷ କରୁଥିବା ରମେଶ ଥପା, କପିଳ ଥପା, କୁନୁ ଥପା, ମାଡ୍ରାସୀ ଥପା ଓ ଜଗଦୀଶ ଥପାଙ୍କୁ ପ୍ରତିପକ୍ଷ ଗୋଷ୍ଠୀ ଆକ୍ରମଣ କରି ହତ୍ୟାକରିଥିଲେ। କରୁଣାକର ଥପାଙ୍କ ଅଭିଯୋଗକ୍ରମେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସଂଘବଦ୍ଧ ଆକ୍ରମଣ କରି ୫ଜଣଙ୍କୁ ହତ୍ୟା ଘଟଣା ସେତେବେଳେ ହଇଚଇ ସୃଷ୍ଟି କରିଥିଲା। ଏହି ମାମଲାରେ ପୋଲିସ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ଆଇପିସି ଧାରା ୩୦୨, ୧୪୮, ୧୪୯ରେ ମାମଲା ରୁଜୁ କରିଥିଲା। ଇତିମଧ୍ୟରେ କେତେଜଣ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିସାରିଛି। ସରକାରୀ ଓକିଲଙ୍କ ପକ୍ଷରୁ ୧୫ଟି ସାକ୍ଷୀ ଏବଂ ପ୍ରତିପକ୍ଷଙ୍କ ୨ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ପରେ ଏଡିଜେ (ଫାଷ୍ଟ) ସିଂ ୧୯ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ସଦାଶିବ ମାଝି, ଇନ୍ଦୁ ମାଝି, ନୀଳା ମାଝି, ଅଙ୍ଗରା ମାଝି, କିଆଫୁଲ ମାଝି, ପ୍ରେମ ଥପା, ଅଶ୍ୱିନୀ ଥପା, ସାଇବାନୀ ମାଝି, ଶଙ୍ଖେଶ୍ୱର ମାଝି, ବିଶ୍ୱନାଥ ମାଝି, କନ୍ଧ ଓରଫ୍ ଜଗନ୍ନାଥ ମାଝି, ଭରତ ଥପା, ସୋମନାଥ ମାଝି, ବୀରେନ୍ଦ୍ର ମାଝି, କାଶୀନାଥ ମାଝି, ମାର୍କଣ୍ଡ ମାଝି, ହେମନ୍ତ ଥପା, ଭଗବତୀ ମାଝି ଓ ପଙ୍କଜିନୀ ମାଝି। ଏହି ମାମଲାକୁ ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ୀ ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..................................



ସୃଷ୍ଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବୈତରଣୀରୁ ମିଳିଲା ନିଖୋଜ ୨ ଭଉଣୀଙ୍କ ମୃତଦେହ

**ଚାନ୍ଦବାଲି, ୧୬।୩(କିଷାନ ପାତ୍ର)**

ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ଅଧୀନ ମୁଆଁ ଗାଁର ନିଖୋଜ ଥିବା ୨ ଭଉଣୀଙ୍କ ମୃତଦେହ ଶନିବାର ବୈତରଣୀ ନଦୀରୁ ମିଳିଛି। ସେମାନେ ହେଲେ ଉକ୍ତ ଗ୍ରାମର ବାପିନା ଦାସଙ୍କ ଝିଅ କାଜଲ(୧୭) ଓ ତାଙ୍କ ମାମୁ ପୀତାମ୍ବର ଦାସଙ୍କ ଝିଅ ଭୂମିକା(୧୬)। ସେମାନେ ଶୁକ୍ରବାର ମଧ୍ୟାହ୍ନରୁ ନିଖୋଜ ଥିଲେ। ଅଗ୍ନିଶମ ବାହିନୀ ଓ ଯାଜପୁର ମଙ୍ଗଳପୁର ପୋଲିସ କାଜଲଙ୍କ ମୃତଦେହକୁ କଇଁଆ ଗୁଲାଘାଟ ପାଖରୁ ଜବତ କରିଥିବା ବେଳେ ଭୂମିକାଙ୍କ ମୃତଦେହ ଆରଡ଼ି ମୁଆଁ ଘାଟରୁ ମିଳିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଭୂମିକା ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଉଥିବା ବେଳେ କାଜଲ ଯୁକ୍ତ ୨ ପରୀକ୍ଷା ଦେଉଥିଲେ। ଦୁଇଜଣଙ୍କ ଘର ଗୋଟିଏ ଗ୍ରାମରେ। ତେବେ ସେମାନେ ବୈତରଣୀ ନଦୀକୁ କ'ଣ ପାଇଁ ଯାଇଥିଲେ, ତାହା ଏଯାଏ ଅସ୍ପଷ୍ଟ ରହିଛି।


## ଜନ୍ମଦିନ ଶୁଭେଚ୍ଛା



**ଆରୁଷି (ସୃଷ୍ଟି)**
ସେବତୀଦେଇପୁର ଶାସନ, ବିକ୍ରମପୁର
ହରିଶ୍ୱରଙ୍କ ଆଶୀର୍ବାଦରୁ ଦୀର୍ଘାୟୁ ହୁଅ।
ଆଶୀର୍ବାଦ ସହ: ଜେଜେବାପା: ପଣ୍ଡିତ ବିନାୟକ ଆଚାର୍ଯ୍ୟ, ଜେଜେମାଆ: ସୌଦାମିନୀ ଆଚାର୍ଯ୍ୟ
ଧ-୨୭୮୭


# Classified Everyday
**0674-2580101, 2549949**


**CLASSIFIED DISPLAY**
MORE SPACE * SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%




## MATRIMONIAL

### BRIDE WANTED

Handsome Brahmin boy LLM/Govt. Advocate, 32+/ 5'8" 'SUHAG'. 9938199964. D-2749

### GROOM WANTED

Wanted Odia groom well settled Business/Service 35-40yrs. for a beautiful bride M.Tech, Ph.D. only daughter Bhubaneswar. 9437138034. D-74318

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 6370559357. D-75320

Height-5', Government ଚାକିରିଆ ବାପା ମା' ସଙ୍ଗେ ରହୁଥିବା 43 ବୟସ୍କା Divorce ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 6371298869. D-2782



## REAL ESTATE

### SALE

**6 Years Old Fine Dine Restaurant at KIIT Square furniture and Kitchen accessories for sale. Contact- 9937715505.** D-2775

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

**Gharabari Plots and 2/3BHK Flats at Uttara, Patrapada, Bhubaneswar. 8270370007** D-2712

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ **Extension BDA Zone**ରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ **17,40,000/-**ରେ ବିକ୍ରି କରାଯିବ। **6370469894.** D-75929

Wanted residential gharabari land with 30 feet road on sharing basis for Simplex/ Duplex Projects within Bhubaneswar, Cuttack, Puri. 7008550473. D-2769

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

Used Office Furniture, Chair, Table, Sofa, AC, Aquaguard, Partition, Ceilling sale. 7008967858. D-71070

Bhubaneswar ପୋଖରୀପୁଟରୁ 5K.M. କୁହା ମୌଜାରେ ଚାରିପଟେ ଘରଥାଇ ମଝିରେ 2000sqft. plot 38,00,000/- ବିକ୍ରିହେବ। 9938016295. D-75930

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75717

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price call. 9439856856, 7008982279, 6371097442, 9040116788.** D-2727

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। **6371902075, 9776602067.** D-75921

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299



## CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2728



## FOR RENT

Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742

**Two BHK flat for rent in Apartment Avantika near Gokul Kunj on GGP- Pandra Road, Bhubaneswar. Contact- 8984692488.** D-75805

## ACCOMMODATION

Free Accommodation for Senior Citizens and Mentally ill person with all Facilities Contact- 9337160036, 7325991853. D-2738



## Healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75718

**Body massage by experience good looking therapist @ 999/- (Bhubaneswar). 9078484455.** D-2688

Relax, refresh your body, mind by expert therapist. Contact- 9938843929. D-76106

Newly open health benefits SPA special Offer @999 Bapuji Nagar. 8018429809. D-76107



## astrology

ମାଗଣା ଜାତକ, ବାସ୍ତୁ ପରାମର୍ଶ, ସରକାରୀ ମାନ୍ୟତାପ୍ରାପ୍ତ ଅନୁଷ୍ଠାନ ସର୍ବସିଦ୍ଧି କବଚ ଗ୍ରହରତ୍ନ ରୁଦ୍ରାକ୍ଷରେ ରିହାତି। ଲଟେରି ଜିତନ୍ତୁ। ଗୁପ୍ତଧନ- ଜ୍ୟୋତିଷ- ବାସ୍ତୁ ଶିକ୍ଷା। 7750033066, 9348273805. D-2786

## LOST

That I Smt. Manorama Jena, age about 48 years, W/o Sunakar Jena At Present Balisahi, P.O/P.S.- Salipur, Dist.- Cuttack declared that original link title deeds such as (1) RSD No.- 1410 Dt.22.08.2008 Mutation ROR/Patta recorded in the name of Narayan Guru in respect of Khata No. 835/1084 under Mouza- Balisahi, Salipur (2) RSD No. -1621 Dt. 14.12.2014 mutation ROR/ Patta recorded in the name of Nalu Mallick in respect of Khata No.- 835/1438 under MZ- Balisahi, Salipur (3) RSD No.- 581 Dt. 25.02.2022 mutation ROR/ Patta recorded in the name of Debi Prasad Behera in respect of Khata No.- 835/1981 under MZ- Balisahi, Salipur has been misplaced from my custody and as I am unable to trace/find the same despite of my best efforts. Neither I nor the respective land owners have not created any equitable mortgage/ charge with any Bank or Financial institutions by depositing the said title deeds. If any individual, Bank, Financial institution is holding the said documents in original as security for any loan granted. I am requested to inform to Mr Bijay Kumar Jena, advocate of (JSFB) Mob No. 9437024302/ 9861031010 within 15days from the date of publication of notice/ advertisement relating to the above property. D-75716

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ମୌଜା- ଢେଙ୍କାନାଳ, ଥାନା- ଟାଉନ୍, ଖାତା ନଂ.- ୩୪୭୦/୨୪୧୬, ଏ.୦.୦୫୨ ଡେସିମିଲ୍ ସୁଷମା ମଲ୍ଲିକ, ସ୍ୱା- ପ୍ରତାପ ଚନ୍ଦ୍ର ମଲ୍ଲିକ, ଗଣେଶ ବଜାର, ଢେଙ୍କାନାଳ ଉକ୍ତ ପଟ୍ଟାଟି ହଜି ଯାଇଥିବାରୁ କେହି ସହୃଦୟ ବ୍ୟକ୍ତି ପାଇଲେ ନିକଟସ୍ଥ ଥାନା କିମ୍ବା ଉପରିସ୍ଥ ଠିକଣାରେ ପଠାଇବାକୁ ଅନୁରୋଧ। ଧ-୭୫୪୨୮

## AFFIDAVIT

My name was Mohini Una. I have changed my name to MOHINI VOONA. Henceforth I will be identified as MOHINI VOONA. D-2785

By an affidavit sworn before the Executive Magistrate, Bargarh, I Rohitaswa Padhan, S/o- Muktiswar Padhan, At- Byromunda, P.O.- Patkulunda, P.S.- Barpali, Dist.- Bargarh, PIN-768029 declare by this Affidavit No.-296, I am the owner of Khata No.-1410/5224, Plot No.2999.9552- A0.0450 decimals of Mouza- Barpali, P.S.- No.51 P.S./ Tahasil- Barpali and going to build the house on this plot, if anyone have any objection please contact on Mob: 9036061816 with original document before 31st March 2024. D-2780

By virtue of an affidavit sworn before the Executive Magistrate, Karlamunda on dt.22.02.2024, I have changed the name of my Minor Son D.O.B 04.07.2014 from Amit Sahu to Venketeswar Sahu. Henceforth he will be know as Venketeswar Sahu for all purposes. D-2777

By virtue of an affidavit No-138, dated 13.02.2024, sworn before Executive Magistrate, Bhadrak. I Sumitra Masanta alias Rebati Masanta(39), W/o- Amulya Masanta, Vill- Santhia, P.S.-Bhadrak(T), Dist.-Bhadrak hereby declare that in my LIC Policy Bond my name is mentioned Rebati Beer, D/o- Giridhari Beer before my marriage. Hence Sumitra Masanta and Rebati Beer and Rebati Masanta same and one person. D-2791

By virtue of an affidavit No.-935, dated 14.03.2024, sworn before Executive Magistrate, Bhadrak. I Kusadev Sahoo alias Kushasan Sahoo(60), S/o- Ramchandra Sahoo, Vill- Baligan, P.S.- Chandbali, Dist.- Bhadrak hereby declare that in my LIC Policy bearing No.- 584513567 my name is mentioned Kusadev Sahoo. Hence Kusadev Sahoo and Kushasan Sahoo same and one person. D-2790

## LEGAL NOTICE

In the Court of the Judge, Family Court, Dhenkanal
C.P (Exn.)- No.-4/2022.
Bageswari Sahoo ....D.Hr
Versus
Swarup Ranjan Swain ....J.Dr

Notice under Order-5, Rule-20 (1) of C.P.C.
To
Swarup Ranjan Swain, aged about 37 years, Son of Gangadhar Swain of C/34, Bhagirathi Vihar, Gudianali, P.S.- Town, Dist.- Dhenkanal.

Whereas the above named petitioner has instituted application for Execution of order in CP. Case No.23/2019 U/S-13 (1) of Hindu marriage Act.

Whereas inspite of repeated notices you are keeping yourself out of the way for the purpose of avoiding service of summons. Hence, this notice is given to you that the above noted case is fixed to the 29th day of March 2024 at about 10.30AM and you are hereby directed to appear in person to answer the claim in support of your defence.

Take notice that in default of your appearance on the day before mentioned the proceeding will be determined in your absence.

Given under my hand and seal of the Court this 02nd day of March 2024

Sd./- Judge, Family Court, Dhenkanal
D-75429


**SHUBHRA RANJAN** Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE (ONLINE / OFFLINE MODE)
UPSC (IAS, IPS, IRS..) | OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶୋଭାବତୀ ପାଢ଼ୀ**
ଶୈଳଶ୍ରୀ ବିହାର, ଜଗନ୍ନାଥ ଟେମ୍ପୁଲ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
ଆବିର୍ଭାବ: ୦୧।୦୧।୧୯୪୩
ତିରୋଧାନ: ୧୨।୦୩।୨୦୨୪
ଆପଣଙ୍କର ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: ଶରତ ଚନ୍ଦ୍ର ପାଢ଼ୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ: ନେହା, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୭୮୮

## ନବମ ଶ୍ରାଦ୍ଧବାର୍ଷିକୀ



**ଵ କାହ୍ନୁଚରଣ ପଟ୍ଟନାୟକ**
କଲ୍ୟାଣୀ ନଗର, କଟକ
ଆବିର୍ଭାବ- ୦୫/୦୧/୧୯୨୯
ତିରୋଧାନ- ୨୫.୦୨.୨୦୧୫
ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ସାମ୍ବାଦିକ ଦିବଂଗତ କାହ୍ନୁଚରଣ ପଟ୍ଟନାୟକ (କାହ୍ନୁସାର୍)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି
ପରିବାର ଓ ଆତ୍ମୀୟସ୍ୱଜନ
ଧ-୨୭୮୯


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଶାନ୍ତ ବେହେରା ବେଗୁନିଆ ବ୍ଲକ ବିଜେଡି ସଭାପତି**

**ଭୁବନେଶ୍ୱର,୧୬।୩(ଅନିଲ ଦାସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାନ୍ତ କୁମାର ବେହେରାଙ୍କୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଶନିବାର ଏ ନେଇ ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।



# କଂଗ୍ରେସ ପ୍ରାର୍ଥୀଙ୍କ ଉପରେ ନଜର

## ବଲାଙ୍ଗୀର ଲୋକ ସଭା ଆସନ


ଶରତ ପଟ୍ଟନାୟକ


ବିଧୁଭୂଷଣ ତ୍ରିପାଠୀ


ଆକବର ଖାନ୍


ମନୋଜ ମିଶ୍ର

**ବଲାଙ୍ଗୀର, ୧୬।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ବିଜେଡି-ଭାଜପା ମେଣ୍ଟ ଚର୍ଚ୍ଚା ହେବା ପରଠାରୁ କଂଗ୍ରେସ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଲୋକ ସଭା ଏବଂ ବିଧାନସଭା ଆସନରେ କଂଗ୍ରେସର କେଉଁ ପ୍ରାର୍ଥୀ ମେଣ୍ଟ ପ୍ରାର୍ଥୀଙ୍କୁ ଟକ୍କର ଦେଇପାରିବେ ତାହା ଏବେଠାରୁ ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଲୋକ ସଭା ଆସନରେ କଂଗ୍ରେସ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇନାହିଁ। ୨୦୧୯ ନିର୍ବାଚନରେ କଂଗ୍ରେସରୁ ଲୋକ ସଭା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ଯୁବନେତା ସମରେନ୍ଦ୍ର ମିଶ୍ର। ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତାରେ ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ପରାଜୟ ବରଣ କରିଥିବା ବେଳେ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ବିଜୟୀ ହୋଇଥିଲେ। ଏବେ ବିଜେଡି ଏବଂ ଭାଜପା ମଧ୍ୟରେ ମେଣ୍ଟ ହେଲେ ସିଧାସଳଖ କଂଗ୍ରେସ ପ୍ରାର୍ଥୀ ଟକ୍କର ଦେବେ। ତେବେ କଂଗ୍ରେସ ମେଣ୍ଟ ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ନେଇ କ'ଣ ସବୁ ପ୍ରସ୍ତୁତି କରୁଛି ତାହା ଏବେ ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି।

୨୦୧୯ ନିର୍ବାଚନର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଚଳିତ ନିର୍ବାଚନରେ ବଲାଙ୍ଗୀର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହୋଇ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କୁହାଯାଉଛି। ଗତ କିଛି ମାସ ହେଲା ସେ ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର ପ୍ରଚାର ପ୍ରସାର ଆରମ୍ଭ କରିଦେଇଛନ୍ତି। ସମରେନ୍ଦ୍ର ବିଧାୟକ ପ୍ରାର୍ଥୀ ହେଲେ ଲୋକ ସଭା ପ୍ରାର୍ଥୀ କିଏ ହେବେ, ତାହାକୁ ନେଇ ନାନା ଚର୍ଚ୍ଚା ଶୁଣାଯାଉଛି। ପିସିସି ସଭାପତି ଶରତ ପଟ୍ଟନାୟକ ଏଥର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ହେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ତାଙ୍କ ଘନିଷ୍ଠ ସହଯୋଗୀ ବିଧୁଭୂଷଣ ତ୍ରିପାଠୀ, ଯୁବ ସଙ୍ଗଠକ ଆକବର ଖାନ୍, ସିନେ ଅଭିନେତା ମନୋଜ ମିଶ୍ର, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଲୋକ ସଭା ପ୍ରାର୍ଥୀ ଆଶାୟୀ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏମାନଙ୍କ ଭିତରୁ କିଏ ଟିକେଟ ପାଇବେ ନା ଅନ୍ୟ କେହି କଂଗ୍ରେସ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇନାହିଁ। ବେକାର ଯୁବକଙ୍କୁ ନିଯୁକ୍ତି ଦାବିରେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିବା ଯୁବ ସଙ୍ଗଠକ ଆକବର ଖାନ୍ ରାଜ୍ୟ ତଥା ଜାତୀୟ ଲବିକୁ ଜୋରଦାର କରିଥିବା ଶୁଣାଯାଉଛି। ଅନ୍ୟପଟେ ଦୀର୍ଘଦିନରୁ ବଲାଙ୍ଗୀରର ବିଭିନ୍ନ ଆନ୍ଦୋଳନ, କଂଗ୍ରେସ ଦଳୀୟ କାର୍ଯ୍ୟରେ ରହି ନିଜକୁ ସକ୍ରିୟ ରଖିଥିବା ବିଧୁଭୂଷଣ ଟିକେଟ ପାଇବେ ବୋଲି ଆଶା ରଖିଛନ୍ତି। ଓଡ଼ିଆ ସିନେମାରେ ଆଞ୍ଚଳିକ ବୈଷମ୍ୟର ଶିକାର ପ୍ରସଙ୍ଗକୁ ନେଇ ଚର୍ଚ୍ଚିତ ସିନେ ଅଭିନେତା ମନୋଜ ମିଶ୍ର ମଧ୍ୟ ଏଥର ଟିକେଟ ମିଳିଲେ ବଲାଙ୍ଗୀର ଲୋକ ସଭା ଆସନରୁ ପ୍ରାର୍ଥୀ ହେବେ ବୋଲି କହିସାରିଛନ୍ତି। ସେ ମଧ୍ୟ ଟିକେଟ ଦୌଡ଼ରେ ରହିଛନ୍ତି। କୋଶଲୀ ଭାଷା, ସଂସ୍କୃତି ଏବଂ ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗକୁ ନେଇ ସେ ଏବେ ଲୋକଲୋଚନରେ ଅଛନ୍ତି। ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ମଧ୍ୟ ଲୋକ ସଭା ଟିକେଟ ଦୌଡ଼ରେ ଅଛନ୍ତି। ଏହାବାଦ୍ ବିଜେଡି ଓ ଭାଜପାରୁ ଟିକେଟ ଆଶାୟୀ ଥିବା କିଛି ନେତା ଉଭୟ ଦଳର ମେଣ୍ଟ ସମ୍ଭାବନା ପରେ ଏବେ କଂଗ୍ରେସ ଦଳରୁ ଟିକେଟ ଆଶାୟୀ ହୋଇ ଲବିରେ ଥିବା ଜଣାପଡିଛି। କିଛି ଚାଷୀ ନେତା ମଧ୍ୟ ଏହି ଲବିରେ ରହିଛନ୍ତି। ଭାଜପା-ବିଜେଡି ମେଣ୍ଟ ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ହେଲେ କଂଗ୍ରେସ କାହାକୁ ପ୍ରାର୍ଥୀ ଘୋଷଣା କରୁଛି ତାହା ଏବେ ବଡ଼ ପ୍ରଶ୍ନ ହୋଇରହିଛି।

## ଓଡ଼ିଶାରେ ନିର୍ବାଚନ ଲଢ଼ିବ ଆପ୍: ସନ୍ଦୀପ



ଖବରଦାତା ସମ୍ମିଳନୀରେ ଆପ୍ ନେତା ସନ୍ଦୀପ ପାଠକ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୬।୩(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ରାଜନୀତିରେ ଏକ ପରିବର୍ତ୍ତନର ସଙ୍କେତ ମିଳୁଛି। ଭାଜପା ଓ ବିଜେଡି ମେଣ୍ଟ ହେବ ବୋଲି କୁହାଯାଉଛି। ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି, ବିଜେଡିକୁ କବ୍‌ଜାକୁ ନେଇଯାଇଛି ଭାଜପା। ଇଡିକୁ ପ୍ରୟୋଗ କରି ବିଜେଡିକୁ ଡରେଇ ଧମକେଇ ଭାଜପା ମେଣ୍ଟ କରାଇବାକୁ ବାଧ୍ୟ କରୁଥିବା ସବୁଆଡ଼େ ଚର୍ଚ୍ଚା ହେଉଛି। ଓଡ଼ିଶାର ଲୋକମାନେ ପରିବର୍ତ୍ତନ ଚାହୁଁଛନ୍ତି। ବହୁ ନେତାଙ୍କ ଫୋନ ଆସୁଛି, ଆପ୍ ଓଡ଼ିଶାକୁ ଆସୁ। ଅରବିନ୍ଦ କେଜରିଓ୍ୱାଲ ଓଡ଼ିଶା ଆସିବେ। ଓଡ଼ିଶାରେ ନିର୍ବାଚନ ଲଢ଼ିବ ଆପ୍। ଯେଉଁ ନେତାମାନେ ଆପ୍‌ରେ ଯୋଗଦେବାକୁ ଚାହୁଁଛନ୍ତି, ସେମାନେ ଆସନ୍ତୁ ବୋଲି ଓଡ଼ିଶା ଗସ୍ତରେ ଆସିଥିବା ରାଜ୍ୟସଭା ସଦସ୍ୟ ତଥା ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ସନ୍ଦୀପ ପାଠକ ଶନିବାର ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

### କେତେ ପ୍ରାର୍ଥୀ ଦେବୁ ସ୍ଥିର କରିନୁ: ନିଶିକାନ୍ତ

ସେ ଆହୁରି କହିଛନ୍ତି, ୨୫ ବର୍ଷ ହେଲା ଲୋକମାନେ ବହୁତ ଆଶା ରଖି ନବୀନ ପଟ୍ଟନାୟକଙ୍କୁ ଭୋଟ ଦେଇ ଜିତାଉଛନ୍ତି। କିନ୍ତୁ ଭୋଟ ପାଇବା ପରେ ସେ ଅଫିସରଙ୍କ କୋଳରେ ବସି ଯାଉଛନ୍ତି। ଏଭଳି ସ୍ଥଳେ ପରିବର୍ତ୍ତନ ଦରକାର ବୋଲି ପାଠକ କହିଛନ୍ତି। ଦିଲ୍ଲୀ କ୍ୟାଣ୍ଟ ଆପ୍ ବିଧାୟକ ବୀରେନ୍ଦ୍ର ସିଂ କାଡ଼ିଆନ୍ ମଧ୍ୟ ଉପସ୍ଥିତ ଥିଲେ। ଆପ୍ ଓଡ଼ିଶା ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି, ୧୦ରୁ ୧୫ଦିନ ମଧ୍ୟରେ କେଜରିଓ୍ୱାଲ ଓଡ଼ିଶା ଆସିବେ। ଓଡ଼ିଶାରୁ ଆପ୍‌ରେ ପ୍ରାର୍ଥୀ ଲଢ଼ିବେ। ମାତ୍ର କେତେ ଲଢ଼ିବେ ସ୍ଥିର କରିନୁ।

## ଭାଜପା ୧୦ ବର୍ଷ ରେକର୍ଡ ଆଧାରରେ ଜନତାଙ୍କ ଆସ୍ଥାଭାଜନ ହେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୬।୩(ଅସମାପିକା ସାହୁ)**

ନିର୍ବାଚନ କମିଶନଙ୍କ ୨୦୨୪ ନିର୍ବାଚନ ତାରିଖ ଘୋଷଣାକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଏହି ନିର୍ବାଚନରେ ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଲ୍ୟାଣକାରୀ ଯୋଜନା ଓ ବିଗତ ୧୦ ବର୍ଷର ଟ୍ରାକ୍ ରେକର୍ଡ ଆଧାରରେ ଜନତାଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଗଣତନ୍ତ୍ରର ଜଣେ ବିଦ୍ୟାର୍ଥୀ ଭାବରେ ୨୦୨୪ ନିର୍ବାଚନକୁ ସ୍ୱାଗତ କରୁଛି। ଓଡ଼ିଶା ସମେତ ସମଗ୍ର ଦେଶର ଜନସାଧାରଣ ଓ ସମସ୍ତ ରାଜନୈତିକ ଦଳଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସମାଜର ସବୁବର୍ଗ ବିଶେଷକରି ଗରିବ, ବଞ୍ଚିତ, ମହିଳା, ଯୁବ, ଚାଷୀ, ଏସ୍‌ସି, ଏସ୍‌ଟି, ଓବିସି ସମ୍ପ୍ରଦାୟର ଲୋକମାନେ ଏହି ଗଣତନ୍ତ୍ରର ମହାନ୍ ଉତ୍ସବରେ ନିଜକୁ ସାମିଲ କରିବେ। ସମସ୍ତ ରାଜନୈତିକ ଦଳ ନାଗରିକଙ୍କ ପାଖକୁ ଯିବେ। ପ୍ରସଙ୍ଗଭିତ୍ତିକ ନିର୍ବାଚନ ଲଢ଼ାଯିବ। ଆଲୋଚନା, ସମାଲୋଚନା ସହ ନିର୍ବାଚନ ପ୍ରଚାରରେ ଅଭିନବ ଉପାୟ ଅବଲମ୍ବନ ହେବ। ଉନ୍ମାଦନାର ସହ ନିର୍ବାଚନ ଆଚରଣବିଧିର ସୀମା ଭିତରେ ରହି ସମସ୍ତେ ପ୍ରଚାର କରିବା। 'ଫିର୍ ଏକ୍ ବାର୍ ୪୦୦ ପାର୍, ଫିର୍ ଏକ୍ ବାର୍ ମୋଦି ସରକାର'ର ନାରା ଦେବା ସହ ଲୋକଙ୍କ ଆଶୀର୍ବାଦ କାମନା କରିଛନ୍ତି ଧର୍ମେନ୍ଦ୍ର।

## ବିରୋଧୀଙ୍କ ସମାଲୋଚନାର ଜବାବ ଦେଲେ ବିଜେଡି ନେତା

**ଭୁବନେଶ୍ୱର,୧୬।୩(ଅନିଲ ଦାସ)**

ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମ୍ପର୍କୀୟ ଅରିନ୍ଦମ ରାୟ ବିଜେଡିରୁ ଇସ୍ତଫା ଦେବାର କିଛି ସମୟ ପରେ ଭାଜପାରେ ଯୋଗଦେଇଥିଲେ। ଭାଜପାରେ ସାମିଲ ହେବା ପରେ ସେ ବିଜେଡିକୁ ସମାଲୋଚନା କରିଥିଲେ। ସାମାଜିକ ଗଣମାଧ୍ୟମରେ କେତେକ ୟୁଜର୍ସ ଓ ବିରୋଧୀ ନେତାମାନେ ପ୍ରଣବଙ୍କୁ ଟାର୍ଗେଟ କରିଥିଲେ। ଏହା ପରେ ପ୍ରଣବଙ୍କୁ ସମର୍ଥନ ଜଣାଇ ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ସୌଭିକ୍ ବିଶ୍ୱାଳ ଓ ଅନ୍ୟ କେତେକ ନେତା ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରଣବଙ୍କୁ ପ୍ରଶଂସା କରି ପୋଷ୍ଟ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି

### 'ଏମିତି ନେତା ପାଇଁ ବିଜେଡିର ପ୍ରତିଟି କର୍ମୀ ଗର୍ବିତ'

ଯେ ଏମିତି ନେତା ପାଇଁ ବିଜେଡିର ପ୍ରତିଟି କର୍ମୀ ଗର୍ବିତ। ପ୍ରଣବ ପରିବାର ଅପେକ୍ଷା ଦଳର କର୍ମୀଙ୍କୁ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ସେ ଚାହିଁଥିଲେ ପରିବାରର ଏକାଧିକ ସଦସ୍ୟଙ୍କୁ ଟିକେଟ ବାଣ୍ଟିବାରେ କୌଣସି ସମସ୍ୟା ନ ଥିଲା। ଯାହାକୁ ପାରିଥାନ୍ତେ ତାକୁ ଟିକେଟ ଦେଇଥାନ୍ତେ। ହେଲେ ସେ ଜାଣିଥିଲେ, ରାଜନୀତିରେ ସେ ଯେଉଁ ଟ୍ରେଣ୍ଡ ତିଆରି କରିବେ, ତାହା ଦଳର ଅନେକ ଲକ୍ଷ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଭାବିତ କରିବ। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ହିଁ ପାଥେୟ କରି ସେ କାର୍ଯ୍ୟ କରନ୍ତି। ଏହା ଆଜି ପ୍ରମାଣିତ।

ଯେଉଁ ଯାଜପୁର ପୌରାଞ୍ଚଳ କାହିଁ କେତେ ଦଶନ୍ଧିରୁ ତାଙ୍କ ପାରିବାରିକ ନିୟନ୍ତ୍ରଣରେ ଥିଲା, ତାକୁ ପଛରେ ଛାଡ଼ି ଦେଇଥିଲେ ବବି ଭାଇ। କାରଣ ସେ ଟ୍ରେଣ୍ଡ ସେଟ୍ କରୁଥିଲେ, ଗୋଟିଏ ପରିବାର ଗୋଟିଏ ଟିକେଟ। ସେ ଉଦାହରଣ ସୃଷ୍ଟି କରୁଥିଲେ, ପରିବାର ପଛ, ପାର୍ଟି ଆଗ। ସେ ବାର୍ତ୍ତା ଦେଉଥିଲେ, ନବୀନ ପଟ୍ଟନାୟକ ଯାହା କହିବେ ତାହା ଚୂଡ଼ାନ୍ତ।

ଆଜି ରାଜନୈତିକ ଘଟଣାକ୍ରମରେ ଯେଉଁ ସନ୍ଦେଶ ଆସିଛି, ତାହା ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ପ୍ରେମ ଏବଂ ନବୀନ ପ୍ରେମରେ ଉଦ୍‌ବୁଦ୍ଧ କରିବ। ଦଳ ସର୍ବମାନ୍ୟ, ନବୀନ ସର୍ବମାନ୍ୟ। ପ୍ରତିଟି କର୍ମୀ ନିଜ ଆଉ ନିଜ ପରିବାରର ସ୍ୱାର୍ଥ କଥା ଛାଡ଼ି ରାଜ୍ୟ ଏବଂ ଦଳୀୟ ସ୍ୱାର୍ଥରେ କାର୍ଯ୍ୟ କରିବାର ଯେଉଁ ବାର୍ତ୍ତା ଆମ ପ୍ରିୟ ସାଙ୍ଗଠନିକ ସମ୍ପାଦକ ଦେଇଛନ୍ତି, ସେଇ ଅନୁସାରେ କାର୍ଯ୍ୟ କରିବା ନେଇ ଉପରୋକ୍ତ ନେତାମାନେ କହିଛନ୍ତି।

## କର୍ମୀ ସମାବେଶରେ ରାଜ୍ୟ ସରକାରଙ୍କୁ କଲେ ଟାର୍ଗେଟ


ସମର୍ଥକଙ୍କ ସହ ଜୟନାରାୟଣ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟକୁ ଯାଉଛନ୍ତି।

**ସମ୍ବଲପୁର,୧୬।୩(ପ୍ରମୋଦ ବହିଦାର)**

ପ୍ରାୟ ୧୧ମାସ ପରେ ସମ୍ବଲପୁର ବିଧାୟକ ତଥା ବିଧାନସଭାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଆଗମନକୁ ନେଇ କର୍ମୀ ମହଲରେ ଖୁସି ପ୍ରକାଶ ପାଇଛି। ଶୁକ୍ରବାର ସନ୍ଧ୍ୟାରେ ସେ ସମ୍ବଲପୁରରେ ପହଞ୍ଚିବା ପରେ ଦଳୀୟ କର୍ମୀ ଓ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଶନିବାର ଅପରାହ୍ନରେ ଜୟନାରାୟଣ ଦଳୀୟ କାର୍ଯ୍ୟାଳୟରେ ଆହୂତ ଏକ କର୍ମୀ ସମାବେଶରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ପ୍ରଥମେ ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କର୍ମୀମାନେ ତାଙ୍କ ପ୍ରିୟ ନେତାଙ୍କୁ ପାଇ ଦୀର୍ଘଦିନର ପୁଞ୍ଜିଭୂତ ଅଭିଯୋଗକୁ ତାଙ୍କ ସମ୍ମୁଖରେ ରଖିଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନୀ ରଣନୀତି ତଥା ଦଳର ସାଙ୍ଗଠନିକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ବରିଷ୍ଠ ନେତା ଦାମୋଦର କର, ଡ. ପ୍ରମୋଦ ରଥ, ଫଣି ଭୂଷଣ ମିଶ୍ର, ବରଗଡ଼ ପ୍ରଭାରୀ ସବିତା ନନ୍ଦ, ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ଭାଜପା ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ପ୍ରମୁଖ ଜୟନାରାୟଣଙ୍କୁ ଉପଢୌକନ ଦେଇଥିଲେ। ହେଲେ ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ଅନୁପସ୍ଥିତିକୁ ନେଇ ନାନା ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଜୟନାରାୟଣ ସମ୍ବଲପୁରରେ ପହଞ୍ଚିବା ପରେ ମା' ସମଲେଇଙ୍କ ପୀଠରେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଜିଲା ସଭାପତି ପଟେଲ

### ଜୟନାରାୟଣଙ୍କ ଆଗମନକୁ ନେଇ କର୍ମୀ ଖୁସି

ମଧ୍ୟ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଧରି ଅଗ୍ରସର ହେଉଥିବା ଦେଖି ଜୟନାରାୟଣଙ୍କ ଜଣେ ନିକଟ ସମ୍ପର୍କୀୟଙ୍କ ବାରଣ କରିବା ହେତୁ ସେ ନିରାଶ ହୋଇ ଫେରିଯାଇଥିଲେ। ତେଣୁ ସେ କର୍ମୀ ସମାବେଶରେ ଅନୁପସ୍ଥିତ ରହିଥିବା ସହରରେ ଚର୍ଚ୍ଚା ହେଉଛି। ସମାବେଶରେ ଖବରଦାତାଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ ବିଜେଡି ସରକାରଙ୍କ ଉପରେ ଜୟନାରାୟଣ ସିଧାସଳଖ ଆକ୍ରମଣ କରିଥିଲେ। ସେ କହିଥିଲେ, ବିଜେଡି ସରକାରଙ୍କ ଅପାରଗତାରୁ ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘ ୨୦ ବର୍ଷର ଶାସନ ପରେ ମଧ୍ୟ ଏ ଅଞ୍ଚଳରେ ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇବା ଭଳି ଚିକିତ୍ସାଳୟ ପ୍ରତିଷ୍ଠା କରିବାରେ ବିଜେଡି ସରକାର ବିଫଳ ହୋଇଛି। ଫଳ ସ୍ୱରୂପ ନିଜ ଦଳର ନେତା ଓ ମନ୍ତ୍ରୀଙ୍କୁ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନା ବଦଳରେ ଭୁବନେଶ୍ୱରର ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଥିଲେ।

## ଭାଗୀରଥି, ମାୟାଧରଙ୍କ ପ୍ରତି ଅସନ୍ତୋଷ ବଢୁଛି

**ହାଟଡ଼ିହୀ,୧୬।୩(ଶୁଭକାନ୍ତ ନାୟକ)**

ଆଗାମୀ ନିର୍ବାଚନ ପାଇଁ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ସଜବାଜ ଆରମ୍ଭ କରିଦେଇଛନ୍ତି। ମାତ୍ର ଅଞ୍ଚଳରେ 'ଭାଗୀରଥି ହଟାଓ ସ୍ଲୋଗାନ' ରଖି ବୈଠକ ଓ ସଭା ଅନୁଷ୍ଠିତ ହେଉଥିବାରୁ ବିଧାୟକଙ୍କ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। କେବଳ ସେତିକି ନୁହେଁ, ପୂର୍ବତନ ବିଧାୟକ ମାୟାଧର ଜେନାଙ୍କୁ ମଧ୍ୟ ଭୋଟର ଭରଷି ପାରୁନାହାନ୍ତି।

### ଆନନ୍ଦପୁର ରାଜନୀତି

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୨୦୦୦ରେ ବିଜେଡି-ଭାଜପା ମେଣ୍ଟରେ ଭାଜପା ପ୍ରାର୍ଥୀ ମାୟାଧର ଜେନା ବିଜୟୀ ହୋଇଥିଲେ। ୨୦୦୪ରେ ମେଣ୍ଟକୁ ପଛରେ ପକାଇ କଂଗ୍ରେସର ଜୟଦେବ ଜେନା ବିଜୟୀ ହୋଇଥିଲେ। ୨୦୦୯ରେ ବିଜେଡିରୁ ଭାଗୀରଥି ବିଧାୟକ ହୋଇଥିଲେ। ୨୦୧୪ରେ ତାଙ୍କୁ ବିଜେଡି ଟିକେଟ ନ ଦେବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରି ପରେ ପ୍ରତ୍ୟାହାର କରିଥିଲେ। ପରେ ବିଜେଡି ଛାଡ଼ି ସେ ଭାଜପାରେ ଯୋଗଦେଲେ। ଭାଗୀରଥିଙ୍କ ସ୍ଥାନରେ ଭାଜପାରୁ ଆସି ମାୟାଧର ବିଜେଡି ଟିକେଟରେ ନିର୍ବାଚନ ଲଢ଼ି ଜିତିଥିଲେ। ୨୦୧୯ରେ ଭାଗୀରଥି ପ୍ରଥମେ ଭାଜପା ଟିକେଟରେ ପ୍ରାର୍ଥୀ ହୋଇଥିଲେ ହେଁ ହଠାତ ଦଳ ଛାଡ଼ି ବିଜେଡି ଟିକେଟରେ ଲଢ଼ି ନିର୍ବାଚିତ ହୋଇଥିଲେ। ଭାଗୀରଥି ଏବଂ ମାୟାଧରଙ୍କ ଏପରି ଦଳ ଡିଆଁକୁ ଏଥର କର୍ମୀ ଓ ଭୋଟର ନାପସନ୍ଦ କରୁଛନ୍ତି। ୨ ଜଣଙ୍କୁ ଭୋଟର ଆଉ ଆନ୍ତରିକତାର ସହ ଚାହୁଁ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ୨୦୧୯ ନିର୍ବାଚନ ପରେ ମାୟାଧର ବିଜେଡିରେ ଥାଇ ମଧ୍ୟ ଦଳୀୟ ସଭା, ସମିତି ଏବଂ କର୍ମୀ ବୈଠକରେ ଅନୁପସ୍ଥିତ ରହୁଥିଲେ। ବିଜେଡି କର୍ମୀମାନେ ଭାଗୀରଥିଙ୍କ ସ୍ୱଭାବ ଏବଂ ବ୍ୟବହାରରେ ଅତିଷ୍ଠ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଦଳୀୟ କର୍ମୀଙ୍କୁ ଉପେକ୍ଷା ପ୍ରତିବାଦରେ ଅନେକ ହଜାର କର୍ମୀ ଛେନାପଦିଠାରେ ଭାଗୀରଥି ହଟାଅ ଏବଂ ନୂଆ ମୁହଁ ଆଣ ଅଭିଯାନ କରି ଏକ ବୈଠକ କରିଥିଲେ। ସବୁଠାରୁ ବଡ଼ କଥା ହେଉଛି, ବହୁ ସଂଖ୍ୟାରେ ବିଜେଡି କର୍ମୀ ଏବଂ ଭୋଟର ଭାଗୀରଥିଙ୍କୁ ହଟାଇ ନୂଆ ମୁହଁ ଆଣିବାକୁ ବିଜେଡି ମୁଖିଆଙ୍କ ପାଖକୁ ପତ୍ର ପଠାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ପଦାରେ ପଡ଼ିଲା ଗୋଷ୍ଠୀ କନ୍ଦଳ

**ଭଦ୍ରକ,୧୬।୩(ସନାତନ ରାଉତ)**

ପିସିସି ସଭାପତି ଶରତ ପଟ୍ଟନାୟକ ଶନିବାର ବାଲେଶ୍ୱର ଜିଲାର ଅଡ଼ାଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବା ବାଟରେ ଭଦ୍ରକର ପୃଥକ୍ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି ଓ ଜିଲା ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ନେତୃତ୍ୱରେ ପୃଥକ୍ ଭାବେ ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଦଳର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି। ନଳିନୀଙ୍କ ନେତୃତ୍ୱରେ ତାଙ୍କ ସମର୍ଥକମାନେ ୧୬ ନଂ. ଜାତୀୟ ରାଜପଥର ଗେଲ୍‌ପୁର ଛକଠାରେ ସମ୍ବର୍ଦ୍ଧନା ଦେବା ସହ ବାଇକ୍ ଶୋଭାଯାତ୍ରାରେ ଭଦ୍ରକ ସହର ପରିକ୍ରମା କରି ଡାହାଣୀଗଡ଼ିଆ ଛକ ପର୍ଯ୍ୟନ୍ତ ଯାଇଥିଲେ। ପିସିସି ସଭାପତି ଇସ୍ତାହାର ସମ୍ବନ୍ଧରେ ଦଳର ଗ୍ୟାରେଣ୍ଟି ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳଙ୍କୁ ଭଦ୍ରକ ସଂରକ୍ଷିତ ଆସନରେ ଲୋକ ସଭା ପ୍ରାର୍ଥୀ କରିବା ପାଇଁ ପିସିସି ସଭାପତିଙ୍କୁ କର୍ମୀମାନେ ପ୍ରସ୍ତାବ ଦେଇଥିଲେ। ଏହି ସମ୍ବର୍ଦ୍ଧନା ବେଳେ ଜିଲା ସଭାପତି ସୁବ୍ରତ ଦାସ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା ଦିଗମ୍ବର ଦାସ, ଧାମନଗର ନେତା

### ପିସିସି ସଭାପତିଙ୍କୁ ପୃଥକ୍ ସ୍ୱାଗତ ସମ୍ବର୍ଦ୍ଧନା

ବିଦ୍ୟାଧର ଜେନା, ଅଭିଷେକ୍ ରାଉତ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ଦାସ, ପୀତବାସ ଧଳ, ଯୁବ ସଭାପତି ହେମନ୍ତ ମହାପାତ୍ର, ଛାତ୍ର ସଭାପତି ତଥା ପାରିଷଦ ସେଖ୍ ସାହିଲ୍ କାଦରୀ, ରଞ୍ଜନ ଜେନା, ରାଜନ୍ ଲାହା, ତନ୍‌ଭୀର୍ ଖାଁ, ଏନାମୁଲ୍ ହକ୍, ବିଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜାତୀୟ ରାଜପଥର ଓରିଓନ ହୋଟେଲ ସମ୍ମୁଖରେ ଶୁଭେନ୍ଦୁଙ୍କ ନେତୃତ୍ୱରେ ପିସିସି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅମିତାବାଳା ଆଚାର୍ଯ୍ୟ, ନାରୀନେତ୍ରୀ ସ୍ୱସ୍ତିକା ପଣ୍ଡା, ଜିଲା ଯୁବ କଂଗ୍ରେସ ଉପସଭାପତି ବଳରାମ ରାଉତ, ଭଦ୍ରକ ବିଧାନସଭା ସଭାପତି ଇଲିୟାସ ଅଲ୍ଲୀ ଖାନ, ଜିଲା ଯୁବ କଂଗ୍ରେସ ନଗର ସାଧାରଣ ସମ୍ପାଦକ ସୁଶାନ୍ତ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ବିଧାନସଭା ପାଇଁ ପ୍ରାର୍ଥୀ ହେବାକୁ ଉଭୟ ଆଶାୟୀ ଥିବା ବେଳେ ଦୀର୍ଘଦିନ ଧରି ଛକାପଞ୍ଝା ଲାଗି ରହିଛି। ଏକାଠି ନ ହୋଇ ଅଲଗା କାର୍ଯ୍ୟକ୍ରମ କରୁଥିବାରୁ ଉଭୟଙ୍କ ମଧ୍ୟରେ କନ୍ଦଳ ଲାଗି ରହିଥିବା ଚର୍ଚ୍ଚା ହେଉଛି।

## ଅଡୁଆରେ ବିଜେଡିର ମହୀଧର

**କନ୍ଧମାଳ, ୧୬।୩(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲାରେ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ-ବୌଦ୍ଧ ଓ କନ୍ଧମାଳ। କନ୍ଧମାଳ ବିଧାନସଭା କ୍ଷେତ୍ର ୨୦୦୯ ମସିହାରୁ ଗଠିତ ହେବାଠାରୁ ବିଜେଡି ପ୍ରାର୍ଥୀ ୩ ଥର ବିଜୟୀ ହୋଇଛନ୍ତି। ୨୦୦୯ରେ ଭଗବାନ କହଁର ବିଧାୟକ ହୋଇଥିବା ବେଳେ ୨୦୧୪ ଓ ୨୦୧୯ରେ ମହୀଧର ରଣା ବିଜୟୀ ହୋଇଥିଲେ। ଏବେ ମହୀଧରଙ୍କ ପାଇଁ ଅଡୁଆ ସାଜିଛନ୍ତି ଦଳର ପୁରୁଣା ଓ ପୁରୁଖା ନେତା। ବିଜେଡିର ଗୋଷ୍ଠୀ କନ୍ଦଳ ଚରମସୀମାରେ ପହଞ୍ଚିଛି। ବିଧାୟକ ମହୀଧର କଂଗ୍ରେସ କର୍ମୀଙ୍କୁ ଆପଣାଇଥିବା ବେଳେ ଦଳର ପୁରୁଣା ନେତା ଅଲୋଡ଼ା ହୋଇ ପଡ଼ିଥିବା ଆଲୋଚନା ହେଉଛି।

୨୦୧୯ ନିର୍ବାଚନରେ ବିଜେଡିର ବରିଷ୍ଠ ନେତା ଶେଷଦେବ ମେହେରଙ୍କୁ ଦଳ ଟିକେଟ ନ ଦେବାରୁ ସେ ବିଦ୍ରୋହ କରି ସ୍ୱାଧୀନ ଭାବେ ଠିଆ ହୋଇ ୨୮,୩୭୦ ଭୋଟ ପାଇଥିଲେ। ଏହି ନିର୍ବାଚନରେ ମହୀଧର ଅଳ୍ପ କିଛି ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ବର୍ତ୍ତମାନ ମହୀଧରଙ୍କୁ ନିଜ ଦଳର ପୁରୁଖା ନେତାମାନେ ଖୁଲମଖୁଲା ବିରୋଧ କରୁଛନ୍ତି। ଏନେଇ ସେମାନେ ବିଭିନ୍ନ ସମୟରେ ମହୀଧରଙ୍କ ବିରୋଧରେ ସଭାସମିତି କରି ଆସୁଛନ୍ତି। ଏଥିସହିତ ବିଧାୟକ ମହୀଧରଙ୍କ ପାଇଁ ଅଡୁଆ ସାଜିଛନ୍ତି ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ(ବବି ରଥ)। ମହୀଧର କଂଗ୍ରେସ କର୍ମୀମାନଙ୍କୁ ଆପଣେଇ ନେଉଥିବାରୁ ବିଜେଡିର ପୁରୁଖା କର୍ମୀ ଓ ସଂଗଠକ ଅଲୋଡ଼ା ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଦୀର୍ଘ ୪ ମାସ ହେବ ପରିବର୍ତ୍ତନ ସମାବେଶ ନାମରେ ଅସନ୍ତୁଷ୍ଟ କର୍ମୀ ଓ ସଂଗଠକଙ୍କୁ ନେଇ ପ୍ରିୟଦର୍ଶୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପରିବର୍ତ୍ତନ ସମାବେଶ କରି 'ମହୀଧର ହଟାଓ, କନ୍ଧମାଳ ବଞ୍ଚାଅ' ସ୍ଲୋଗାନ୍ ଦେଇ ଆସୁଛନ୍ତି। ମୋଟାମୋଟି ଦେଖିଲେ, କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ସ୍ଥିତି ବର୍ତ୍ତମାନ ଶାସକ ଦଳ ପାଇଁ ମୁଣ୍ଡବ୍ୟଥା ପାଲଟିଛି।


ମହୀଧର ରଣା

ବର୍ତ୍ତମାନ ବିଜେଡି ପ୍ରିୟଦର୍ଶୀଙ୍କୁ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି। ଆହୁରି ମଧ୍ୟ ବିଜେଡି ପକ୍ଷରୁ ସେ କନ୍ଧମାଳରେ ପ୍ରାର୍ଥୀ ପାଇଁ ଦାବିଦାର ଅଛନ୍ତି। ବିଜେଡି ତାଙ୍କୁ ରେଢ଼ାଖୋଲ ବିଧାନସଭା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇ ତାଙ୍କର ଅସନ୍ତୋଷକୁ ମନାଇବାରେ ସଫଳ ହେବ ନା ସେ ଯେଭଳି ବିଦ୍ରୋହ କରିଆସୁଛନ୍ତି, ସେଭଳି କରିବେ, ସେନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ସେହିପରି ବର୍ତ୍ତମାନର ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ପୂର୍ବରୁ କନ୍ଧମାଳ ବ୍ଲକ ଅଧ୍ୟକ୍ଷ ରହିଥିବା ବେଳେ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଧ୍ୟକ୍ଷ ପଦରେ ବସାଇବାରେ ସଫଳ ହୋଇଥିଲେ। ସେ ମଧ୍ୟ ଚଳିତ ନିର୍ବାଚନରେ ଲଢ଼ିବା ପାଇଁ ପ୍ରସ୍ତୁତ ଥିବା କହୁଛନ୍ତି। ଦଳର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ କହଁର ମଧ୍ୟ ଟିକେଟ ଲବିରେ। ଏଥିସହିତ ଯୁବନେତା କିଶୋର କୁମାର ମେହେରଙ୍କ ନାମ ଚର୍ଚ୍ଚାକୁ ଆସିଛି।

କନ୍ଧମାଳରେ ଚର୍ଚ୍ଚା ଜୋର ଧରିଛି ଯେ, ଭାଜପାର ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ ଓ ବୟନିକାର ପୂର୍ବତନ ରାଜ୍ୟ ସଭାପତି ଶେଷଦେବ ମେହେର ହେଉଛନ୍ତି ଦୁଇ ବନ୍ଧୁ। ରାଜନୀତି ଯୋଗୁ ଦୁଇଜଣ ପରସ୍ପରର ବିରୋଧୀ ହୋଇ ଆସୁଥିଲେ। ଏବେ କୁଆଡ଼େ ଦୁଇ ବନ୍ଧୁଙ୍କ ପୁରୁଣା ବନ୍ଧୁତା ଫେରି ଆସିବା ସହ ଉଭୟଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ୨୦୧୯ ନିର୍ବାଚନରେ ଶେଷଦେବଙ୍କୁ ବିଜେଡିରୁ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ତାଙ୍କର ଭଲ ଭୋଟ ବ୍ୟାଙ୍କ ରହିଛି। ତେଣୁ ବିଜେଡି ପକ୍ଷରୁ ଏସବୁ ଗୋଷ୍ଠୀ କନ୍ଦଳର ଯଦି ସମାଧାନ କରା ନ ଯାଏ, ଦଳ ହାତରୁ କନ୍ଧମାଳ ବିଧାନସଭାମଣ୍ଡଳୀ ଖସିଯାଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି।

ସେପଟେ ଭାଜପାର ବରିଷ୍ଠ ନେତା କହ୍ନେଇ ଗତ ୨୦୧୯ ନିର୍ବାଚନରେ ମାତ୍ର ୩,୬୫୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଦଳରେ ତାଙ୍କର ସ୍ଥିତି ସୁଦୃଢ଼ ରହିଥିବା ବେଳେ ସେ ଟିକେଟ ପାଇଁ ପ୍ରମୁଖ ଦାବିଦାର ଅଛନ୍ତି। ଦଳର ଯୁବନେତା ତଥା ବର୍ତ୍ତମାନ ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଓମ୍ ପ୍ରକାଶ ମିଶ୍ର, ଶ୍ରୀକାନ୍ତ ମିଶ୍ର ଟିକେଟ ଆଶାୟୀ ଅଛନ୍ତି।

ଅନ୍ୟପକ୍ଷରେ କନ୍ଧମାଳ ଆସନରେ କଂଗ୍ରେସ ସ୍ଥିତି ଭଲ ନ ଥିବା ବେଳେ ଦଳର ଯୁବ ନେତା ପ୍ରଶାନ୍ତ କୁମାର ସାହୁ ଏଠାକାର ମଙ୍ଗ ସମ୍ଭାଳିଛନ୍ତି। ସେ ୨୦୧୯ ନିର୍ବାଚନରେ ମାତ୍ର ୧୩,୧୬୬ ଖଣ୍ଡ ଭୋଟ ପାଇଥିଲେ। ସେ କଂଗ୍ରେସରୁ ଦାବିଦାର ଥିବାବେଳେ ଦଳର ମନୋଜ କୁମାର ଆଚାର୍ଯ୍ୟ, କେଶବ ଖେତି, ସରୋଜ ପ୍ରଧାନ ଟିକେଟ ପାଇଁ ଆଶାୟୀ ଅଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ରେୟାର୍ ଡିଜିଜ୍ ଡେ’ ୨୦୨୪ର ଥିମ୍ ................. ?
୨– ଷ୍ଟାଚ୍ୟୁ ଅଫ୍ ଲିବର୍ଟି ..................ରେ ଅବସ୍ଥିତ ?
୩– ........... ପଶୁ ପାଇଁ ଗିର୍ ନ୍ୟାଶନାଲ୍ ପାର୍କ ପ୍ରସିଦ୍ଧ ?
୪– ପୃଥିବୀରେ ସର୍ବାଧିକ ବ୍ୟବହୃତ ଭାଷା.............. ?
୫– ରୋମିଓ ଆଣ୍ଡ ଜୁଲିଏଟ୍ ପୁସ୍ତକର ଲେଖକ ............... ?

## ଗତ ଥରର ଉତ୍ତର

୧ ଜମ୍ମୁ ଏବଂ କଶ୍ମୀର
୨ ସ୍ନୋ ଲିଓପାର୍ଡ
୩ ଅଲଝାସ୍ ବେକ୍ଟେନଭ୍
୪ ଇଣ୍ଡିଜେନସ୍ ଟେକ୍ନୋଲୋଜି ଫର୍ ବିକ୍‌ସିତ ଭାରତ (ବିକଶିତ ଭାରତ ପାଇଁ ନିଜସ୍ୱ ଜ୍ଞାନକୌଶଳ)
୫ ତାମିଲନାଡୁ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଧନୀ ମ୍ୟୁଜିସିଆନ୍– ୨୦୨୪



୧. ଜେ ଜେଡ୍....................୨.୫ ବିଲିଅନ୍ ଡଲାର
୨ . ରିହାନା....................୧.୪ ବିଲିଅନ୍ ଡଲାର୍
୩ . ଆଣ୍ଡ୍ରୁ ଲ୍ୟୋଡ୍ ୱେବର୍.... ୧. ୩ ବିଲିଅନ୍ ଡଲାର
୪. ପଲ୍ ମ୍ୟାକ୍ କାର୍ଟନୀ ........ ୧.୨ ବିଲିଅନ୍ ଡଲାର
୫ . ଜିମ୍ମି ବଫେଟ୍ଟ ............ ୧ ବିଲିଅନ୍ ଡଲାର
୬ . ପି. ଡିଡ୍ଡୀ ............... ୯୦୦ ମିଲିଅନ୍ ଡଲାର
୭ . ହର୍ବ ଆଲ୍‌ପର୍ଟ ............ ୯୦୦ ମିଲିଅନ୍ ଡଲାର
୮ . ମ୍ୟାଡୋନା .................. ୮୫୦ ମିଲିଅନ୍ ଡଲାର
୯ . ଡକ୍ଟର ଡ୍ରି .................. ୮୫୯ ମିଲିଅନ୍ ଡଲାର
୧୦ . ବୋନୋ ................... ୮୦୦ ମିଲିଅନ୍ ଡଲାର

### ୟୁଥ୍ ଆଲର୍ଟ

# ଇ-ବ୍ୟାଙ୍କିଙ୍ଗ ବ୍ୟବହାର କରୁଥିଲେ

**ବର୍ତ୍ତମାନ ଚୋରି, ଡକାୟତି ଇତ୍ୟାଦି ଭୟରେ ଅନେକେ କ୍ୟାଶ୍ ବଦଳରେ ମୋବାଇଲ୍‌ରେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବା ଇ–ୱାଲେଟ୍ ବ୍ୟବହାର କରୁଛନ୍ତି। ହେଲେ ଏଥିରେ ମଧ୍ୟ ସାମାନ୍ୟ ଅବହେଳା ବଡ଼ ସମସ୍ୟାର କାରଣ ସାଜିପାରେ। ତେଣୁ ଏହାକୁ ସୁରକ୍ଷିତ କରିବା ଲାଗି ଜାଣିରଖନ୍ତୁ କେତୋଟି କଥା...**

- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାସ୍‌ୱାର୍ଡ ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ।
- ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପରେ ଲଗ୍‌ଆଉଟ୍ କରନ୍ତୁ।
- କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକର୍‌ମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ।
- ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର୍ କିମ୍ବା ସାଇବର୍ କାଫେରେ ଏହା ଅସୁରକ୍ଷିତ। କେବଳ ଏତିକି ନୁହେଁ, ପବ୍ଲିକ୍ ୱାଇ ଫାଇରେ ମଧ୍ୟ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରିବା ଠିକ୍ ନୁହେଁ। କାରଣ ଏହା ସାହାଯ୍ୟରେ ହ୍ୟାକର୍‌ଙ୍କୁ ଆପଣଙ୍କ ପର୍ସନାଲ୍ ଡାଟା ଚୋରି କରିବାରେ ସହଜ ହୋଇଥାଏ।
- ମନେରଖନ୍ତୁ, କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହାଯୋଗୁ ଆପଣଙ୍କ ବ୍ୟାଙ୍କ୍ ଡିଟେଲ୍ସ ହ୍ୟାକର୍‌ଙ୍କ ପାଖକୁ ଚାଲିଯାଇପାରେ।
- ଇ ବ୍ୟାଙ୍କିଙ୍ଗ ବ୍ୟବହାର କରୁଥିଲେ ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ।



# ଟେନ୍‌ସନ୍ ଫ୍ରି ଟ୍ରାଭେଲ୍



**ଦିନ ଥିଲା, କୌଣସି ଅଜଣା ସ୍ଥାନକୁ ଯିବା ଲାଗି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କେବେ ପଚାରି ପଚାରି ଯିବାରେ ଅଯଥା ସମୟ ସାଙ୍ଗକୁ ଇନ୍ଧନ ବି ନଷ୍ଟ ହେଉଥିଲା ତ କେବେ ଗନ୍ତବ୍ୟ ସ୍ଥଳରେ ନ ପହଞ୍ଚିପାରି ଫେରିବାକୁ ପଡୁଥିଲା। ଆଉ ପୁଣି କେବେ ଅଚିହ୍ନା ଗାଡ଼ିବାଲା ଠକିବା ଅବା ଅନ୍ୟତ୍ର ନେଇଯିବା ସମ୍ପର୍କରେ ଭୟ ରହୁଥିଲା। ହେଲେ ମୋବାଇଲ୍ ଫୋନ୍‌ରେ ଜିପିଏସ୍ ବା ଗୁଗଲ୍ ମ୍ୟାପ୍ ଆପ୍ଲିକେଶନ୍ ଟ୍ରାଭେଲ୍‌କୁ କରିଛି ଟେନ୍‌ସନ୍ ଫ୍ରି...**

ଗୁଗଲ୍‌ର ଫ୍ରି ୱେବ୍ ମ୍ୟାପିଂ ସର୍ଭିସ୍ ଆପ୍ଲିକେଶନ୍ ଗୁଗଲ୍ ମ୍ୟାପ୍ ଯାତ୍ରୀଙ୍କଠାରୁ ଡ୍ରାଇଭରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବେଶ୍ ଉପକାରୀ। ଯୁବପିଢ଼ି କେଉଁଆଡ଼େ ଯିବା ଲାଗି ସବୁଠୁ ଅଧିକ ଏହାକୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏଥିରେ ଥିବା ଗ୍ଲୋବାଲ୍ ପୋଜିଶନିଂ ସିଷ୍ଟମ୍ ବା ଜିପିଏସ୍ ଦ୍ୱାରା କୌଣସି ସ୍ଥାନ ଖୋଜିବା ଲାଗି ଅନ୍ୟର ସାହାଯ୍ୟ ନେବା କିମ୍ବା ଦୀର୍ଘ ସମୟ ଧରି ଏଣେତେଣେ ବୁଲିବା ଭଳି ସମସ୍ୟା ରହୁନାହିଁ। ଫଳରେ ଅଯଥା ସମୟ ନଷ୍ଟ ସହ ଅନାବଶ୍ୟକ ଇନ୍ଧନ ଖର୍ଚ୍ଚକୁ ମଧ୍ୟ ରୋକାଯାଇପାରୁଛି...

**ନଷ୍ଟ ହେଉନି ସମୟ:** ପୂର୍ବରୁ କୌଣସି କୌଣସି ସ୍ଥାନରେ ପହଞ୍ଚିବା ଲାଗି ବାରମ୍ବାର ଅନ୍ୟମାନଙ୍କୁ ରାସ୍ତା ପଚାରି ବୁଝିବା ଭିତରେ ଅଯଥା ସମୟ ନଷ୍ଟ ହେଉଥିଲା। କେବେକେବେ ଏଥିପାଇଁ କେତେକ ଯୁବପିଢ଼ିଙ୍କୁ ପରୀକ୍ଷା ହଲ୍‌ରେ ଅବା ଜବ୍ ଇଣ୍ଟରଭ୍ୟୁ ଆଦି ପାଇଁ ଠିକ୍ ସମୟରେ ନ ପହଞ୍ଚିପାରିବା କାରଣରୁ ବିଫଳତାର ସମ୍ମୁଖୀନ ହେବାକୁ ପଡୁଥିଲା। ହେଲେ ଗୁଗଲ୍ ମ୍ୟାପ୍ ବ୍ୟବହାର କରିବା ଦ୍ୱାରା ସହଜରେ ଯଥାସ୍ଥାନରେ ପହଞ୍ଚିଯିବା ସହ ସମୟ ମଧ୍ୟ ବଞ୍ଚାଇ ହେଉଛି। ଗୁଗଲ୍ ମ୍ୟାପ୍‌ରେ ସମସ୍ତ ଯାନବାହନ ଚଳାଚଳ ଲାଗି ମଲ୍ଟିପ୍‌ଲ ଟ୍ରାନ୍ସପୋର୍ଟେଶନ୍ ମୋଡ୍ ରହିଛି, ଯେଉଁଥିରେ ପାଦଚଲା ରାସ୍ତାଠାରୁ ଟୁ ହ୍ୱିଲର, କାର, ଅନ୍ୟ ପବ୍ଲିକ୍ ଯାନବାହନ ଚାଳକମାନଙ୍କ ସୁବିଧା ମୁତାବକ ବିଭିନ୍ନ ଫିଚର୍ସ ଉପଲବ୍ଧ। ଫଳରେ ଜରୁରିକାଳୀନ ପରିସ୍ଥିତିରେ କମ୍ ସମୟ ମଧ୍ୟରେ ଯେକୌଣସି ସ୍ଥାନରେ ପହଞ୍ଚି ହେଉଛି।

**ଏକା ଯିବାର ଭୟ କମିଛି:** ପାଠପଢ଼ା ଅବା ଜବ୍ ପାଇଁ ଅନେକ ଯୁବପିଢ଼ିଙ୍କୁ ନୂଆ ନୂଆ ସ୍ଥାନକୁ ଏକାକୀ ଯିବାକୁ ହୋଇଥାଏ। ଏମିତିରେ ଅନେକଙ୍କୁ ବିଶେଷକରି ଯୁବତୀମାନଙ୍କୁ ଭଡ଼ା ଗାଡି ବା କ୍ୟାବ୍‌ରେ ଯିବା ସମୟରେ ଡ୍ରାଇଭର ଠିକ୍ ରାସ୍ତାରେ ନେଉଛି କି ନାହିଁର ଭୟ ମନରେ ରହିଥାଏ। ହେଲେ ବର୍ତ୍ତମାନ ଏହି ଭୟକୁ କମାଇ ଦେଇଛି ଗୁଗଲ୍ ମ୍ୟାପ୍। ଏହାଦ୍ୱାରା ଗାଡ଼ିରେ ବସିବା ପରେ ନିଜେ ରାସ୍ତା ଦେଖି ହେବା ସହ ଅବିଳମ୍ବେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ହେଉଛି। ଅନ୍ୟ କେହି ସେଠାକୁ ଆସିବାର ଥିଲେ ଡେଷ୍ଟିନେଶନ କୋଡ୍ ଏବଂ ଲାଇଭ୍ ଲୋକେଶନ୍ ଶେୟାର ମଧ୍ୟ କରି ହେଉଛି।

**ଠାବ କରିବା ଅତି ସହଜ:** ଏଥିରେ ଥିବା ଭଏସ୍ ନାଭିଗେଶନ୍ ସିଷ୍ଟମ ଦ୍ୱାରା ଶୁଣିଶୁଣି ମଧ୍ୟ ଆପଣ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ଏହାର ଆଉ ଏକ ଭଲ ଫିଚର ହେଉଛି ପ୍ଲସ୍ କୋଡ୍ସ, ଯାହାଦ୍ୱାରା ବିଭିନ୍ନ ଛୋଟଛୋଟ ସ୍ଥାନର ଅବସ୍ଥିତି ମଧ୍ୟ ସହଜରେ ଠାବ କରିହେଉଛି। ଏଥିରେ ଗୁଗଲ୍ ଦ୍ୱାରା ପ୍ରତ୍ୟେକ ସ୍ଥାନ ଲାଗି ୪ ଅଙ୍କ ବିଶିଷ୍ଟ ଭିନ୍ନଭିନ୍ନ ସ୍ପେଶାଲ କୋଡ୍ ରହିଛି, ଯାହାକୁ ସହରର ନାମ ସହ ଯୋଡ଼ା ଯାଇଛି। ବ୍ୟବହାରକାରୀ କୌଣସି ସ୍ଥାନର ଅବସ୍ଥିତି ଜାଣିବା ଲାଗି ନିଜେ ଏହି କୋଡ୍ ବ୍ୟବହାର କରିବା ସହ ଶେୟାର ବି କରିପାରିବେ।

**ସହଜ ହେଉଛି ଯାତ୍ରା:** ଦୁଇ ଚକିଆରୁ ଚାରି ଚକିଆ ପର୍ଯ୍ୟନ୍ତ ଯେକୌଣସି ସ୍ଥାନକୁ ଗାଡ଼ି ଭଡ଼ା କରିଯିବା ଅପେକ୍ଷା ନିଜେ ଡ୍ରାଇଭ୍ କରି ଯିବାର ଚାର୍ମ ଅଲଗା। ହେଲେ ଯେହେତୁ ପ୍ରତ୍ୟେକ ସ୍ଥାନର ରାସ୍ତା ବିଷୟରେ ଜଣାନାହିଁ, ତେଣୁ ଗୁଗଲ୍ ମ୍ୟାପ୍‌ର ସାହାଯ୍ୟ ନେଇଥାଏ। ବିଶେଷକରି ଏଥିରେ ଥିବା ଭଏସ୍ ନାଭିଗେଶନ୍ ସେବା ସବୁଠୁ ବେଷ୍ଟ। ଏହାଦ୍ୱାରା ଅନ୍ୟମନସ୍କ ହୋଇ ଅଲଗା ରାସ୍ତାରେ ପଶିଯିବାର ଟେନ୍‌ଶନ୍ ନାହିଁ। ଭଏସ୍ କମାଣ୍ଡ ଶୁଣି ଠିକ୍ ସମୟରେ ଟର୍ଣ୍ଣିଂ ନେଇ ପହଞ୍ଚିହେଉଛି। କେବଳ ଏତିକି ନୁହେଁ ଏଥିରେ ଟ୍ରାଫିକ୍ ସ୍ଥିତି ଜାଣିବା ସହ ଅନ୍ୟ କେଉଁ ରାସ୍ତାରେ ଯିବା ସହଜ ହେବ ଜାଣି ହେଉଛି।

**ଟୁରିଷ୍ଟ ଗାଇଡ୍ ପାଲଟିଛି:** ପୂର୍ବରୁ କୌଣସି ଅଜଣା ସ୍ଥାନକୁ ବୁଲି ଗଲେ ବିଶେଷକରି ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ସ୍ଥାନ ବୁଲିଯିବାର ଥିଲେ ବାଧ୍ୟତାମୂଳକ ଭାବେ ଉକ୍ତ ସ୍ଥାନ ସମ୍ପର୍କରେ ଜାଣିଥିବା କେହି ବ୍ୟକ୍ତି କିମ୍ବା ଟ୍ୟୁରିଷ୍ଟ ଗାଇଡ୍‌ଙ୍କ ସାହାଯ୍ୟ ନେବାକୁ ହୋଇଥାଏ। ହେଲେ ବର୍ତ୍ତମାନ ଏହି ଗାଇଡ୍‌ର ଦାୟିତ୍ୱ ତୁଲାଉଛି ଗୁଗଲ୍ ମ୍ୟାପ।

**ଜବ୍ ପାଇଁ ବେଶ୍ ଉପକାରୀ:** ବର୍ତ୍ତମାନ ମାର୍କେଟିଂ ଜବ୍‌ର ଡିମାଣ୍ଡ ଖୁବ୍ ଅଧିକ। ଏମିତିରେ ଗ୍ରାହକଙ୍କ ପାଖରେ ଠିକ୍ ସମୟରେ ସାମଗ୍ରୀ ପହଞ୍ଚାଇବା ଲାଗି ଡେଲିଭରି ପର୍ସନଙ୍କୁ ଗୁଗଲ୍ ମ୍ୟାପ୍ ସବୁଠୁ ଅଧିକ ସାହାଯ୍ୟ କରୁଛି। ସେହିପରି ଟ୍ରାନ୍ସପୋର୍ଟ ସର୍ଭିସ୍ କରୁଥିବା ଡ୍ରାଇଭରଙ୍କୁ ଯାତ୍ରୀଙ୍କୁ ଠିକ୍ ସମୟରେ ଯେକୌଣସି ସ୍ଥାନରୁ ପିକ୍‌ଅପ୍ ଲୋକେଶନ୍ ଦେଖି ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ସହଜ ହୋଇପାରିଛି।





### କ’ଣ କୁହନ୍ତି ଏମାନେ...


ବିକାଶ

**ବିକାଶ କୁମାର ମହାନ୍ତି** (ଟ୍ୟାକ୍ସ କନ୍‌ସଲ୍‌ଟାଣ୍ଟ, ପୁରୀ)– କିଛି ମାସ ତଳେ ମୁଁ ଏକ କାର କିଣିଛି। ଅଫିସ୍ କାମରେ ଅନେକ ସମୟରେ ପୁରୀ ତଥା ପୁରୀ ବାହାରକୁ ଯିବାକୁ ପଡ଼ିଥାଏ। ସାଙ୍ଗମାନଙ୍କ ସହ ଅନେକ ସମୟରେ ବୁଲିବା ପାଇଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଯାଇଥାଏ। ତେଣୁ ନିଜ ଗାଡ଼ି ଯାତାୟାତ କରିବାରେ ବହୁ ସାହାଯ୍ୟ କରୁଛି। ପୂର୍ବରୁ ଅନେକ ସମୟରେ ଯାଉଥିବା ସ୍ଥାନର ରାସ୍ତା ଜଣା ନ ଥିଲା, ରାସ୍ତାରେ କେବେ କେବେ ପଚାରିବାକୁ ବି ସୁବିଧା ମିଳୁ ନ ଥିଲା। ହେଲେ ଏବେ ଗୁଗଲ୍ ମ୍ୟାପ୍ ବହୁତ କାମରେ ଆସୁଛି। ଜିପିଏସ୍ ଦ୍ୱାରା ବାଟ ନ ଭୁଲି ଠିକ୍ ଜାଗାରେ ପହଞ୍ଚି ହେଉଛି। ଯଦ୍ୱାରା ସମୟ ମଧ୍ୟ ଅପଚୟ ହେଉନାହିଁ। ବର୍ତ୍ତମାନ ଟେକ୍ନୋଲୋଜି ଦୁନିଆରେ ସମସ୍ତେ ଏହି ସୁବିଧା ଆପଣେଇବା ଦରକାର।


ପ୍ରଣୟ

**ପ୍ରଣୟ କୁମାର ମହାପାତ୍ର** (କର୍ମଜୀବୀ, ଖୋର୍ଦ୍ଧା)– ଗୁଗଲ୍ ମ୍ୟାପ୍ ଯେ କେତେ ଉପକାରରେ ଆସୁଛି ତା’ ଭଲ ଭାବେ ବୁଝିଛି। କାରଣ ଥରେ ଗୋଟିଏ ଜବ୍ ଇଣ୍ଟରଭ୍ୟୁ ପାଇଁ ଲୋକେଶନ୍ ଖୋଜି ଖୋଜି ପହଞ୍ଚିବାରେ ମାତ୍ର ଅଧଘଣ୍ଟା ବିଳମ୍ବ ପାଇଁ ଫେରିବାକୁ ପଡ଼ିଥିଲା। ସେହିଦିନଠାରୁ ଏହି ଆପ୍ ମୋର ଟ୍ରାଭେଲ୍ ଗାଇଡ୍ ପହଞ୍ଚିଛି। ଗାଡ଼ି ଚଲାଇବାବେଳେ ମୋବାଇଲ୍ ଦେଖି ଅନ୍ୟମନସ୍କ ନ ହେବା ଲାଗି ଏହାର ଭଏସ୍ ନାଭିଗେଶନ୍ ବହୁତ କାମରେ ଆସୁଛି। ସେହିପରି କେଉଁ ସ୍ଥାନକୁ ଯିବା ଅବା କାହାକୁ ଭେଟିବା ଲାଗି ଡେଷ୍ଟିନେଶନ କୋଡ୍ ଏବଂ ଲାଇଭ୍ ଲୋକେଶନ୍ ସବୁଠୁ ସହଜ ଉପାୟ ପାଲଟିଛି।

### ଜାଣନ୍ତୁ ଦୁନିଆ

# ପୃଥିବୀର କ୍ଷୁଦ୍ରତମ ସ୍ତନ୍ୟପାୟୀ

**ସମଗ୍ର ପୃଥିବୀରେ ପ୍ରାୟ ୬୪୦୦ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଅଛନ୍ତି। ସେଥିମଧ୍ୟରୁ ବମ୍ବଲ୍‌ବି ବ୍ୟାଟ୍ ସବୁଠୁ କ୍ଷୁଦ୍ରତମ ବୋଲି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ:**



- ଏହା ଏକ କ୍ଷୁଦ୍ରତମ ବାଦୁଡ଼ି ପ୍ରଜାତି, ଯାହାକୁ ବମ୍ବଲ୍‌ବି ବ୍ୟାଟ୍ ବା କିଟିସ୍ ହଗ୍ ନୋଜ୍‌ଡ ବ୍ୟାଟ୍ ବୋଲି କୁହାଯାଏ।
- ୧୯୭୪ ମସିହାରେ କିଟି ଥଙ୍ଗ୍‌ଲଙ୍ଗୟା ଏହି ବାଦୁଡ଼ି ପ୍ରଜାତିକୁ ଆବିଷ୍କାର କରିଥିଲେ।
- ଏହାର ଓଜନ ମାତ୍ର ୨ଗ୍ରାମ୍। ଏହାର ଲମ୍ବା ୨୯ରୁ ୩୩ମିଲିମିଟର ହୋଇଥିବା ବେଳେ ଡେଣାର ଲମ୍ବ ୧୭୦ମିଲିମିଟର।
- ଏହି ବାଦୁଡ଼ି ମାତ୍ର ଦୁଇଟି ଦେଶରେ ଦେଖାଯାଆନ୍ତି। ଥାଇଲାଣ୍ଡର ଦକ୍ଷିଣ–ପଶ୍ଚିମ ଭାଗରେ ରହିଛି ଅନେକ ଚୂନ ପଥର ଗୁମ୍ଫା। ଉକ୍ତ ଗୁମ୍ଫା ଭିତରେ ଏହି କ୍ଷୁଦ୍ର ବାଦୁଡ଼ି ପ୍ରଜାତି ବାସକରନ୍ତି। ଏହା ବ୍ୟତୀତ ମ୍ୟାନ୍‌ମାର୍‌ରେ ମଧ୍ୟ ଏହି ବାଦୁଡ଼ି ଦେଖାଯାଆନ୍ତି।
- ୧୯୯୭ରୁ ୨୦୦୮ ପର୍ଯ୍ୟନ୍ତ ହୋଇଥିବା ଏକ ଗବେଷଣା ରିପୋର୍ଟ ଅନୁଯାୟୀ ଥାଇଲାଣ୍ଡର ୪୪ଟି ଏବଂ ମ୍ୟାନ୍‌ମାରର ୫ଟି ଗୁମ୍ଫା ଭିତରେ ଏହି ବାଦୁଡ଼ି ଥିବା ଦେଖିବାକୁ ମିଳିଥିଲା।
- ଏହାର ପିଠିରେ ଗାଢ଼ ଲାଲ୍–ମାଟିଆ କିମ୍ବା ଧୂସର ରଙ୍ଗର ଲୋମ ଥିବା ବେଳେ ପେଟ ପଟେ ଛୋଟ ଲୋମ ଥାଏ।
- ବର୍ଷରେ ଥରେ ଏପ୍ରିଲ୍ ମାସରେ ଏହି ବାଦୁଡି ଛୁଆ ଜନ୍ମ କରିଥା’ନ୍ତି। ଥରକରେ ଏମାନେ ମାତ୍ର ଗୋଟିଏ ଛୁଆ ଜନ୍ମ ଦିଏ।
- ଏମାନେ ୫ରୁ ୧୦ବର୍ଷ ପର୍ଯ୍ୟନ୍ତ ବଞ୍ଚିଥା’ନ୍ତି।
- ସେମାନେ ସନ୍ଧ୍ୟାରେ ମାତ୍ର ୩୦ ମିନିଟ୍ ପର୍ଯ୍ୟନ୍ତ ଗୁମ୍ଫାରୁ ବାହାରକୁ ଯାଇଥା’ନ୍ତି। ନିଜ ଗୁମ୍ଫାଠାରୁ ମାତ୍ର ୧ କିଲୋମିଟର ଦୂରତା ମଧ୍ୟରେ ସେମାନେ ନିଜ ଖାଦ୍ୟ ଖୋଜି ଫେରିଆସନ୍ତି।





ନୂଆଦିଲ୍ଲୀରେ ରବିବାର ହେବାକୁଥିବା ଡବ୍ଲ୍ୟୁପିଏଲ୍ ଫାଇନାଲ ପୂର୍ବରୁ ଦିଲ୍ଲୀର କୁତବ ମୀନାରରେ ଏହାକୁ ନେଇ ଲେଜର ଲାଇଟ୍ ଶୋ।

# ଟାଇଟଲ ଲକ୍ଷ୍ୟରେ ଆର୍‌ସିବି, କ୍ୟାପିଟାଲ୍ସ

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣର ଫାଇନାଲ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ମଧ୍ୟରେ ଖେଳାଯିବ। କ୍ରମାଗତ ଦ୍ୱିତୀୟ ସଂସ୍କରଣର ଫାଇନାଲରେ ପ୍ରବେଶ କରିଥିବା ମେଗ୍ ଲାନିଙ୍ଗଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଏହାର ପ୍ରଥମ ଟ୍ରଫି ହାସଲ କରିବା ଲକ୍ଷ୍ୟରେ ରହିଛି। ଅନ୍ୟ ପକ୍ଷରେ ସ୍ମୃତି ମାନ୍ଧନାଙ୍କ ଆର୍‌ସିବି ମଧ୍ୟ ଚମତ୍କାର ଫର୍ମରେ ରହିଛି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ପରାସ୍ତ କରି ଦଳ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଛି।

## ଓମେନ୍ସ ପ୍ରିମିୟର ଲିଗ୍

ପ୍ରଥମ ସଂସ୍କରଣରେ ମୁମ୍ବାଇଠାରୁ ହାରି ରନରଅପ୍ ରହିଥିବା କ୍ୟାପିଟାଲ୍ସ ଚଳିତ ବର୍ଷ ଚମତ୍କାର ଫର୍ମରେ ରହିଛି। ଗ୍ରୁପ୍ ଟପ୍ପର ଭାବେ ସିଧାସଳଖ ଫାଇନାଲ ଖେଳିବା ପାଇଁ ଦଳ ଯୋଗ୍ୟତା ଅର୍ଜନ କରିଛି। ୮ ମ୍ୟାଚ୍‌ରୁ ଦଳ ୧୨ ପଏଣ୍ଟ ହାସଲ କରିଥିବା ବେଳେ କେବଳ ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁପି ୱାରିଅର୍ଜଠାରୁ ପରାଜିତ ହୋଇଥିଲା। ଅଧିନାୟିକା ମେଗ୍ ଲାନିଙ୍ଗ ୮ ମ୍ୟାଚ୍‌ରୁ ୩୦୮ ରନ୍ କରିଛନ୍ତି। ସେହିପରି କ୍ୟାପିଟାଲ୍ସର ମାରିଜେନ୍ କାପ୍ ଓ ଜେସ୍ ଜୋନାସେନ୍ ପ୍ରତ୍ୟେକ ୧୧ଟି ଲେଖାଏ ଉଇକେଟ ନେଇ ବୋଲରଙ୍କ ମଧ୍ୟରେ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ କ୍ୟାପିଟାଲ୍ସ ପରାଜିତ ହୋଇଥିବା ଉଭୟ ମ୍ୟାଚ୍ ଶେଷ ବଲ୍ ଯାଏ ଯାଇଥିଲା। ସେହିପରି ଡବ୍ଲ୍ୟୁପିଏଲ୍ ଇତିହାସରେ ଆର୍‌ସିବି ବିପକ୍ଷରେ ଦଳ ୪ ମ୍ୟାଚ୍ ଖେଳିଥିବା ବେଳେ ଶତ ପ୍ରତିଶତ ବିଜୟ ରେକର୍ଡ ନିଜ ନାମରେ ରଖିଛି।


ମ୍ୟାଚ ପୂର୍ବରୁ ସମ୍ମିଳନୀରେ ଟ୍ରଫି ସହ ଦୁଇ ଦଳର ଅଧିନାୟିକା ମେଗ୍ ଲାନିଙ୍ଗ ଓ ସ୍ମୃତି ମନ୍ଧାନା।

ତେବେ ଫାଇନାଲ ମ୍ୟାଚରେ ପୂର୍ବ ରେକର୍ଡର କୌଣସି ମହତ୍ତ୍ୱ ନ ଥାଏ। ଏହି ମ୍ୟାଚ୍‌ଟି ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯାଉଥିବାରୁ ଘରୋଇ ଦଳ ପାଇଁ ଏହା ଲାଭଦାୟକ ରହିବ। ଅନ୍ୟ ପକ୍ଷରେ ଆର୍‌ସିବିର ପ୍ରଦର୍ଶନରେ ଆରମ୍ଭରୁ ସ୍ଥିରତା ନ ଥିଲା। ତେବେ ଟୁର୍ନାମେଣ୍ଟ ଆଗକୁ ବଢିବା ସହ ଦଳର ପ୍ରଦର୍ଶନରେ ଉନ୍ନତି ଆସିଥିଲା। ଲିଗ୍ ପର୍ଯ୍ୟାୟରେ ତୃତୀୟ ସ୍ଥାନରେ ରହି ଦଳ ପ୍ଲେ ଅଫ୍‌କୁ ଉନ୍ନୀତ ହୋଇଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ମେଗ୍ ଲାନିଙ୍ଗଙ୍କ କାନ୍ଧରେ କ୍ୟାପିଟାଲ୍ସର ବ୍ୟାଟିଂ ଭାର ରହିଥିବା ବେଳେ ବିସ୍ଫୋରକ ଶେଫାଳି ବର୍ମା, ଜେମିମା ରୋଡ୍ରିଗୁଏଜ୍ ଓ ଆଲିସ୍ କାପ୍‌ସିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେହିପରି ବୋଲିଂ ବିଭାଗରେ ଜେସ୍ ଜୋନାସେନ୍‌ଙ୍କ ଉପରେ ନଜର ରହିବ। ଏହା ବ୍ୟତୀତ ମାରିଜେନ୍ କାପ୍ ଓ ଶିଖା ପାଣ୍ଡେ ମଧ୍ୟ ଚମତ୍କାର ବୋଲିଂ କରିଛନ୍ତି। ଅନ୍ୟତମ ସ୍ପିନର ରାଧା ଯାଦବ ୧୦ ଉଇକେଟ ନେଇଥିବା ବେଳେ କୋଟଲା ପିଚ୍‌ରେ ଉଭୟ ସ୍ପିନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଆର୍‌ସିବିର ପ୍ରଦର୍ଶନ କିନ୍ତୁ ସମ୍ପୂର୍ଣ୍ଣ ଭାବରେ ଏଲିସ୍ ପେରୀଙ୍କ କାନ୍ଧରେ ରହିଛି। ୩୧୨ ରନ୍ ସହ ଅରେଞ୍ଜ କ୍ୟାପ୍ ନିଜ ପାଖରେ ରଖିଥିବା ପେରୀ ବଲ୍ ଜରିଆରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରୁଛନ୍ତି। ତେବେ ଅଧିନାୟିକା ସ୍ମୃତି ମାନ୍ଧନା, ସୋଫି ଡିଭାଇନ୍ ଓ ରିଚା ଘୋଷଙ୍କଠାରୁ ଦଳ ପ୍ରଭାବୀ ପ୍ରଦର୍ଶନ ଆଶା କରିବ। ସେହିପରି ବୋଲିଂ ବିଭାଗରେ ରେଣୁକା ସିଂ, ଶ୍ରେୟାଙ୍କା ପାଟିଲ, ଜର୍ଜିଆ ୱେୟାରହାମ ଓ ଆଶା ଶୋବନାଙ୍କଠାରୁ ଭଲ ପ୍ରଦର୍ଶନ ଆଶାରେ ରହିବ ଆର୍‌ସିବି।

**ମ୍ୟାଚ ସ୍ଥାନ:**
**ଅରୁଣ ଜେଟଲୀ ଷ୍ଟାଡିୟମ, ନୂଆଦିଲ୍ଲୀ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ଇନ୍‌ଫାଣ୍ଟିନୋଙ୍କ ବେତନ ୩୮ କୋଟିକୁ ବୃଦ୍ଧି

**ଜେନେଭା, ୧୬।୩(ପି.ଟି.)**

ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କ ବେତନ ୩୮ କୋଟିକୁ ବୃଦ୍ଧି ପାଇଛି। ଫିଫା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମହିଳା ଫୁଟବଲ ବିଶ୍ୱକପ ପରେ ଇନ୍‌ଫାଣ୍ଟିନୋଙ୍କ ବେତନ ୩୩ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ତାଙ୍କୁ ବାର୍ଷିକ ୪.୧୩ ମିଲିୟନ ଡଲାର ବେତନ ମିଳୁଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୪.୬୭ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୩୮ କୋଟି ୭୦ ଲକ୍ଷ ୯୨ ହଜାର ଟଙ୍କାରେ ପହଞ୍ଚିଛି। ୨୦୨୨ କାତାର ବିଶ୍ୱକପ ପୂର୍ବରୁ ଇନ୍‌ଫାଣ୍ଟିନୋ ୧.୬୫ ମିଲିୟନ ଡଲାର ବେତନ ପାଉଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱକପର ସଫଳ ଆୟୋଜନ ପରେ ଏହା ବୃଦ୍ଧି ପାଇ ୨.୬୮ ମିଲିୟନ ଡଲାରରେ ପହଞ୍ଚିଥିଲା। ୨୦୨୩ରେ ଏହା ପୁନର୍ବାର ବୃଦ୍ଧି ପାଇ ୪.୧୩ ମିଲିୟନ ଡଲାରରେ ପହଞ୍ଚିଥିଲା। ୨୦୨୩ରେ ସେ ପୁନର୍ବାର ଫିଫା ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ମହିଳା ବିଶ୍ୱକପ ସଫଳତାର ସହ ଆୟୋଜିତ ହୋଇଥିଲା। ଇନଫାଣ୍ଟିନୋ ବର୍ତ୍ତମାନ ଫ୍ଲୋରିଡାରେ ବାସ କରୁଛନ୍ତି। ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବେ ୨୦୨୬ ପୁରୁଷ ବିଶ୍ୱକପ ଆୟୋଜନ କରୁଥିବା ବେଳେ ବର୍ତ୍ତମାନ କୋରାଲ ଗେବଲ୍ସରେ ନିଜର କାର୍ଯ୍ୟାଳୟ ଖୋଲିଛନ୍ତି ଇନ୍‌ଫାଣ୍ଟିନୋ।

# 'ଭାରତରେ ହେବ ସମ୍ପୂର୍ଣ୍ଣ ଆଇପିଏଲ୍'

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ଟି୨୦ କ୍ରିକେଟର ମହାକୁମ୍ଭ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସମ୍ପୂର୍ଣ୍ଣ ଭାବରେ ଭାରତରେ ଆୟୋଜନ ହେବ ବୋଲି ସ୍ପଷ୍ଟ କରିଛନ୍ତି ବିସିସିଆଇ ସମ୍ପାଦକ ଜୟ ଶାହା। ସାଧାରଣ ନିର୍ବାଚନ ଘୋଷଣା ହେବା ପରେ ଆଇପିଏଲ୍ ୟୁଏଇକୁ ସ୍ଥାନାନ୍ତର କରାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ପ୍ରଥମେ ଆଇପିଏଲ୍ ଚେୟାରମ୍ୟାନ ଅରୁଣ ଧୂମଲ ଓ ଜୟ ଶାହା ଶନିବାର ଏହି ଖବରକୁ ଖଣ୍ଡନ କରିଛନ୍ତି। ଆଇପିଏଲ୍‌ର ଅବଶିଷ୍ଟ କାର୍ଯ୍ୟସୂଚୀ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ଉଭୟ କହିଛନ୍ତି। ଆଇପିଏଲ୍‌କୁ ନେଇ ନାନା ଗୁଜବମାନ ଶୁଣିବାକୁ ମିଳିଥିଲା। ଏପରିକି ଖେଳାଳିମାନଙ୍କୁ ସେମାନଙ୍କ ପାସ୍‌ପୋର୍ଟ ସମ୍ପୃକ୍ତ ଫ୍ରାଞ୍ଚାଇଜ୍ ନିକଟରେ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ନେଇ ସୋସିଆଲ ମିଡିଆ ରିପୋର୍ଟରେ ପ୍ରକାଶ ପାଇଥିଲା। ପୂର୍ବରୁ ଟୁର୍ନାମେଣ୍ଟର ପ୍ରଥମ ଦୁଇ ସପ୍ତାହ କାର୍ଯ୍ୟସୂଚୀ ପ୍ରକାଶ ପାଇସାରିଛି।

# ସେକ୍ରେଟାରିଏଟ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୬।୩ (ସରୋଜ ଜେନା)**

ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଦ୍ୱାରା ୧୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ଚତୁର୍ଦ୍ଦଶ ସେକ୍ରେଟାରିଏଟ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ-୨୦୨୪ ୟୁନିଟ-୧ ସ୍ଥିତ ଇନ୍‌ଡୋର ହଲ୍‌ରେ ଶନିବାର ଉଦ୍‌ଘାଟିତ ହୋଇଛି। ଟିମ୍ ବର୍ଗରେ କିଙ୍ଗ କୋବ୍ରା, ଅଲିଭ୍ ରିଡ୍‌ଲେ, ପୋର୍କୁପାଇନ ଓ ବ୍ଲାକ୍ ପାନ୍ଥର ଖେଳିବେ। ଅର୍ଥ ବିଭାଗ ଅତିରିକ୍ତ ସଚିବ ଦେବୀ ପ୍ରିୟ ବିଶ୍ୱାଳ ଉଦ୍‌ଘାଟନ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ମହାପାତ୍ର, ସାଧାରଣ ସଂପାଦକ ଚିତ୍ତରଞ୍ଜନ ରାଉତ, ଉପସଭାପତି ବିଶ୍ୱଜିତ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ବରେଣନାଥ ପ୍ରଧାନ, ଯୁଗ୍ମ ସଚିବ କାହ୍ନୁଚରଣ ପାଣିଗ୍ରାହୀ ଓ ଶ୍ୱେତାମ୍ବର ନାୟକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ କ୍ୟାମ୍ପରୁ ଅଚିନ୍ତ ଶେଉଲୀ ବହିଷ୍କୃତ



ଅଚିନ୍ତ ଶେଉଲୀ

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

ଅଧରାତିରେ ଲେଡିଜ୍ ହଷ୍ଟେଲ ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରି ଜାତୀୟ କ୍ୟାମ୍ପରୁ ବହିଷ୍କୃତ ହୋଇଛନ୍ତି ଭାରୋତ୍ତୋଳକ ଅଚିନ୍ତ ଶେଉଲୀ। ରାଜ୍ୟଗୋଷ୍ଠୀ କ୍ରୀଡା ସ୍ୱର୍ଣ୍ଣ ପଦକ ବିଜେତା ୨୨ ବର୍ଷୀୟ ଶେଉଲୀ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଏନ୍ଆଇଏସ୍ ପଟିଆଲାରେ ରହି ଅଭ୍ୟାସ କରୁଥିଲେ। ତେବେ ଗୁରୁବାର ରାତିରେ ଲେଡିଜ୍ ହଷ୍ଟେଲ ମଧ୍ୟରେ ପ୍ରବେଶ ପାଇଁ ଉଦ୍ୟମ କରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରା ପଡିଥିଲେ। ସୁରକ୍ଷାକର୍ମୀ

## ରାତିରେ ଲେଡିଜ୍ ହଷ୍ଟେଲରେ ପ୍ରବେଶ ଉଦ୍ୟମ

ଏହି ଘଟଣାର ଭିଡିଓ ମଧ୍ୟ ଉତ୍ତୋଳନ କରିଥିଲେ। ଏହି ପ୍ରମାଣ ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଛି। ଏହି ଘଟଣା ପରେ ଏନଆଇଏସ୍ ପଟିଆଲା କାର୍ଯ୍ୟକାରୀ ନିର୍ଦ୍ଦେଶକ ବିନୀତ କୁମାରଙ୍କୁ ଅବଗତ କରାଯାଇଥିଲା। ଭିଡିଓ ପ୍ରମାଣ ଥିବାରୁ ତଦନ୍ତ କମିଟି ଗଠନ କରାଯାଇ ନ ଥିଲା। ଏହା ସହ ଅଚିନ୍ତଙ୍କ ଅଲିମ୍ପିକ୍ସ ସ୍ୱପ୍ନ ମଧ୍ୟ ଧୂଳିସାତ ହୋଇଯାଇଛି। ୨୦୨୨ରେ ଗେମ୍ସ ରେକର୍ଡ ସହ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଶେଉଲୀ। ଏହା ପୂର୍ବରୁ ମଧ୍ୟ ଭାରତୀୟ ଭାରୋତ୍ତୋଳନ ମହାସଂଘ ବିଶୃଙ୍ଖଳିତ ଆଚରଣ ପାଇଁ ଜେରେମି ଲାଲରିନୁଙ୍ଗାଙ୍କୁ ଜାତୀୟ କ୍ୟାମ୍ପରୁ ବିଦା କରିଥିଲା।


କଟକ ଜିଲା ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ସିଡିଏ ଡିଏଭି ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ। ଫାଇନାଲରେ ଡିଏଭି ୯ ଉଇକେଟରେ ଏ-କମ୍ବାଇନ୍ ସ୍କୁଲକୁ ପରାସ୍ତ କରିଥିଲା। (ଫଟୋ: ରାଜକିଶୋର ମହାନ୍ତି)

# ଶୀର୍ଷସ୍ଥାନ ଲକ୍ଷ୍ୟରେ ଓଏଫ୍‌ସି

**ଭୁବନେଶ୍ୱର, ୧୬।୩ (ସରୋଜ ଜେନା)**

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

ଇଣ୍ଡିଆନ୍‌ଓମେନ୍ସଲିଗ୍(ଆଇଡବ୍ଲ୍ୟୁଏଲ୍)ରେ ରବିବାର ଓଡିଶା ଏଫ୍‌ସି (ଓଏଫ୍‌ସି) ଓ ଇଷ୍ଟ ବେଙ୍ଗଲ ପରସ୍ପରକୁ ଭେଟିବେ। କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜିତି ଓଏଫ୍‌ସି ଶୀର୍ଷ ସ୍ଥାନ ହାସଲ କରିବାକୁ ଚେଷ୍ଟାକରିବ ଓଏଫ୍‌ସି। ଚଳିତ ସିଜନରେ ଦଳ ୧୦ ମ୍ୟାଚ୍‌ରୁ ୮ ବିଜୟ ସହ ୨୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ସ୍ଥାନରେ ଥିବା ଗୋକୁଲମ କେରଳ ୨୬ ପଏଣ୍ଟ ପାଇଥିବା ବେଳେ ପ୍ରଥମ ସ୍ଥାନରେ ପହଞ୍ଚିବା ପାଇଁ ଓଏଫ୍‌ସି ନିକଟରେ ଏହା ସୁବର୍ଣ୍ଣ ସୁଯୋଗ। ଇଷ୍ଟବେଙ୍ଗଲ ବିପକ୍ଷରେ ଚଳିତ ସିଜନର ପ୍ରଥମ ମ୍ୟାଚ୍‌କୁ ଓଏଫ୍‌ସି ୨-୧ରେ ବିଜୟୀ ହୋଇଥିଲା। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ ଓ ଖେଳାଳି ଗ୍ରେସ୍ ହୌନହାର ଯୋଗ ଦେଇଥିଲେ। ଆଉ ମାତ୍ର ଦୁଇଟି ମ୍ୟାଚ ବାକି ରହିଥିବା ବେଳେ ଦଳ ଶୀର୍ଷ ସ୍ଥାନ ବଜାୟ ରଖିବାକୁ ପ୍ରୟାସ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍।



ଓଏଫ୍‌ସି ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ ଓ ଖେଳାଳି ଗ୍ରେସ୍ ହୌନହାର। (ଫଟୋ: ବିକାଶ ନାୟକ)

# ଲେଗ୍ ସ୍ପିନ୍, ଡେଥ୍ ବୋଲିଂ ଚିନ୍ତାରେ ଆର୍‌ସିବି

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ଶ ସଂସ୍କରଣ ପାଖେଇ ଆସିଛି। ଚଳିତ ମାସ ୨୨ରୁ ଆରମ୍ଭ ହେବ ଏହି ବ୍ୟୟବହୁଳ ଲିଗ୍। ପ୍ରତିଯୋଗିତା ନିକଟତର ହୋଇଥିବାରୁ ଏବେ ବିଭିନ୍ନ ଦଳର କମ୍ବିନେଶନକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇ ଯାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ଯଦିଓ ଏପର୍ଯ୍ୟନ୍ତ ଟାଇଟଲ ଜିତିବାରେ ଅସମର୍ଥ ରହିଛି ତେବେ ପ୍ରତି ସଂସ୍କରଣ ପୂର୍ବରୁ ଏହାର ସମ୍ଭାବନାକୁ ନେଇ ଚର୍ଚ୍ଚା ହୋଇଥାଏ। ଏଥର ମଧ୍ୟ ତାହାର ପୁନରାବୃତ୍ତି ଦେଖିବାକୁ ମିଳିଛି। ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କାମେରନ ଗ୍ରୀନ୍‌ଙ୍କ ଉପସ୍ଥିତି ଯୋଗୁ ଯଦିଓ ଆର୍‌ସିବିର ଶକ୍ତି ବୃଦ୍ଧି ପାଇଛି ତେବେ ଅଭିଜ୍ଞ ଲେଗ୍ ସ୍ପିନର ଓ ଡେଥ୍ ଓଭର ବୋଲିଂକୁ ନେଇ ପର୍ଯ୍ୟାପ୍ତ ବିକଳ୍ପ ନ ଥିବା ଦଳ ପାଇଁ ସମସ୍ୟା ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି।

ଗତ ସିଜନରେ ଆର୍‌ସିବି ଶେଷ ଲିଗ୍ ଗେମ୍ ପର୍ଯ୍ୟନ୍ତ ଦାବିଦାର ଥିଲେ ହେଁ ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶୁବମନ ଗିଲ୍‌ଙ୍କ ଶତକ ଦଳର ଆଶାକୁ ଧୂଳିସାତ୍ କରିଥିଲା। ୭ ବିଜୟ ଓ ୭ ପରାଜୟ ସହ ଦଳ ୬ଷ୍ଠ ସ୍ଥାନରେ ରହିଥିଲା। ଆର୍‌ସିବିର




ପ୍ରଥମ ୨ଟି ମ୍ୟାଚରେ ଗ୍ରୀନ୍ ଉପଲବ୍ଧ ହେବାନେଇ ସନ୍ଦେହ ରହିଛି। ତେବେ ସେ ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଭାରତରେ ପହଞ୍ଚିବେ। ସେ ଶେଫିଲ୍ଡ ଶିଲ୍ଡ ଫାଇନାଲ ମିସ୍ କରିପାରିବେ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ ଦିଆଯାଇଛି। ଦ୍ୱିତୀୟ ସନ୍ତାନ ଜନ୍ମ ପୂର୍ବରୁ ପରିବାର ସହ ରହିବା ପାଇଁ ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ମିସ୍ କରିଛନ୍ତି। କିଛିଦିନ ବ୍ୟବଧାନରେ ସେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବେ। ଚେନ୍ନାଇରେ ଆସନ୍ତା ୨୨ରେ ହେବାକୁଥିବା ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ବେଙ୍ଗାଲୁରୁଠାରେ ପ୍ରି-ଟୁର୍ନାମେଣ୍ଟ କ୍ୟାମ୍ପରେ ଯୋଗ ଦେବେ।

ଗ୍ରୀନ୍ ସାମିଲ ହେବାଦ୍ୱାରା ଦଳର ସମ୍ଭାବ୍ୟ ୪ ଓଭର ବୋଲିଂ ଏବଂ ୬ ନମ୍ବରରେ ବ୍ୟାଟିଂ ସମସ୍ୟା ଦୂର ହୋଇଛି। ଲୋକି ଫର୍ଗୁସନ ଓ ଆଲଜାରି ଜୋସେଫଙ୍କ ମଧ୍ୟରୁ ଜଣକୁ ଚୂଡ଼ାନ୍ତ ଏକାଦଶରେ ନିଆଯିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଆର୍‌ସିବିରେ ସ୍ଥାନ ପାଇଥିବା ଦୁଇ ଖେଳାଳି ନିକଟରେ ଭାରତୀୟ ଦଳ ପକ୍ଷରୁ ଡେବ୍ୟୁ କରିଛନ୍ତି। ସେମାନେ ହେଲେ ରଜତ ପଟିଦାର ଓ ଆକାଶ ଦୀପ୍। ଆହତ ସମସ୍ୟା ଯୋଗୁ ୨୦୨୩ ଆଇପିଏଲ୍ ମିସ୍ କରିଥିବା ପଟିଦାର ଗତ ୩ ମାସ ମଧ୍ୟରେ ଟିମ୍ ଇଣ୍ଡିଆ ଟେଷ୍ଟ ଓ ଦିନିକିଆ କ୍ୟାରିୟର ଆରମ୍ଭ କରିଛନ୍ତି। ୨୦୨୨ ଆଇପିଏଲ୍ ପ୍ଲେ-ଅଫ୍‌ରେ ସେ ଜଣେ ଅନ୍ କ୍ୟାପେଡ ଭାରତୀୟ ଖେଳାଳିଭାବେ ଶତକ ହାସଲ କରିଥିଲେ। ଫାଷ୍ଟ ବୋଲର ଆକାଶ ଦୀପ ମଧ୍ୟ ଭାରତ 'ଏ' ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିବାପରେ ଇଂଲଣ୍ଡ ବିପକ୍ଷ ରାଞ୍ଚି ଟେଷ୍ଟରେ ଡେବ୍ୟୁ କରିଥିଲେ। ଫାଷ୍ଟ ବୋଲର ବିଜୟ କୁମାର ବ୍ୟଶକ କର୍ଣ୍ଣାଟକ ପକ୍ଷରୁ ଘରୋଇ କ୍ରିକେଟରେ ଆକର୍ଷଣୀୟ ପ୍ରଦର୍ଶନ ଯୋଗୁ ଚୟନ କର୍ତ୍ତାଙ୍କ ନଜରରେ ରହିଛନ୍ତି। ୨୦୨୩-୨୪ ରଣଜୀ ସିଜନରେ ସେ ୮ ମ୍ୟାଚରୁ ୩୯ଟି ଉଇକେଟ ନେଇଥିଲେ, ଯାହାକି ଏହି ସିଜନରେ ଫାଷ୍ଟ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ। ସେ ବ୍ୟାଟ୍‌ରେ ମଧ୍ୟ ଉପଯୋଗୀ ଅବଦାନ ଦେଇ ୧୩ ଇନିଂସରେ ୩୪୩ ରନ କରିଥିଲେ।

ଏହା ସତ୍ତ୍ୱେ ଜଣେ ଅଭିଜ୍ଞ ଲେଗ୍ ସ୍ପିନର ନ ଥିବା ଦଳକୁ ଚିନ୍ତାରେ ପକାଇବ। ୱାନିନ୍ଦୁ ହସରଙ୍ଗାଙ୍କୁ ଦଳ ବିଦା କରି ସାରିଛି। ଏ କ୍ଷେତ୍ରରେ ଅନଭିଜ୍ଞ ହିମାଂଶୁ ଶର୍ମା ଓ କର୍ନ ଶର୍ମାଙ୍କୁ ଦଳ ପରୀକ୍ଷା କରିପାରେ। ସେହିପରି ହର୍ଷଲ ପଟେଲଙ୍କ ବିନା ଦଳ ଜଣେ ଡେଥ୍ ଓଭର ସ୍ପେଶାଲିଷ୍ଟ ନିହାତି ଆବଶ୍ୟକ କରିବ। ଏହି ସମସ୍ୟା ଦଳକୁ ମ୍ୟାଚଗୁଡ଼ିକରେ ଅସୁବିଧାରେ ମଧ୍ୟ ପକାଇବା ସମ୍ଭାବନା ରହିଛି। ଆର୍‌ସିବି ଏହାର ପ୍ରଥମ ମ୍ୟାଚ ଚେନ୍ନାଇରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିବ। ୨୦୦୮ରୁ ଏପର୍ଯ୍ୟନ୍ତ ଆର୍‌ସିବି ଏହି ଗ୍ରାଉଣ୍ଡରେ କେବେହେଲେ ଚେନ୍ନାଇକୁ ହରାଇ ପାରିନାହିଁ। ଏହାପରେ ଘରୋଇ ଗ୍ରାଉଣ୍ଡରେ ଦଳ ୩ଟି ମ୍ୟାଚ ଖେଳିବା ପରେ ଜୟପୁର ଯିବାର କାର୍ଯ୍ୟସୂଚୀ ରହିଛି।

# ଖୋର୍ଦ୍ଧା ପ୍ରତିଯୋଗୀଙ୍କ ପ୍ରାଧାନ୍ୟ



ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଜଣେ ପ୍ରତିଯୋଗୀ ଶକ୍ତିଉତ୍ତୋଳନ କରୁଛନ୍ତି।

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

## ରାଜ୍ୟ ଶକ୍ତିଉତ୍ତୋଳନ ଦ୍ୱିତୀୟ ଦିବସ

ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୩୦ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଖୋର୍ଦ୍ଧା ପ୍ରତିଯୋଗୀଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ୮ ସ୍ୱର୍ଣ୍ଣ ପଦକ ସହ ଖୋର୍ଦ୍ଧା ପ୍ରଥମ ସ୍ଥାନରେ ଥିବାବେଳେ କଟକ ଦ୍ୱିତୀୟ ଓ କୋରାପୁଟ ତୃତୀୟ ସ୍ଥାନରେ ରହିଛି। ଖୋର୍ଦ୍ଧା ପ୍ରତିଯୋଗୀଙ୍କ ମଧ୍ୟରେ ସବ୍‌ଜୁନିୟର ପୁରୁଷ ୭୪ କେଜିରେ ପ୍ରନସୋଲ ବିଶ୍ୱାସ, ସିନିୟର ପୁରୁଷ ୭୪ କେଜିରେ ଦେବାଶିଷ ମହାନ୍ତି, ଜୁନିୟର ପୁରୁଷ ୮୩ କେଜିରେ ଆହ୍ୱାନ ଦାସ, ସିନିୟର ପୁରୁଷ ୮୩ କେଜିରେ ରାକେଶ କୁମାର ଶତପଥୀ, ମାଷ୍ଟର-୧ ପୁରୁଷ ୮୩ କେଜିରେ ସନ୍ତୋଷ କୁମାର ହୋତା, ମାଷ୍ଟର-୨ ପୁରୁଷ ୮୩ କେଜିରେ କୃଷ୍ଣ ଚନ୍ଦ୍ର ସାହୁ, ସବ୍‌ଜୁନିୟର ପୁରୁଷ ୯୩ କେଜିରେ ସମରଜିତ କାଣ୍ଡି, ସିନିୟର ପୁରୁଷ ୯୩ କେଜିରେ ସମିର କୁମାର ବିଶ୍ୱାଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମାଷ୍ଟର-୧ ପୁରୁଷ ୭୪ କେଜିରେ କଟକର ଉମାକାନ୍ତ ବେହେରା, ଜୁନିୟର ପୁରୁଷ ୭୪ କେଜିରେ କୋରାପୁଟର କାର୍ତ୍ତିକ ନାୟକ, ମାଷ୍ଟର-୨ ପୁରୁଷ ୭୪ କେଜିରେ ରାୟଗଡ଼ାର ବି.ଟି.ଭି. ରମନା ମୂର୍ତ୍ତୀ, ମାଷ୍ଟର-୩ ପୁରୁଷ ୭୪ କେଜିରେ କୋରାପୁଟର ବୈବ କୁମାର ତାଣ୍ଡି, ସବ୍‌ଜୁନିୟର ପୁରୁଷ ୮୩ କେଜିରେ ନୟାଗଡ଼ର ମୃତ୍ୟୁଞ୍ଜୟ ମହାପାତ୍ର, ଜୁନିୟର ପୁରୁଷ ୯୩ କେଜିରେ ଗଞ୍ଜାମର ଆଶିଷ ସାହୁ, ମାଷ୍ଟର-୧ ପୁରୁଷ ୯୩ କେଜିରେ କଟକର ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଓ ମାଷ୍ଟର-୨ ପୁରୁଷ ୯୩ କେଜିରେ କୋରାପୁଟର ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ପ୍ରତିଯୋଗିତାକୁ କିତିନ ବେହେରା, ସୌଭାଗିନୀ ପ୍ରଧାନ, ଏସ୍.କେ. ପରଭେଜ ମୁଶାରଫ, ଶକ୍ତି ରଞ୍ଜନ ବାରିକ, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ପାତ୍ର, ସମରଜିତ କାଣ୍ଡି, ଅଜୟ ମହାପାତ୍ର, ଯୋଗେଶ ବରିଆ, ରଜନୀ ବିଶି ପ୍ରମୁଖ ପରିଚାଳନା କରିଥିଲେ। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ଏନ୍‌ସିଏ କ୍ୟାମ୍ପରେ ତନ୍ମୟୀ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ୧୯ ବର୍ଷରୁ କମ୍ ବାଳିକା କ୍ୟାମ୍ପ ଭାଲସାଦଠାରେ ଏପ୍ରିଲ ୧୯ରୁ ମେ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ୟାମ୍ପ ଲାଗି ଓଡ଼ିଶାର ତନ୍ମୟୀ ବେହେରାଙ୍କୁ ସର୍ବଭାରତୀୟ ମହିଳା ଚୟନ କମିଟି ମନୋନୀତ କରିଛି। ଏନ୍‌ସିଏ କ୍ୟାମ୍ପ ପାଇଁ ସୁଯୋଗ ମିଳିଥିବାରୁ ତନ୍ମୟୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



ତନ୍ମୟୀ ବେହେରା

# କିଟ୍‌ରେ ଖେଲୋ ଇଣ୍ଡିଆ ଉଦୀୟମାନ ପ୍ରତିଭା ଅନ୍ୱେଷଣ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ):** ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ଏନ୍‌ସିଓଇ) ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ଉଦୀୟମାନ ପ୍ରତିଭା ଅନ୍ୱେଷଣ (କେଆଇଆର୍‌ଟିଆଇ) କାର୍ଯ୍ୟକ୍ରମ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୁବନେଶ୍ୱର ସହରରେ ଥିବା କ୍ରୀଡ଼ା ପ୍ରତିଭାଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୱେଷଣ କରାଯିବ। ଏଥିରେ ଭାଗ ନେବା ପାଇଁ ବୟସ ସୀମା ୯ରୁ ୧୮ ବର୍ଷ ଧାର୍ଯ୍ୟ କରାଯାଇଛି। ୧୭ ତାରିଖ ସକାଳ ୭ଟାରୁ ଦୂତୀ ଚାନ୍ଦ ଆଥ୍‌ଲେଟିକ ଷ୍ଟାଡିୟମରେ ଫୁଟ୍‌ବଲ, ୧୯ ତାରିଖରେ ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ହକି, ୨୦ ତାରିଖରେ ଦୂତୀ ଚାନ୍ଦ ଆଥ୍‌ଲେଟିକ ଷ୍ଟାଡିୟମରେ ଆଥ୍‌ଲେଟିକ୍ସ ଏବଂ ୨୧ ତାରିଖରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଖୋ ଖୋ ପ୍ରତିଭା ଅନ୍ୱେଷଣ ହେବ।

## ସ୍ୱିଟେକ୍-ସାକାରୀ ଫାଇନାଲରେ

ଇଣ୍ଡିଆନ ୱେଲ୍ସ, ୧୬।୩ (ଏପି): ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଇଗା ସ୍ୱିଟେକ୍ ବିଏନ୍‌ପି ପାରିବାସ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ମାର୍ଟା କୋଷ୍ଟ୍ୟୁକ୍‌ଙ୍କୁ ୬-୨, ୬-୧ରେ ହରାଇ ଦେଇଛନ୍ତି। ରବିବାର ଫାଇନାଲରେ ସେ ୯ମ ସିଡ୍ ମାରିଆ ସାକାରୀଙ୍କୁ ଭେଟିବେ। ସାକାରୀ ଦ୍ୱିତୀୟ ସେମିରେ କୋକୋ ଗଫ୍‌ଙ୍କୁ ହରାଇଛନ୍ତି।




# ସେମିଫାଇନାଲରୁ ବିଦାୟ ନେଲେ ଲକ୍ଷ୍ୟ ସେନ୍

**ବର୍ମିଂହାମ୍, ୧୬।୩(ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଲଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଇଣ୍ଡୋନେସିଆର ତଥା ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ୨୦୧୮ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଜୋନାଟାନ କ୍ରିଷ୍ଟିଙ୍କଠାରୁ ସେ ୨୧-୧୨, ୧୦-୨୧, ୧୫-୨୧ରେ ହାରିଛନ୍ତି। ୨୦୨୨ ସଂସ୍କରଣରେ ସେନ୍ ରନର ଅପ୍ ହୋଇଥିଲେ। କ୍ରିଷ୍ଟି ଫାଇନାଲରେ ନିଜ ଦେଶ ଇଣ୍ଡୋନେସିଆର ଆନ୍ଥୋନୀ ସିନିସୁକା ଜିନ୍‌ଟିଙ୍ଗ୍‌ଙ୍କୁ ଭେଟିବେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ